# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୨୬/୨୦୨୧ (୧୬ ପୃଷ୍ଠା) | Bhubaneswar, Monday, July 26/2021 | ★★★★★★

୪୭ଶ ଭାଗ ୨୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ପର୍ନ ଦର୍ଶକ: ଷଷ୍ଠରେ ଭାରତ

ସାରା ବିଶ୍ୱରେ ଲୋକଙ୍କ ମଧ୍ୟରେ ବିଭିନ୍ନ କାରଣରୁ ଦିନକୁ ଦିନ ଅବସାଦ ବଢ଼ିବାରେ ଲାଗିଛି। ଏଥିଯୋଗୁ ଅଶ୍ଳୀଳ ଚଳଚ୍ଚିତ୍ର ଦେଖୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ସର୍ବାଧିକ ପର୍ନ ୱାଚର୍ସଙ୍କ ସଂଖ୍ୟା ଦୃଷ୍ଟିରୁ ଭାରତର ସ୍ଥାନ ଷଷ୍ଠରେ। ଟପ୍-୫ ତାଲିକାରେ ପାକିସ୍ତାନ, ଇଜିପ୍ଟ, ଭିଏତ୍‌ନାମ, ଇରାନ ଓ ମରୋକ୍କୋ ରହିଛି। ସାଉଦି ଆରବ, ତୁର୍କୀ, ଫିଲିପାଇନ୍ସ ଓ ପୋଲାଣ୍ଡ ମଧ୍ୟ ସର୍ବାଧିକ ପର୍ନ ଦେଖୁଥିବା ୧୦ ଦେଶ ମଧ୍ୟରେ ରହିଥିବା ନେଇ ଗୁଗଲ ପକ୍ଷରୁ ଗତ ମାର୍ଚ୍ଚରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ୨୦୧୫ରେ ଆମେରିକା ଓ ବ୍ରିଟେନ ପରେ ଭାରତ ତୃତୀୟ ସ୍ଥାନରେ ଥିଲା।

## ସଂକ୍ଷେପରେ

### ଛାଡ଼ପତ୍ର ଦେବେ ମିଆ



ୱାଶିଂଟନ,୨୫।୭: ବିବାହର ୨ ବର୍ଷ ପରେ ଆମେରିକୀୟ ପର୍ନଷ୍ଟାର ମିଆ ଖଲିଫା ସ୍ୱାମୀ ରବର୍ଟ ସାଣ୍ଡବର୍ଗଙ୍କଠାରୁ ଅଲଗା ହେବେ। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ଘୋଷଣା କରିଛନ୍ତି। ସ୍ୱିଡେନ ନାଗରିକ ରବର୍ଟଙ୍କୁ ୨୦୧୯ ଜୁନରେ ମିଆ ବିବାହ କରିଥିଲେ। ଉଭୟେ ବର୍ଷେ ଧରି ସେମାନଙ୍କ ସମ୍ପର୍କ ସଜାଡ଼ିବାକୁ ଉଦ୍ୟମ କରିଥିଲେ ହେଁ ଏଥିରେ ବିଫଳ ହୋଇଥିବା ସେ କହିଛନ୍ତି। କିଛି ଦିନ ପୂର୍ବରୁ ମିଆ ତାଙ୍କ ବିବାହ ବାର୍ଷିକୀରେ ରବର୍ଟଙ୍କ ପାଇଁ ହୃଦୟସ୍ପର୍ଶୀ ପୋଷ୍ଟ କରିଥିଲେ। କରୋନା ମହାମାରୀ ପରେ ଉଭୟେ ସେମାନଙ୍କ ସମ୍ପର୍କୀୟ ଓ ବନ୍ଧୁଙ୍କୁ ଗ୍ରାଣ୍ଡ ପାର୍ଟି ଦେବାର ଯୋଜନା କରିଥିଲେ। କିନ୍ତୁ ଏହା ପୂର୍ବରୁ ଉଭୟେ ପରସ୍ପରଠାରୁ ଅଲଗା ହେବାକୁ ଯାଉଛନ୍ତି।

### ପ୍ରିୟାଙ୍କୁ ଶୁଭେଚ୍ଛା ଜଣାଇ ଟ୍ରୋଲ୍ ହେଲେ ସୋମନ

ନୂଆଦିଲ୍ଲୀ, ୨୫।୭: ଅଭିନେତା ତଥା ମଡେଲ ମିଲିନ୍ଦ ସୋମନ ରେସଲର ପ୍ରିୟା ମଲିକ୍‌ଙ୍କୁ ଶୁଭେଚ୍ଛା ଜଣାଇ ରବିବାର ସୋସିଆଲ ମିଡିଆରେ ଟ୍ରୋଲ୍ ହୋଇଛନ୍ତି। ହଙ୍ଗେରୀରେ ଅନୁଷ୍ଠିତ ୱାର୍ଲ୍ଡ କ୍ୟାଡେଟ୍ ରେସଲିଂ ଚାମ୍ପିୟନଶିପ୍-୨୦୨୧ରେ ପ୍ରିୟା ସ୍ୱର୍ଣ୍ଣପଦକ ଜିତିଛନ୍ତି।



କିନ୍ତୁ ସୋମନ ଏକ ଟୁଇଟରେ ଲେଖିଥିଲେ, ଟୋକିଓ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ ଜିତିଥିବାରୁ ପ୍ରିୟାଙ୍କୁ ଧନ୍ୟବାଦ। ତାଙ୍କ ପୋଷ୍ଟରେ ଅନେକେ କମେଣ୍ଟ ଦେଇ ସୋମନଙ୍କୁ ସମାଲୋଚନା କରିବା ସହ ତୁରନ୍ତ ଟୁଇଟ ହଟାଇବାକୁ ପରାମର୍ଶ ଦେଇଥିଲେ। କୌଣସି ବିଷୟରେ ନ ଜାଣି ଟୁଇଟ୍ ନ କରିବାକୁ କେତେଜଣ ୟୁଜର୍ସ କହିଥିଲେ। ଏହାର ଉତ୍ତରରେ ସୋମନ ଲେଖିଥିଲେ, ଏ ବିଷୟରେ ସେ ଏବେ ଜାଣିଲେ। କିନ୍ତୁ ସେ ସେହି ଟୁଇଟ୍‌କୁ ହଟାଇବେ ନାହିଁ। ବେଳେବେଳେ ଭୁଲ୍ କରିବା ଠିକ୍। ଏଥିସହ ଆଉ ଏକ ଟୁଇଟ୍ କରି ସେ ଏଥିପାଇଁ କ୍ଷମା ମାଗିଛନ୍ତି।

### ଦେଶରେ ୪୩ କୋଟି ଟପିଲା ଟିକାକରଣ

**ନୂଆଦିଲ୍ଲୀ, ୨୫।୭:** ଭାରତରେ କରୋନା ଟିକାକରଣ ୪୩ କୋଟି ଟପିଛି। ଏବେ ସୁଦ୍ଧା ମୋଟ ୪୩,୩୧,୫୦,୮୬୪ ଟିକା ଡୋଜ ଦିଆସରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ୫୧,୧୮,୨୧୦ ଭାକ୍ସିନ ଶଟ୍ ପ୍ରଦାନ କରାଯାଇଛି। କରୋନା ମହାମାରୀ ଆରମ୍ଭରୁ ଏ ପର୍ଯ୍ୟନ୍ତ ୩,୦୫,୪୩,୧୩୮ ଜଣ ସୁସ୍ଥ ହୋଇସାରିଥିବାବେଳେ ଆରୋଗ୍ୟ ହାର ୯୭.୩୬ ପ୍ରତିଶତ ରହିଛି। ଦିନକରେ ୩୯,୭୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସକ୍ରିୟ ମାମଲା ୪,୦୮,୨୧୨ ରହିଛି, ଯାହା କି ମୋଟ ସଂକ୍ରମଣର ୧.୩୦ ପ୍ରତିଶତ। ସେହିପରି ୨୪ ଘଣ୍ଟାରେ ୫୩୫ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ମୋଟ ମୃତ୍ୟୁସଂଖ୍ୟା ୪,୨୦,୫୫୧କୁ ବୃଦ୍ଧି ପାଇଛି।

### ଶବାଗାରରେ ଚାକିରି: ୧୦୦ ଇଞ୍ଜିନିୟରଙ୍କ ଆବେଦନ

**କୋଲକାତା, ୨୫।୭:** କୋଲକାତାସ୍ଥିତ ଏକ ହସ୍ପିଟାଲ ପକ୍ଷରୁ ଶବାଗାରରେ ଥିବା ମୃତଦେହଗୁଡ଼ିକରେ ଅଗ୍ନି ସଂଯୋଗ ନିମନ୍ତେ ଡୋମ୍ ପଦ ପାଇଁ ଆବେଦନ ନେଇ ବିଜ୍ଞାପନ ଦିଆଯାଇଥିଲା। ଏଥିଲାଗି ବହୁ ଉଚ୍ଚ ଶିକ୍ଷିତ ଆବେଦନ କରିଛନ୍ତି। ଏହି ଚାକିରି ପାଇଁ ଶିକ୍ଷାଗତ ଯୋଗ୍ୟତା ଅଷ୍ଟମ୍ ପାସ୍ ଏବଂ ମାସିକ ଦରମା ୧୫ ହଜାର ଟଙ୍କା ରହିଛି। ମୋଟ ୬ ପଦବୀ ପାଇଁ ୮ ହଜାର ଆବେଦନ ଆସିଛି। ସେମାନଙ୍କ ମଧ୍ୟରେ ୧୦୦ ଇଞ୍ଜିନିୟରିଂ ଡିଗ୍ରୀଧାରୀ, ୫ ଶହ ସ୍ନାତକୋତ୍ତର ଏବଂ ୨ ହଜାରରୁ ଉର୍ଦ୍ଧ୍ୱ ସ୍ନାତକ ରହିଛନ୍ତି। ଦେଶରେ ବେରୋଜଗାରୀ କେତେ ଖରାପ ସ୍ଥିତିରେ ରହିଛି ତାହା ଏଥିରୁ ଅନୁମେୟ।

### ୪ ଆଇଇଡି ଜବତ

**ଶ୍ରୀନଗର, ୨୫।୭:** ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲାରୁ ରବିବାର ସୁରକ୍ଷା ବଳ ୪ ଶକ୍ତିଶାଳୀ ବିସ୍ଫୋରକ ଉପକରଣ (ଆଇଇଡି) ଜବତ କରିଛି। ଜିଲାର ନାଦେରନାଗ ଅଭୁରା ଗ୍ରାମରେ ପୋଲିସ, ସେନା ଯବାନ ଏବଂ ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟ୍‌ର ମିଳିତ ତଲାସି ଅଭିଯାନ ବେଳେ ଆଇଇଡି ମିଳିଥିଲା। ସେଗୁଡ଼ିକୁ ଅକାମୀ କରିବା ପାଇଁ ବମ୍ ଡିସ୍‌ପୋଜାଲ ସ୍କ୍ୱାଡକୁ ଡକାଯାଇଥିଲା। ତଲାସି ଅଭିଯାନ ଜାରି ରହିଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।

# ପର୍ନୋଗ୍ରାଫି ବନାମ ଏରୋଟିକା

## ମନୋରଞ୍ଜନ ନାଁରେ କାମୁକତାର ବିଷପାନ

ମୁମ୍ବାଇ/ନୂଆଦିଲ୍ଲୀ,୨୫।୭



ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ବିଜ୍‌ନେସମ୍ୟାନ ସ୍ୱାମୀ ରାଜ କୁନ୍ଦ୍ରା ପର୍ନୋଗ୍ରାଫି ପ୍ରଯୋଜନା ମାମଲାରେ ଗିରଫ ହେବା ପରଠୁ କେବଳ ବଲିଉଡ୍ ନୁହେଁ, ବରଂ ସାରା ଦେଶରେ ସୃଷ୍ଟି ହୋଇଛି ହଇଚଇ। ଏହି ମାମଲାରେ ଅଦ୍ୟାବଧି ୧୧ ଜଣଙ୍କୁ ଗିରଫ କଲାଣି ମୁମ୍ବାଇ ପୋଲିସ। କୁନ୍ଦ୍ରାଙ୍କ ହାଜତ ମିଆଦ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଥିବାବେଳେ ଆଗକୁ ସେ ଏହି କଳଙ୍କ ନିଜ ମୁହଁରୁ କିପରି ପୋଛିବେ ତାହା ସମୟ କହିବ। ତେବେ ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ଶିଳ୍ପା କହିଛନ୍ତି କୁନ୍ଦ୍ରା 'ପର୍ନ ସିନେମା' ତିଆରି କରୁ ନ ଥିଲେ। ସେ କେବଳ 'ଏରୋଟିକ୍' ଦୃଶ୍ୟ ଥିବା ସିନେମା ପ୍ରସ୍ତୁତ କରୁଥିଲେ। ଅଭିନେତ୍ରୀଙ୍କ ଏହି ଯୁକ୍ତି ପରେ ଭାରତରେ 'ପର୍ନୋଗ୍ରାଫି' ଏବଂ 'ଏରୋଟିକା' ଶବ୍ଦକୁ ନେଇ ଚାଲିଛି ତର୍ଜମା ଓ ବିଶ୍ଳେଷଣ। ଏସବୁ ଭିତରେ କୁନ୍ଦ୍ରାଙ୍କ ପ୍ରୋଜେକ୍ଟରେ ଏକାଧିକ ଓଡ଼ିଆ କଳାକାରଙ୍କ ସମ୍ପୃକ୍ତି ରାଜ୍ୟବାସୀଙ୍କ ମନରେ କୌତୂହଳ ସୃଷ୍ଟି କରିଛି।

### କିପରି ବଢ଼ିଲା

୨୦୧୩ରେ ଇନ୍ଦୋରର ଆଇନଜୀବୀ କମଲେଶ ବାସୱାନି ପର୍ନ ୱେବ୍‌ସାଇଟ୍‌ଗୁଡ଼ିକୁ ନିଷିଦ୍ଧ ଘୋଷଣା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦେଶରେ ୪ କୋଟି ଆଡଲ୍ଟ ୱେବ୍‌ସାଇଟ୍ ଚାଲିଥିବା ନେଇ ସେ ଦାଏର କରିଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ଦର୍ଶାଇଥିଲେ। ଏନେଇ କେନ୍ଦ୍ର ସରକାର ଶୀର୍ଷ ଅଦାଲତରେ ଜବାବ ଦାଖଲ କରିଥିଲେ। ଟେଲି ଯୋଗାଯୋଗ ବିଭାଗ ପର୍ନ ୱେବ୍‌ସାଇଟ୍‌ଗୁଡ଼ିକ ନୈତିକତା ଓ ଶିଷ୍ଟତା ଉଲ୍ଲଂଘନ କରୁଥିବା ଦର୍ଶାଇ ଏକ ନିର୍ଦ୍ଦେଶନାମା ଜାରି କରିଥିଲା। ଇଣ୍ଟରନେଟ୍ ସର୍ଭିସ୍ ପ୍ରୋଭାଇଡରମାନେ ୮୫୭ଟି ପର୍ନୋଗ୍ରାଫିକ୍ ୱେବ୍‌ସାଇଟ୍ ଉପରେ ରୋକ୍ ଲଗାନ୍ତୁ ବୋଲି ଏଥିରେ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୧୫ ଜୁଲାଇରେ ସୁପ୍ରିମକୋର୍ଟ କହିଥିଲେ ଯେ, ସାବାଳକମାନଙ୍କୁ ଏଥିରୁ ନିବୃତ୍ତ ରଖାଯାଇପାରିବ ନାହିଁ। ଜଣେ ୧୮ କିମ୍ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତି ନିଜ ରୁମ୍‌ରେ ବ୍ୟକ୍ତିଗତ ଭାବେ ପର୍ନ ଦେଖିପାରିବେ। ସମ୍ବିଧାନର ଅନୁଚ୍ଛେଦ ୧୯(୨) ଅନୁସାରେ ଏହା ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତାର ମୌଳିକ ଅଧିକାର। କିଛି ଦିନ ପରେ ସରକାର ଏହି କଟକଣାକୁ ସାମୟିକ ବୋଲି ସ୍ପଷ୍ଟୀକରଣ ଦେଇଥିଲେ। ଏହାର ୩ ବର୍ଷ ପରେ ଅର୍ଥାତ୍ ୨୦୧୮ ଅକ୍ଟୋବର ୨୭ରେ କେନ୍ଦ୍ର ସରକାର ପର୍ନୋଗ୍ରାଫିକୁ ନିଷିଦ୍ଧ ଘୋଷଣା କରିଥିଲେ। ପୂର୍ବରୁ କେତେକ ୱେବ୍‌ସାଇଟ୍‌ରେ ଲୁଚାଛପାରେ ପର୍ନ କଣ୍ଟେଣ୍ଟ ଦେଖାଯାଉଥିଲା। କିନ୍ତୁ ଏହି କଟକଣା ପରେ ଏଭଳି ଫିଲ୍ମ ଭିନ୍ନ ବ୍ୟବସାୟର ରୂପ ନେଇଥିଲା। ରାତାରାତି ବିପୁଳ ଅର୍ଥ ଉପାର୍ଜନ କରିବାକୁ ଚାହୁଁଥିବା ବ୍ୟବସାୟୀମାନେ ଆପ୍ ତିଆରି କରି ବିଧିବଦ୍ଧ ଭାବେ ପର୍ନ ସିନେମା ଛାଡ଼ିବାରେ ଲାଗିଲେ। ଭର୍ଚୁଆଲ ପ୍ରାଇଭେଟ ନେଟ୍‌ୱର୍କ (ଭିପିଏନ୍) ବା ମିରର୍ ସାଇଟ୍‌ର ଏହି ଧାରା ଅଦ୍ୟାବଧି ଜାରି ରହିଛି, ଯାହା ରାଜ କୁନ୍ଦ୍ରା ଧରାପଡ଼ିବା ପରେ ଖୋଲାଖୋଲି ଭାବେ ଲୋକଲୋଚନକୁ ଆସିଛି। ପର୍ନ ବ୍ୟାନ୍ ପରେ ଆଗ୍ରହୀ ଦର୍ଶକ ନିଜ ଦୃଶ୍ୟଶ୍ରାବ୍ୟ କାମନା ଚରିତାର୍ଥ କରିବା ପାଇଁ ଏହାର ବହୁଳ ବ୍ୟବହାର କରୁଥିବା କୁହାଯାଉଛି।

### କ'ଣ କହୁଛି ଆଇନ

ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୨୯୩ ଓ ୨୯୪ ଅନୁସାରେ ଅଶ୍ଳୀଳ ସାମଗ୍ରୀ ବିକ୍ରି, ବିତରଣ ଓ ପ୍ରସାରଣ ବେଆଇନ ଏବଂ ଅପରାଧ ପଦବାଚ୍ୟ। ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ-୨୦୦୦ର ଧାରା ୬୭ ଅନୁସାରେ ଏପରି ଅପରାଧ କଲେ ୩ ବର୍ଷ ଜେଲ ଓ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯାଇପାରିବ। ସେହିପରି ଇନ୍‌ଡିସେଣ୍ଟ ରିପ୍ରେଜେଣ୍ଟେଶନ ଅଫ୍ ଓମେନ୍ (ପ୍ରୋହିବିଶନ) ଆକ୍ଟ-୧୯୮୬ ଏବଂ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ-୨୦୧୨ର ଧାରା ୧୫ ଅନୁସାରେ ଦେଶରେ ପର୍ନ ସିନେମା ତିଆରି କରିବା ଏକ ଦଣ୍ଡନୀୟ ଅପରାଧ। ତେବେ ବ୍ୟକ୍ତିଗତ ଭାବେ ଅଶ୍ଳୀଳ ଚିତ୍ର ଉପଭୋଗ କରିବାକୁ ଭାରତରେ ବେଆଇନ କରାଯାଇ ନାହିଁ।

### ପ୍ରଭେଦ କ'ଣ

ପର୍ନୋଗ୍ରାଫିକୁ ଅନେକ ସମୟରେ ଏରୋଟିକା ଅଭିହିତ କରି ଏହାର ଯଥାର୍ଥତା ପ୍ରତିପାଦିତ କରିବାକୁ ଉଦ୍ୟମ ହେଉଥିବା ଦେଖିବାକୁ ମିଳୁଛି। ତେବେ ଏହି ଦୁଇ ଶବ୍ଦ ମଧ୍ୟରେ ବଡ଼ ଫରକ ରହିଛି। ଅକ୍ସଫୋର୍ଡ ଡିକ୍ସିନାରି ଅନୁସାରେ ପର୍ନୋଗ୍ରାଫିର ଅର୍ଥ ହେଉଛି ମାଗାଜିନ, ଡିଭିଡି, ୱେବ୍‌ସାଇଟ୍ ଆଦିରେ ନଗ୍ନ ଓ ଯୌନକ୍ରିୟା ପ୍ରଦର୍ଶନ, ଯାହା ଜରିଆରେ ଦର୍ଶକଙ୍କ ମନରେ କାମୋଦ୍ଦୀପନା ସୃଷ୍ଟି ହୋଇଥାଏ। ଏହାକୁ ଅନେକେ ଆପତ୍ତିଜନକ ବୋଲି ବିବେଚନା କରିଥାନ୍ତି। ସେହିପରି ଏରୋଟିକାର ଅର୍ଥ ହେଉଛି ସାହିତ୍ୟ ବା ମନୋରଞ୍ଜନରେ ଅଶ୍ଳୀଳତା। ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଗ୍ରୀକ୍‌ର ଏରୋଟିକା ଶବ୍ଦରୁ ଏହାର ଉତ୍ପତ୍ତି। ଅନ୍ୟପକ୍ଷେ ୱେବ୍‌ଷ୍ଟର ଡିକ୍ସିନାରି ଅନୁସାରେ ପର୍ନୋଗ୍ରାଫିର ଅର୍ଥ ହେଉଛି ଯୌନ ଉତ୍ତେଜନା ସୃଷ୍ଟି ଉଦ୍ଦେଶ୍ୟରେ କାମୋଦ୍ଦୀପକ ବ୍ୟବହାର (ଫଟୋ ବା ଲେଖାରେ) ପ୍ରଦର୍ଶନ। ଏରୋଟିକ୍ ଭାବ ଦର୍ଶାଉଥିବା ବହି ବା ଫଟୋ ଏଥିରେ ଅନ୍ତର୍ଭୁକ୍ତ। ଏହି ଶବ୍ଦକୋଷ ମଧ୍ୟ ସାହିତ୍ୟିକ ବା କଳାତ୍ମକ ଅଭିବ୍ୟକ୍ତିରେ ଅଶ୍ଳୀଳତାର ବ୍ୟବହାରକୁ ଏରୋଟିକା ବୋଲି ଉଲ୍ଲେଖ କରିଛି, ଯହିଁରେ ଫଟୋ ଓ ଶ୍ରାବ୍ୟ ଅନ୍ତର୍ଭୁକ୍ତ।




### ସାକ୍ଷ୍ୟ ଦେବେ ୪ କର୍ମଚାରୀ

ଅଶ୍ଳୀଳ ଫିଲ୍ମ ପ୍ରସ୍ତୁତ କରି ବିଭିନ୍ନ ଆପ୍ ଜରିଆରେ ତାହାକୁ ରିଲିଜ୍ କରାଉଥିବା ଅଭିଯୋଗରେ ଗିରଫ ହୋଇଥିବା ରାଜ କୁନ୍ଦ୍ରାଙ୍କ ବିରୋଧରେ ତାଙ୍କ କମ୍ପାନୀର ୪ ଜଣ କର୍ମଚାରୀ ସାକ୍ଷ୍ୟ ଦେବେ। ଏହାକୁ ନେଇ କୁନ୍ଦ୍ରାଙ୍କ ଅଡୁଆ ବଢ଼ିପାରେ। ୪ କର୍ମଚାରୀଙ୍କ ସାକ୍ଷ୍ୟ କୁନ୍ଦ୍ରାଙ୍କ ମାମଲା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି। କୁନ୍ଦ୍ରା ତଦନ୍ତରେ ସହଯୋଗ କରୁ ନ ଥିବାରୁ ସମ୍ପୃକ୍ତ ୪ ଜଣଙ୍କଠାରୁ ଅଧିକ ତଥ୍ୟ ହାସଲ କରାଯିବ। କିପରି ପର୍ନ ର୍‍ୟାକେଟ ଚାଲୁଥିଲା, ଏହାର ବିଜ୍‌ନେସ୍ ଡିଲ୍, ଆର୍ଥିକ କାରବାର ବାବଦରେ ସେମାନଙ୍କୁ ପଚରାଉଚରା କରାଯିବ। ଖୁବଶୀଘ୍ର ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ସେମାନଙ୍କ ବୟାନ ରେକର୍ଡ କରାଯିବ ବୋଲି ପୋଲିସ କହିଛି।

### ଲକ୍‌ଡାଉନ୍ ପ୍ରଭାବ

କରୋନା ମହାମାରୀ ଆସିବା ପରେ ୨୦୨୦ ମାର୍ଚ୍ଚରେ ଦେଶରେ ଲକ୍‌ଡାଉନ ଜାରି କରାଯାଇଥିଲା। ଏଥିଯୋଗୁ ଅନେକ ଶିଳ୍ପରେ ତାଲା ପଡ଼ିବା ସହ ବ୍ୟବସାୟିକ କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିଲା। ଏଥିରୁ ମାୟାନଗରୀ ମୁମ୍ବାଇ ବାଦ୍ ପଡ଼ି ନ ଥିଲା। ଫିଲ୍ମ ଶୁଟିଂ ଓ ରିଲିଜ୍ ବନ୍ଦ ହୋଇଯିବା ପରେ ଲୁଚାଛପାରେ ଅନେକ ସିନେମା ତିଆରି ଚାଲିଥିଲା। ସେଥିରୁ ଅଧିକାଂଶ ଅଶ୍ଳୀଳ ଚଳଚ୍ଚିତ୍ର ଥିଲା। ଭଲ ଫିଲ୍ମରେ ଅଭିନୟର ସୁଯୋଗ ନ ପାଇ ଅନେକ ନବାଗତ 'ବି' ଗ୍ରେଡ୍‌ର ସିନେମାରେ ଅଭିନୟ କରିବାରେ ଲାଗିଲେ। ମୁମ୍ବାଇ ଓ ଗୋଆ ସମେତ ଦେଶର ଅନ୍ୟ କେତେକ ଭାଗରେ ସେଗୁଡ଼ିକ ନିର୍ମାଣ କରାଯାଉଥିଲା। ଦର୍ଶକ ମୁଖ୍ୟସ୍ରୋତର ଫିଲ୍ମ ଦେଖିବାରୁ ବଞ୍ଚିତ ହେବା ପରେ ପର୍ନ ଫିଲ୍ମ ଅନେକଙ୍କ ପାଇଁ ମନୋରଞ୍ଜନର ମାଧ୍ୟମ ପାଲଟିଯାଇଥିଲା। ଓଭର ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମରେ ଛତୁ ଫୁଟିଲା ଭଳି ଆପ୍‌ଗୁଡ଼ିକ ସଫ୍ଟ ପର୍ନ, ବୋଲ୍ଡ ଫିଲ୍ମ ଓ ପୋଣ୍ଡିଜ୍ ଏଭଳି ଅନେକ ଫିଲ୍ମ ପ୍ରସାର କରିବାରେ ଲାଗିଲେ। ଇତିମଧ୍ୟରେ ଏହି କାରବାର ୩,୫୦୦ କୋଟି ଟଙ୍କା ଛୁଇଁଥିବା ଏକ ଆକଳନରୁ ଜଣାପଡ଼ିଛି। ଅନ୍ୟପକ୍ଷେ ରାଜ କୁନ୍ଦ୍ରାଙ୍କ ଫିଲ୍ମରେ ଓଡ଼ିଶାର ସେକ୍ସପିୟର ତ୍ରିପାଠୀଙ୍କ ଭଳି କେତେଜଣ କଳାକାର ଅଭିନୟ କରିଥିବା ସାମ୍ନାକୁ ଆସିଛି। କୁନ୍ଦ୍ରାଙ୍କ ହଟ୍‌ଶଟ୍‌ସ ଆପ୍‌ରେ ପ୍ରସାରିତ ପେଜ୍-ଥ୍ରୀ ଏବଂ ସୁଲତାନ୍‌ରେ ସେକ୍ସପିୟର ଅଭିନୟ କରିଥିବା ନିଜେ ସ୍ୱୀକାର କରିଛନ୍ତି।

### ରାଜ କୁନ୍ଦ୍ରାଙ୍କ ଓଡ଼ିଶା ଲିଙ୍କ୍



### ସବୁ ଝିଅଙ୍କ ନାଁ କହିବି



ଗେହନା ବଶିଷ୍ଠ

ରାଜ କୁନ୍ଦ୍ରାଙ୍କ ଫିଲ୍ମ 'ଗନ୍ଦୀ ବାତ୍'ର ଅଭିନେତ୍ରୀ ଗେହନା ବଶିଷ୍ଠ ଓ ଅନ୍ୟ ୨ ଜଣଙ୍କୁ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା ପାଇଁ ଫୋନ୍‌ରେ ଡାକିଥିଲା। ସମନ ସତ୍ତ୍ୱେ ରବିବାର ସେମାନେ ପୋଲିସ ନିକଟରେ ହାଜର ହୋଇନାହାନ୍ତି। ଗେହନା କହିଛନ୍ତି, ସେ ମୁମ୍ବାଇ ବାହାରେ ଥିବାରୁ କୋଭିଡ୍ ପ୍ରୋଟୋକଲ ଅନୁସାରେ ଆର୍‌ଟିପିସିଆର୍ ଟେଷ୍ଟ କରିପାରି ନାହାନ୍ତି। ଏଥିଯୋଗୁ ଟିକେଟ କରିପାରି ନ ଥିବାରୁ ହାଜର ହୋଇପାରି ନାହାନ୍ତି। ତାଙ୍କର ଅନେକ କିଛି ପ୍ରଘଟ କରିବାର ଅଛି। କୁନ୍ଦ୍ରାଙ୍କ ପର୍ନ ଫିଲ୍ମଗୁଡ଼ିକରେ ଯେତେ ଝିଅ କାମ କରିଛନ୍ତି ସମସ୍ତଙ୍କ ନାମ ପୋଲିସ ଆଗରେ କହିବେ। ତେବେ ପୋଲିସ ତାଙ୍କୁ ଗିରଫ କରିବ ନାହିଁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, କୁନ୍ଦ୍ରାଙ୍କ ଗିରଫଦାରି ପରେ ତାଙ୍କ ଆପ୍ଲିକେଶନ ହଟ୍‌ଶଟ୍‌ସ ପାଇଁ ନିର୍ମିତ ୩ଟି ଫିଲ୍ମରେ କାମ କରିଥିବା ଗେହନା ଏକ ଭିଡିଓରେ କହିଥିଲେ ଯେ, କାମୋତ୍ତେଜକ ବା ଏରୋଟିକ୍ ବିଷୟବସ୍ତୁ ପର୍ନୋଗ୍ରାଫିଠାରୁ ସମ୍ପୂର୍ଣ୍ଣ ଅଲଗା।

### ଜେରାବେଳେ କାନ୍ଦିଲେ ଶିଳ୍ପା

ମୁମ୍ବାଇ ପୋଲିସର କ୍ରାଇମବ୍ରାଞ୍ଚ ଶନିବାର ରାଜ କୁନ୍ଦ୍ରାଙ୍କ ୱେଷ୍ଟ ଅନ୍ଧେରୀସ୍ଥିତ 'ଭିଆନ' ଅଫିସ୍‌ରେ ଚଢ଼ାଉ କରିବା ସହ ଶିଳ୍ପା ସେଟ୍ଟୀଙ୍କୁ ପଚରାଉଚରା କରିଛି। ଶିଳ୍ପାଙ୍କ ଘରେ ଚଢ଼ାଉବେଳେ କୁନ୍ଦ୍ରାଙ୍କୁ ପୋଲିସ ଟିମ୍ ସେଠାକୁ ନେଇଥିଲା। ଶିଳ୍ପା ପୋଲିସ ସମ୍ମୁଖରେ କୁନ୍ଦ୍ରାଙ୍କ ସହ ଯୁକ୍ତିତର୍କ କରିବା ସହ କାନ୍ଦି ପକାଇଥିଲେ। ଏଥିସହ ମାମଲାରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ଏବଂ ରାଜ କୁନ୍ଦ୍ରାଙ୍କ ଆପ୍ ବିଷୟରେ ସେ କିଛି ଜାଣି ନ ଥିବା ଶିଳ୍ପା ପୋଲିସକୁ ବୟାନ ଦେଇଛନ୍ତି। ପୋଲିସର କହିବା ହେଲା, କୁନ୍ଦ୍ରା ହଟ୍‌ଶଟ୍‌ସ ନାମରେ ଏକ ମୋବାଇଲ୍ ଆପ୍ ବିକଶିତ କରିଥିଲେ। ଏଥିରେ ସେ ପର୍ନୋଗ୍ରାଫିକ୍ ଫିଲ୍ମ ପ୍ରସାର କରୁଥିଲେ। ଉକ୍ତ ଆପ୍‌କୁ ସବ୍‌ସ୍କ୍ରାଇବ୍ କରି ଦର୍ଶକ କାମୋଦ୍ଦୀପକ ସିନେମା ଦେଖୁଥିଲେ। ଏଭଳି ସିନେମାରୁ କୁନ୍ଦ୍ରା କୋଟି କୋଟି ଟଙ୍କା ଆୟ କରୁଥିଲେ।



## ବି.ଏଲ୍. ସନ୍ତୋଷ ହୋଇପାରନ୍ତି ୟେଦୁରପ୍ପାଙ୍କ ଉତ୍ତରାଧିକାରୀ

ନୂଆଦିଲ୍ଲୀ, ୨୫।୭(ଆଇଏଏନ୍‌ଏସ୍)



ବି.ଏଲ୍. ସନ୍ତୋଷ

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ଉତ୍ତରାଧିକାରୀ ଭାବେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ) ବି.ଏଲ୍. ସନ୍ତୋଷଙ୍କୁ ବାଛିବା ପାଇଁ ଦଳର ଶୀର୍ଷ ନେତୃତ୍ୱ ବିଚାର କରୁଥିବା ଜଣାପଡ଼ିଛି। ୨୬ ତାରିଖ ପରେ ମୁଖ୍ୟମନ୍ତ୍ରୀ ପଦରେ ରହି ନ ପାରନ୍ତି ବୋଲି ଲିଙ୍ଗାୟତ ଷ୍ଟ୍ରଙ୍ଗମ୍ୟାନ୍ ୟେଦୁରପ୍ପା ଦୁଇଦିନ ପୂର୍ବରୁ କହିଥିଲେ। ତେବେ ହାଇକମାଣ୍ଡଙ୍କ ନିଷ୍ପତ୍ତି ଅନୁଯାୟୀ ସେ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ୟେଦୁରପ୍ପା ସୋମବାର ୨ ବର୍ଷ ପୂରଣ କରିବାକୁ ଯାଉଛନ୍ତି। ସନ୍ତୋଷଙ୍କ ବ୍ୟତୀତ ୪ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି ସମ୍ପର୍କରେ ବିଚାର କରାଯାଉଛି। ଲିଙ୍ଗାୟତ ନେତା ଲକ୍ଷ୍ମଣ ସୁଭାଡ଼ିଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇପାରେ। ସୋମବାର ଭାଜପା ବିଧାୟକ ଦଳ ବୈଠକରେ ୟେଦୁରପ୍ପା ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଇସ୍ତଫା ଦେଇପାରନ୍ତି ବୋଲି ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି।

## ରାମାପ୍ପା ମନ୍ଦିରକୁ ବିଶ୍ୱ ଐତିହ୍ୟ ମାନ୍ୟତା

ହାଇଦ୍ରାବାଦ/ବେଜିଂ, ୨୫।୭



ତେଲଙ୍ଗାନାର ମୁଗୁଲୁ ଜିଲାରେ ଥିବା ଐତିହାସିକ ତଥା ଦ୍ୱାଦଶ ଶତାବ୍ଦୀର କାକତିଆନ ସ୍ଥାପତ୍ୟ ରାମାପ୍ପା ମନ୍ଦିରକୁ ରବିବାର ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ମାନ୍ୟତା ଦେଇଛି। ବିଶ୍ୱ ଐତିହ୍ୟ କମିଟିର ୪୪ତମ ଅଧିବେଶନରେ ଏହି ନିଷ୍ପତ୍ତି ନିଆଯାଇଛି। ତେଲଙ୍ଗାନାର କୌଣସି ସାଇଟ୍‌କୁ ଏହି ମାନ୍ୟତା ମିଳିବା ପ୍ରଥମ ବୋଲି କୁହାଯାଇଛି। ରୁଷିଆ, ଓମାନ, ବ୍ରାଜିଲ, ସାଉଦି ଆରବ, ଇଜିପ୍ଟ, ସ୍ପେନ୍, ଥାଇଲାଣ୍ଡ, ହଙ୍ଗେରୀ, ଇଥିଓପିଆ, ଚାଇନା ଏବଂ ଅନ୍ୟ ଦେଶଗୁଡ଼ିକ ରାମାପ୍ପାକୁ ଏକ ଉଲ୍ଲେଖନୀୟ ଐତିହ୍ୟ ସ୍ଥଳ ଭାବେ ବର୍ଣ୍ଣନା କରିବା ଏହା ଶ୍ରେଷ୍ଠ କଳାକାରଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ବୋଲି ଅଭିହିତ କରିଥିଲେ। ଏହି ସାଇଟ୍‌ର ସୁରକ୍ଷା ତଥା ସଂରକ୍ଷଣ ଦିଗରେ କାମ କରିଥିବାରୁ ତେଲଙ୍ଗାନାର ପରିଚାଳନା କମିଟିକୁ ବିଶ୍ୱ ଐତିହ୍ୟ କମିଟିର ସଦସ୍ୟମାନେ ପ୍ରଶଂସା କରିଥିଲେ।

ସେହିପରି ବିଶ୍ୱ ଐତିହ୍ୟ ତାଲିକାରେ ଦକ୍ଷିଣପୂର୍ବ ଚାଇନା ସହର କୁଆନ୍‌ଜୋହୁର ୨୨ଟି ସାଇଟ୍ ଓ ଏକ ମନ୍ଦିର ସ୍ଥାନିତ ହୋଇଛି। ଏହି ଐତିହ୍ୟ ସ୍ଥଳଗୁଡ଼ିକର ହିନ୍ଦୁ ଧର୍ମ ସହ ସଂଯୋଗ ରହିଛି। 'କ୍ୱାନଜୋହୁ: ଏମ୍ପୋରିୟମ ଅଫ୍ ଦି ୱାର୍ଲ୍ଡ ଇନ୍ ସୋଙ୍ଗ୍-ୟୁଆନ ଚାଇନା'କୁ ବିଶ୍ୱର ସର୍ବୋଚ୍ଚ ସାଂସ୍କୃତିକ ସଙ୍ଗଠନ ମାନ୍ୟତା ଦେଇଛି। ଚାଇନା ଫୁଜିଆନ୍

### ଚାଇନା ବିଶ୍ୱ ଐତିହ୍ୟରେ ହିନ୍ଦୁ ଲିଙ୍କ୍

ପ୍ରଦେଶ ଏବଂ କୁଆନ୍‌ଜୋହୁ ସହରକୁ ଗୁରୁତ୍ୱପୂର୍ଣ୍ଣ ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ର ଭାବରେ ପ୍ରୋତ୍ସାହିତ କରିଆସୁଛି। ସେଠାରେ ହଜାର ହଜାର ବର୍ଷ ପୂର୍ବରୁ ତାମିଲନାଡୁ ଅଧିବାସୀଙ୍କ ସମେତ ବହୁ ସାଂସ୍କୃତିକ ସମ୍ପ୍ରଦାୟ ଏକାଠି ହୋଇଥିଲେ। ତାମିଲନାଡୁ ସହିତ କୁଆନଜୋହୁର ପ୍ରାଚୀନ ସମ୍ପର୍କ ଥିବାରୁ ୨୦୧୯ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ତାମିଲନାଡୁ ଏବଂ ଫୁଜିଆନ ମଧ୍ୟରେ 'ସିଷ୍ଟର-ଷ୍ଟେଟ୍' ସମ୍ପର୍କ ସ୍ଥାପନ କରିବାକୁ ସ୍ଥିର କରିଥିଲେ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୨୬/୨୦୨୧ | Bhubaneswar, Monday, July 26/2021 | ପୃଷ୍ଠା-୧




## ମାର୍ଗାରେଟାଙ୍କୁ ହରାଇଲେ ମନିକା

ଟୋକିଓ ଅଲିମ୍ପିକ୍ସର ଟେବୁଲ ଟେନିସ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ଉଚ୍ଚ ର୍ୟାଙ୍କପ୍ରାପ୍ତ ୟୁକ୍ରେନର ମାର୍ଗାରେଟା ପେସୋସ୍କାଙ୍କୁ ହରାଇଛନ୍ତି ଭାରତର ମନିକା ବାତ୍ରା।

୧୩

୧୨

## ଆଥିୟାଙ୍କୁ କ୍ଷମା ମାଗିଲେ ସଲମାନ

ସୋସିଆଲ ମିଡିଆରେ ଅଭିନେତ୍ରୀ ଆଥିୟା ସେଟ୍ଟୀଙ୍କୁ ଫଲୋ କରି ନ ଥିବାରୁ କ୍ଷମା ମାଗିଛନ୍ତି ଅଭିନେତା ସଲମାନ ଖାନ।





ଭୂସ୍ଖଳନ ଯୋଗୁ ରବିବାର ପାହାଡ଼ରୁ ବିଶାଳ ପଥରଖଣ୍ଡ ଖସି କିନୌର ଜିଲାର ସାଙ୍ଗ୍ଲା ଉପତ୍ୟକାରେ ଥିବା ବାତ୍‌ସେରି ବ୍ରିଜ୍ ଭୁଶୁଡ଼ି ପଡ଼ିଛି।

# ପାହାଡ଼ରୁ ପଥର ଖସି ଭୁଶୁଡ଼ିଲା ବ୍ରିଜ୍

## ହିମାଚଳପ୍ରଦେଶରେ ଭୂସ୍ଖଳନ: ୯ ପର୍ଯ୍ୟଟକ ମୃତ

**ସିମ୍ଲା, ୨୫।୭**

ହିମାଚଳପ୍ରଦେଶର କିନୌର ଜିଲାରେ ରବିବାର ଭୂସ୍ଖଳନ ଘଟି ୯ ପର୍ଯ୍ୟଟକଙ୍କ ମୃତ୍ୟୁ ହେବା ସହ ୩ ଆହତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପାହାଡ଼ରୁ ବଡ଼ ବଡ଼ ପଥର ଖଣ୍ଡ ଖସି ସାଙ୍ଗ୍ଲା-ଚିଟ୍‌କୁଲ ରାସ୍ତାରେ ଯାଉଥିବା ଏକ ଟେମ୍ପୋ ଉପରେ ପଡ଼ିବାରୁ ୯ ଜଣ ପ୍ରାଣ ହରାଇଛନ୍ତି। ଉକ୍ତ ଟେମ୍ପୋରେ ଡ୍ରାଇଭର ସମେତ ୧୧ ଜଣ ଯାତ୍ରୀ ଥିଲେ। ରାସ୍ତାରେ ଥିବା ଅନ୍ୟ ଜଣେ ଆହତ ହୋଇଛନ୍ତି। ପଥର ଖସି ବାତସେରି ବ୍ରିଜ୍ ଭୁଶୁଡ଼ି ପଡ଼ିଛି। ନିକଟବର୍ତ୍ତୀ କେତେକ ଘର ଭାଙ୍ଗିବା ସହ ଫସଲ କ୍ଷେତ ନଷ୍ଟ ହୋଇଯାଇଛି।

ମିଳିଥିବା ରିପୋର୍ଟ ଅନୁଯାୟୀ ପର୍ଯ୍ୟଟକମାନେ ରାଜସ୍ଥାନ, ଛତିଶଗଡ଼, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରୁ ଆସିଥିଲେ। ସେମାନେ ହିମାଚଳପ୍ରଦେଶର ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଚିଟ୍‌କୁଲ ଯାଉଥିବାବେଳେ ବାଟରେ ପଥର ଖସି ସେମାନଙ୍କ ଜୀବନ ଯାଇଥିବା କିନୌର ଜିଲା ଏସ୍‌ପି ସଜୁରାମ ରାଣା କହିଛନ୍ତି। ଅପରାହ୍ନ ୨ଟା ୧୫ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ପର୍ବତ ଉପରୁ ବଡ଼ ପଥର ଖଣ୍ଡ ଖସୁଥିବାବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବାସ୍‌ପା ନଦୀରେ ବଡ଼ ପଥରଖଣ୍ଡ ଖସି ଭୟଙ୍କର ଶବ୍ଦ ହୋଇଥିଲା। ଏହା ପରେ ବ୍ରିଜ୍‌ଟି ନଦୀ ଗର୍ଭରେ ଭୁଶୁଡ଼ି ପଡ଼ିଥିଲା। ଏହି ଦୃଶ୍ୟକୁ ସ୍ଥାନୀୟ ଲୋକେ ଉତ୍ତୋଳନ କରି ସୋସିଆଲ ମିଡିଆରେ ଛାଡ଼ିଛନ୍ତି।

ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ପିଏମ୍‌ଏନ୍‌ଆର୍‌ଏଫ୍‌ରୁ ପ୍ରତି ମୃତକଙ୍କ ☞ପୃଷ୍ଠା-୨

### ମୋରମ ଧସି ଜଣେ ମୃତ, ୨ ଗୁରୁତର

**ବିଷମକଟକ/ଦୁର୍ଗୀ, ୨୫।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତର ସାନ କାଟପାଇ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗୁହାଳ ମରାମତି ପାଇଁ ପାହାଡ଼ରୁ ମୋରମ ଖୋଳିବାବେଳେ ଉପରୁ ମୋରମ ଧସି ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗାଁର ଇନ୍ଦ୍ର ପ୍ରାସ୍କାଙ୍କ ଝିଅ ଟୁନି(୧୫)। ☞ପୃଷ୍ଠା-୨

# କାରଣ ନ କହି ଦୋଷ ଲଦାଲଦି

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**





- ପ୍ରକାଶ ପାଉନି ରାଜଭବନ ପେଟ୍ରୋଲ ପମ୍ପ ବ୍ଲାଷ୍ଟିଂ ତଦନ୍ତ ରିପୋର୍ଟ
- ଆଇଓସିଏଲ୍, ପୋଲିସ ପ୍ରଶାସନ ଟଣା ଓଟରା
- ୧୦ ଦିନରେ ରିପୋର୍ଟ ପ୍ରକାଶ ପାଇବ: ପେସୋ

ରାଜଭବନ ନିକଟସ୍ଥ ଆଇଓସିଏଲ(ଇଣ୍ଡିଆନ ଅଏଲ) ପେଟ୍ରୋଲ ପମ୍ପରେ ୨୦୨୦ ଅକ୍ଟୋବର ୭ରେ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଜୋର୍ ଥିଲା ଯେ, ୧୦ କି.ମି. ଦୂର ପର୍ଯ୍ୟନ୍ତ ଲୋକଙ୍କ ଘର ଦ୍ୱାର ଥରାଇ ଦେଇଥିଲା। ଏହି ବିସ୍ଫୋରଣରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ବାସ୍ତବ ଚିତ୍ର ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ତଦନ୍ତ ନାଁରେ ଉକ୍ତ ଘଟଣାକୁ ବର୍ତ୍ତମାନ ଚପାଇ ଦେବାର ଅପଚେଷ୍ଟା ଚାଲିଛି। ଏହି ଘଟଣାରେ ୨୦୨୦ ଅକ୍ଟୋବର ୮ ତାରିଖରେ କମିଶନରେଟ ପୋଲିସ ପକ୍ଷରୁ କ୍ୟାପିଟାଲ ଥାନାରେ ଆଇପିସି ଦଫା ୨୭୯, ୩୩୭, ୩୩୮ରେ ମାମଲା ରୁଜୁ ହୋଇଛି। ଏହସହ ପେଟ୍ରୋଲ ପମ୍ପର ଜଣେ ଅଧିକାରୀ ଓ ଜଣେ କର୍ମଚାରୀଙ୍କୁ ପଚରାଉଚୁରା କରି ଛାଡି ଦେଇଛି। କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତା'ର ସତ୍ୟାସତ୍ୟ ଉନ୍ମୋଚନ କରି ରିପୋର୍ଟ ପ୍ରକାଶ କରିବା ପରିବର୍ତ୍ତେ ପୋଲିସ ଆଇଓସିଏଲ୍ ଉପରେ ଦୋଷ ଲଦୁଛି। ଅନ୍ୟପଟେ ଆଇଓସିଏଲ୍ କର୍ତ୍ତୃପକ୍ଷ ମଧ୍ୟ ତଦନ୍ତ କରି ରିପୋର୍ଟ ପ୍ରକାଶ କରିବା ପରିବର୍ତ୍ତେ ଏହାକୁ ପୋଲିସର ଦାୟିତ୍ୱ ବୋଲି କହି ନିଜ ମୁଣ୍ଡରୁ ଦୋଷ ହଟାଇବାକୁ ଚେଷ୍ଟା କରୁଛି। ପୋଲିସ ପ୍ରଶାସନ ଏବଂ ଆଇଓସିଏଲ୍‌ର ପେସୋ(ପେଟ୍ରୋଲିୟମ ଆଣ୍ଡ ଏକ୍ସପ୍ଲୋସିଭ ସେଫ୍ଟି ଅର୍ଗାନାଇଜେଶନ) ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉଭୟ ମତ ରଖିଛନ୍ତି।

ରାଜଭବନ ନିକଟସ୍ଥ ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣାରେ ଗଞ୍ଜାମ ଜିଲାର ସତ୍ୟ ନାୟକ ଏବଂ ସୀମାଞ୍ଚଳ ପରିଡ଼ାଙ୍କ ମୃତ୍ୟୁ ଘଟିଥିବା ବେଳେ ଉତ୍ତର ପ୍ରଦେଶର ରିପୁ ଦାମନ ଗୁରୁତର ଆହତ ହୋଇଥିଲେ। ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

୩୦ ବର୍ଷ

### ଆଜିର ମନ୍ତବ୍ୟ

"୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ଆଞ୍ଚଳିକ ଦଳଗୁଡ଼ିକ ଏକାଠି ହୋଇ ଜାତୀୟ ସାମ୍ମୁଖ୍ୟ ଗଠନ କରିବା ଉଚିତ।

**-ସୁଖବୀର ସିଂ ବାଦଲ, ଏସ୍‌ଏଡି ନେତା**

# ୨୪ ଘଣ୍ଟାରେ ଆଉ ୬୭ ମୃତ

**ଭୁବନେଶ୍ୱର, ୨୫।୭ (ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ଏକ ପ୍ରକାର ସ୍ଥିର ରହିଥିବାବେଳେ ମୃତ୍ୟୁ ସଂଖ୍ୟା କିନ୍ତୁ ନିୟନ୍ତ୍ରଣକୁ ଆସିପାରୁନି। ପ୍ରତିଦିନ କରୋନା ମୃତ୍ୟୁ ୬୦ ଉପରେ ରହୁଥିବାବେଳେ ଗତ ୨୪ ଘଣ୍ଟାରେ ଆଉ ୬୭ ଆକ୍ରାନ୍ତଙ୍କ ଜୀବନ ଯାଇଛି। ଖୋର୍ଦ୍ଧାରୁ ସର୍ବାଧିକ ୨୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନୁଗୋଳ ଓ

**ଖୋର୍ଦ୍ଧାରୁ ସର୍ବାଧିକ ୨୪**

କେନ୍ଦୁଝର ଜିଲାରୁ ୧୦ଜଣ ଲେଖାଏ, ସୁନ୍ଦରଗଡରୁ ୬, ପୁରୀରୁ ୫, ମୟୂରଭଞ୍ଜ ଓ ଗଞ୍ଜାମରୁ ୨ଜଣ ଲେଖାଏ, ଦେବଗଡ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, କନ୍ଧମାଳ, କେନ୍ଦ୍ରାପଡା, ମାଲକାନଗିରି ଓ ନୂଆପଡାରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ☞ପୃଷ୍ଠା-୨

# ମନ୍ କୀ ବାତ୍‌ରେ ଇସାକ୍ ମୁଣ୍ଡା

**ନୂଆଦିଲ୍ଲୀ/ସମ୍ବଲପୁର(ବ୍ୟୁରୋ), ୨୫।୭**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ଓଡ଼ିଶାର ଇସାକ୍ ମୁଣ୍ଡାଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଶ୍ରମିକରୁ ୟୁଟ୍ୟୁବର୍ ପାଲଟିଥିବା ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ଅନ୍ତର୍ଗତ ବାବୁପାଲି ଗ୍ରାମର ଇସାକ୍ ତାଙ୍କ ଜୀବନଶୈଳୀ ବଦଳାଇବାରେ ପ୍ରଯୁକ୍ତିର ଫଳପ୍ରଦ ଉପଯୋଗ ☞ପୃଷ୍ଠା-୨

# ଆଜିଠୁ ଖୋଲିବ ଦଶମ, ଦ୍ୱାଦଶ ଶ୍ରେଣୀ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ**

- ଅଭିଭାବକଙ୍କ ଅନୁମତି ବାଧ୍ୟତାମୂଳକ
- ଅନ୍‌ଲାଇନ ଶିକ୍ଷା ଜାରି ରହିବ: ମନ୍ତ୍ରୀ

କୋଭିଡ୍-୧୯ ମହାମାରୀ ସଂକ୍ରମଣ ଯୋଗୁ ଦୀର୍ଘଦିନ ହେବ ସ୍କୁଲ ବନ୍ଦ ରହିଥିଲା। ସୋମବାରଠାରୁ ରାଜ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବ। ସେଥିପାଇଁ ସ୍କୁଲଗୁଡ଼ିକୁ ସାନିଟାଇଜ କରାଯାଇଛି। ରାଜ୍ୟ ସରକାର ଜାରି କରିଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଅନୁଯାୟୀ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରମାନଙ୍କ ବସିବା ଓ ଅନ୍ୟାନ୍ୟ ବ୍ୟବସ୍ଥା କରିଛନ୍ତି। ତେବେ ସ୍କୁଲକୁ ଆସିବାକୁ ଥିବା ଛାତ୍ରୀଛାତ୍ରଙ୍କୁ ମାତାପିତାଙ୍କଠାରୁ ଅନୁମତି ପତ୍ର ଆଣିବାକୁ କୁହାଯାଇଛି। ଯେଉଁ ଛାତ୍ରୀଛାତ୍ର ସ୍କୁଲ ଆସିବେ ନାହିଁ ସେମାନେ ଅନ୍‌ଲାଇନ ଜରିଆରେ ପଢ଼ିବା ବ୍ୟବସ୍ଥା କରାଯାଇଛି।

ରବିବାର ଗଣମାଧ୍ୟମକୁ ସୂଚନା ଦେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ କହିଛନ୍ତି, ସ୍କୁଲ ଖୋଲିବା ପୂର୍ବରୁ ସ୍କୁଲ ଗୃହଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ସାନିଟାଇଜ କରାଯାଇଛି ଓ ସମସ୍ତ ଆବଶ୍ୟକ ପ୍ରସ୍ତୁତି ଶେଷ ହୋଇଛି। ଜିଲାଗୁଡ଼ିକର ନୋଡାଲ ଅଫିସରମାନେ ପ୍ରସ୍ତୁତିକୁ ତଦାରଖ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କଠାରୁ ଅନୁମତିପତ୍ର ଆଣିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ସ୍କୁଲ ଆସିବେ ନାହିଁ, ☞ପୃଷ୍ଠା-୨

# ବାଜିଲା ୩, ବାହାରିଲା ୪ ଗୁଳି

### ହାଇଦର ଏନ୍‌କାଉଣ୍ଟର

- ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର
- ପକେଟ୍‌ରୁ ମିଳିଲା ଫୋନ ଡାଏରୀ

**ବାଲେଶ୍ୱର ଅଫିସ/ସିମୁଳିଆ, ୨୫।୭(ଡି.ଏନ.ଏ.)**

କୁଖ୍ୟାତ ଗ୍ୟାଙ୍ଗଷ୍ଟର ସେକ୍ ହାଇଦରଙ୍କ ଦେହରୁ ବାହାରିଛି ୪ ଗୁଳି। ଶନିବାର ଏନ୍‌କାଉଣ୍ଟରରେ ହାଇଦରଙ୍କୁ ୩ଟି ଗୁଳି ମରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। ରବିବାର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ହାଇଦରଙ୍କ ଶରୀରରୁ ୩ଟି ନୂଆ ଓ ଗୋଟିଏ ପୁରୁଣା ଗୁଳି ବାହାରିଛି ବୋଲି କୁହାଯାଇଛି।



ବ୍ୟବଚ୍ଛେଦ ସମୟରେ ତାଙ୍କ ପକେଟ୍‌ରୁ ଫୋନ ନମ୍ବର ଲେଖାଥିବା ଏକ ନାଲି ଡାଏରୀ ମିଳିଥିଲା। ଡାକ୍ତରଖାନା ପକ୍ଷରୁ ହାଇଦରଙ୍କ ମୃତଦେହକୁ ତାଙ୍କ ସ୍ତ୍ରୀ ଓ ବୋହୂଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ପରିବାର ଲୋକେ ☞ପୃଷ୍ଠା-୨

## ରଣପଡ଼ାରେ କବର

- କଡ଼ା ସୁରକ୍ଷାରେ କେନ୍ଦ୍ରାପଡ଼ା ସହର
- ଖୋଲିବନି ସ୍କୁଲ,କଲେଜ

**କେନ୍ଦ୍ରାପଡ଼ା ଅଫିସ, ୨୫।୭**

ପୋଲିସ ଏନ୍‌କାଉଣ୍ଟରରେ ଶନିବାର ମୃତ୍ୟୁ ଘଟିଥିବା ଗ୍ୟାଙ୍ଗଷ୍ଟର ସେକ୍ ହାଇଦରଙ୍କୁ କେନ୍ଦ୍ରାପଡ଼ା ସହରର ରଣପଡ଼ା କବରସ୍ଥାନରେ ରବିବାର ରାତିରେ କବର ଦିଆଯାଇଛି। ପୋଲିସ ବଳୟ ମଧ୍ୟରେ କୋଭିଡ୍ ଏସ୍‌ଓପି ପାଳନ ପୂର୍ବକ ଇସ୍‌ଲାମ ପରମ୍ପରା ଅନୁଯାୟୀ ଅନ୍ତିମ ସତ୍କାର ସମ୍ପନ୍ନ ହୋଇଛି। ହେଲେ ଆଇନଶୃଙ୍ଖଳା ପରିସ୍ଥିତି ☞ପୃଷ୍ଠା-୨




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ମନ୍ କୀ ବାତ୍‌ରେ ...

କରିଥିବା ମୋଦି କହିଛନ୍ତି। ଏକଦା ଦିନ ମଜୁରିଆ ଭାବେ କାମ କରୁଥିବା ଇସାକ୍ ଏବେ ଇଣ୍ଟରନେଟ ସେନ୍‌ସେଶନ ପାଲଟିଛନ୍ତି। ୟୁଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ସେ ବେଶ୍ ଭଲ ଆୟ କରୁଛନ୍ତି। ୩୫ ବର୍ଷୀୟ ଇସାକ୍ ଗତବର୍ଷ ମାର୍ଚ୍ଚରେ ଛାଡ଼ିଥିବା ପ୍ରଥମ ଭିଡିଓରେ ଓଡ଼ିଆ ଖାଦ୍ୟ ପଖାଳ ସ୍ଥାନ ପାଇଥିଲା, ଯାହା ତାଙ୍କୁ ଲୋକପ୍ରିୟ କରାଇଥିଲା। ଏହି ଭିଡିଓ ତାଙ୍କ ଜୀବନଶୈଳୀକୁ ବଦଳାଇଦେବ ଓ ଦେଶର ଜଣେ ସଫଳ ୟୁଟ୍ୟୁବରରେ ପରିଣତ କରିବ ଏହା ସେ କେବେ ଭାବି ନ ଥିଲେ। ଏହା ପରେ ଇସାକ ସ୍ଥାନୀୟ ଖାଦ୍ୟ, ପାରମ୍ପରିକ ରୋଷେଇ ପଦ୍ଧତି, ଗ୍ରାମ୍ୟ ଜୀବନଶୈଳୀ, ଆଦିବାସୀ ପରିବାର ଓ ସେମାନଙ୍କ ଖାଦ୍ୟ ଅଭ୍ୟାସ ଉପରେ ଶତାଧିକ ଭିଡିଓ ପ୍ରସ୍ତୁତ କରି ୟୁଟ୍ୟୁବ୍ ଚ୍ୟାନେଲରେ ଛାଡ଼ିଛନ୍ତି। ତାଙ୍କର ଏହି ପ୍ରୟାସ ବିଭିନ୍ନ ଦୃଷ୍ଟିରୁ ସ୍ୱତନ୍ତ୍ର। ଏହା ମାଧ୍ୟମରେ ସହରାଞ୍ଚଳ ଜନସାଧାରଣ ଦୁର୍ଗମ ଅଞ୍ଚଳରେ ରହୁଥିବା ଆଦିବାସୀମାନଙ୍କ ଜୀବନଶୈଳୀ ବିଷୟରେ ଜାଣିବାର ସୁଯୋଗ ପାଉଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ମୋଦି ପ୍ରଶଂସା କରିବା ପରେ ସେ ବହୁତ ଖୁସି ଅନୁଭବ କରୁଛନ୍ତି ବୋଲି ଇସାକ୍ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରଶଂସା ତାଙ୍କୁ ଭବିଷ୍ୟତରେ ଅଧିକ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

ମହାମାରୀ ସମୟରେ ଇସାକ୍‌ଙ୍କୁ ପରିବାର ଚଳାଇବାକୁ କାମଧନ୍ଦା ମିଳୁ ନ ଥିବାବେଳେ ୟୁଟ୍ୟୁବ୍‌ରେ ଏହିଭଳି ଭିଡିଓ ଦେଖି ସେ ନିଜେ ଭିଡିଓ କରିବାକୁ ମନସ୍ଥ କରିଥିଲେ। ଏଥିପାଇଁ ସେ ୩,୦୦୦ ଟଙ୍କା କରଜ କରି ଭିଡିଓ ରେକର୍ଡିଂ କରିବା ନିମନ୍ତେ ଏକ ସ୍ମାର୍ଟଫୋନ୍ କିଣିଥିଲେ। ତାଙ୍କର ପ୍ରଥମ ଭିଡିଓ ୟୁଟ୍ୟୁବରେ ପାଖାପାଖି ୫ ଲକ୍ଷ ଲୋକ ଦେଖିବା ପରେ ଏହା ଭାଇରାଲ ହୋଇଥିଲା। ଏହାର ୩ ମାସ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୩୭,୦୦୦ ଟଙ୍କା ଆସିଥିଲା। ଏହା ପରେ ସେ ନିୟମିତ ନିଜ ସଂସ୍କୃତି, ଆଦିବାସୀ ସମ୍ପ୍ରଦାୟ, ସେମାନଙ୍କ ଜୀବନଶୈଳୀ ଉପରେ ଭିଡିଓ ପୋଷ୍ଟ କରିବାକୁ ଲାଗିଲେ। ଏବେ ସେ 'ଇସାକ ମୁଣ୍ଡା ଇଟିଂ' ନାମରେ ଚ୍ୟାନେଲ ଚଳାଉଛନ୍ତି, ଯାହାର ୭.୭୭ ସବ୍‌ସ୍କ୍ରାଇବର ଅଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୨୭୩ ଭିଡିଓ ପୋଷ୍ଟ କଲେଣି।

## ୨୪ ଘଣ୍ଟାରେ ଆଉ....

ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୫,୫୧୨କୁ ବୃଦ୍ଧି ପାଇଥିବାବେଳେ କେବଳ ଖୋର୍ଦ୍ଧା ଜିଲାରୁ ୧୦୫୭ ମୃତକ ରହିଛନ୍ତି। ସେହିପରି ଦିନକରେ ରାଜ୍ୟରୁ ୧୮୩୩ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୦୬୨ଜଣ କ୍ୱାରାଣ୍ଟାଇନ୍‌ରୁ ଥିବାବେଳେ ୭୭୧ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୯୦ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିଭଳି କଟକରୁ ୨୪୩ଜଣ, ବାଲେଶ୍ୱର ୧୨୯, ଯାଜପୁର ୧୧୦, ପୁରୀ ୧୩୯, ସୁନ୍ଦରଗଡ ୪୭, ସୁବର୍ଣ୍ଣପୁର ୧୦, ସମ୍ବଲପୁର ୨୩, ରାୟଗଡା ୧୧, ନୟାଗଡ ୨୮, ମୟୂରଭଞ୍ଜ ୫୯, ମାଲକାନଗିରି ୧୯, କେନ୍ଦୁଝର ୨୪, କେନ୍ଦ୍ରାପଡା ୮୭, ଜଗତ୍‌ସିଂହପୁର ୬୧, ଗଜପତି ୧୬, ଢେଙ୍କାନାଳ ୧୩, ଦେବଗଡ ୬, ଗଞ୍ଜାମ ୯, ଝାରସୁଗୁଡା ୮, କୋରାପୁଟ ୯, ନବରଙ୍ଗପୁର ୬ ଓ ଷ୍ଟେଟ୍‌ପୁଲରୁ ୯୪ଜଣ ପଜିଟିଭ୍ ବାହାରିଛନ୍ତି।ଫଳରେ ରାଜ୍ୟରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୯ଲକ୍ଷ ୬୭ହଜାର ୫୪୮ରେ ପହଞ୍ଚିଛି। ସେହିପରି ୨୧୦୮ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୯ଲକ୍ଷ ୪୫ହଜାର ୧୭୭କୁ ବୃଦ୍ଧି ପାଇଛି।

**ପ୍ରଥମ ପୃଷ୍ଠାରୁ...**

## କାରଣ ନ କହି ଦୋଷ ...

ମୋଟ ୮ ଜଣ ଆହତ ହୋଇଥିବା କ୍ୟାପିଟାଲ ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି। ଉକ୍ତ ବିସ୍ଫୋରଣ ଏତେ ଜୋର୍ ଥିଲା ଯେ ଲୋକମାନଙ୍କ ହାଡ଼, ମାଂସ ଏଣେତେଣେ ପଡ଼ିଥିଲା। ସେତେବେଳେ ୫ଜଣ ଶ୍ରମିକ ନିଖୋଜ ଥିବା କୁହାଯାଉଥିଲେ ମଧ୍ୟ ମୋଟ ୨ଜଣଙ୍କ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଉଛି। ଦୁର୍ଘଟଣା ଘଟିବା ପରେ ଆଇଓସିଏଲ୍ କର୍ତ୍ତୃପକ୍ଷ କେବଳ ପମ୍ପ ମାଲିକଙ୍କ ଲାଇସେନ୍ସ ସସ୍‌ପେଣ୍ଡ ରଖିଛନ୍ତି। ସେତେବେଳେ ତୁରନ୍ତ ଘଟଣାର ତଦନ୍ତ ରିପୋର୍ଟ ପ୍ରକାଶ କରାଯିବ ବୋଲି ମତ ରଖିଥିବା କମିଶନରେଟ ପୋଲିସ ଏବେ ଏହି ଘଟଣାରେ ସେତେଟା ତତ୍ପରତା ଦେଖାଉନାହିଁ। ରାଜଧାନୀର ଉକ୍ତ ଗୋଟିଏ ପମ୍ପରେ ବିସ୍ଫୋରଣ ହେବାପରେ ସହର ଭିତରେ ରହିଥିବା ଅନ୍ୟ ପେଟ୍ରୋଲ ଟାଙ୍କିରେ ଯେପରି ଏଭଳି ଘଟଣା ନ ଘଟେ ସେନେଇ କୌଣସି ପ୍ରକାର ପଦକ୍ଷେପ ଏପର୍ଯ୍ୟନ୍ତ ନିଆଯାଇ ନାହିଁ। ଏହା ପୋଲିସର ଦାୟିତ୍ୱ ନୁହେଁ ବୋଲି ବରିଷ୍ଠ ପୋଲିସ ଅଧିକାରୀ ମତ ରଖିଛନ୍ତି। ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ କହିଛନ୍ତି, ପେସୋ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ବୃତ୍ତାନ୍ତ ରିପୋର୍ଟ ଆସିନାହିଁ। ଆଇଓସିଏଲ୍ ମଧ୍ୟ ତା'ର ରିପୋର୍ଟ କମିଶନରେଟ ପୋଲିସକୁ ପ୍ରଦାନ କରିନାହିଁ। ସେତେବେଳେ ଯେତିକି ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା ସଂଖ୍ୟା ସେତିକି ରହିଛି। ରିପୋର୍ଟ ଆସିବା ପରେ ଯାହା ଜଣାପଡ଼ିବ। ଅନ୍ୟ ଟାଙ୍କିରେ ଏପରି ନ ଘଟିବା ଲାଗି ଯାଞ୍ଚ କରିବା ଆଇଓସିଏଲ୍‌ର କାମ ବୋଲି ଉମାଶଙ୍କର କହିଛନ୍ତି। ଅନ୍ୟପଟେ ପୋଲିସ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି ସିଧାସଳଖ ଆଇସିଓଏଲ୍ ଉପରେ ବର୍ଷିଛନ୍ତି। ଆଇଓସିଏଲ୍ ବଦ୍‌ମାସି ଚଳାଇଛି, ବିସ୍ଫୋରଣରେ କ୍ରାଇମ୍ ପାର୍ଟ ପୋଲିସର, ଏଭଳି ଘଟଣା କେମିତି ଘଟିଲା ତା'ର ବୈଷୟିକ ଦିଗ ଉପରେ ତଦନ୍ତ ଆମେ କରିପାରିବୁ ନାହିଁ ବୋଲି ସେ ମତ ରଖିଛନ୍ତି। ଅନ୍ୟପଟେ ଆଇଓସିଏଲ୍‌ର ଜଣେ ଅଧିକାରୀ ନିଜ ନାମ ପ୍ରକାଶ ନ କରିବା ସର୍ତ୍ତ ରଖି ପୋଲିସ ଉପରେ ସମ୍ପୂର୍ଣ୍ଣ ଦୋଷ ଲଦିଦେଇଛନ୍ତି। ସେ କହିଛନ୍ତି, ପୋଲିସ ତା'ର ତଦନ୍ତ କାର୍ଯ୍ୟ ଶେଷ କରୁନାହିଁ। ଆଇନ ଅନୁଯାୟୀ ଆଇଓସିଏଲ୍ ଘଟଣାର ତଦନ୍ତ କରିପାରିବ ନାହିଁ। ଆଇଓସିଏଲ୍ କେବଳ ଆଇନର ଅନୁପାଳନ କରିବ। ପେସୋ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବ ବୋଲି ସେ କହିଛନ୍ତି। ଅନ୍ୟପଟେ ପେସୋ ଡେପୁଟି ଚିଫ୍ କଣ୍ଟ୍ରୋଲର ରୁଆବ ଅଲ୍ଲୀ କହିଛନ୍ତି, ଆସନ୍ତା ୧୦ ଦିନ ମଧ୍ୟରେ ରିପୋର୍ଟ ଆସିବ। ଏଲ୍‌ପିଜି ଟ୍ୟାଙ୍କରେ ଟେଷ୍ଟିଂ ସମୟରେ ବ୍ଲାଷ୍ଟ ହୋଇଥିଲା। ଅନ୍ୟ କୌଣସି ପେଟ୍ରୋଲ ପମ୍ପରେ ନିୟମ ଖିଲାପି ନେଇ ତଦନ୍ତ ହୋଇ ନ ଥିବା ରୁଆବ କହିଛନ୍ତି।

## ଆଜିଠୁ ଖୋଲିବ ଦଶମ, ...

ସେମାନଙ୍କ ପାଇଁ ଅନ୍‌ଲାଇନ ପଢ଼ିବା ବ୍ୟବସ୍ଥା କରାଯାଇଛି। ଆଶା କରାଯାଉଛି ସ୍କୁଲଗୁଡ଼ିକରେ ପିଲାମାନଙ୍କର ଉପସ୍ଥାନ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଆସନ୍ତା ଅଗଷ୍ଟ ୧୬ରୁ ରାଜ୍ୟରେ ନବମ ଓ ଏକାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବାକୁ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କୋଭିଡ୍-୧୯ ସଂକ୍ରମଣ ହ୍ରାସ ପାଉଥିବାରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ଏହି ଶେଣୀର ପିଲାଙ୍କ ପାଇଁ ଛାତ୍ରାବାସ ମଧ୍ୟ ସୋମବାରଠାରୁ ଖୋଲିବ। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ଏସ୍‌ଓପି ଜାରି କରିଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆବଶ୍ୟକ ବ୍ୟବଧାନ ରଖିବା ପାଇଁ ସ୍କୁଲ ଓ ଛାତ୍ରାବାସ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଛାତ୍ରାବାସଗୁଡ଼ିକରେ ଥିବା ପାଇଖାନାଗୁଡ଼ିକୁ ନିୟମିତ ବ୍ୟବଧାନରେ ଭଲ ଭାବରେ ବିଶୁଦ୍ଧୀକରଣ କରାଯିବ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ପରିମାଣର ସାବୁନ, ହ୍ୟାଣ୍ଡ ସାନିଟାଇଜର ରଖିବା ବାଧ୍ୟତାମୂଳକ। ଛାତ୍ରାବାସଗୁଡ଼ିକରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ଭଲ ଭାବେ କାଉନ୍‌ସେଲିଂ କରିବା, ଛାତ୍ରାବାସକୁ ପ୍ରବେଶ ପୂର୍ବରୁ ମାତାପିତାଙ୍କ ଅନୁମତି ଆଣିବାକୁ ବାଧ୍ୟତାମୂଳକ କରାଯାଇଛି। ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅନୁଷ୍ଠାନ କର୍ତ୍ତୃପକ୍ଷ ସ୍ଥାନୀୟ ଚିକିତ୍ସା ଅଧିକାରୀଙ୍କ ସହ ବରାବର ଯୋଗାଯୋଗରେ ରହିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରାବାସ ଅନ୍ତେବାସୀଙ୍କୁ ଏକାଠି ହେବା ନେଇ ବାରଣ କରାଯାଇଛି। ଏ ନେଇ କର୍ତ୍ତୃପକ୍ଷ ନଜର ରଖିବେ। ଆଗୁଆ ଏକ ଖାଲି କୋଠରି ପ୍ରସ୍ତୁତ ରଖିବାକୁ କୁହାଯାଇଛି। କୌଣସି ଅନ୍ତେବାସୀ ଅସୁସ୍ଥ ଅନୁଭବ କଲେ ସେଠାରେ ରଖାଯାଇ ଚିକିତ୍ସା ବ୍ୟବସ୍ଥା କରାଯିବ।

## ବାଜିଲା ୩, ବାହାରିଲା ...

ମୃତଦେହକୁ କେନ୍ଦ୍ରାପଡ଼ା ନେଇଯାଇଥିଲେ। ଅନ୍ୟପକ୍ଷରେ ସିମୁଳିଆ କଲେଜ ନିକଟ ଏନ୍‌କାଉଣ୍ଟରସ୍ଥଳରେ ବାଲେଶ୍ୱର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, କଟକ ଅତିରିକ୍ତ ଡିସିପି ପ୍ରମୋଦ ରଥ ଫରେନସିକ ଟିମ୍ ଓ ପୋଲିସ ସହାୟତାରେ ଯାଞ୍ଚ କରିଥିଲେ। ସେଠାରୁ ଦୁଇଟି ଖୋକା ଜବତ ହୋଇଛି। ଏନକାଉଣ୍ଟରସ୍ଥଳକୁ ପୋଲିସ ନିଷିଦ୍ଧାଞ୍ଚଳ ଘୋଷଣା କରିଛି। ଏନେଇ ସିମୁଳିଆ ଥାନାରେ ହାଇଦରଙ୍କ ନାମରେ ପୋଲିସଠାରୁ ବନ୍ଧୁକ ଛଡ଼ାଇ ଖସି ପଳାଇବା, ସରକାରୀ କର୍ମଚାରୀଙ୍କୁ ଆକ୍ରମଣ ଉଦ୍ୟମ ନେଇ ଏକ ମାମଲା (ନଂ.୧୬୮/୨୧) ରୁଜୁ ହୋଇଛି। ସେହିପରି ହାଇଦରଙ୍କ ମୃତ୍ୟୁ ପରେ ବାଲେଶ୍ୱର ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯୮/୨୧) ରୁଜୁ ହୋଇଛି।

ରବିବାର ପୂର୍ବାହ୍ନ ୧୧ଟାରେ ଜଣେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ଜଣେ ପ୍ରଶାସନିକ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ଆରମ୍ଭ ହୋଇ ଅପରାହ୍ନ ୫ଟା ବେଳେ ଶେଷ ହୋଇଥିଲା। ବ୍ୟବଚ୍ଛେଦ ବେଳେ ହାଇଦରଙ୍କ ଜଙ୍ଘରୁ ଗୋଟିଏ ଓ ପଞ୍ଜରାରୁ ୩ଗୁଳି ବାହାରିଥିବା ଏଡିଏମ୍‌ଓ ସୁଶାନ୍ତ ନାୟକ ସୂଚନା ଦେଇଛନ୍ତି। ହାଇଦରଙ୍କ ପ୍ୟାଣ୍ଟ ପକେଟରୁ ଜବତ ହୋଇଥିବା ଫୋନ ଡାଏରୀରୁ ପୋଲିସ ତଥ୍ୟ ସଂଗ୍ରହ କରିବାରେ ଲାଗିଛି। ଏହି ଡାଏରୀରୁ ହାଇଦରଙ୍କ ଅନେକ ଆପରାଧିକ ପୃଷ୍ଠଭୂମିର ଗୁମର ଖୋଲିବ ବୋଲି ପୋଲିସ ଆଶାବାଦୀ ଅଛି। ହାଇଦରଙ୍କ ସ୍ତ୍ରୀ ହସିନା ବିବି, ଦୁଇ ଝିଅ ଏବଂ ଦୁଇ ବୋହୂଙ୍କ ସମେତ ପୁତୁରା ହସ୍ପିଟାଲରେ ପହଞ୍ଚିଥିଲେ। ଶବ ବ୍ୟବଚ୍ଛେଦ ପୂର୍ବରୁ ଦୁଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏକ୍ସ-ରେ ଓ ଏମ୍‌ଆର୍‌ଆଇ କରାଯାଇଥିଲା। ୩ ଜଣିଆ ଡାକ୍ତରୀଦଳ ବ୍ୟବଚ୍ଛେଦ କରିଥିବା ବେଳେ ଏହାର ଭିଡିଓଗ୍ରାଫି ମଧ୍ୟ କରାଯାଇଥିଲା। ଦୀର୍ଘ ୬ଘଣ୍ଟା ପରେ ହାଇଦରଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ଆଇନର ଆଶ୍ରୟ ନେବି: ହସିନା

ପୋଲିସ ମୋ ସ୍ୱାମୀଙ୍କୁ ଯୋଜନାବଦ୍ଧ ଭାବେ ମାରିଦେଇଛି। ନ୍ୟାୟ ପାଇଁ ମୁଁ ଆଇନର ଆଶ୍ରୟ ନେବି ବୋଲି ହାଇଦରଙ୍କ ସ୍ତ୍ରୀ ହସିନା ବିବି ଗଣମାଧ୍ୟମକୁ କହିଛନ୍ତି। ଦୁଇ ଝିଅ, ଦୁଇ ବୋହୂ ଓ ପୁତୁରାଙ୍କ ସହ ଏକ ବୋଲେରୋରେ ହସିନା ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ମୃତଦେହ ଚିହ୍ନଟ ଲାଗି ତାଙ୍କୁ ପୋଲିସ ପକ୍ଷରୁ କୁହାଯାଇଥିଲା। ସେ ଶବ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ହସିନା କହିଛନ୍ତି ଯେ, ତାଙ୍କ ସ୍ୱାମୀ ୧୬ବର୍ଷ ହେଲା ଜେଲରେ ରହି ଆସୁଛନ୍ତି। ଏତେ ପୋଲିସ ଥାଉ ଥାଉ ସେ କେମିତି ଖସି ଯାଇପାରିଥାନ୍ତେ। ପୋଲିସ ଜାଣିଶୁଣି ତାଙ୍କୁ ଗୁଳି କରି ମାରିଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି ।

## ରଣପଡ଼ାରେ କବର

ଯେଭଳି ନ ଉପୁଜେ ସେଥିପାଇଁ ଜିଲା ପ୍ରଶାସନ ସଜାଗ ରହିଛି। ଏହି କ୍ରମରେ କେନ୍ଦ୍ରାପଡ଼ା ସହର ଓ ନିକଟସ୍ଥ ବାରିମୂଳ, କପାଳେଶ୍ୱର, ଗୁଲନଗର ଓ ଜମଧର ପଞ୍ଚାୟତରେ ଗତ ୨୪ ତାରିଖ ରାତି ୧୧ରୁ ଆସନ୍ତା ୩୦ ତାରିଖ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସିଆର୍‌ପିସିର ଧାରା ୧୪୪ ଲାଗୁ ହୋଇଛି। ୨୫ ତାରିଖ ସୋମବାରଠାରୁ ସ୍କୁଲ ଓ କଲେଜ ଖୋଲା ହେବାକୁ ଥିଲେ ମଧ୍ୟ ୧୪୪ ଧାରା ଲାଗୁ ହେବା ଯୋଗୁ ତାହା ବନ୍ଦ ରହିବ। ଆଇଜି ନରସିଂହ ଭୋଳ ଓ ଏସ୍‌ପି ମଡକର ସମ୍ପିତ ସମ୍ପଦଙ୍କ ନେତୃତ୍ୱରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ନିୟୋଜିତ ହୋଇଛନ୍ତି। ବିଶେଷକରି ହାଇଦରଙ୍କ ରଣପଡ଼ାସ୍ଥିତ ବାସଭବନ ଓ କବରସ୍ଥାନ ନିକଟସ୍ଥ ଗରାପୁର କୋର୍ଟ ଛକ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ରାସ୍ତାକୁ ସିଲ୍ କରାଯାଇଛି।

ସୂଚନାଥାଉ କି, ହାଇଦରଙ୍କୁ ଶନିବାର ଚୌଦ୍ୱାର ଜେଲ୍‌ରୁ ବାରିପଦା ଜେଲକୁ ସ୍ଥାନାନ୍ତର କରାଯାଉଥିଲା। ବାଟରେ ବାଲେଶ୍ୱର ଜିଲା ସିମୁଳିଆଠାରେ ପରିସ୍ରା କରିବା ବାହାନାରେ ହାଇଦର ଖସିଯିବାକୁ ଉଦ୍ୟମ ବେଳେ ପୋଲିସ ଚେତାବନୀ ଦେଇ ଗୁଳି ଚଳାଇଥିଲା ବୋଲି କଟକ ଡିସିପି ପ୍ରତୀକ ସିଂ କହିଥିଲେ। ହେଲେ ପୋଲିସ ଗୁଳିରେ ଟଳି ପଡ଼ିଥିବା ହାଇଦରଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ସ୍ତ୍ରୀ ହସିନା ବିବି ଓ ଦୁଇ ବୋହୂଙ୍କୁ ହସ୍ତାନ୍ତର କରାଯାଇଥିଲା। ରାତି ପ୍ରାୟ ୯ଟାରେ ମୃତଦେହ ରଣପଡ଼ାରେ ପହଞ୍ଚିଥିଲା। କବରସ୍ଥଳଠାରୁ ୨୦୦ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ପ୍ରଶାସନ ପକ୍ଷରୁ 'ନୋ ମ୍ୟାନ୍ ଜୋନ' କରାଯାଇଥିଲା। କେବଳ ପରିବାରବର୍ଗ ଓ କେତେଜଣ ସମ୍ପର୍କୀୟଙ୍କୁ ଅନ୍ତିମ ସତ୍କାର କାର୍ଯ୍ୟରେ ସାମିଲ କରାଯାଇଥିଲା।

ଅନ୍ୟପକ୍ଷରେ ସହରର ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ସହ ଯାନବାହନ ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଯାତାୟାତ କରୁଥିବା ଲୋକଙ୍କୁ କଡ଼ା ଯାଞ୍ଚ କରାଯାଉଛି। ଏଥିସହିତ ଜିଲାର ପ୍ରତ୍ୟେକ ଥାନାକୁ ଆଲର୍ଟ କରାଯାଇଛି। ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି ଯେ, ହାଇଦରଙ୍କ ଏନକାଉଣ୍ଟରକୁ ଦୃଷ୍ଟିରେ ରଖାଯାଇ ସିଆର୍‌ପିସିର ଧାରା ୧୪୪ ଲାଗୁ ହୋଇଛି। ପୋଲିସ ପ୍ରଶାସନକୁ ଉପଜିଲାପାଳ ନିରଞ୍ଜନ ବେହେରା ଓ ୩ ମାଜିଷ୍ଟ୍ରେଟ ସହଯୋଗ କରୁଛନ୍ତି। ଅଦ୍ୟାବଧି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲେ ହେଁ ସୋମବାର ସ୍କୁଲ ଓ କଲେଜ ଖୋଲାଯିବ ନାହିଁ। କିନ୍ତୁ ବ୍ୟାଙ୍କ ଓ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ଭାବେ ଚାଲୁରହିବ ବୋଲି ଜିଲାପାଳ କହିଛନ୍ତି।

ଅପରପକ୍ଷରେ ହାଇଦରଙ୍କ ଏନକାଉଣ୍ଟର ପ୍ରଭାବ ଜିଲାର ଜୁନିୟର ଗ୍ୟାଙ୍ଗ ଉପରେ ପଡ଼ିଥିବା ଆଲୋଚନା ହେଉଛି। ଏହି ଗ୍ୟାଙ୍ଗର ସଦସ୍ୟମାନେ ଚୋରି, ଲୁଟ୍, ଦାବାବଟି ଆଦିରେ ଲିପ୍ତ ରହିଥିବା ବେଳେ ଏମାନଙ୍କୁ ଶନିବାରଠାରୁ ଦେଖିବାକୁ ମିଳୁ ନ ଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ, ୧୯୯୦ରୁ ଅପରାଧ ଜଗତରେ ପାଦ ଦେଇଥିବା ହାଇଦର ସାରା ରାଜ୍ୟରେ ଚର୍ଚ୍ଚିତ ଥିଲେ। ଚୁନା ହତ୍ୟାକାଣ୍ଡ ଓ ଠିକାଦାର ରଶ୍ମିରଞ୍ଜନଙ୍କ ଅପହରଣ ଓ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ସଜା ପାଇ ଗତ ୧୬ ବର୍ଷ ଧରି ଜେଲରେ ରହୁଥିଲେ। ଗତ ଏପ୍ରିଲ ୧୦ରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ଫେରାର ହୋଇଯାଇଥିଲେ। ୫ ଦିନ ପରେ ତାଙ୍କୁ ତେଲଙ୍ଗାନାରୁ ଗିରଫ କରାଯାଇଥିଲା। ସେ ଜେଲରେ ରହି ମଧ୍ୟ ସହଯୋଗୀ ଜରିଆରେ ଅପରାଧ ଦୁନିଆରେ ସକ୍ରିୟ ରହିଥିଲେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

## ପାହାଡ଼ରୁ ପଥର ଖସି ...

ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦,୦୦୦ ଟଙ୍କା ଲେଖାଏ ସହାୟତା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଦୁଃଖ ପ୍ରକାଶ କରିବା ସହ ଘଟଣାର ତଦନ୍ତ ପାଇଁ କିନୌର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ଦିଆଯିବା ଲାଗି ଘୋଷଣା କରାଯାଇଛି।

## ମୋରମ ଧସି ଜଣେ...

ସେହିପରି ଦୁଇ ଗୁରୁତରଙ୍କ ମଧ୍ୟରେ କୁମୁଟି ଉଲାକାଙ୍କ ସ୍ତ୍ରୀ ରଶ୍ମିତା ଉଲାକା(୪୧) ଏବଂ ରାଜୁ ହିକ୍‌କାଙ୍କ ଝିଅ ଲତିକା ହିକ୍‌କା(୫) ରହିଛନ୍ତି। ଘଟଣାରୁ ପ୍ରକାଶ, ସାନ କାଟପାଇ ଗ୍ରାମର ପାଞ୍ଚ ପରିବାରର ଲୋକେ ଗାଁ ନିକଟ ପାହାଡ଼କୁ ମୋରମ ଆଣିବାକୁ ଯାଇଥିଲେ। ଜଣେ ବ୍ୟକ୍ତି ମୋରମ ଖୋଳୁଥିବାବେଳେ ଅନ୍ୟମାନେ ତାହା ବୋହିବାକୁ ଅପେକ୍ଷା କରିଥିଲେ। ହେଲେ ଖୋଳିବାବେଳେ ଉପରୁ ମୋରମ ଧସି ଏମାନଙ୍କ ଉପରେ ପଡ଼ିଥିଲା। ଏଥିରେ ଟୁନିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବାବେଳେ ରଶ୍ମିତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହା ବ୍ୟତୀତ ଦୁର୍ଘଟଣାରେ ଶଶୀ ଉଲାକା ଏବଂ ସୁଜିତା କୁମୁରୁକା ନାମକ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ୨ ଗୁରୁତର ଏବଂ ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଦୁଇ ଗୁରୁତରଙ୍କୁ ରାୟଗଡ଼ା ଏବଂ ପରେ କୋରାପୁଟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦ୍ୱିତୀୟରେ ରାହୁଥିବାର କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଆଲୋଚନା କ୍ଷେତ୍ରରେ ଛୋଟ ଛୋଟ କଥାରେ ଚିହ୍ନା ପଡ଼ିଲେ ଅପଦସ୍ଥ ହେବେ। କର୍ମକ୍ଷେତ୍ରରେ କୌଣସି ଭଦ୍ରମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ଅବଶ୍ୟ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ବୃଷ** ଚତୁର୍ଥରେ ବୁଧ ହେତୁ ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମ ଶୃଙ୍ଖଳିତ ହେବ ନାହିଁ। କୌଣସି ଆନୁଷ୍ଠାନିକ କ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବେ। ଆଳସ୍ୟ ଯୋଗୁ ବନ୍ଧୁ ମହଲରେ ଅପମାନିତ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚ ଚିନ୍ତା କଲେ କ'ଣ ହେବ, ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**ମିଥୁନ** ବୃହସ୍ପତିଙ୍କ ଦୁର୍ବଳତାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ବନ୍ଧୁ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଦୃଢ଼ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷା ପାଇବେ। ପାରିବାରିକ ସ୍ତରରେ ମାନସିକ ଦ୍ୱନ୍ଦ୍ୱ ଉପଯୁକ୍ତ ନିଷ୍ପତ୍ତି ନେବାରେ ବିଳମ୍ବ କରାଇବ।

**କର୍କଟ** ସଚେତନତା ହେତୁ ସ୍ୱାସ୍ଥ୍ୟ ପ୍ରାୟତଃ ନିୟନ୍ତ୍ରଣ ମଧ୍ୟରେ ରହିବ। ଅଫିସ୍ କାମରେ ଆପଣଙ୍କ ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଶୁକ୍ରଙ୍କ ପ୍ରଭାବରୁ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଶନିକ୍ଷେତ୍ରରେ ଚନ୍ଦ୍ରଙ୍କ ଯୋଗୁ ମନ ଭଲ ନ ଥିବା କାରଣରୁ ସାଧାରଣ କଥାରେ ଟେନ୍‌ସନ୍ ବଢ଼ିଯିବ। ସକାଳୁ କୌଣସି ଶୁଭାକାଂକ୍ଷୀଙ୍କ ସାନ୍ନିଧ୍ୟ ଲାଭ କରିବାରୁ ଆର୍ଥିକ ଦିଗଟି ଭଲ ରହିବ। କୌଣସି ପ୍ରମାଣ ନ ଥାଇ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ରାଜନୀତି, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ଏକାଦଶରେ ବୁଧ ଓ ରବି ଥିବାରୁ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ସେପରି କିଛି ହେବନି। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ସମ୍ପର୍କ କ୍ଷୁଣ୍ଣ ହେବା କାରଣରୁ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ରହିଥିବା ସମସ୍ୟା ଆଜି ସମାଧାନ ହୋଇଯିବ।

**ତୁଳା** କର୍ମକ୍ଷେତ୍ର ପ୍ରତି ବଳବାନ୍ ଶନିଙ୍କ ଦୃଷ୍ଟିରୁ ଆଜିର ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସଭାସମିତିରେ ଯୋଗ ଦେଲେ ପ୍ରଶଂସା ଓ ପ୍ରତିଷ୍ଠା ପାଇପାରିବେ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ହେତୁ ମନ ଖୁସି ରହିବ।

**ବିଛା** ଶୁକ୍ରମଙ୍ଗଳ ଯୋଗାଯୋଗ ସାଙ୍ଗକୁ କେନ୍ଦ୍ରସ୍ଥ ଚନ୍ଦ୍ର ହେତୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ କ୍ଷେତ୍ରରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରିକୃତ ହେବ। କର୍ମକ୍ଷେତ୍ରର ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ବନ୍ଧୁଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ** ଗୁରୁଚାନ୍ଦ୍ରୀ ଯୋଗରୁ ପାରିବାରିକ କ୍ଷେତ୍ରରେ ପଛକଥା ପଛକୁ ପକାଇ କାମ କରି ଚାଲନ୍ତୁ ଭଲ ହେବ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ମାନସିକ ସ୍ଥିତିର ପରିପନ୍ଥୀ ନୁହେଁ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଥିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି।

**ମକର** ରବି ଓ ବୁଧଙ୍କ ସ୍ଥିତି କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ପଡ଼ୋଶୀ କେହି ପ୍ରତିବାଦ କରିପାରନ୍ତି, ଯାହାକି ଆପଣଙ୍କ କାମ ପାଇଁ ତାହା ବାଧକ ସାଜିବ। ଶ୍ରବଣା ନକ୍ଷତ୍ରର ପ୍ରାତଃ ଭ୍ରମଣ ଓ ମନୋରଞ୍ଜନ ପ୍ରୀତିପ୍ରଦ ହେବ।

**କୁମ୍ଭ** ବୃହସ୍ପତି ଓ ଚନ୍ଦ୍ରଙ୍କ ସଂଯୋଗରୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ, କିନ୍ତୁ ସାଧାରଣ ସମସ୍ୟା ମଧ୍ୟ ରହିବ। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ ମାନ୍ଦା ହେବ ନାହିଁ।

**ମୀନ** ଦ୍ୱାଦଶ ବୃହସ୍ପତିଙ୍କ ଯୋଗୁ କର୍ମକ୍ଷେତ୍ରରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟିର ସମ୍ଭାବନା ରହିଛି।

ଆଜି ଶ୍ରାବଣ କୃଷ୍ଣ ତୃତୀୟା ସୋମବାର, ଜୁଲାଇ ୨୬ ତାରିଖ, ଅନ୍ତର୍ଜାତୀୟ ହେନତାଳ ଦିବସ, କାର୍ଗିଲ୍ ବିଜୟ ଦିବସ, ଓଡ଼ିଶା ହାଇକୋର୍ଟର ପ୍ରତିଷ୍ଠା ଦିବସ, ରାଶି ନକ୍ଷତ୍ର- ଦିବା ଘ.୧୦।୨୭ ଗତେ ଧନିଷ୍ଠା/କୁମ୍ଭ ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୪ ଗତେ ଘ.୦୭।୦୭ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୧୦ ମଧ୍ୟେ ଅମୃତବେଳା। ଦିବା ଘ.୦୩।୪୬ ଗତେ ଘ.୦୫।୩୦ ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୭।୦୧ ଗତେ ଘ.୦୮।୩୦ ମଧ୍ୟେ ରାହୁକାଳ।


# classifieds

Everyday 0674-2580101, 2549302




**SALE**

Bhubaneswar Gouri Garden One 2BHK with Garage, 24 hour Water Supply, Security and Park available. Contact: 7008297488. D-71309

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71120

**AIIMS Hospital frontgateରୁ 300mtr 2395sqft. ଘରବାରି plot yellowzone sqft.-2500/-, Contact: 9938447042.** D-70863

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact-9443101191".** D-21097

Conversion plot sale 5k.m. from ନଖରା East College ପରେ 1500 sqft. 12,00,000/-, 9437306208. D-70871




MPlanets - 7008550473. Expert in Building Construction (Simplex / Duplex / Apartment) and Interior Design (Modular Kitchen / TV Unit /Wardrobe). D-21172

**GENERAL SALE**

Sarees 800 pieces cotton, silk, Fancy, Synthetic variety For immediate sale. Interested Persons / shop owners contact - 9090057547. D-21130




Newly open SPA Offer @799/-, positively health benefits, Jaydev Vihar. 7846814019. D-59997




Shop : 45'x7.5' size Commercial space: 2nd and 3rd floor 1500sq.ft each with lift at Lane No-12, Bapujee Nagar, Bhubaneswar. Contact: 9437081583 D-70934

Shop Room (10'X10') opposite Bijupatnaik College main road, Jayadev Vihar, Bhubaneswar. 9938511622, 8249399084. D-21177

**AFFIDAVIT**

I, Peenaken Sahoo, S/o-Naba Kishore Sahoo have changed my name and Henceforth shall be known as Peenakeen D Sahoo vide affidavit No.-728 dated 21.07.2021. D-21175

I, Sumitrra Sahoo, W/o-Peenakeen D Sahoo have changed my name and Henceforth shall be known as Sumitrra Sahhoo vide affidavit No.- 740 dated 23.07.2021. D-21176

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୪୬,୭୦,୭୭୨ | ୪୧,୭୨,୫୫୯ | ୧୭,୬୬,୬୨,୪୫୯ |
| ଭାରତ | ୩,୧୩,୯୬,୩୦୦ | ୪,୨୦,୭୫୮ | ୩,୦୫,୫୫,୩୧୫ |
| ଓଡ଼ିଶା | ୯,୬୭,୫୪୮ | ୫୫୧୨(+୫୩) | ୯,୪୫,୧୭୭ |

ରବିବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସେଲ୍‌ଫି ବେବୋ ଲିପ୍‌ସା

ସଙ୍ଗୀତ ଜଗତର ୟଙ୍ଗ୍ ଆଣ୍ଡ୍ ଷ୍ଟାଇଲିଷ୍ଟ କଣ୍ଠଶିଳ୍ପୀ ହେଉଛନ୍ତି ଲିପ୍‌ସା ମହାପାତ୍ର। ନିଜର ଚେଷ୍ଟା ଓ ପରିଶ୍ରମ ବଳରେ ଖୁବ୍ କମ୍ ଦିନରେ ଲୋକଙ୍କ ହୃଦୟ ଜିଣି ପାରିଛନ୍ତି। ଦଶମ ଶ୍ରେଣୀରେ ପଢ଼ିବାବେଳେ ରିଆଲିଟି ଶୋ 'ଭଏସ୍ ଅଫ୍ ଓଡ଼ିଶା'ରେ ଅଂଶଗ୍ରହଣ କରି ଫାଇନାଲିଷ୍ଟ ହୋଇଥିଲେ। ଏହାପରେ ସମ୍ବଲପୁରୀ ଗୀତ 'ସେଲ୍‌ଫି ବେବୋ' ତାଙ୍କୁ ନୂଆ ପରିଚୟ ଦେଇଥିଲା। ଏହି ଗୀତ ଏତେ ହିଟ୍ ହୋଇଥିଲା ଯେ, ଏହାପରଠାରୁ ତାଙ୍କୁ ଅଫର୍ ପରେ ଅଫର୍ ମିଳି ଚାଲିଛି। ଇତିମଧ୍ୟରେ ସେ ୩୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର ଏବଂ ୫୦ରୁ ଅଧିକ ଓଡ଼ିଆ ଓ ସମ୍ବଲପୁରୀ ଗୀତ ଗାଇ ଓଡ଼ିଶା ସଙ୍ଗୀତ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛନ୍ତି। କେବଳ ସେତିକି ନୁହେଁ, ୱାର୍ଲ୍ଡକପ୍ ହକିର ଥିମ୍ ସଙ୍ଗ୍‌କୁ ବଲିଉଡ୍ ସିଙ୍ଗର ମିକା ସିଂହଙ୍କ ସହ ଗାଇ ଚର୍ଚ୍ଚାକୁ ଆସିଥିଲେ ଲିପ୍‌ସା। ବ୍ରହ୍ମପୁର ଗଜପତିନଗରର ମୂଳ ବାସିନ୍ଦା ଲିପ୍‌ସା ଏବେ କଟକର ସିଡିଏରେ ରହୁଛନ୍ତି। ତାଙ୍କ ସହ ଏଥରର ଧରିତ୍ରୀ ଆଳାପ...



ଲିପ୍‌ସା ମହାପାତ୍ର

**ଧରିତ୍ରୀ ଆଳାପ**

**କେବେଠାରୁ ସଙ୍ଗୀତ ସହ ସାଥୀ ହୋଇଗଲେ?**

ଛୋଟବେଳୁ ମୋର ସଙ୍ଗୀତ ପ୍ରତି ରୁଚି ରହିଥିଲା। ୫ବର୍ଷ ବୟସରୁ ତାଲିମ୍ ନେବା ଆରମ୍ଭ କରିଥିଲି। ସଙ୍ଗୀତକୁ ଛାଡ଼ି ଆଉ କୌଣସି ଜିନିଷ ପ୍ରତି ମୋର ଆଗ୍ରହ ନ ଥିଲା। ବଡ଼ହୋଇ ଜଣେ ପ୍ରଚ୍ଛଦପଟ ଗାୟିକା ହେବାର ନିଶା ସବୁବେଳେ ରହୁଥିଲା। ଆମ ଘରେ କେହି ବି କଳା ସହିତ ଜଡ଼ିତ ନ ଥିଲେ ମଧ୍ୟ ଗୀତକୁ ଭଲ ପାଉଥିଲେ। ମାତ୍ର ମୋର ଆଗ୍ରହ ଦେଖି ସେମାନେ ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରିଥିଲେ।

**କେଉଁ ପ୍ରକାର ଗୀତ ଗାଇବାକୁ ଭଲଲାଗେ?**

ସମ୍ବଲପୁରୀ, ରୋମାଣ୍ଟିକ୍, ସ୍ଲୋ ସଙ୍ଗ୍ ଓ ଭଜନ। ସବୁ ପ୍ରକାରର ଗୀତ ମୁଁ ଗାଇଛି। ବ୍ୟକ୍ତିଗତ ପସନ୍ଦ ହେଉଛି ରୋମାଣ୍ଟିକ୍ ଗୀତ। କିନ୍ତୁ ମୁଁ ସବୁ ପ୍ରକାରର ଗୀତ ଗାଇବାକୁ ଚାହେଁ। କାରଣ ଜଣେ ସଫଳ ପ୍ରଚ୍ଛଦପଟ ଗାୟିକା ହେବାକୁ ହେଲେ ଭର୍ସାଟାଇଲ୍ ସିଙ୍ଗର ହେବାକୁ ପଡ଼ିବ।

**ସଙ୍ଗୀତରେ କାହାକୁ ଆଦର୍ଶ ମାନନ୍ତି?**

ବଲିଉଡ୍‌ରେ କବିତା କ୍ରିଷ୍ଣମୂର୍ତ୍ତି, ଶ୍ରେୟା ଘୋଷାଲ ଓ ଓଲିଉଡ୍‌ରେ ଇରା ମହାନ୍ତି, ସ୍ୱର୍ଗତ ତପୁ ମିଶ୍ରଙ୍କୁ ମୁଁ ମୋ ଆଦର୍ଶ ବୋଲି ମାନେ। ସେମାନଙ୍କର ପ୍ରତିଟି ଗୀତକୁ ମୁଁ ଶୁଣେ। ମୋର ଆଗାମୀ ଚଳଚ୍ଚିତ୍ର 'ଷଷ୍ଠରୁ ନଷ୍ଟ'ରେ ବଲିଉଡ୍ ଗାୟକ ଉଦିତ୍ ନାରାୟଣଙ୍କ ସହ ମତେ ଗାଇବାର ସୁଯୋଗ ମିଳିଛି। ଭବିଷ୍ୟତରେ ସୋନୁ ନିଗମଙ୍କ ସହ ଗୀତ ଗାଇବାର ସ୍ୱପ୍ନ ଅଛି। ତା'ଠାରୁ ବଡ଼ ସ୍ୱପ୍ନ ହେଉଛି ମୁଁ ଏ.ଆର୍. ରେହମାନଙ୍କ ମ୍ୟୁଜିକ୍ ଶୁଟିଂରେ ବସିବାକୁ ଚାହୁଁଛି।

**ନୂଆ କଣ୍ଠଶିଳ୍ପୀଙ୍କ ପାଇଁ କ'ଣ ବାର୍ତ୍ତା ରହିବ?**

ଆଗରୁ ନୂଆ ନୂଆ ଗୀତ ଆସିବାର ମାଧ୍ୟମ ଆଲବମ୍ ଥିଲା। ଏବେ ସେ ଜାଗା ୟୁଟ୍ୟୁବ୍ ନେଇଛି। ପ୍ରତିଦିନ ୬୦/୭୦ ନୂଆ ଗୀତ ୟୁଟ୍ୟୁବ୍‌ରେ ଆସୁଛି। ସେହିଭଳି ନୂଆ ନୂଆ ନିର୍ଦ୍ଦେଶକ, ସଙ୍ଗୀତକାର, କଣ୍ଠଶିଳ୍ପୀ ମଧ୍ୟ ଆସୁଛନ୍ତି। କହିବାକୁ ଗଲେ ଏ ଇଣ୍ଡଷ୍ଟ୍ରିରେ ଏବେ ବହୁତ ଭିଡ଼ ହୋଇଗଲାଣି। ତେଣୁ ଜଣେ ନୂଆ କଣ୍ଠଶିଳ୍ପୀ ଯାହା ପାଖରେ ପ୍ରକୃତ ଦକ୍ଷତା ଅଛି, ସେ ପ୍ରଥମେ ଉପଯୁକ୍ତ ଲୋକ ପାଖରେ ପହଞ୍ଚିବା ଦରକାର। କାରଣ ଏ ଇଣ୍ଡଷ୍ଟ୍ରିରେ ମିଛ ସତ କହି ଖରାପ ରାସ୍ତାକୁ ନେବାକୁ ବହୁତ ଲୋକ ଅଛନ୍ତି। ଅନ୍ଧଭଳି କାହାକୁ ବିଶ୍ୱାସ କରିବା କଥା ନୁହେଁ। ଏଠାରେ ଟିକିବାକୁ ହେଲେ ଦକ୍ଷତା ସହ ଚାଲାକ୍ ମଧ୍ୟ ହେବା ଆବଶ୍ୟକ।

**ବଲିଉଡ୍‌ରେ ଏଣ୍ଟ୍ରି କରିବାର ଯୋଜନା ଅଛି କି?**

ବଲିଉଡ୍‌ରେ ଗୀତ ଗାଇବାର ଇଚ୍ଛା ସବୁ କଣ୍ଠଶିଳ୍ପୀଙ୍କର ଥାଏ, ମୋର ବି ଅଛି। କିନ୍ତୁ ମୁଁ ଓଡ଼ିଶାରେ ରହି ପ୍ରଥମେ ଓଡ଼ିଆ ଲୋକଙ୍କ ହୃଦୟକୁ ଜିତିବାକୁ ଚାହୁଁଛି। ଯଦି ମତେ କେବେ ସୁଯୋଗ ମିଳେ ତେବେ ମୁଁ ବଲିଉଡ୍‌ରେ ଗାଇବି। ମାତ୍ର ଓଡ଼ିଶା ଓ ଓଡ଼ିଆ ଇଣ୍ଡଷ୍ଟ୍ରିକୁ ଛାଡ଼ି ସେଠାରେ ଷ୍ଟ୍ରଗଲ କରିବାର ଇଚ୍ଛା କି ଯୋଜନା ନାହିଁ।

**ଖାଇବାକୁ କ'ଣ ଭଲଲାଗେ?**

ଆମିଷ, ବିଶେଷକରି ଚିକେନ୍‌ର ସବୁ ଭେରାଇଟି ମୋର ପସନ୍ଦ। ମୁଁ ଜଣେ ଭଲ କୁକ୍। ଫ୍ରି ସମୟରେ ନୂଆ ନୂଆ ରୋଷେଇ ଉପରେ ଏକ୍ସପେରିମେଣ୍ଟ କରିବାକୁ ଭଲଲାଗେ। ୟୁଟ୍ୟୁବ୍‌ରୁ ଦେଖି ରେଷ୍ଟୁରାଣ୍ଟ ଖାଇବା ବନେଇକି ଖୁଆଇବାକୁ ଖୁସି ଲାଗେ। ନିଜେ ରାନ୍ଧି ଖାଇବାଠାରୁ ଅନ୍ୟମାନଙ୍କୁ ଖୁଆଇବାର ମଜା ନିଆରା।

**ବିବାହ, ଜୀବନସାଥୀଙ୍କୁ ନେଇ କ'ଣ କହିବେ?**

ଏ ପ୍ରଶ୍ନ ଯେତେ ସହଜ, ଉତ୍ତର ସେତେ କଷ୍ଟ। ମୁଁ ଲଭ୍ ମ୍ୟାରେଜ୍ କରିବି। ପଇସାବାଲା, ସୁନ୍ଦର ଏପରି ବେଶି କିଛି ଖୋଜିବାର ନାହିଁ। ପିଲା ଭଲ ହୋଇଥିବ। ମତେ ବୁଝି ପାରୁଥିବ। ମୋର ଭଲ ଓ ଖରାପ ଗୁଣକୁ ନିଜର କରିପାରୁଥିବ। ଆମ ଭିତରେ ବୁଝାମଣା ଭଲ ରହୁଥିବ। ତେବେ ମୋ ଭଲପାଇବାକୁ ଘରୁ ସ୍ୱୀକୃତି ମିଳିବା ନିହାତି ଆବଶ୍ୟକ।

– ସାକ୍ଷାତ୍କାର: ବନ୍ଦନା ସେଠୀ

# ଜୁନ୍ ୨୦୨୨ ସୁଦ୍ଧା ବରମୁଣ୍ଡା ଆଇଏସ୍‌ବିଟି

## ବିଭିନ୍ନ ପ୍ରକଳ୍ପ କାମର ସମୀକ୍ଷା କଲେ ୫-ଟି ସଚିବ

ଭୁବନେଶ୍ୱର, ୨୫।୭(ବ୍ୟୁରୋ)



୨୦୨୨ ଜୁନ୍ ସୁଦ୍ଧା ସରିବ ଭୁବନେଶ୍ୱର ବରମୁଣ୍ଡାରେ ହେବାକୁ ଥିବା ଇଣ୍ଟର ଷ୍ଟେଟ ବସ୍ ଟର୍ମିନାଲ (ଆଇଏସ୍‌ବିଟି) କାମ। ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ପ୍ରକଳ୍ପ ସ୍ଥାନ ବୁଲି ଦେଖିଛନ୍ତି। ଏହାସହ ସେ ଇଣ୍ଟର ଷ୍ଟେଟ ବସ୍ ଟର୍ମିନାଲର କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା ମଧ୍ୟ କରିଛନ୍ତି। ୧୫.୫ ଏକର ପରିମିତ ଜମିରେ ଏହି ବସ୍ ଟର୍ମିନାଲ କାମ ଚାଲିଥିବାବେଳେ ଏଥିଲାଗି ୧୮୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଜୁନ୍ ୨୦୨୨ ସୁଦ୍ଧା ଏହି ପ୍ରକଳ୍ପ କାମ ଶେଷ କରିବା ପାଇଁ ଲକ୍ଷ୍ୟ ରହିଛି। ଖଣ୍ଡଗିରିରେ ୩୦୦ ବସ୍ ପାର୍କିଂ କ୍ଷମତା ବିଶିଷ୍ଟ ବସ୍ ଡିପୋ ମଧ୍ୟ ଏହାର ଏକ ଅଂଶବିଶେଷ। ଠିକ୍ ସମୟରେ କାମ ଶେଷ କରିବା ଉପରେ ୫-ଟି ସଚିବ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଉକ୍ତ ପ୍ରକଳ୍ପର ଗୁଣବତ୍ତା ନେଇ ପାଣ୍ଡିଆନ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏହାଛଡ଼ା ଅନ୍ୟ ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ମଧ୍ୟ ସେ ସମୀକ୍ଷା କରିଛନ୍ତି।

ସେହିପରି ଜୟଦେବ ବିହାର-ପଟିଆ ରାସ୍ତାରେ ଟ୍ରାଫିକ କମ୍ କରିବା ପାଇଁ ସମାନ୍ତରାଳ ରାସ୍ତା କାମ ପିଡବ୍ଲୁଡି ଦ୍ୱାରା ଚାଲିଛି। ଏହି ରାସ୍ତା ସିଆର୍‌ପିଏଫ ଛକରୁ ଇନ୍‌ଷ୍ଟିଚ୍ୟୁଟ ଅଫ ମାଥମେଟିକ୍ସକୁ ସଂଯୋଗ କରିବ। ୯୨ କୋଟି ଟଙ୍କା ବ୍ୟୟରେ ୧୩.୬ କି.ମି. ରାସ୍ତା ନିର୍ମାଣ କରାଯାଉଛି। ବର୍ତ୍ତମାନ ଜାଭିୟରଛକରୁ ଇନ୍‌ଫୋସିଟି ଛକ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ୫.୧୭ କି.ମି. ରାସ୍ତା କାର୍ଯ୍ୟ କରାଯାଉଛି। ଏହି ପ୍ରକଳ୍ପ କାମ ଆସନ୍ତା ଫେବୃୟାରୀ ସୁଦ୍ଧା ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ଚନ୍ଦ୍ରଶେଖରପୁରଠାରେ ପିପିପି ମୋଡ୍‌ରେ ବିଡିଏ ପକ୍ଷରୁ ସୁଲଭ ଗୃହ ନିର୍ମାଣ କରାଯାଉଛି। ୨୦.୨୧ ଏକର ଜାଗାରେ ୨୬୦୦ ଘର ନିର୍ମାଣାଧୀନ ରହିଛି। ଏହି କଲୋନୀରେ ପ୍ରାଥମିକ ସ୍କୁଲ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସପିଂ ଏରିଆ ଓ ଖେଳିବା ପାଇଁ ବ୍ୟବସ୍ଥା କରାଯାଉଛି। ଏହି ପ୍ରକଳ୍ପ ଦୁଇଟି ପର୍ଯ୍ୟାୟରେ ସେପ୍ଟେମ୍ବର ୨୦୨୨ ସୁଦ୍ଧା ଶେଷ କରିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ୨୨୧ କୋଟି ଟଙ୍କା ବ୍ୟୟରେ ଇଡ୍‌କୋ ଦ୍ୱାରା ଇନ୍‌ଫୋସିଟି ନିକଟରେ ଇନକ୍ୟୁବେସନ ଟାୱାର ନିର୍ମାଣାଧୀନ ରହିଛି। ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି। ୫-ଟି ସଚିବଙ୍କ ସମୀକ୍ଷା ସମୟରେ ସାଙ୍ଗରେ ବିଏମ୍‌ସି କମିଶନର ସଞ୍ଜୟ ସିଂହ, ପୂର୍ତ୍ତ ସଚିବ କ୍ରିଷନ କୁମାର ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ। ଉନ୍ନତମାନର କାର୍ଯ୍ୟ ଉପରେ ୫-ଟି ସଚିବ ଗୁରୁତ୍ୱ ଦେଇଥିବାବେଳେ ନିର୍ଦ୍ଦିଷ୍ଟ ସମୟସୀମା ସୁଦ୍ଧା ପ୍ରକଳ୍ପ ନିର୍ମାଣ କାମ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।


**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**ADMISSION OPEN FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2021 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9437140772, 6370180040, 8249697369, 9348849484






▸ ମେଟ ବ୍ଲାକ ଫିନିସ ▸ କ୍ରୋମ ଷ୍ଟାଇଲିଙ୍ଗ ▸ ଏଲେଗାଣ୍ଟ ମେଟାଲ ବଡି ▸ ସିଗ୍ନେଚର LED ଗାଇଡ ଲ୍ୟାମ୍ପ ▸ ଟେଲିସ୍କୋପିକ୍ ଫ୍ରଣ୍ଟ ସସ୍‌ପେନଶନ୍ ▸ ଏକ୍ସଟର୍ଣ୍ଣାଲ୍ ଫୁଏଲ୍ ଫିଲିଙ୍ଗ୍ ▸ ଇଣ୍ଟିଗ୍ରେଟେଡ୍ ବ୍ରେକିଂ ସିଷ୍ଟମ

TRUST OF HERO — 100 MILLION — WORLD'S NO.1 — 5 YEAR WARRANTY *Conditions apply — 7000+ SERVICE CENTRES

HeroMotoCorp.com | TheHeroMotoCorp | HeroMotoCorpLimited | HeroMotoCorp | HeroMotoCorpIndia

Regd. Office: Hero MotoCorp Ltd., The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. It is our endeavour to improve our product. This could lead to changes in product specifications without notice. Accessories and features shown may not be a part of the standard fitment. Always wear a helmet while riding a two-wheeler. **As per the cumulative global production volume till 21st January 2021. ***Largest two-wheeler selling company in the world for any particular country for the year 2020. ^Mileage has increased by 11% and pickup has improved by 10% for Destini 125 BS6 variant as compared to the Destini 125 BS4 variant under standard test conditions. ~Destini 125 comes in 3 variants; LX, VX and Platinum. #Price is subject to change without any prior notice. ###Min. Transaction Amount 20000 for SBI and 50000 for all others. Offer valid for limited period or till stock lasts. Offer is available in select Dealership only. T&C apply. For further information, contact nearest Hero MotoCorp authorised outlet (s) or call Toll Free No. 1800-266-0018 or visit website www.heromotocorp.com

CASHBACK UPTO ₹5000###/- ON SELECT CREDIT AND DEBIT CARD EMI

STARTING PRICE FOR DESTINI 125 SERIES~ ₹71,600#/- EX-SHOWROOM PRICE ODISHA

70116 70116 Explore the World of Hero Call 8367796950 or Scan QR CODE

For Institutional and Bulk Sales please write to bhubaneshwar@heromotocorp.com

**Authorised Dealers: Bhubaneswar:** Rohan Hero, Ph: 7799766422; Bharat Hero, Ph: 7799766378; Arundhati Hero, Ph: 9311733967; DD Hero, Ph: 7799766329; **Cuttack:** JMG Hero, Ph: 7799766366; Sunny Hero, Ph: 7799766401; Essen Hero, Ph: 7799766425; **Angul:** Parbati Hero, Ph: 7799766342; **Balasore:** Neelam Hero, Ph: 7799766393; **Baripada:** Aditya Hero, Ph: 7799766370; **Bhadrak:** Sanjib Hero, Ph: 7799766380; **Chandikhol:** S. K. Hero, Ph: 7799766362; **Jagatsinghpur:** Trishul Hero, Ph: 7799766383; **Jajpur Road:** Soumik Hero, Ph: 7799766410; **Jaleswar:** Sai Hero, Ph: 7799766407; **Jatni:** Vishal Hero, Ph: 7799766398; **Keonjhar:** Supreme Hero, Ph: 7799766360; **Nayagarh:** Bhagabati Hero, Ph: 7799766417; **Puri:** Sanjib Hero, Ph: 8448389695; **Behrampur:** Lakshmi Motors (Dharma Nagar), Ph: 7799766350, Lakshmi Automotives (Gajapati Nagar), Ph: 9311853279; **Jeypore:** Supreme Hero, Ph: 7799766340; **Phulbani:** Narayani Hero, Ph: 7799766373; **Raygada:** Ajit Hero, Ph: 7799766358; **Bargarh:** Aakash Hero, Ph: 7799766396; **Bhawanipatna:** Arundhati Hero, Ph: 7799766385; **Bolangir:** Arundhati Hero, Ph: 7799766327; **Jharsuguda:** Vijaylaxmi Hero, Ph: 7799766368; **Rourkela:** Dua Hero, Ph: 7799766391; **Sambalpur:** Sri Shyam Hero, Ph: 7799766356; **Sonepur:** Jai Jawan Hero, Ph: 7799766419; **Sundergarh:** Robotech Hero, Ph: 8448183659; **Dhenkanal:** Som Hero, Ph: 7799766347; **Talcher:** Tarini Hero, Ph: 7799766374.

ଯେ ନିଜ ଚେତନା ଭିତରେ ସର୍ବଦା ସମସ୍ତଙ୍କ ଲାଗି ଶୁଭେଚ୍ଛା ପୋଷଣ କରିଥାଏ- ସେଇ କେବଳ ସବୁ ଜିନିଷରେ ଲୁଚିରହିଥିବା ଶୁଭେଚ୍ଛାକୁ ଦେଖିପାରେ। ତାରି ଅନ୍ତର୍ଦୃଷ୍ଟିରେ ଇ ଶୁଭେଚ୍ଛା ପ୍ରତିଭାତ ହୁଏ। -ଶ୍ରୀମା



# ୩୦ ବର୍ଷ

ଭାରତରେ ୨୪ ଜୁଲାଇ ୧୯୯୧ରେ ପି. ଭି. ନରସିଂହରାଓଙ୍କ ସରକାର ଉଦାରୀକରଣକୁ ବିଧିବଦ୍ଧ ଭାବେ ଅର୍ଥନୈତିକ ନୀତି ଘୋଷଣା କରିଥିଲେ। ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂଙ୍କ ଦ୍ୱାରା ଏଭଳି ସଂସ୍କାର ଅଣାଯାଇଥିଲା। ସେତେବେଳେ ୩ଟି ଶବ୍ଦ ସର୍ବାଧିକ ଆଲୋଚିତ ହୋଇଥିଲା। ତାହା ଥିଲା ଲିବରାଲାଇଜେଶନ (ଉଦାରୀକରଣ) ପ୍ରାଇଭେଟାଇଜେଶନ(ଘରୋଇକରଣ) ଏବଂ ଗ୍ଲୋବାଲାଇଜେଶନ(ଜଗତୀକରଣ) ବା ଏଲ୍‌ପିଜି। ଏହାର ଅର୍ଥ ହେଲା ଭାରତୀୟ ବଜାର ବ୍ୟବସ୍ଥାକୁ ଉନ୍ମୁକ୍ତ କରିବା। ୧୯୯୧ ଜୁଲାଇ ପୂର୍ବରୁ ଭାରତୀୟ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ଦେଖାଦେଇଥିଲା, ତାହାକୁ ପ୍ରତିହତ କରିବା ଲାଗି ମନମୋହନଙ୍କ ପରୀକ୍ଷଣ ସଫଳ ହୋଇଥିଲା ବୋଲି ଅନେକେ ଚିନ୍ତା କରନ୍ତି। କିନ୍ତୁ ତାହା ଏକ ସାମୟିକ ବ୍ୟବଚ୍ଛେଦ ଥିଲା ବୋଲି ପରେ ଜଣାପଡ଼ିଥିଲା। କୌଣସି କାରଣବଶତଃ ଜଣେ ବ୍ୟକ୍ତି ଖଣ୍ଡିଆ ହୋଇଗଲେ ତୁଳାରେ ଆଣ୍ଟିସେପ୍ଟିକ୍ ଲଗାଇ ସମ୍ପୃକ୍ତ ସ୍ଥାନରେ ଲେପ ଦେଲେ ଉପଶମ ମିଳିଥାଏ। କିନ୍ତୁ ସେହି ଆଘାତ ଦୀର୍ଘଦିନ ରହିଗଲେ ବଡ଼ ରୋଗର କାରଣ ପାଲଟିଥାଏ। ୧୯୯୧ ମସିହାର ଉଦାରୀକରଣକୁ ଦେଖିଲେ ସ୍ପଷ୍ଟ ବୁଝାପଡ଼େ ଯେ, ସେହି ସମୟର ଭାରତ ସରକାରଙ୍କ ଅର୍ଥ ଅଭାବକୁ ମେଣ୍ଟାଇବା ପାଇଁ ଏଲ୍‌ପିଜି ସଂସ୍କାର ଅଣାଯାଇଥିଲା। ସେଥିରେ ତତ୍‌କ୍ଷଣାତ୍ ଲାଭ ମିଳିଥିଲା। କିନ୍ତୁ କୌଣସି ଦୀର୍ଘମିଆଦୀ ସଫଳତା ଆଜିପର୍ଯ୍ୟନ୍ତ ଦେଖାଯାଉ ନାହିଁ। ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଅଳ୍ପ କେତେକ ଭାରତୀୟଙ୍କ ପାଖରେ ଦାମୀ ଗାଡ଼ି, ଘରୋଇ ଉଡ଼ାଜାହାଜ ଏବଂ ଗେଟେଡ୍ କଲୋନୀ ସୃଷ୍ଟି ହୋଇଗଲା। ସେହି ଅଳ୍ପ ଲୋକ ଧନୀ ହୋଇଚାଲିଛନ୍ତି ଏବଂ ଗରିବଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ମନମୋହନଙ୍କ ସମୟରେ ଅଣାଯାଇଥିବା ଆର୍ଥିକ ସଂସ୍କାର ସେବେଠାରୁ ଅଦ୍ୟାବଧି ଗଡ଼ିଆସିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ ସମ୍ପତ୍ତିକୁ ବିକ୍ରି କରାଯାଇ ଅର୍ଥ ସୃଷ୍ଟି କରିବାର ମାନସିକତା ଯୋଗୁ ଦେଶବାସୀଙ୍କ ଉନ୍ନତି ହୋଇପାରି ନାହିଁ। ନରସିଂହ ରାଓଙ୍କ ସରକାର ପରେ ଯେତେ ଦଳ ନିର୍ବାଚିତ ହୋଇ ସରକାର ଗଢ଼ିଛନ୍ତି କେହି ଏହି ନୀତିଠାରୁ ଭିନ୍ନ ଚିନ୍ତା କରିବାକୁ ସତ୍‌ସାହସ କରିପାରୁ ନାହାନ୍ତି। ଏବକାର ସରକାର ମଧ୍ୟ ସମାନ ଢଙ୍ଗରେ କାର୍ଯ୍ୟ କରୁଛନ୍ତି। ପ୍ରତିରକ୍ଷା ଲାଗି ଉଦ୍ଦିଷ୍ଟ ଜମି ବିକ୍ରି କରିବାରେ ସରକାର ମୁଣ୍ଡ ପୂରାଇଛନ୍ତି। ଏହାଦ୍ୱାରା ଯେଉଁ କ୍ଷତି ଦେଶକୁ ହେବ ତାହାକୁ ଗୁରୁତ୍ୱର ସହ ବିଚାର କରାଯାଇ ନାହିଁ। ଭବିଷ୍ୟତରେ ଯଦି ଯୁଦ୍ଧ ହୁଏ, ତେବେ ପ୍ରତିରକ୍ଷା ମନ୍ତ୍ରଣାଳୟ ପାଖରେ ଥିବା ଜମିର କେଉଁଭଳି ଉପଯୋଗ କରିବାର ପ୍ରୟୋଜନ ଉଠିବ ତାହା ଏବେ ଚିନ୍ତା କରିବା ଅସମ୍ଭବ। ଅନୁରୂପ ଭାବେ ରେଳୱେର ବଳକା ଜମିକୁ ଯଦି ବିକ୍ରି କରିଦିଆଯାଏ, ତାହା ହେଲେ ଲୋକସଂଖ୍ୟା ଦୃଷ୍ଟିରୁ ଆଗାମୀ ଦିନରେ ଅଧିକ ରେଳପଥ ବିଛାଇବା ଦରକାର ପଡ଼ିଲେ ତାହାର ନିର୍ମାଣ ଅସମ୍ଭବ ହୋଇପଡ଼ିବ। ଗୋଟିଏପଟେ ସରକାର ବୁଲେଟ୍ ଟ୍ରେନ୍ କଥା କହୁଛନ୍ତି ଓ ଆରପଟେ ବିରାଟକାୟ ପରିବହନ ବ୍ୟବସ୍ଥା ବିକଶିତ କରାଯାଇପାରିଲେ ଅର୍ଥନୀତିରେ ବୃଦ୍ଧି ଆସିପାରିବ ବୋଲି ଅନ୍ୟ ଦେଶଗୁଡ଼ିକଠାରୁ ଯାହା ଜଣାପଡ଼େ ତାହାର ଭବିଷ୍ୟତ ନଷ୍ଟ କରିଦିଆଯାଉଛି। ସମ୍ପତ୍ତି ରଖିବା ବିରୋଧରେ ଅନେକ ଯୁକ୍ତି ବଢ଼ାଯାଇପାରେ। କିନ୍ତୁ ସେଭଳି ମାନସିକତା ପ୍ରଦର୍ଶନ କରୁଥିବା ବ୍ୟକ୍ତି କେବଳ କ୍ଷୁଦ୍ର ରାଜନୈତିକ ଚିନ୍ତାଧାରାରେ ପରିଚାଳିତ ବୋଲି ସ୍ପଷ୍ଟ କହିହେବ।

ଦୀର୍ଘ ୭ ବର୍ଷ ଧରି ଶାସନ କରିଆସୁଥିବା ଏବର କେନ୍ଦ୍ର ସରକାର ମନମୋହନଙ୍କ ରାସ୍ତାରେ ଗଡ଼ି ଚାଲିଥିବା ବେଳେ ଆଉ ଦୁଇଟି ବଡ଼ ଭୁଲ ନିଷ୍ପତ୍ତି ନେଇ ଦେଶର ଅର୍ଥନୀତିକୁ ଆହୁରି ଦୁର୍ବଳ କରିଦେଇଛନ୍ତି। ୨୦୧୬ ନଭେମ୍ବର ୮ରେ ଅଚାନକ ନିଷ୍ପତ୍ତି ନିଆଯାଇ ବିମୁଦ୍ରୀକରଣ କରାଯାଇଥିଲା। ଦେଶବାସୀଙ୍କ ମଧ୍ୟରୁ ଅନେକେ ନିଜର ସଞ୍ଚିତ ଅର୍ଥର ବୃହତ୍ ଦୁଇଟି କାଗଜ ନୋଟ୍‌କୁ ହରାଇ ଆର୍ଥିକ ଦୁର୍ବଳ ହୋଇଗଲେ। କୁଟୀର ଶିଳ୍ପ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆର୍ଥିକ ସଙ୍କଟ ଦେଇ ଗତି କରିବାରୁ ଅନେକ ସଂସ୍ଥା ବନ୍ଦ ହୋଇଯାଇଛି। ଫଳରେ ନିଯୁକ୍ତି ହ୍ରାସ ପାଇଛି ଓ ଉତ୍ପାଦନ କମିଛି। ସେହିପରି ୨୦୧୭ ଜୁଲାଇ ୧ରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)କୁ ତରବରିଆ ଭାବେ ପ୍ରୟୋଗ କରାଯିବା ଦ୍ୱାରା ଦେଶର ଆର୍ଥିକ ସ୍ୱାସ୍ଥ୍ୟ ଅଧିକ ବିଗିଡ଼ି ଯାଇଛି। ଏବେ 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ବାସ୍ତବରେ ଯେଉଁମାନେ ସ୍ୱଦେଶୀ ଓ ଆତ୍ମନିର୍ଭର କଥା କହୁଛନ୍ତି, ସେମାନେ ବୁଝିବା ଦରକାର ଯେ ଭାରତ ସେଭଳି ସ୍ୱୟଂ ସମ୍ପୂର୍ଣ୍ଣ ସ୍ତରକୁ ଆସିପାରି ନାହିଁ। ଚାଇନା ସାମଗ୍ରୀ ବର୍ଜନ ଡାକରା ଦେଉଥିବା ବ୍ୟକ୍ତିମାନେ ମଧ୍ୟ ଜାଣିଛନ୍ତି ଯେ, ଭାରତରେ ପ୍ରସ୍ତୁତ ଔଷଧ ଲାଗି ଆକ୍ଟିଭ୍ ଫାର୍ମାସ୍ୟୁଟିକାଲ ଇନ୍‌ଗ୍ରେଡିଆଣ୍ଟ (ଏପିଆଇ) ସେହି ଚାଇନାଠାରୁ ବିପୁଳ ମାତ୍ରାରେ ଆମଦାନୀ ହୋଇଥାଏ।

ଏହା ସତ୍ୟ ଯେ, ଗତ ଶତାବ୍ଦୀର ୮୦ ଦଶକରେ ଜଣେ ଲୋକ ଗାଡ଼ି ଖଣ୍ଡେ କିଣିବା ପାଇଁ ବର୍ଷବର୍ଷ ଧରି ଅପେକ୍ଷା କରୁଥିଲେ। ହେଲେ ଉଦାରୀକରଣ ଯୋଗୁ ଅନ୍ତର୍ଜାତୀୟ ସଂସ୍ଥା ଭାରତୀୟ ବଜାରରେ ପ୍ରବେଶ କରିବାର ସୁଯୋଗ ପାଇଲେ। କିନ୍ତୁ କେତେ ଭାରତୀୟ ଗାଡ଼ି କିଣୁଛନ୍ତି ? ଏହି ଦେଶର ଜନସଂଖ୍ୟାକୁ ଦେଖିଲେ ତାହାର ପ୍ରତିଶତ ଅତ୍ୟନ୍ତ ନଗଣ୍ୟ। ଭାରତରେ ଅନେକ କୋଟି ଲୋକ ଆଜି ମଧ୍ୟ ପିଇବା ଉପଯୋଗୀ ପାଣି ପାଇବାରୁ ବଞ୍ଚିତ । ଦେଖିବାକୁଗଲେ ଭାରତର ସହରାଞ୍ଚଳରେ ନ୍ୟୁୟର୍କର ସୁବିଧା ଏବଂ ମାଲିର ଦାରିଦ୍ର୍ୟ କାନ୍ଧକୁ କାନ୍ଧ ଲଗାଇ ଛିଡ଼ାହୋଇଛି। ସେଥିପାଇଁ କେବଳ ଘରୋଇକରଣ ଏବଂ ଜଗତୀକରଣ ଦ୍ୱାରା ଭାରତର ଅର୍ଥନୈତିକ ସ୍ଥିତିରେ ସୁଧାର ଆସିପାରୁ ନାହିଁ। ଏହି ଦେଶର ପ୍ରାୟ ସମସ୍ତ ଶିଳ୍ପପତି ଏବେ କେବଳମାତ୍ର ବ୍ୟବସାୟୀ। ଦେଶର ପ୍ରାକୃତିକ ସମ୍ବଳକୁ ଅପବ୍ୟବହାର କରି ଏମାନେ ଅନେକ ହଜାର କୋଟି ଟଙ୍କାର ମାଲିକ। ସେଥିପାଇଁ ଭାରତୀୟ ଧନୀଙ୍କୁ ସବୁବେଳେ ସରକାରୀ ସହଯୋଗ ଲୋଡ଼ା ହୋଇଥାଏ।

କୋଭିଡ୍ ମହାମାରୀ ସମୟରେ ଭାରତୀୟ ଅର୍ଥନୀତି ଅଧିକ ପ୍ରଭାବିତ ହୋଇଛି। ଇତିମଧ୍ୟରେ କେନ୍ଦ୍ର ସରକାର କେବଳ ଋଣ ସହାୟତା ପ୍ୟାକେଜ ଦେଇ ଶିଳ୍ପ ଅଭିବୃଦ୍ଧି କରିବାକୁ ଚାହୁଁଛନ୍ତି। କିନ୍ତୁ ସ୍ଥିତି ଯାହା ହୋଇଛି କ୍ଷୁଦ୍ର ବ୍ୟବସାୟୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବାରୁ ସେମାନେ ଋଣ ନେଇ ଶିଳ୍ପ ଛିଡ଼ା କରିବା କଷ୍ଟକର ବ୍ୟାପାର। ଆଜିର ପରିସ୍ଥିତିରେ ତତ୍‌କ୍ଷଣାତ୍ ଅର୍ଥନୈତିକ ପରୀକ୍ଷଣ କରା ନ ଯାଇ ସମଗ୍ର ଦେଶର ଅର୍ଥ ବ୍ୟବସ୍ଥା କିଭଳି ସୁଧୁରିବ ଓ ତାହାର ଦୀର୍ଘମିଆଦୀ ପ୍ରଭାବ ରହିବ ତାହାକୁ ପ୍ରାଧାନ୍ୟ ଦିଆଯିବା ଦରକାର। ଆଜିର ସମୟରେ କେନ୍ଦ୍ର ସରକାର କେବଳ ନିଜ ମନ୍ତ୍ରିମଣ୍ଡଳ ଓ କାର୍ଯ୍ୟରତ ଅମଲାତନ୍ତ୍ରୀଙ୍କୁ ନେଇ ନୀତି କରିବାରେ ସବୁ କିଛି ସୀମିତ ନ ରଖି ସରକାରଙ୍କ ବାହାରେ ଥିବା ବିଶେଷଜ୍ଞ ଓ ଅନୁଭୂତିସମ୍ପନ୍ନ ବ୍ୟକ୍ତିଙ୍କୁ ସାମିଲ କରି ଅର୍ଥନୀତି ସୁଧାରିବା ଦିଗରେ ପଦକ୍ଷେପ ନେବା ଉଚିତ।

# ମାନସିକ ସ୍ୱାସ୍ଥ୍ୟରେ ଗୋଷ୍ଠୀର ଭୂମିକା



ରାଜୀବ କର୍ମ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିବରଣୀ ଅନୁଯାୟୀ ପୃଥିବୀରେ ୨ ଭାଗ ଲୋକ ଗୁରୁତର ମାନସିକ ରୋଗ ଏବଂ ୧୫ ଭାଗ ଲୋକ ସାଧାରଣ ମାନସିକ ରୋଗ ସହିତ ବଞ୍ଚୁଛନ୍ତି ଏବଂ ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁଯାୟୀ ଭାରତରେ ୨ ରୁ ୩ କୋଟି ଗୁରୁତର ଏବଂ ୨୦ ରୁ ୨୨ କୋଟି ଲୋକ ସାଧାରଣ ମାନସିକ ଅସୁସ୍ଥତା ଭୋଗ କରୁଛନ୍ତି। ତଦନୁଯାୟୀ ଓଡ଼ିଶାରେ ପାଖାପାଖି ୮ ଲକ୍ଷ ଲୋକ ଗୁରୁତର ଏବଂ ୬୦ ରୁ ୭୦ ଲକ୍ଷ ଲୋକ ସାଧାରଣ ମାନସିକ ରୋଗର ଶିକାର ହେଉଛନ୍ତି। କିନ୍ତୁ ସରକାରୀ ହିସାବରେ ଏହି ସଂଖ୍ୟା ଅନେକ ଗୁଣରେ କମ୍। ତେବେ ସେମାନେ ଚିହ୍ନଟ ହେଉ ନାହାନ୍ତି କାହିଁକି? ଚିହ୍ନଟ ନ ହେଲେ ଚିକିତ୍ସା ସେବା ପାଇବେ କେମିତି? ଚିକିତ୍ସା ନ ହେଲେ ସେମାନେ ସମାଜର ମୁଖ୍ୟ ସ୍ରୋତକୁ ଆସିବେ କେମିତି?

ମାନସିକ ଅସୁସ୍ଥମାନେ ଚିହ୍ନଟ ଏବଂ ଚିକିତ୍ସାକୁ ନ ଆସିବାର ସବୁଠୁ ବଡ଼ କାରଣ ହେଉଛି ସଚେତନତାର ଅଭାବ, ଯାହାଫଳରେ ୯୦ ଭାଗ ସାଧାରଣ ଏବଂ ୫୦ ଭାଗ ଗୁରୁତର ମାନସିକ ରୋଗୀ ଚିକିତ୍ସା ସେବାକୁ ଆସନ୍ତି ନାହିଁ। ପରିବାର ଲୋକ ମାନସିକ ରୋଗର ଲକ୍ଷଣ ସମୂହକୁ ଠିକ୍ ଭାବରେ ବୁଝି ନ ପାରିବା ଏବଂ ଲକ୍ଷଣ ଗୁଡ଼ିକ ବିଭିନ୍ନ ଧରଣର ହୋଇଥିବାରୁ ସେମାନଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ଦ୍ୱାରା ନାନା ମୁନିଙ୍କ ନାନା ମତ ପ୍ରକାଶ ପାଏ। ତେଣୁ ମାନସିକ ଅସୁସ୍ଥ ବ୍ୟକ୍ତିକୁ ମାଡ଼ ମାରିବା, ଶିକୁଳିରେ ବାନ୍ଧି ରଖିବା ଏବଂ ଘରୁ ତଡ଼ିଦେବା ଇତ୍ୟାଦି ଦେଖାଯାଏ। ଶାରୀରିକ ରୋଗ ପରି ଘରେ ପଡ଼ି ନ ରହିବା, କୌଣସି ଶାରୀରିକ ଲକ୍ଷଣ ଦେଖା ନ ଦେବା ଏବଂ ବ୍ୟକ୍ତିର ଅଦ୍ଭୁତ ପ୍ରକାର ବ୍ୟବହାର ଯୋଗୁ ପରିବାର ଲୋକ ଏହାକୁ ଏକ ରୋଗ ବୋଲି ଭାବନ୍ତି ନାହିଁ। ତେଣୁ ଔପଚାରିକ ଚିକିତ୍ସା କରନ୍ତି ନାହିଁ। ଅନେକ ସମୟରେ ମାନସିକ ରୋଗୀକୁ ବିନା ଚିକିତ୍ସାରେ ଛାଡ଼ି ଦେବା ଅଥବା ବିଭିନ୍ନ ପାରମ୍ପରିକ ଚିକିତ୍ସା ସେବା ଯେପରିକି ଗୁଣିଗାରେଡ଼ି, ଯାଦୁଟୋନା, ଚେରମୂଳି, ମନ୍ଦିରକୁ ନେଇ ଅଧିଆ ପଡ଼ିବା, ପୂଜକ ପାଖରେ ବିଭିନ୍ନ ପୂଜା କରିବା ଇତ୍ୟାଦି ମାଧ୍ୟମ ଅବଲମ୍ବନ କରନ୍ତି। ଅନେକ ଚେଷ୍ଟା କରିବା ପରେ ମଧ୍ୟ ଭଲ ନ ହେଲେ ତାକୁ ସେଭଳି ଛାଡ଼ି ଦିଅନ୍ତି କିମ୍ବା ଶେଷରେ ଡାକ୍ତରଖାନାକୁ ନିଅନ୍ତି। ଚିକିତ୍ସାରେ ବିଳମ୍ବ ଯୋଗୁ ରୋଗର ପ୍ରକୋପ ବଢ଼ି ଯାଇଥାଏ। ଫଳରେ ଲମ୍ବା ସମୟ ଧରି ଚିକିତ୍ସା କରିବାକୁ ହୁଏ। ଦୁଇ ଚାରି ମାସ ଔଷଧ ଦେଲାପରେ ପରିବାର ଲୋକ ହତାଶ ହୋଇ ଆଉ ଚିକିତ୍ସା କରନ୍ତି ନାହିଁ। ଏହି ରୋଗରେ ଲମ୍ବା ସମୟ ଧରି ଚିକିତ୍ସା ଏବଂ ନିୟମିତ ଔଷଧ ସେବନର ଦରକାର ପଡୁଥିବାରୁ ଅନେକ ପରିବାରର ଧୈର୍ଯ୍ୟ ଭାଙ୍ଗିଯାଏ।

ବିଶେଷଜ୍ଞଙ୍କ ମତରେ ମାନସିକ ରୋଗ ଔଷଧ ଦ୍ୱାରା ୨୦ ଭାଗ ଠିକ୍ ହେଉଥିବା ବେଳେ ୮୦ ଭାଗ ପରିବାର ଏବଂ ଗୋଷ୍ଠୀ ସହଯୋଗରେ ଭଲ ହୋଇଥାଏ। ସଚେତନତା ଅଭାବରୁ ପରିବାର ଲୋକେ କେବଳ ଔଷଧ ଉପରେ ନିର୍ଭର କରି ପାରିବାରିକ ଏବଂ ସାମାଜିକ ସହାୟତାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଅନେକ ସମୟରେ ରୋଗୀ ନିୟମିତ ଔଷଧ ଖାଇ ଖାଇ ବିଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦିଏ। ଏଥିରେ ପରିବାର ଲୋକ ଡରିଯାଇ ଔଷଧକୁ ଅଧାରୁ ବନ୍ଦ କରି ଦିଅନ୍ତି। ଆଉ କିଛି ପରିବାର, ରୋଗୀ ଟିକିଏ ସୁସ୍ଥ ହେଲେ ମଧ୍ୟ କୌଣସି କାମ କରିବାକୁ ଦିଅନ୍ତି ନାହିଁ । ଫଳରେ ଅସୁସ୍ଥ ବ୍ୟକ୍ତିଟି ଆହୁରି ଅଳସୁଆ ହୋଇଯାଏ। କିଛି ଦିନ ଔଷଧ ଖାଇଲା ପରେ ଯେତେବେଳେ କିଛି ଲକ୍ଷଣ କମିବାରେ ଲାଗେ ପରିବାର ଲୋକ ରୋଗ ଭଲ ହୋଇଗଲା ଭାବି ଔଷଧ ବନ୍ଦ କରି ଦିଅନ୍ତି। ମାନସିକ ରୋଗୀ ସୁସ୍ଥ ହେବାରେ ନିଜେ ଅସୁସ୍ଥ ବ୍ୟକ୍ତି, ତା'ର ପରିବାର, ପାଖ ପଡୋଶୀ, ଗାଁ ଲୋକ, ସମ୍ପର୍କୀୟ, ସମାଜ ଏବଂ ସରକାରଙ୍କ ଭୂମିକା ରହିଛି। ଅନେକ ସମୟରେ ଅସୁସ୍ଥ ବ୍ୟକ୍ତି ଏବଂ ପରିବାର ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ସଚେତନତାର ଅଭାବ ଥାଏ। ପାଖ ପଡ଼ୋଶୀ ଏହାକୁ ସକାରାତ୍ମକ ଭାବରେ ଗ୍ରହଣ କରୁ ନ ଥିବାରୁ ତିକ୍ତତା ବଢ଼େ। ଅସୁସ୍ଥ ବ୍ୟକ୍ତିର ହିଂସ୍ର, ଚିଡ଼ିଚିଡ଼ା, ରାଗିବା, ଗାଳି କରିବା ଇତ୍ୟାଦି ଲକ୍ଷଣ ଆଖ ପାଖର ଲୋକ ଏବଂ ଗାଁ ଲୋକଙ୍କ ପାଇଁ ଏକ ଅପ୍ରୀତିକର ପରିବେଶ ସୃଷ୍ଟି କରିଥାଏ। ଏଥିପାଇଁ ଗାଁ ଲୋକଙ୍କ ସହିତ ମଧ୍ୟ ଝଗଡ଼ା ସୃଷ୍ଟି ହୁଏ। ଫଳରେ ଅସୁସ୍ଥ ବ୍ୟକ୍ତି ଏବଂ ପରିବାର ଆହୁରି ମାନସିକ ଚାପରେ ରୁହନ୍ତି। ମାନସିକ ଅସୁସ୍ଥତାକୁ ସମାଜରେ ସକାରାତ୍ମକ ଭାବରେ ଗ୍ରହଣ ନ କରିବା, ଅସୁସ୍ଥ ବ୍ୟକ୍ତିକୁ ଟାହିଟାପରା କରିବା, ଟେକା ଫୋପାଡ଼ିବା, ଚିଡ଼େଇବା, ଗାଳି କରିବା ଏବଂ ତାକୁ ଗ୍ରହଣ ନ କରିବା ହେତୁ ଅସୁସ୍ଥତା ଆହୁରି ବଢ଼େ। କୌଣସି ସାମାଜିକ ଏବଂ ସାଂସ୍କୃତିକ କାମରେ ସାମିଲ ନ କରିବା ଏବଂ ସମାଜର ଏକ ଅଙ୍ଗ ଭାବରେ ନ ଭାବିବା ମନୋଭାବ ତାକୁ ସୁସ୍ଥ ହେବା ପାଇଁ ବାଧା ସୃଷ୍ଟି କରେ।

ଘରେ ମାନସିକ ଅସୁସ୍ଥ ବ୍ୟକ୍ତି ଥିଲେ ସେହି ପରିବାର ଅନେକ ବିଭେଦତାର ଶିକାର ହୋଇଥାନ୍ତି। ତାଙ୍କ ଘରକୁ ସାଇ ପଡ଼ିଶା, ବନ୍ଧୁବାନ୍ଧବ ମାନେ ଯିବା ଆସିବା ବନ୍ଦ କରିଦିଅନ୍ତି। ଗାଁର ବିଭିନ୍ନ ସାମୂହିକ ପର୍ବପର୍ବାଣି, ସାମାଜିକ କାର୍ଯ୍ୟକ୍ରମ ଏବଂ ବୈଠକ ଆଦିରେ ସେହି ପରବାରକୁ ସାମିଲ କରାଯାଏ ନାହିଁ। ସମାଜରେ ଏହାକୁ କୌଣସି ପୂର୍ବଜନ୍ମର ପାପର ଫଳ କିମ୍ବା କୃତକର୍ମର ଅଭିଶାପ ବୋଲି ଭାବନ୍ତି। ସେହି ପରିବାରକୁ ମାନସିକ ରୋଗର ପରିବାର ବୋଲି ଆଖ୍ୟା ଦିଅନ୍ତି। ତେଣୁ ସେହି ପରିବାରରେ ବିବାହ କରିବାକୁ କେହି ରାଜି ହୁଅନ୍ତି ନାହିଁ। ଏପରିକି ପରିବାରର ପିଲାଙ୍କୁ ମଧ୍ୟ ଗାଁରେ ଏବଂ ବିଦ୍ୟାଳୟରେ ବିଭେଦତାର ଶିକାର ହେବାକୁ ପଡ଼େ। ଅନେକ ସମୟରେ ଆମକୁ ସେବା ଯୋଗାଉଥିବା ବିଭିନ୍ନ ବ୍ୟକ୍ତିବିଶେଷ ଅଜ୍ଞାନତା ହେତୁ ମାନସିକ ଅସୁସ୍ଥମାନଙ୍କୁ ଭଲ ବ୍ୟବହାର ଦେଖାନ୍ତି ନାହିଁ। ତେଣୁ ଏହି ଅସୁସ୍ଥ ବ୍ୟକ୍ତିଙ୍କର ବିକାଶର ବାଟ ଅନେକ ସମୟରେ ସ୍ୱତଃ ବନ୍ଦ ହୋଇଯାଏ।

ମାନସିକ ଅସୁସ୍ଥର ଚିହ୍ନଟ, ଚିକିତ୍ସା, ସମାଜର ମୁଖ୍ୟ ଧାରାରେ ସାମିଲ ଇତ୍ୟାଦିରେ କେବଳ ଗୋଷ୍ଠୀ ସଚେତନତା ଏବଂ ଭାଗୀଦାରିତା ଦ୍ୱାରା ହିଁ ସମ୍ଭବ। ପ୍ରଥମତଃ ପରିବାର ଏବଂ ଗୋଷ୍ଠୀର ମାନସିକ ଅସୁସ୍ଥତା ବିଷୟରେ ଜ୍ଞାନର ବିକାଶ ଏବଂ ସଚେତନତା ବୃଦ୍ଧି ହେବା ଜରୁରୀ। ଅସୁସ୍ଥତାର ଛୋଟଛୋଟ ଲକ୍ଷଣଗୁଡ଼ିକୁ ଜାଣିବା ଦ୍ୱାରା ରୋଗ ଶୀଘ୍ର ନିରୂପଣ ହୋଇ ଔପଚାରିକ ଚିକିତ୍ସା ସେବା ଆରମ୍ଭ କରାଯାଇପାରିବ। ଗାଁ ଲୋକ ସଚେତନ ହେଲେ ଗୁରୁତର ମାନସିକ ରୋଗୀକୁ ଡାକ୍ତରଖାନା ନେବା, ଦରକାର ହେଲେ ଆର୍ଥିକ ସାହାଯ୍ୟ କରିବା ଇତ୍ୟାଦି ସମ୍ଭବ ହୋଇପାରିବ। ଆରୋଗ୍ୟତା ରୋଗର ସଅଳ ନିରୂପଣ ଏବଂ ସଅଳ ଚିକିତ୍ସା ଉପରେ ନିର୍ଭର କରେ। ମାନସିକ ରୋଗ ଯେହେତୁ ଅନ୍ୟାନ୍ୟ ରୋଗ ଭଳି ଏକ ରୋଗ, ତେଣୁ ଗୁଣି ଗାରେଡ଼ିରେ ସମୟ ଅପଚୟ ନ କରି ଶୀଘ୍ର ଡାକ୍ତରଖାନା ନେବା ଜରୁରୀ। ତେଣୁ ଏହା ଉପରେ ଥିବା ଅନ୍ଧ ବିଶ୍ୱାସକୁ ପରିବାର ଏବଂ ସମାଜରୁ ଦୂର କରିବା ଜରୁରୀ। ଦ୍ୱିତୀୟତଃ ମାନସିକ ଅସୁସ୍ଥ ବ୍ୟକ୍ତିକୁ ଧର୍ଯ୍ୟ ଧରି ଚିକିତ୍ସା ଏବଂ ନିୟମିତ ଔଷଧ ଦେବା ଜରୁରୀ। ଔଷଧର ଗୋଟିଏ ପାନ ମିସ୍ ହେଲେ ରୋଗ ବଢ଼ିଯିବାର ସମ୍ଭାବନା ଥାଏ। ଏହା ସହିତ ଔଷଧର ପାର୍ଶ୍ୱ ପ୍ରତିକ୍ରିୟାକୁ ବୁଝିବା ମଧ୍ୟ ଜରୁରୀ। ତୃତୀୟତଃ ରୋଗର ଲକ୍ଷଣ ଧୀରେଧୀରେ କମି କମି ଆସିଲେ ଅସୁସ୍ଥ ବ୍ୟକ୍ତିକୁ ବ୍ୟକ୍ତିଗତ ପରିଚ୍ଛନ୍ନତା, ପରିବାରରେ ଅନ୍ୟମାନଙ୍କ ସହିତ ମିଳାମିଶା, ଏକାଠି ବସି ଖାଇବା, ବାହାର ଲୋକ ଆସିଲେ ତାକୁ ଚିହ୍ନେଇବା, ଗାଁରେ ବିଭିନ୍ନ କାର୍ଯ୍ୟକ୍ରମକୁ ସାଙ୍ଗରେ ନେଇଯିବା ଇତ୍ୟାଦି ମାଧ୍ୟମରେ ତାକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ। ଚତୁର୍ଥତଃ ପରିବାରର ଛୋଟମୋଟ କାମ ଯଥା-ଝାଡୁ କରିବା, ପରିବା କାଟିବା, ପାଣି ଆଣିବା ଇତ୍ୟାଦି କାମରେ ସାମିଲ ସହିତ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଆୟ ବୃଦ୍ଧିକାରୀ କାମରେ ସାମିଲ କରାଯାଇପାରିବ। ପରିବାର, ଗାଁଲୋକ ଏବଂ ବିଭିନ୍ନ ସେବା ଯୋଗାଉଥିବା ବ୍ୟକ୍ତିବିଶେଷ ଅଗ୍ରାଧିକାର ଦେଇ ଅସୁସ୍ଥ ବ୍ୟକ୍ତିଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ଦରକାର। ପଞ୍ଚମତଃ ମାନସିକ ଅସୁସ୍ଥ ଥିବା ପରିବାରମାନଙ୍କ ମଧ୍ୟରେ ସାହାଯ୍ୟ ସହଯୋଗ ପାଇଁ ପରିବାର ସହାୟତା ଗୋଷ୍ଠୀ ଗଠନ ଏକ ଅଭିନବ ଉପାୟ। ଏହା ମାଧ୍ୟମରେ ପରିବାର ପରିବାର ମଧ୍ୟରେ ଅସୁବିଧା ସମୟରେ ସାହାଯ୍ୟ, ପରିବାରର ମନୋବଳ ବୃଦ୍ଧି, ଔଷଧ ଆଣିବାରେ ସହାୟତା, ଯତ୍ନକାରୀ ନ ଥିବା ସମୟରେ ସାହାଯ୍ୟ, ଯତ୍ନ ନେବାର ବିଭିନ୍ନ ଉପାୟର ଆଦାନ ପ୍ରଦାନ, ଅଧିକାର ପାଇଁ ଦଳଗତ ଭାବରେ ଦାବି ଉପସ୍ଥାପନ କରାଯାଇପାରିବ। ଉକ୍ତ ଗୋଷ୍ଠୀ ମାନସିକ ଅସୁସ୍ଥତା ପ୍ରତି ଥିବା ଅନ୍ଧବିଶ୍ୱାସ ଏବଂ କୁ-ସଂସ୍କାର ବିଷୟରେ ସମାଜରେ ସଚେତନତା ସୃଷ୍ଟି କରିପାରିବେ। ଫଳତଃ ଅସୁସ୍ଥ ବ୍ୟକ୍ତିଟି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବ।

ଶଗଡ଼ା, ବୌଦ୍ଧ
ମୋ-୮୩୨୮୮୪୮୧୪୫

# ବାତ୍ୟାର ବୈଜ୍ଞାନିକ ବିଶ୍ଳେଷଣ



ଡ. ସଞ୍ଜୟ କୁମାର ସାମନ୍ତରାୟ

ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟାରେ ଓଡ଼ିଶା ପ୍ରାୟ ପ୍ରତ୍ୟେକ ବର୍ଷ ଗଭୀର ଭାବେ ପ୍ରଭାବିତ ହୋଇ ଆସୁଛି। କେଉଁ ବର୍ଷ ବର୍ଷାଦିନ ପୂର୍ବରୁ ବାତ୍ୟା ଆସେ ତ କେଉଁ ବର୍ଷ ବର୍ଷାଦିନ ପରେ ବାତ୍ୟା ଆସେ। ବିଗତ ବର୍ଷଗୁଡ଼ିକର ବାତ୍ୟାକୁ ବୈଜ୍ଞାନିକମାନେ ବିଶ୍ଳେଷଣ କରି ଦେଖିଛନ୍ତି ଯେ, ବର୍ଷାଦିନ ପୂର୍ବରୁ ହେଉଥିବା ବାତ୍ୟାର ପ୍ରଭାବ କମ୍ ଥାଏ ଏବଂ ବର୍ଷାଦିନ ପରେ ହେଉଥିବା ବାତ୍ୟାର ପ୍ରଭାବ ଅଧିକ ଥାଏ। ୨୦୧୯ ମେ ୩ରେ ଆମେ 'ଫନୀ' ଓ ୨୦୨୦ ମେ ୨୦ ରେ 'ଅମ୍ଫନ ବାତ୍ୟାକୁ ସାମ୍ନା କରି ଆସିଛେ। ଏହାର ପ୍ରଭାବ ଅକ୍ଟୋବର ୨୯, ୧୯୯୯ ବାତ୍ୟା ତୁଳନାରେ ଯଥେଷ୍ଟ କମ୍ ଥିଲା। ଏହା ଏକ ଜ୍ୱଳନ୍ତ ଉଦାହରଣ। ୨୦୨୧ ମେ'ରେ ୩ଟି ବାତ୍ୟା ଆସିଛି। ସେଥି ମଧ୍ୟରୁ ବାତ୍ୟା 'ୟାସ' ରହିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଦ୍ୱାରା ବାତ୍ୟାରେ ଓଡ଼ିଶାବାସୀଙ୍କ ଧନ ଜୀବନ ରକ୍ଷା ହୋଇପାରିଛି। ଏହା ସମ୍ଭବ ହୋଇପାରିଛି ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକମାନଙ୍କର ଅତି ନିର୍ଭୁଲ ଆଗୁଆ ପୂର୍ବାନୁମାନ ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମ ଯୋଗୁ- ଏହା ଆମମାନଙ୍କ ପାଇଁ ଗର୍ବ ଓ ଗୌରବର କଥା।

ନିକଟରେ ଭାରତୀୟ ବୈଜ୍ଞାନିକମାନେ ଏକ ନୂଆ ପ୍ରଯୁକ୍ତି ବିକଶିତ କରିଛନ୍ତି, ଯାହା ଭାରତ ମହାସାଗରରେ ସୃଷ୍ଟି ସାମୁଦ୍ରିକ ଝଡ଼କୁ ସାଟେଲାଇଟ୍ ଅପେକ୍ଷା ଆଗୁଆ ଠାବ କରିପାରିବ। ସେମାନଙ୍କ ମତରେ ବାତ୍ୟାଜନିତ କ୍ଷୟକ୍ଷତି ରୋକିବାରେ ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଯଥେଷ୍ଟ ପୂର୍ବରୁ ଗ୍ରହଣ କରାଯାଇପାରିବ। ବର୍ତ୍ତମାନ ପର୍ଯ୍ୟନ୍ତ ରିମୋର୍ଟ ସେନ୍‌ସିଂ ପ୍ରଯୁକ୍ତି ସାମୁଦ୍ରିକ ଝଡ଼କୁ ଯଥେଷ୍ଟ ପୂର୍ବରୁ ଚିହ୍ନଟ କରୁଥିଲେ ହେଁ ଏହା ସମ୍ଭବ ହୋଇଥାଏ। ଯେତେବେଳେ ଉଷ୍ମ ମହାସାଗର ପୃଷ୍ଠରେ ସୃଷ୍ଟି ଲଘୁଚାପ ସିଷ୍ଟମ ବିକଶିତ ହୁଏ, ତେବେ ଉଷ୍ମ ସାଗର ପରିବେଶରେ ସାଇକ୍ଲୋନିକ ସିଷ୍ଟମ ସୃଷ୍ଟି ହେବା ପୂର୍ବରୁ ବାୟୁମଣ୍ଡଳୀୟ ଅସ୍ଥିରତା ପ୍ରକ୍ରିୟା ସହିତ ଜଳାବର୍ତ୍ତ ହୋଇଥାଏ; ଯାହା ଉଚ୍ଚତର ବାୟୁମଣ୍ଡଳୀୟ ସ୍ତରରେ ବଢ଼ିଥାଏ। ସମୁଦ୍ର ଉପରେ ଡିପ୍ରେସନ ସୃଷ୍ଟି ସମ୍ପର୍କରେ ଜାଣିବାରେ ଏହା ଏକ ମୁଖ୍ୟ ବୈଶିଷ୍ଟ୍ୟ। ଏହାକୁ ବ୍ୟବହାର କରି ଅନେକ ପୂର୍ବରୁ ବାତ୍ୟା ସମ୍ପର୍କରେ ପୂର୍ବାନୁମାନ କରାଯାଇପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଉକ୍ତ ଟେକ୍‌ନୋଲୋଜିର ବିକାଶ କରିଛନ୍ତି ୟାଣ୍ଟାଇ ଇନ୍‌ଷ୍ଟିଚ୍ୟୁଟ ଅଫ୍ କୋଷ୍ଟାଲ ଜୋନ୍(ଚାଇନା)ର ଭୌତିକ ସମୁଦ୍ର ବିଜ୍ଞାନ ଗବେଷିକା ବିଷ୍ଣୁପ୍ରିୟା ସାହୁ (ଓଡ଼ିଶା), ଆଇଆଇଟି ଖଡ଼ଗପୁରର ଜିୟା ଆଲବର୍ଟ ଏବଂ ପ୍ରସାଦ କେ. ଭାସ୍କରନ୍। ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ (ସିସିପି) ଅଧୀନ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସହଯୋଗରେ ସେମାନେ ନୂଆ ପଦ୍ଧତି ବିକଶିତ କରିଛନ୍ତି। ଉକ୍ତ ୩ ଜଣ ଭାରତୀୟ ବୈଜ୍ଞାନିକଙ୍କ ଗବେଷଣା ନିକଟରେ ଆଟ୍‌ମୋସ୍ଫିୟରିକ୍ ଗବେଷଣା ପତ୍ରିକାରେ ପ୍ରକାଶ ପାଇଛି। ପୁନଶ୍ଚ ସେମାନେ ୨୦୧୩ର ଫାଇଲିନ୍ ଓ ବାର୍ଦ୍ଦା, ୨୦୧୮ର ଗାଜା ଓ ମାଡ଼ି, ୨୦୧୭ର ମୋରା ଏବଂ ୨୦୦୯ର ଆଇଲା ବାତ୍ୟାକୁ ନେଇ ଅଧ୍ୟୟନ କରିଥିଲେ। ସେମାନଙ୍କ ପଦ୍ଧତିରେ ଉକ୍ତ ବାତ୍ୟାଗୁଡିକୁ ଅନ୍ୟୂନ ୪ ଦିନ ଆଗରୁ ଜାଣିପାରିବେ ବୋଲି ବୈଜ୍ଞାନିକମାନେ ମତପ୍ରକାଶ କରିଥିଲେ।

୧୮୯୧ରୁ ୨୦୦୦ ମଧ୍ୟରେ ଓଡ଼ିଶା ପ୍ରାୟ ୯୮ଟି ବାତ୍ୟାର ମୁକାବିଲା କରିଥିବାବେଳେ ପଶ୍ଚିମବଙ୍ଗ ୬୯ଟି, ତାମିଲନାଡୁ ୬୨ଟି, ଗୁଜରାଟ ୨୮ଟି, କେରଳ ୩ଟି ଓ କର୍ଣାଟକ ୨ଟି ବାତ୍ୟାର ସମ୍ମୁଖୀନ ହୋଇଛନ୍ତି। କେବଳ ୧୯୯୯ରୁ ୨୦୨୧ ମଧ୍ୟରେ ଓଡ଼ିଶା ୮ଟି ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ବାତ୍ୟାରେ ଅନେକ ଧନ ଜୀବନ, ଗୃହପାଳିତ ପଶୁ, କୃଷିଜାତ ଦ୍ରବ୍ୟ, ରାସ୍ତାଘାଟ, ଘରଦ୍ୱାର, ବିଜୁଳି ଶକ୍ତି, ବୃକ୍ଷଲତା, ଜୀବଜନ୍ତୁ, ଅଫିସ ରେକର୍ଡପତ୍ର, ଘରର ଆସବାବପତ୍ର ଓ ସର୍ବୋପରି ଅନେକ ଲୋକ ବିଭିନ୍ନ ରୋଗ ଓ ମହାମାରୀରେ ଶିକାର ହୁଅନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ସମ୍ଭାବ୍ୟ ବାତ୍ୟା ପୂର୍ବରୁ ପ୍ରସ୍ତୁତି, ବାତ୍ୟା ସମୟରେ ସତର୍କତା ଓ ବାତ୍ୟା ପରବର୍ତ୍ତୀ ତୁରନ୍ତ ପଦକ୍ଷେପ ନେଲେ ଅନେକ ଧନଜୀବନ ଓ ବହୁମୂଲ୍ୟ ସମ୍ପତ୍ତି ରକ୍ଷା କରାଯାଇପାରିବ।

ସାଧାରଣତଃ ବାତ୍ୟା ପୂର୍ବରୁ ଯେଉଁସବୁ ତୁରନ୍ତ ପଦକ୍ଷେପ ନେବାକଥା ସେଗୁଡ଼ିକ ମଧ୍ୟରେ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀ ତଥା ଅନ୍ୟ ଲୋକମାନଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା, ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରିବା ଅତ୍ୟନ୍ତ ଜରୁରୀ। ବିପର୍ଯ୍ୟୟ ପରିଚାଳନା ଟିମ୍, ଓଡ୍ରାଫ, ଏନ୍‌ଡିଆର୍‌ଏଫ, ରାସ୍ତା ସଫା ମେଶିନ ଓ ଉଦ୍ଧାର କାର୍ଯ୍ୟ ପାଇଁ ଆବଶ୍ୟକ ସମସ୍ତ ଯନ୍ତ୍ରପାତି ବାତ୍ୟା ପୂର୍ବରୁ ବିଭିନ୍ନ ପ୍ରଭାବିତ ହେବାକୁ ଥିବା ଜିଲାକୁ ପଠାଇବା ନିତାନ୍ତ ଆବଶ୍ୟକ। ଅମଳ ହେବାକୁ ଥିବା ଶସ୍ୟ ଜାତୀୟ ଫସଲ, ପନିପରିବା, ଫଳମୂଳ ଅମଳ କରି ପିଇବା ପାଣି, ଘରର ଖାଦ୍ୟଦ୍ରବ୍ୟ, ମୂଲ୍ୟବାନ ପଦାର୍ଥକୁ ନିରାପଦ ସ୍ଥାନରେ ରଖିବା ଚାଷୀ ଭଉଣୀ ଭାଇମାନଙ୍କର ଏକାନ୍ତ କାମ୍ୟ। ବାତ୍ୟା ସମୟରେ ବାତ୍ୟା ଆଶ୍ରୟସ୍ଥଳ କିମ୍ବା ପକ୍କାଘରେ ବାତ୍ୟା ପରେ ପରେ ଅନେକ ଲୋକ ଓ ଗୃହପାଳିତ ପଶୁପକ୍ଷୀ ବିଭିନ୍ନ ପ୍ରକାର ରୋଗର ଶିକାର ହୁଅନ୍ତି। ଡାକ୍ତରଙ୍କୁ ପରାମର୍ଶ କରି ଔଷଧ ସେବନ କରନ୍ତୁ। ଫସଲ କିଆରିରେ ଜମି ରହିଥିବା ଜଳକୁ ହୁଡ଼ା କାଟି ନିଷ୍କାସନ କରିଦିଅନ୍ତୁ। ଉପୁଡ଼ି ପଡ଼ିଥିବା ବୃକ୍ଷଲତାକୁ ଯଥାସମ୍ଭବ ରକ୍ଷା କରନ୍ତୁ। ଆବଶ୍ୟକସ୍ଥଳେ ବର୍ଷାପାଣିକୁ ବାନ୍ଧି ରଖି ଚାଷ କ୍ଷେତ୍ରରେ ଲଗାନ୍ତୁ।

ବାତ୍ୟା ସହନଶୀଳ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ସମୁଦ୍ର ଜୁଆର ରୋକିବା ପାଇଁ ସୁଦୃଢ଼ ଉଚ୍ଚ ଘେରିବନ୍ଧ ବୈଜ୍ଞାନିକମାନଙ୍କ ପରାମର୍ଶରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଶୀଘ୍ର ତିଆରି କଲେ ଭବିଷ୍ୟତରେ ହେବାକୁଥିବା ବାତ୍ୟା ଦାଉରୁ ଅନେକ ମୂଲ୍ୟବାନ ଧନ, ଜୀବନ, ଜୀବିକା, ପଶୁପକ୍ଷୀ, ବୃକ୍ଷଲତା, ରାସ୍ତାଘାଟକୁ ରକ୍ଷା କରାଯାଇ ପାରିବ- ଏହା ନିଃସନ୍ଦେହ। ସମୟ ଥାଉ ଥାଉ ସରକାର ଉଚିତ ପଦକ୍ଷେପ ନେବା ଏକାନ୍ତ କାମ୍ୟ।

ପ୍ରତିଷ୍ଠାତା ସଭାପତି,
ଭାରତୀୟ ଜଳବାୟୁ କଂଗ୍ରେସ ଓ ପ୍ରାକ୍ତନ
ଅଧ୍ୟକ୍ଷ ଓୟୁଏଟି, ଭୁବନେଶ୍ୱର
ମୋ: ୯୪୩୮୧୨୬୯୯୪

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | 7 | | | | | | 1 |
| 9 | 8 | | 2 | | 7 | 4 | | |
| 4 | | | | | | | | 8 |
| | | | 7 | | 9 | | | |
| | 9 | | | | | 6 | | |
| 6 | | 5 | | | 1 | | | |
| | | | | 9 | | | | |
| | | 6 | 3 | | 4 | | 5 | 2 |
| | | | | 7 | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 4 | 3 | 8 | 2 | 6 | 5 |
| 4 | 6 | 2 | 1 | 9 | 5 | 3 | 7 | 8 |
| 5 | 3 | 8 | 7 | 6 | 2 | 9 | 4 | 1 |
| 8 | 1 | 3 | 9 | 5 | 6 | 7 | 2 | 4 |
| 7 | 9 | 6 | 2 | 1 | 4 | 8 | 5 | 3 |
| 2 | 4 | 5 | 8 | 7 | 3 | 1 | 9 | 6 |
| 3 | 2 | 1 | 5 | 4 | 7 | 6 | 8 | 9 |
| 9 | 5 | 7 | 6 | 8 | 1 | 4 | 3 | 2 |
| 6 | 8 | 4 | 3 | 2 | 9 | 5 | 1 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସଚେତନ ହେବା ଜରୁରୀ

ମହାଶୟ,

ଦୁଇବର୍ଷ ଧରି କରୋନା ଦେଶରେ ତାଣ୍ଡବ ଲୀଳା ଜାରି ରଖିଛି। ପୃଥିବୀର ବୈଜ୍ଞାନିକ, ଡାକ୍ତର ଓ ଟେକ୍ନୋଲୋଜି ତାହାର ବିଶାଳ କାୟା ଆଗରେ ପ୍ରତିହତ। କିନ୍ତୁ ସେ ଜନ ସମାଜକୁ ଗ୍ରାସିବାରେ ଲାଗିଛି। ଟିକାକରଣ ଚାଲିଛି, ଟେଷ୍ଟିଂ ଚାଲିଛି। ହେଲେ ଏତେବଡ଼ ବିଶାଳ ଜନସଂଖ୍ୟା ପାଇଁ କୋଟି କୋଟି ଟଙ୍କାର ସମ୍ବଳ ଯୋଗାଡ଼ କରି ସମସ୍ତଙ୍କୁ ଟିକାକରଣ କରିବା ସମୟସାପେକ୍ଷ। ଏହି ସମୟ ମଧ୍ୟରେ କରୋନା ବହୁ ଲୋକଙ୍କୁ ମାରି ପକାଇବ। ତେଣୁ ସରକାର ସେଥିପ୍ରତି ଖୁବ୍ ସଜାଗ ଅଛନ୍ତି। ୦ଆମେ କରୋନାରେ ନିଜ ଜୀବନ ରଖିବାକୁ ଚେଷ୍ଟା କରିବା ଉଚିତ। କିଛି ଅମାନିଆଙ୍କ ଯୋଗୁ ସମଗ୍ର ଗ୍ରାମ ସହରର ମୃତ୍ୟୁ ସଂଖ୍ୟା ବଢ଼ିଯିବ। ଯେଉଁମାନେ ମହାମାରୀର ତାଣ୍ଡବ ଲୀଳାକୁ ହେୟ ଜ୍ଞାନ କରୁଛନ୍ତି ସେମାନେ ଭାବିବା ଦରକାର। ମହାମାରୀ ଏମିତି କିଛିବର୍ଷ ରହିପାରେ। ତା' ସାଙ୍ଗକୁ ପ୍ରକୃତିର ଉଗ୍ରରୂପ ତା' ମଧ୍ୟରେ ମାଡ଼ିଆସୁଛି। ଆମେ ଯେତେ ବେଖାତିର କରିବା ଆମର କାଳକୁ ଆମେ ଡାକିଆଣିବା। କେହି ରକ୍ଷା କରିପାରିବେନି। ସରକାର କ'ଣ କରିବେ। ସରକାର ଜନତାଙ୍କୁ ଧରି ଲୋକଙ୍କ ପ୍ରାଣରକ୍ଷା କରିବା ପାଇଁ ଚେଷ୍ଟିତ। ବର୍ତ୍ତମାନ ସୁଦ୍ଧା କରୋନା ଯୋଗୁ ଲୋକଙ୍କ ଆୟ ଦେଶର ଆୟ ସବୁ ବନ୍ଦ ହୋଇଗଲାଣି। ଦେଶ ଯେଉଁ ହାରରେ ଏହି କିଛିବର୍ଷ ପୂର୍ବରୁ ଉନ୍ନତି କରିଥିଲା ସେ ପୁଣି ତଳକୁ ଖସିଯିବ। ସରକାର ଟଙ୍କା ପାଇବେ କୋଉଠୁ ଲୋକଙ୍କୁ ସବୁ ସୁବିଧାରେ ଯୋଗାଇ ପାରିବେ। ତେଣୁ ସମସ୍ତେ ଦୃଢ଼ ଭାବରେ ସରକାରଙ୍କ ଗାଇଡ୍ ଲାଇନ ମାନିଲେ କରୋନା ପ୍ରତିହତ ହେବ, ଦେଶ ଆଗେଇବ।

- ସୋମନାଥ ମହାପାତ୍ର, ପୂବାଶାସନ, କୌଶଲ୍ୟାଗଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଅନେକ ସମୟରେ ଜଣକର ଅଭିନୟ ଚିନ୍ତା ଓ କୌଶଳ ଏକ ଜଟିଳ ସମସ୍ୟାର ସମାଧାନ ବାଟ ଦେଖାଇଥାଏ। ଯେମିତି କରିଛନ୍ତି ଗୁଜରାଟର ରାହୁଲ ଚୌଧୁରୀ। ପରିବେଶ ସୁରକ୍ଷା ଲାଗି ପ୍ଲାଷ୍ଟିକ୍ ବର୍ଜ୍ୟର ପୁନଃ ଉପଯୋଗ କରି ମଜଭୁତ ଶିଟ୍ ବା ଚାଦର ପ୍ରସ୍ତୁତ କରୁଛନ୍ତି। ମଲ୍‌ଟି ଲେୟାର୍ଡ ପ୍ଲାଷ୍ଟିକ୍ ବା ବହୁ ପରସ୍ତ ପ୍ଲାଷ୍ଟିକ ଦ୍ରବ୍ୟ ଯଥା ୱାର୍ପର ଓ ଟୁଥ୍‌ପେଷ୍ଟ ଟ୍ୟୁବ୍ ସଂଗ୍ରହ କରି ସେ ଶିଟ୍ ପ୍ରସ୍ତୁତ କରୁଛନ୍ତି। ଏହା ନିଆଁ, ପାଣି, ଉତ୍ତାପ ପ୍ରତିରୋଧୀ ଓ ଉଇ ଏହାକୁ ନଷ୍ଟ କରିପାରୁ ନାହିଁ। ଏବେସୁଦ୍ଧା ରାହୁଲ ୮୦,୦୦୦ ଟନ୍ ପ୍ଲାଷ୍ଟିକ୍ ସଂଗ୍ରହ କରି ତାହାକୁ ଶିଟ୍ ପ୍ରସ୍ତୁତିରେ ବ୍ୟବହାର କରିସାରିଲେଣି। ଏହିସବୁ ଶିଟ୍‌ରେ ଘର ଛାତ ତଥା ବେଞ୍ଚ ନିର୍ମାଣ କରାଯାଉଛି। ଏହା ମଧ୍ୟ ସହଜରେ ବିଘଟନ ହେଉଛି। ୨୦୧୪ରେ ରାହୁଲ 'ରିକନ ପ୍ୟାନେଲମ୍' ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ଏହି କାର୍ଯ୍ୟ କରୁଛନ୍ତି। ଏବେ ଦିନକୁ ସେ ୫୦୦ ଟନ୍ ମଲ୍‌ଟି ଲେୟାର୍ଡ ପ୍ଲାଷ୍ଟିକ୍ ଦ୍ରବ୍ୟର ରିସାଇକ୍ଲିଂ କରୁଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ଶିଟ୍ ଯଦି ନଷ୍ଟ ହେଉଛି ତେବେ ତାହାକୁ ମଧ୍ୟ ରିସାଇକ୍ଲିଂ କରାଯାଉଛି। ତେବେ ଏହି ଉତ୍ପାଦ ଅତି କମ୍‌ରେ ୧୫ ବର୍ଷ କୌଣସି କ୍ଷତି ହେବାର ଆଶଙ୍କା ନ ଥିବା କହନ୍ତି ରାହୁଲ। ଏବେ ସେ ଷ୍ଟାର୍ଟଅପ୍‌ର ରିସାଇକ୍ଲିଂର କ୍ଷମତା ୫୦୦ ଟନ୍‌ରୁ ୧୦୦୦ ଟନ୍‌କୁ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ପ୍ଲାଷ୍ଟିକ୍ ବର୍ଜ୍ୟ ସମସ୍ୟା ସମାଧାନ କରି ପରିବେଶ ଉପଯୋଗୀ ଦ୍ରବ୍ୟ ପ୍ରସ୍ତୁତ କରୁଥିବାରୁ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଏସ୍) ତାଙ୍କୁ ସମ୍ମାନିତ କରିଛି। ଭାରତରେ ପ୍ୟାକେଜିଂରେ ବ୍ୟବହୃତ ପ୍ଲାଷ୍ଟିକ୍ ମଧ୍ୟରେ ମଲ୍‌ଟି ଲେୟାର୍ଡ ପ୍ଲାଷ୍ଟିକ୍ ୪୫% ରହୁଥିବାରୁ ଏଭଳି ବର୍ଜ୍ୟ ସମସ୍ୟା ଦୂର କରିବାରେ ରାହୁଲଙ୍କ ଷ୍ଟାର୍ଟଅପ୍ ଯଥେଷ୍ଟ ସହାୟକ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜୁଲାଇ ୧୯୯୬

- ରାଣୀ ଏଲିଜାବେଥଙ୍କ ଖ୍ରୀଷ୍ଟମାସ ବାର୍ତ୍ତାର ପ୍ରଯୋଜନା ପାଇଁ ବିବିସିର ଏକଚାଟିଆ ଅଧିକାର ପ୍ରତ୍ୟାହୃତ।
- କେନ୍ଦ୍ର ଲଳିତକଳା ଏକାଡ଼େମୀ ସମ୍ପାଦକ ପଦରୁ ଦୀନନାଥ ପାଠୀଙ୍କ ଇସ୍ତଫା।

## ଚିରନ୍ତନୀ

ପରମାଣୁ ସମ ମୁହିଁ
ପାଇଛି ଯେତିକି ଅଧିକାର
ତବ ଅଙ୍ଗେ, ମୋର ବୋଲି
ଯେଉଁ ସ୍ଥାନ ଅଛି କହିବାର। -(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ରାଷ୍ଟ୍ରପତି ରାମନାଥ କୋବିନ୍ଦ(୭୬)ଙ୍କ କାର୍ଯ୍ୟକାଳକୁ ରବିବାର ୪ ବର୍ଷ ପୂରିଛି। ଏହି ସମୟ ମଧ୍ୟରେ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୬୩ ବିଧେୟକକୁ ମଞ୍ଜୁରି ଦେଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। କୋବିନ୍ଦ ୨୦୧୭ ଜୁଲାଇ ୨୫ରେ ଭାରତର ୧୪ତମ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ। ଏହି ଅବସରରେ ତାଙ୍କ କାର୍ଯ୍ୟ ସମ୍ପର୍କରେ ଏକ ଇ-ବୁକ୍ ଶେୟାର କରାଯାଇଛି। କୋବିନ୍ଦ ୧୩ ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳ ଗସ୍ତ କରିଥିବା ସେଥିରେ ଉଲ୍ଲେଖ ରହିଛି।



## ସଂକ୍ଷେପରେ

### ଅଯୋଧ୍ୟାରୁ ନିର୍ବାଚନ ଲଢ଼ିପାରନ୍ତି ଯୋଗୀ

ଲକ୍ଷ୍ନୌ, ୨୫।୭- ଆସନ୍ତା ବର୍ଷ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୋରଖପୁର ପରିବର୍ତ୍ତେ ଅଯୋଧ୍ୟା ଆସନରୁ ଲଢ଼ିପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବର୍ତ୍ତମାନ ଅଯୋଧ୍ୟାରୁ ବିଧାୟକ ଥିବା ବେଦପ୍ରକାଶ ଗୁପ୍ତା ତାଙ୍କ ଆସନ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ିଦେବା ଲାଗି ପ୍ରସ୍ତୁତ ବୋଲି ରବିବାର କହିଛନ୍ତି। ମୁଖ୍ୟମନ୍ତ୍ରୀ ଅଯୋଧ୍ୟାରୁ ନିର୍ବାଚନ ଲଢ଼ିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଭାଗ୍ୟର କଥା ହେବ ବୋଲି ସେ କହିଛନ୍ତି। ଭାଜପା ପୁଣି ଥରେ ସରକାର ଗଢ଼ିବ ବୋଲି ବେଦପ୍ରକାଶ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଆଜି କାର୍ଗିଲ ବିଜୟ ଦିବସ

ଦ୍ରାସ୍ ସେକ୍ଟରରେ ସିଡିଏସ୍ ବିପିନ ରାୱତ



ଡେରାଡୁନ, ୨୫।୭- ସୋମବାର କାର୍ଗିଲ ବିଜୟ ଦିବସ ପାଳନ ହେବାକୁ ଯାଉଥିବାବେଳେ ଏହାର ଦିନକ ପୂର୍ବରୁ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ କାର୍ଗିଲ ଜିଲାର ଦ୍ରାସ୍ ସେକ୍ଟରକୁ ଯାଇଛନ୍ତି। ସେ ସେଠାରେ ସୁରକ୍ଷା ସ୍ଥିତି ଏବଂ ସୈନ୍ୟମାନଙ୍କ ପ୍ରସ୍ତୁତିର ସମୀକ୍ଷା କରିବେ। କାର୍ଗିଲ ବିଜୟର ୨୨ତମ ବାର୍ଷିକୀ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ଦ୍ରାସ ସେକ୍ଟର ଗସ୍ତ କରି ୧୯୯୯ ଯୁଦ୍ଧ ବେଳେ ଦେଶ ପାଇଁ ପ୍ରାଣବଳି ଦେଇଥିବା ଭାରତର ବୀର ଯବାନମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ସେଥିପାଇଁ ରାଷ୍ଟ୍ରପତି ୪ ଦିନିଆ ଜମ୍ମୁ-କଶ୍ମୀର ଓ ଲଦାଖ ଗସ୍ତରେ ଯାଇ ରବିବାର ଶ୍ରୀନଗରରେ ପହଞ୍ଚିଛନ୍ତି। ଉପରାଜ୍ୟପାଳ ମନୋଜ ସିହ୍ନା ଓ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ୨୦୧୯ରେ ଖରାପ ପାଗ ଯୋଗୁ ରାଷ୍ଟ୍ରପତି ଦ୍ରାସ ଯାଇ ନ ପାରି ଶ୍ରୀନଗରସ୍ଥିତ ସେନାର ୧୫ କର୍ପସ ମୁଖ୍ୟାଳୟରେ ଥିବା ଯୁଦ୍ଧ ସ୍ମାରକୀଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ତାଲିବାନକୁ ଆତଙ୍କବାଦୀ ଯୋଗାଉଛି ପାକିସ୍ତାନ

ନୂଆଦିଲ୍ଲୀ, ୨୫।୭(ଆଇଏଏନ୍ଏସ୍)

ତାଲିବାନ ଆତଙ୍କବାଦୀଙ୍କୁ ପାକିସ୍ତାନ ସହାୟତା କରୁଥିବା ନେଇ ଆଫଗାନିସ୍ତାନ ଅଭିଯୋଗ କରିଆସୁଛି। ଏପରିକି ପାକିସ୍ତାନରେ ଥିବା ମଦ୍ରାସାଗୁଡ଼ିକୁ ଏବେ ତାଲିବାନ ଆତଙ୍କବାଦୀ ନିଯୁକ୍ତି ପାଇଁ ବ୍ୟବହାର କରୁଥିବା ଆଫଗାନିସ୍ତାନ ଜାତୀୟ ସୁରକ୍ଷା ଉପଦେଷ୍ଟା ହାମଦୁଲ୍ଲା ମୋହିବ୍ ଅଭିଯୋଗ କରିଛନ୍ତି। ଆଫଗାନ ସୈନ୍ୟଙ୍କ ବିରୋଧରେ ଲଢ଼ିବା ପାଇଁ ପାକିସ୍ତାନରୁ ୧୫,୦୦୦ ଆତଙ୍କବାଦୀ ତାଙ୍କ ଦେଶରେ ପ୍ରବେଶ କରିପାରନ୍ତି ବୋଲି ସେ ସୂଚନା ଦେଇଛନ୍ତି। ତାଲିବାନ ଆତଙ୍କବାଦୀଙ୍କ ପାଇଁ ଇସ୍‌ଲାମାବାଦ ନିରାପଦ ଭୂସ୍ୱର୍ଗ ପାଲଟିବା ସହ ଏହାର ମଦ୍ରାସାଗୁଡ଼ିକ ଆତଙ୍କବାଦୀ ନିଯୁକ୍ତି କେନ୍ଦ୍ରରେ ପରିଣତ ହୋଇଛନ୍ତି। ପ୍ରତିବର୍ଷ ବହୁସଂଖ୍ୟାରେ ତାଲିବାନ ଆତଙ୍କବାଦୀ ନିପାତ ହେଉଥିବାବେଳେ ପାକିସ୍ତାନ ନୂଆ ଆତଙ୍କବାଦୀଙ୍କୁ ନିଯୁକ୍ତି ଦେଇ ସେହି ସ୍ଥାନ ପୂରଣ କରୁଛି। ଫଳରେ ସେମାନେ ଆଫଗାନିସ୍ତାନରେ ପୁଣିଥରେ ମୁଣ୍ଡ ଟେକିବାର ସୁଯୋଗ ପାଉଛନ୍ତି। ଚଳିତବର୍ଷ ଆଫଗାନିସ୍ତାନରେ ଲଢ଼ିବାକୁ ପାକିସ୍ତାନ ମଦ୍ରାସା ୧୦, ୦୦୦ ଆତଙ୍କବାଦୀ ଯୋଗାଇଥିବା ଆକଳନ କରାଯାଉଛି। ନୂଆ ନିଯୁକ୍ତି ହୋଇଥିବା ଆଉ ୧୫,୦୦୦ ଆତଙ୍କବାଦୀ ଆସିପାରନ୍ତି ବୋଲି ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଥିବା ମୋହିବ କହିଛନ୍ତି। ଆଫଗାନିସ୍ତାନରେ ଆହତ ହେଉଥିବା ତାଲିବାନ ଆତଙ୍କବାଦୀମାନେ ପାକିସ୍ତାନର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପାକିସ୍ତାନୀ ପ୍ରତିରକ୍ଷା ପ୍ରତିଷ୍ଠାନ ସେମାନଙ୍କୁ ସାମରିକ, ଆର୍ଥିକ ଏବଂ ଭାବଗତ ସହାୟତା ଯୋଗାଇଦେଇ ଆସୁଛି। ଆଫଗାନିସ୍ତାନ ରାଷ୍ଟ୍ରପତି ମହମ୍ମଦ ଅଶ୍ରଫ୍ ଘନି ମଧ୍ୟ ପାକିସ୍ତାନର ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ତାଲିବାନ୍‌ର ଅଲ୍-କାଏଦା, ଲଶ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦ ସହ ଘନିଷ୍ଠ ସମ୍ପର୍କ ଥିବା ଘନି କହିଛନ୍ତି।



**ପାକ୍ ମଦ୍ରାସାରେ ଆତଙ୍କବାଦୀଙ୍କୁ ନିଯୁକ୍ତି ଦିଆଯାଉଛି**

### ୮୧ ଆତଙ୍କବାଦୀ ନିହତ

**କାବୁଲ, ୨୫।୭:** ଆଫଗାନିସ୍ତାନର ବଲ୍‌ଖା ପ୍ରଦେଶରେ ସେନା ପକ୍ଷରୁ ହେଲିକପ୍ଟର ଓ ଲଢ଼ୁଆ ବିମାନରୁ ଆକ୍ରମଣ ହେବାରୁ ୮୧ ଆତଙ୍କବାଦୀ ନିହତ ଓ ୪୩ ଆହତ ହୋଇଛନ୍ତି। ଶନିବାର କାଲଦାର ଏବଂ ଚାମ୍‌ତାଲ ଜିଲାରେ ଏହି ଆକ୍ରମଣ ହୋଇଥିଲା। ଏଥିସହିତ ଆତଙ୍କବାଦୀଙ୍କର ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ମୋଟରସାଇକେଲ ଓ ଅନ୍ୟାନ୍ୟ ଗାଡ଼ି ଧ୍ୱଂସ ହୋଇଛି। ଅନ୍ୟପକ୍ଷରେ ଗତ ମେ'ରୁ ଇତିମଧ୍ୟରେ ତାଲିବାନ ଆଫଗାନିସ୍ତାନର ପାଖାପାଖି ୨୦୦ ଜିଲା ଦଖଲ କରିଥିବା ଦାବି କରିଛି।

### ନାବାଳକଙ୍କୁ ହତ୍ୟା: ପ୍ରେମିକାଙ୍କ ଘର ଆଗରେ ଜଳିଲା ଜୁଇ

ପାଟନା, ୨୫।୭:

ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ବିହାରର ମୁଜାଫରପୁର ଜିଲାରେ ଜଣେ ୧୭ ବର୍ଷୀୟ ବାଳକଙ୍କୁ ହତ୍ୟା କରାଯାଇଛି। ପ୍ରେମିକାଙ୍କ ପରିବାର ତାଙ୍କୁ ପିଟିପିଟି ହତ୍ୟା କରିବା ସହ ଗୁପ୍ତାଙ୍ଗକୁ କାଟି ଦେଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ପରିବାର ଲୋକେ ପ୍ରେମିକାଙ୍କ ଘର ଆଗରେ ମୃତଦେହ ସତ୍କାର କରିଛନ୍ତି। ସୌରଭ କୁମାର ଶୁକ୍ରବାର ରାତିରେ ନିକଟସ୍ଥ ଗ୍ରାମରେ ଥିବା ତାଙ୍କ ପ୍ରେମିକାଙ୍କ ଘରକୁ ଯାଇଥିବାବେଳେ ଧରା ପଡ଼ିଥିଲେ। ଝିଅ ଘର ଲୋକେ ଉତ୍ତ୍ୟକ୍ତ ହୋଇ ସୌରଭଙ୍କୁ ମାଡ଼ ମାରିବା ସହ ତାଙ୍କ ଗୁପ୍ତାଙ୍ଗକୁ କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସୌରଭଙ୍କ ଘର ଲୋକେ ପ୍ରେମିକାଙ୍କ ଘର ଉପରେ ଆକ୍ରମଣ କରିବା ସହ ସେଠାରେ ହିଁ ତାଙ୍କ ଅନ୍ତିମ ସଂସ୍କାର କରିଥିଲେ। ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି।

# ସୁପ୍ରିମକୋର୍ଟରେ ପିଆଇଏଲ୍

ନୂଆଦିଲ୍ଲୀ, ୨୫।୭



- ପେଗାସସ୍ ଗୁପ୍ତଚରଗିରି ମାମଲା
- ତଦନ୍ତ ଦାବି କଲେ ସିପିଏମ୍ ନେତା ଜନ୍ ବ୍ରିଟାସ୍

ଇସ୍ରାଏଲରେ ପ୍ରସ୍ତୁତ ସ୍ପାଏୱେର ପେଗାସସ୍ ଦ୍ୱାରା ରାଜନେତା, ବିଚାର ବିଭାଗୀୟ କାର୍ଯ୍ୟକର୍ତ୍ତା, ଖବରଦାତା ତଥା ଜନସାଧାରଣଙ୍କ ଗୁପ୍ତଚରଗିରି ଘଟଣାର ତଦନ୍ତ ସୁପ୍ରିମକୋର୍ଟଙ୍କ ତଦାରଖରେ କରାଯିବାକୁ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ରାଜ୍ୟସଭା ଏମ୍‌ପି ତଥା କେରଳର ସିପିଏମ୍ ନେତା ଜନ୍ ବ୍ରିଟାସ୍ ଏହି ପିଟିଶନ ଦାଖଲ କରିଛନ୍ତି। ଗୁପ୍ତଚରଗିରିର ଶିକାର ହୋଇଥିବା ବ୍ୟକ୍ତିତ୍ୱଙ୍କ ମଧ୍ୟରେ ସୁପ୍ରିମକୋର୍ଟର ବିଚାରପତିଙ୍କ ନାମ ରହିଥିବା 'ଦି ୱାୟର' ନ୍ୟୁଜ୍ ୱେବ୍‌ସାଇଟ୍ ରିପୋର୍ଟରେ ଦର୍ଶାଇବା ଚିନ୍ତାଜନକ ବୋଲି ବ୍ରିଟାସ୍ କହିଛନ୍ତି। ଏ ସମ୍ପର୍କରେ ପାର୍ଲାମେଣ୍ଟରେ ପ୍ରଶ୍ନ ଉଠାଯାଇଥିଲେ ହେଁ କେନ୍ଦ୍ର ସରକାର ଏହି ସଫ୍ଟୱେର କିଣିଛନ୍ତି କି ନାହିଁ କିମ୍ବା ଏଜେନ୍ସି ଦ୍ୱାରା ଏହାର ବ୍ୟବହାର କରାଯାଇଛି କି ନା ସେ ବିଷୟରେ କୌଣସି ମତ ରଖିନାହାନ୍ତି। ପ୍ରିଭେସି ନାଗରିକଙ୍କ ସମ୍ବିଧାନ ପ୍ରଦତ୍ତ ଅଧିକାର ହୋଇଥିବାବେଳେ ସ୍ପାଏୱେର ଦ୍ୱାରା ଏହାର ଉଲ୍ଲଂଘନ କରାଯାଇଛି। ଲୋକଙ୍କ ଉପରେ ଏହା ଏକ ସାଇବର ଆକ୍ରମଣ ବୋଲି ବ୍ରିଟାସ୍ କହିଛନ୍ତି।

# ପ୍ରକୃତିର କୋପ: ବର୍ଷା, ଭୂସ୍ଖଳନ ନେଲାଣି ଶତାଧିକ ଜୀବନ

ନୂଆଦିଲ୍ଲୀ, ୨୫।୭ (ପି.ଟି.)

- ମହାରାଷ୍ଟ୍ରରେ ୧୪୯ ମୃତ, ୬୪ ନିଖୋଜ
- ହିମାଚଳପ୍ରଦେଶରେ ପଥର ଖସି ୯ ଜୀବନ ଗଲା

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅନୁଭୂତ ହେବାରେ ଲାଗିଛି। ଏହାର ପ୍ରଭାବରେ ଦେଶର ବିଭିନ୍ନ ଭାଗରେ ଅତି ପ୍ରବଳ ବର୍ଷା ବିପର୍ଯ୍ୟୟ ସୃଷ୍ଟି କରିଛି। ମହାରାଷ୍ଟ୍ରରେ ଲଗାଣ ବର୍ଷା ଯୋଗୁ ଅନେକ ଜିଲାରେ ବନ୍ୟା ସାଙ୍ଗକୁ ଭୂସ୍ଖଳନ ଘଟି ୧୪୯ ଲୋକଙ୍କ ଜୀବନ ଯାଇଥିବାବେଳେ ୬୪ ଜଣ ଏବେ ବି ନିଖୋଜ ଅଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରବିବାର ହିମାଚଳପ୍ରଦେଶର କିନୌର ଜିଲାରେ ଭୂସ୍ଖଳନ ଯୋଗୁ ପାହାଡ଼ ଉପରୁ ବଡ଼ ବଡ଼ ପଥର ଖଣ୍ଡ ଖସି ୯ ଜଣଙ୍କ ଜୀବନ ନେବା ସହ ଏକ ଲୁହା ବ୍ରିଜ୍ ଭୁଶୁଡ଼ି ପଡ଼ିଛି। ଦୁଇ ସପ୍ତାହ ପୂର୍ବରୁ ହିମାଚଳପ୍ରଦେଶର ଧର୍ମଶାଳାରେ ପ୍ରବଳ ବର୍ଷା ଯୋଗୁ ଅନେକ କାର ଭାସିଯିବା ସହ ବହୁ କୋଠାଘର ଭୁଶୁଡ଼ି ପଡ଼ିଥିଲା। ଅନେକ ରାସ୍ତା ଧୋଇଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ସେହିପରି କେରଳର ବିଭିନ୍ନ ଜିଲାରେ ଅତି ପ୍ରବଳ ବର୍ଷା ହୋଇଛି। ମଧ୍ୟପ୍ରଦେଶର ଅନୁପୁର ସହରରେ ୨୪ ଘଣ୍ଟାରେ ୨୩୪.୫ ମିଲିମିଟର ବର୍ଷା ହୋଇଥିବାବେଳେ ବିଦିଶା ଜିଲାରେ ୧୯୦.୬ ମିଲିମିଟର ରେକର୍ଡ କରାଯାଇଛି। ବିଭିନ୍ନ ରାଜ୍ୟରେ ବର୍ଷା ଲାଗି ରହିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସତେ ଯେପରି ପ୍ରକୃତି କୋପ କଲାଭଳି ଅନୁଭୂତ ହେଉଛି।

ମହାରାଷ୍ଟ୍ର, କର୍ନାଟକ ଏବଂ ଗୋଆରେ ବନ୍ୟା ଆସିଥିବାବେଳେ ଉଦ୍ଧାର କାର୍ଯ୍ୟରେ ଭାରତୀୟ ତଟସୁରକ୍ଷା ବାହିନୀ ନିୟୋଜିତ ହୋଇଛି। ସେମାନେ ବନ୍ୟାଞ୍ଚଳରୁ ୨୧୫ ଜଣଙ୍କୁ ଉଦ୍ଧାର କରିଥିବା କହିଛନ୍ତି। ମହାରାଷ୍ଟ୍ରର କୋଙ୍କଣ ଅଞ୍ଚଳରୁ ୨,୨୯,୦୭୪ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। କେବଳ ରାଇଗଡ଼ ଜିଲାରେ ବନ୍ୟା ଓ ଭୂସ୍ଖଳନରେ ୬୦ ଜଣଙ୍କ ଜୀବନ ଯାଇଥିବାବେଳେ ରତ୍ନଗିରିରେ ୨୧, ସତାରାରେ ୪୧, ଠାଣେରେ ୧୨ ଏବଂ କୋହ୍ଲାପୁରରେ ୭ ଜଣ ପ୍ରାଣ ହରାଇଛନ୍ତି। ସେହିପରି ମୁମ୍ବାଇ ସହରତଳି ଅଞ୍ଚଳରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପୁଣେ ଏବଂ ସିନ୍ଧୁଦୁର୍ଗରେ ୨ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ଲଗାଣ ବର୍ଷାରେ କୋହ୍ଲାପୁର, ସାଙ୍ଗ୍‌ଲି, ସତାରା ଓ ପୁଣେର ୮୭୫ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ୨୫ ଏନ୍‌ଡିଆର୍‌ଏଫ୍ ଟିମ୍ ସମେତ ୪ ଏସ୍‌ଡିଆର୍‌ଏଫ୍ ଟିମ୍, ତଟସୁରକ୍ଷା ବାହିନୀ, ନୌସେନା ଓ ସେନା ଯବାନମାନେ ନିୟୋଜିତ ହୋଇଛନ୍ତି। ବଶିଷ୍ଠି ନଦୀରେ ଏକ ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ଚିପ୍‌ଲୁନ୍‌ରୁ ମୁମ୍ବାଇକୁ ସଂଯୋଗ କରୁଥିବା ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଛି।



ମହାରାଷ୍ଟ୍ର: କୋୟାନା ଡ୍ୟାମ ବନ୍ୟାଜଳ ଛାଡ଼ିବା ପରେ ସାଙ୍ଗଲି ଅଞ୍ଚଳ ଜଳାର୍ଣ୍ଣବ ।

### ବୃଦ୍ଧଙ୍କୁ ହତ୍ୟା, ୨ ଗିରଫ

**କପ୍ତିପଦା, ୨୫।୭(ଡ଼ି.ଏନ୍.ଏ): ମୟୂରଭଞ୍ଜ** ଜିଲା କପ୍ତିପଦା ଥାନା ଝିଙ୍କପଦା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶନିବାର ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟି ଶଶିକାନ୍ତ ସେଠୀ(୬୫) ନାମକ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ପୋଲିସ ଏକ ମାମଲା ରୁଜୁ କରି ସେହି ଗ୍ରାମର ଚନ୍ଦ୍ର ବାରିକ ଓ ତାଙ୍କ ପୁଅ ବିଟୁଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ମୃତ ଶଶିକାନ୍ତଙ୍କୁ ମାଡ଼ ମାରିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା।

### ୧୪ କେ.ଜି. ବଜ୍ରକାପ୍ତା କାତି ଜବତ, ୨ ଗିରଫ



**ଢେଙ୍କାନାଳ ଅଫିସ୍, ୨୫।୭:** ଢେଙ୍କାନାଳ ସଦର ଥାନା ଦାମୋଦରନାଳି-ଚାଉଳିଆ ରାସ୍ତାରୁ ରବିବାର ବନ ବିଭାଗ ଏବଂ କେନ୍ଦ୍ରାଞ୍ଚଳ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୧୪.୨ କେ.ଜି. ବଜ୍ରକାପ୍ତା କାତି ଜବତ କରାଯାଇଛି। ଏହି ଘଟଣାରେ ଢେଙ୍କାନାଳ ପୌରାଞ୍ଚଳ ୯ନଂ. ୱାର୍ଡ ଅନ୍ତର୍ଗତ ବନମାଳୀପ୍ରସାଦର ରତ୍ନାକର ରାଉତ (୫୧) ଏବଂ ବାଜିଚୌକ ହାଉସିଂବୋର୍ଡ ଅଞ୍ଚଳର ଫିରୋଜ ଖାନ୍ (୫୨)ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ବାଇକ୍ ଏବଂ ୨ଟି ମୋବାଇଲ ଫୋନ୍ ଜବତ ହୋଇଛି। ବାଇକ୍ ସହାୟତାରେ ବଜ୍ରକାପ୍ତା କାତି ଚୋରାଚାଲାଣ କରାଯାଉଥିଲା। କୌଣସି ସୂତ୍ରରୁ ସୂଚନା ପାଇ ବନ କର୍ମଚାରୀ ଏବଂ ୱାଇଲ୍ଡ ଲାଇଫ୍ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋର ଅଧିକାରୀମାନେ ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସହକାରୀ ବନ ସଂରକ୍ଷକ ରଶ୍ମିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି। ଏତେ ପରିମାଣର ବଜ୍ରକାପ୍ତ ଛାଲି କୁଆଡ଼େ ନିଆଯାଉଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରେ ଏକ ଅନ୍ତଃରାଜ୍ୟ ର୍ୟାକେଟ କାମ କରୁଥିବା ବନ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି।

# ସଂସ୍କୃତି ବିଭାଗର ଡେସ୍କ ଅଫିସର ନିଖୋଜ

ଭୁବନେଶ୍ୱର, ୨୫।୭(ବ୍ୟୁରୋ)

- ମାସେ ହେଲାଣି ଖୋଜଖବର ମିଳୁନି
- ଥାନାରେ ମାମଲା, ଗୃହ ଓ ସଂସ୍କୃତି ବିଭାଗକୁ ସ୍ତ୍ରୀଙ୍କ ଚିଠି
- ଅତ୍ୟଧିକ କାର୍ଯ୍ୟଭାର, ଅପହରଣ ଅଭିଯୋଗ

ଲୋକସେବା ଭବନରେ ଥିବା ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗରେ ଡେସ୍କ ଅଫିସର ଭାବେ କାର୍ଯ୍ୟ କରୁଥିବା ସନ୍ତୋଷ ଦଳବେହେରା(୫୫)ଙ୍କର ମାସେ ହେବ ଖୋଜଖବର ମିଳୁନି। ଏନେଇ କନ୍ଧମାଳ ଜିଲା ଜି. ଉଦୟଗିରିରେ ରହୁଥିବା ତାଙ୍କ ସ୍ତ୍ରୀ ମଞ୍ଜୁଲତା ଜୁନ୍ ୩୦ରେ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ଏକ ନିଖୋଜ ମାମଲା (ନଂ.୪୦/୨୧) ରୁଜୁ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କ ସମ୍ପର୍କରେ କିଛି ବି ସନ୍ଧାନ ପାଇପାରୁନି। ଏହାପରେ ମଞ୍ଜୁଲତା ଜୁଲାଇ ୫ରେ ରାଜ୍ୟ ଗୃହ ବିଭାଗ ଓ ସଂସ୍କୃତି ବିଭାଗକୁ ଚିଠି ଲେଖି ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ରବିବାର ସେ ଗଣମାଧ୍ୟମ ଆଗରେ ଅସନ୍ତୋଷ ବ୍ୟକ୍ତ କରିବା ପରେ ଘଟଣା ପଦାକୁ ଆସିଛି। ଏଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ସେ ଗୁହାରି କରିଛନ୍ତି।

ମଞ୍ଜୁଲତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ପୂର୍ବରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ କାମ କରୁଥିଲେ। ୨ ବର୍ଷ ହେଲା ପଦୋନ୍ନତି ପାଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗରେ ଡେସ୍କ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ୟୁନିଟ-୯ ଭୋଇନଗରସ୍ଥିତ ସରକାରୀ କ୍ୱାର୍ଟର୍ସରେ ଏକା ରୁହନ୍ତି। ସନ୍ତୋଷ ଅନେକ ସମୟରେ କାର୍ଯ୍ୟଚାପ କଥା କୁହନ୍ତି। କାର୍ଯ୍ୟାଳୟରେ କମ୍ କର୍ମଚାରୀ ଥିବାରୁ ଅଧିକ କାର୍ଯ୍ୟଭାର ପଡୁଛି ବୋଲି ତାଙ୍କ ସ୍ତ୍ରୀଙ୍କୁ ଫୋନ କରି କହୁଥିଲେ। ଏପରିକି ତାଙ୍କ ସିନିୟର ମହିଳା କର୍ମଚାରୀ ଅନେକ ସମୟରେ ତାଙ୍କ ଉପରେ ଚିଡୁଥିଲେ। ତେବେ ଜୁନ୍ ୨୬ରେ ଶେଷଥର ମଞ୍ଜୁଲତା ତାଙ୍କ ସ୍ୱାମୀଙ୍କ ସହ କଥା ହୋଇଥିଲେ। ଏହାପରେ ତାଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ମଞ୍ଜୁଲତା ତାଙ୍କ ସରକାରୀ ବାସଭବନକୁ ଆସି ପାଇ ନ ଥିଲେ। ଅଫିସ କର୍ମଚାରୀ ମଧ୍ୟ କେହି କିଛି ଜାଣି ନ ଥିବା କହିଥିଲେ। ତେଣୁ ସେ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ତାଙ୍କୁ ଅପହରଣ କରି ନିଆଯାଇଥାଇପାରେ ବୋଲି ସେ ସନ୍ଦେହ କରି ପୋଲିସ ଓ ବିଭାଗୀୟ ସହଯୋଗ ଲୋଡ଼ିଛନ୍ତି।

### ସୀମାନ୍ତରେ ଗୁଳି ବିନିମୟ: ଜଣେ ମାଓବାଦୀ ନିହତ

ମାଲକାନଗିରି, ୨୫।୭(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାର ଚିନ୍ତାଗୁମ୍ଫା ନିକଟସ୍ଥ ଜଙ୍ଗଲରେ ରବିବାର ପୂର୍ବାହ୍ନ ୧୦ଟାରୁ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଛି। ଏଥିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିନାହିଁ। ମାଓବାଦୀଙ୍କ ଶହୀଦ ସପ୍ତାହକୁ ଦୃଷ୍ଟିରେ ରଖି ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିବା ବେଳେ ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନ କରିଥିଲେ। ଯବାନମାନେ ଏହାର ପାଲଟା ଜବାବ ଦେଇ ଗୁଳିଚାଳନା କରିଥିଲେ। ତେବେ ପୋଲିସ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ସୁକ୍‌ମା ଏସ୍‌ପି ସୁନୀଲ ଶର୍ମା କହିଛନ୍ତି।

### ପେଟ୍ରୋଲ ୮୮%, ଡିଜେଲରେ ୨୦୯% ବଢ଼ିଛି ଉତ୍ପାଦ ଟିକସ

ନୂଆଦିଲ୍ଲୀ, ୨୫।୭

ସାରା ଦେଶରେ ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ୧୦୦ ଟଙ୍କାରୁ ଊର୍ଦ୍ଧ୍ୱରେ ରହିଛି। କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଲାଗୁ ହେଉଥିବା ବର୍ଦ୍ଧିତ ଟିକସ ଯୋଗୁ ତେଲ ଦର କମୁନାହିଁ। କେନ୍ଦ୍ର ସରକାର ଗତ ୬ ବର୍ଷରେ ପେଟ୍ରୋଲରେ ୮୮% ଏବଂ ଡିଜେଲ ଉପରେ ୨୦୯% ଉତ୍ପାଦ ଟିକସ ଲାଗୁ କରିଥିବା ଜଣାପଡ଼ିଛି। ପେଟ୍ରୋଲ ଉପରେ କେନ୍ଦ୍ରୀୟ ଟିକସ ଏହି ଅବଧିରେ ୨ଗୁଣ ବଢ଼ିଛି। ସେହିଭଳି ଡିଜେଲ ଉପରେ କେନ୍ଦ୍ରୀୟ ଟିକସ ଏହି ସମୟ ମଧ୍ୟରେ ୩ଥର ବୃଦ୍ଧି ପାଇଛି। ଚଳିତବର୍ଷ ଜୁଲାଇ ପହିଲା ସୁଦ୍ଧା ପେଟ୍ରୋଲ ଉପରେ କେନ୍ଦ୍ର ସରକାର ଉତ୍ପାଦ ଟିକସ ଏବଂ ସେସ୍ ବାବଦକୁ ୩୨.୯୦ ଟଙ୍କା ଲାଗୁ କରିଛନ୍ତି। ଜୁଲାଇ ୨୦୧୫ ବେଳକୁ ଏହା ୧୭.୪୬ ଟଙ୍କା ସ୍ତରରେ ଥିଲା। ସେହିଭଳି ଡିଜେଲ ଉପରେ ୨୦୧୫ ଜୁଲାଇରେ ୧୦.୨୬ ଟଙ୍କା ଟିକସ ରହିଥିବା ବେଳେ ଚଳିତ ମାସ ସୁଦ୍ଧା ଏହା ୩୧.୮୦ ଟଙ୍କାକୁ ବୃଦ୍ଧି ଘଟିଛି। ଦେଶର ମେଟ୍ରୋ ସହରଗୁଡ଼ିକରେ ଲିଟର ପିଛା ପେଟ୍ରୋଲ ବର୍ତ୍ତମାନ ୧୦୦ ଟଙ୍କା ଟପିଛି। ସେହିଭଳି ଡିଜେଲ ଲିଟର ପିଛା ପ୍ରାୟ ୯୮ ଟଙ୍କା ରହିଛି। ସେହିଭଳି ଓଡ଼ିଶା, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ଭଳି ଦେଶର ବିଭିନ୍ନ ରାଜ୍ୟରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ରହିଥିବା ଜଣାପଡ଼ିଛି।

# 'ଅଭିଭାବକଙ୍କ ଚାପ ଛାତ୍ରୀଛାତ୍ରଙ୍କ ବିକାଶରେ ମୁଖ୍ୟ ଅନ୍ତରାୟ'

**ଉଚ୍ଚଶିକ୍ଷା ମାର୍ଗଦର୍ଶନ କର୍ମଶାଳା ଉଦ୍‌ଘାଟିତ**

ଭୁବନେଶ୍ୱର, ୨୫।୭ (ବ୍ୟୁରୋ)

ଉଚ୍ଚଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ମିଳିପାରୁ ନାହିଁ। ଫଳରେ ପ୍ରତିବର୍ଷ ଅନେକ ମେଧାବୀ ଦିଶାହୀନ ଭାବେ ବିଭିନ୍ନ ପାଠ୍ୟକ୍ରମରେ ଯୋଗଦେଇ ନିଜର ଭବିଷ୍ୟତକୁ ଉପଯୁକ୍ତ ମାର୍ଗରେ ନେବାରେ ବିଫଳ ହେଉଛନ୍ତି। ସାଧାରଣତଃ ଇଞ୍ଜିନିୟରିଂ ବା ଡାକ୍ତରୀ ଶିକ୍ଷା ଉପରେ ଅଭିଭାବକମାନେ ମାତ୍ରାଧିକ ଗୁରୁତ୍ୱ ଦେବା ସହ ଏଥିରେ ମନୋନିବେଶ କରିବାକୁ ଚାପ ସୃଷ୍ଟି କରିଥାନ୍ତି। ଏହାଦ୍ୱାରା ଅନେକ ମେଧାବୀ ଛାତ୍ରୀଛାତ୍ର ଦିଗହରା ହେଉଛନ୍ତି। ବର୍ତ୍ତମାନ ସମୟରେ ଉତ୍ତମ କର୍ମସଂସ୍ଥାନ ପାଇଁ ଅନେକ ପାଠ୍ୟକ୍ରମ ଉନ୍ମୁକ୍ତ ଥିବାବେଳେ ପାରମ୍ପରିକ ଚିନ୍ତାଧାରାର ବଶବର୍ତ୍ତୀ ହୋଇ ଏପରି ଚାପ ସୃଷ୍ଟି କରିବା ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶରେ ମୁଖ୍ୟ ଅନ୍ତରାୟ ବୋଲି କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ଓଡ଼ିଆ ବୁଦ୍ଧିଜୀବୀ ଫୋରମ 'ଦି ଇଣ୍ଟେଲେକ୍ଟସ୍' ଓ ଶୋଭିତ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାଜନିତ ସମସ୍ୟାର ସମାଧାନ ପାଇଁ ଏହି ଦେୟମୁକ୍ତ ୭ଦିନିଆ ୱେବ୍ କର୍ମଶାଳା ଉଦ୍‌ଘାଟିତ ହୋଇଛି। ସଂଗଠନ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଏମ୍‌ପି ଡ. ଅମର ପଟ୍ଟନାୟକ ଯୋଗଦେଇ, ଏଭଳି ପ୍ରୟାସ ରାଜ୍ୟର ପ୍ରତ୍ୟେକ ସ୍ଥାନରେ ବିଦ୍ୟାଳୟ ସ୍ତରରେ ଆରମ୍ଭ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ସସ୍ମିତ ପାତ୍ର, ଶୋଭିତ ବିଶ୍ୱବିଦ୍ୟାଳୟ କୁଳାଧିପତି କୁଅଁର ଶେଖର ବିଜେନ୍ଦ୍ର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଈଶାନ କୁମାର ପାତ୍ର, ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ।




କର୍ମଶାଳାରେ ଯୋଗଦେଇଥିବା ଅତିଥି।

SUNDARAM HOME

**ପଞ୍ଜୀକୃତ କାର୍ଯ୍ୟାଳୟ: ନଂ. ୨୧, ପାଟୁଲୋସ୍ ରୋଡ୍, ଚେନ୍ନାଇ-୬୦୦୦୦୨ ।**
**କର୍ପୋରେଟ୍ କାର୍ଯ୍ୟାଳୟ: ୪୬, ହ୍ୱାଇଟ୍‌ସ ରୋଡ୍, ଚେନ୍ନାଇ-୬୦୦୦୧୪ ।**
**ଶାଖା କାର୍ଯ୍ୟାଳୟ:** ଏ/୧୦୮, ୧ମ ମହଲା, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର-୭୫୧୦୦୭ । ଫୋନ୍: ୦୬୭୪-୨୫୪୪୬୭୭

**ଦଖଲ ନୋଟିସ**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୨)**

ଯେହେତୁ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ**, ପୂର୍ବରୁ ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃ ଭାବେ ପରିଚିତର ପ୍ରାଧିକୃତ ଅଧିକାରୀ, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩ (୧୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଧାରା **୧୩(୨) ଅଧୀନରେ ଏକ ଡିମାଣ୍ଡ ନୋଟିସ ତାରିଖ ୨୦।୧୧।୨୦୨୦** ଜାରି କରି **ଋଣଗ୍ରହୀତା ଶ୍ରୀ କମିଲ ଏସ୍ କେ, ସହ-ଋଣଗ୍ରହୀତା ଶ୍ରୀମତୀ ରାୟା ବିବି**ଙ୍କୁ ନୋଟିସରେ ଦର୍ଶିତ ତଥା **ଋଣ ଖାତା ସଂଖ୍ୟା ୬୬୨୦୦୧୩୮** ଅଧୀନରେ ବକେୟା ଓ ପୈଠଯୋଗ୍ୟ ଅର୍ଥରାଶି ଅର୍ଥାତ୍ **ଟ.୮,୩୧,୦୫୩/- (ଆଠ ଲକ୍ଷ ଏକତିରିଶ ହଜାର ତେପନ ଟଙ୍କା ମାତ୍ର)** + ତା୦୧।୦୯।୨୦୨୦ରିଖଠାରୁ ବାର୍ଷିକ @୩୬% ହାରରେ ସୁଧ + ଭବିଷ୍ୟତ ସୁଧ + ବୈଧାନିକ ବ୍ୟୟ + ଆଇନଗତ ବ୍ୟୟ + ଆନୁଷଙ୍ଗିକ ଶୁଳ୍କ **ତା୨୦।୧୧।୨୦୨୦ରିଖରେ** ନୋଟିସ ପ୍ରକାଶନ ତାରିଖରୁ ୬୦ ଦିନରେ ପୈଠ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।

ଋଣଗ୍ରହୀତା, ସହ-ଋଣଗ୍ରହୀତା ସମ୍ପୂର୍ଣ୍ଣ ଅର୍ଥରାଶିକୁ ପୈଠ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ ପ୍ରାଧିକୃତ ଅଧିକାରୀ କଥିତ ଅଧିନିୟମର ଧାରା ୧୩ (୪) ସହିତ ପଠନପୂର୍ବକ କଥିତ ନିୟମାବଳୀର ନିୟମ ୮ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ **ତା୨୩।୦୭।୨୦୨୧ରିଖ** ଦିନ ନିଜ ଦଖଲକୁ ନେଇଛନ୍ତି ।

ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା **୧୩**ର ଉପ-ଧାରା (୮) ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି ।

ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କାରବାର କରାଗଲେ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ** ଦ୍ୱାରା **ତା୨୩।୦୭।୨୦୨୧ରିଖ ସୁଦ୍ଧା ରହିଥିବା ଟ.୯,୦୪,୨୧୯/- (ନଅ ଲକ୍ଷ ଚାରି ହଜାର ଦୁଇଶହ ଉଣେଇଶ ଟଙ୍କା ମାତ୍ର)**ର ଅର୍ଥରାଶି ଏବଂ ତା' ଉପରେ ବାର୍ଷିକ @୨୪% ହାରରେ ସୁଧ + ବୈଧାନିକ ବ୍ୟୟ + ଆଇନଗତ ବ୍ୟୟ + ଆନୁଷଙ୍ଗିକ ଶୁଳ୍କ ଆଦାୟ କରାଯିବ ।

**ସମ୍ପତ୍ତିର ଅନୁସୂଚୀ**

ଖାତା ନଂ.୧୨୮, ପ୍ଲଟ୍ ନଂ.୫୪୪, କିସମ: ଘରବାରି (ହୋମଷ୍ଟିଡ୍) ଅଧୀନରେ ଏ୦.୦୪ଡେସିମିଲ ଅର୍ଥାତ୍ ଏ୦.୧୬ ଡେସିମିଲ ମଧ୍ୟରୁ ଏ୦.୦୪୦ ଡେସିମିଲ ଅର୍ଥାତ୍ ଏ୦.୧୬୦ ଡେସିମିଲ ପରିମାପର ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ। ଅବସ୍ଥିତି ସ୍ଥାନ ମୌଜା/ଗ୍ରାମ: ଭବାନୀପୁର, ତହସିଲ: ପିପିଲି, ଥାନା ପିପିଲି, ଥାନା ନଂ.-୮୬, ଜିଲ୍ଲା ପୁରୀ, ରାଜ୍ୟ: ଓଡ଼ିଶା। **ଚଉହଦି ନିମ୍ନ ଅନୁଯାୟୀ: ଚଉହଦି:** ଉତ୍ତରରେ: ରାଜସ୍ୱ ପ୍ଲଟ୍ ନଂ.୫୪୩, ଦକ୍ଷିଣରେ: ରାଜସ୍ୱ ପ୍ଲଟ୍ ନଂ.୫୪୪ (ଅଂଶ), ପୂର୍ବରେ: ରାଜସ୍ୱ ପ୍ଲଟ୍ ନଂ.୫୭୦, ପଶ୍ଚିମରେ: ଉପ ପ୍ଲଟ୍ ନଂ.୩ ଓ ରାସ୍ତା ।

**ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ**
**ତାରିଖ: ୨୩।୦୭।୨୦୨୧** **ପ୍ରାଧିକୃତ ଅଧିକାରୀ**

TPWODL

**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office: Burla, Dist.-Sambalpur (Odisha)- 768017**

**NOTICE INVITING TENDER**

**Tender Notice No. TPWODL/NP/O/SU/025**

TP Western Odisha Distribution Limited, invites quotations (in 2 part) from eligible vendors/ suppliers for the following item:

**Rate Contract for Supply of Portable 3-Ph. Electronic Reference Standard Meter capable of testing of 3-Ph. HT & LT Meter- 17 Nos.**

Interested bidders may submit Tender Participation Fee and Authorization Letter by e-mail on or before 06th August 2021, 15.00 hrs., in order to become eligible to participate in the bidding process.

All correspondence regarding the tender details bid submission, date extension etc. shall only take place with the eligible bidders.

For detailed tender documents you may visit tender section of our website: **www.tpwesternodisha.com**.

Sd./-
Chief Contracts and Store

**ଆଜିଠୁ ଆନ୍ତଃ ଜିଲା ଜୁନିୟର କ୍ରିକେଟ୍ ଟୁର୍ନାମେଣ୍ଟ**

**ଖୋର୍ଦ୍ଧା ଅଫିସ:** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ୧୬ବର୍ଷରୁ କମ୍ ଜୁନିୟର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ସୋମବାରଠାରୁ ବିଭିନ୍ନ ଅଞ୍ଚଳର ଖେଳପଡ଼ିଆରେ ଆରମ୍ଭ ହେବ। ଏହି କ୍ରମରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ପଡ଼ିଆରେ ଏକ ଜୋନସ୍ତରୀୟ ମ୍ୟାଚ ୨୬ତାରିଖଠାରୁ ଅଗଷ୍ଟ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ସମସ୍ତ ଜିଲାର ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତିଦିନ ସକାଳ ୮ଟାରେ ଖେଳ ଆରମ୍ଭ ହେବ। ପ୍ରଥମ ଦିନ କଟକ(ଏ) ଏବଂ ଯାଜପୁର ଜିଲା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ଅଫ ଦି ଡିଷ୍ଟ୍ରିକ୍ଟର ସମ୍ପାଦକ ବିକାଶ ପ୍ରଧାନ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ୨ ଚାଷୀଙ୍କ ମୃତ୍ୟୁ

**ନିରାକାରପୁର,୨୫।୭(ଡି.ଏନ୍.ଏ.):** ଜଙ୍କିଆ ଥାନା ଅଧୀନ ଓଳସିଂ ପଞ୍ଚାୟତର ଡମଣଭୂଇଁ ଗ୍ରାମରେ ରବିବାର ବଜ୍ରପାତରେ ୨ଚାଷୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଉକ୍ତ ଗ୍ରାମର ବଂଶୀଧର ଦଳେଇ(୫୦) ଓ ପ୍ରଦୀପ ଭୋଳ। ସୂଚନା ଅନୁଯାୟୀ, ରବିବାର ଅପରାହ୍ଣରେ ବଂଶୀଧର ଓ ପ୍ରଦୀପ ଚାଷ କାର୍ଯ୍ୟ କରିବାକୁ ଜମିକୁ ଯାଇଥିଲେ। ଏହି ସମୟରେ ବର୍ଷା ହେବାରୁ ସେମାନେ ଏକ ଗଛ ମୂଳେ ରହିଯାଇଥିଲେ। ତେବେ ହଠାତ୍ ବଜ୍ରପାତ ହେବାରୁ ଉଭୟେ ଅଚେତ ହୋଇପଡ଼ିଥିଲେ। ପରେ ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଜଣାଇବା ସହ ସେମାନଙ୍କୁ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲା। ଉଭୟ ଚାଷୀ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଓଳସିଂ ସରପଞ୍ଚ ପ୍ରେମାନନ୍ଦ ପରିଡ଼ା ପ୍ରଶାସନକୁ ନିବେଦନ କରିଛନ୍ତି।

### ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା, ୨ ଗିରଫ

**ବାଲିଅନ୍ତା,୨।୭(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଞ୍ଚଳରେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କୁ ଭୁଜାଲି ଦେଖାଇ ଟଙ୍କା ଲୁଟ୍ କରୁଥିବା ଅଭିଯୋଗରେ ପୋଲିସ ୨ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ସେମାନେ ହେଲେ ଜସୁଆପୁରର ପର୍ଶୁରାମ ଭୋଇ(୨୨) ଓ ଗଡ଼ଶ୍ରୀରାମପୁରର ସୁଶାନ୍ତ ସାମଲ (୨୨)। ପୋଲିସ ସେମାନଙ୍କ ଠାରୁ ଏକ କଟୁରି ନଗଦ ୧୫ ହଜାର ଟଙ୍କା ଓ ଗୋଟିଏ ବାଇକ୍‌କୁ ଜବତ କରିଛି । ସେମାନଙ୍କ ନାଁରେ ବାଲିଅନ୍ତା ଥାନାରେ ୪ଟି ଲୁଟ୍ ମାମଲା ରହିଛି । ସେମାନେ କେବଳ ଘରୋଇ ଅର୍ଥ ଲଗାଣକାରୀଙ୍କୁ ଧମକାଇ ଓ ଭୁଜାଲି ଦେଖାଇ ଟଙ୍କା ଲୁଟ୍ କରୁଥିଲେ ବୋଲି ଥାନା ଅଧିକାରୀ ପ୍ରଦୀପ ରାଉତ କହିଛନ୍ତି।

### ଟାୱାର ଜେନେରେଟର ଜଳିଗଲା

**ବୋଲଗଡ଼,୨୫।୭ (ଡି.ଏନ୍.ଏ.):** ବୋଲଗଡ଼ ମେଡିକାଲ ବଜାର ନିକଟରେ ଥିବା ଜିଓ ନେଟ୍‌ୱାର୍କ କମ୍ପାନୀର ମୋବାଇଲ ଟାୱାରରେ ଲାଗିଥିବା ଏକ ଜେନେରେଟର ରବିବାର ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଜଳିଯାଇଛି। ଘଟଣା ଅନୁଯାୟୀ ବୋଲଗଡ଼ରେ ମଧ୍ୟାହ୍ନ ୧ଟାଠାରୁ କୌଣସି କାରଣରୁ ସମ୍ପୂର୍ଣ୍ଣ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ତେବେ ମୋବାଇଲ ଟାୱାର ଚାଲୁ ରଖିବା ପାଇଁ ଏକ ଜେନେରେଟର ଚାଲିଥିଲା। ତେବେ ଅପରାହ୍ନ ୪ଟାରେ ହଠାତ୍ ଏକ ବିସ୍ଫୋରଣ ଶବ୍ଦ ସହ ଜେନେରେଟରରେ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟ ମଧ୍ୟରେ ସାରା ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବୋଲଗଡ଼ ଦମକଳ ବାହିନୀ ଅଧିକାରୀ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାତି ୮ଟା ସୁଦ୍ଧା ବିଦ୍ୟୁତ୍ ସେବା ବନ୍ଦ ରହିଥିବାବେଳେ ଜିଓ ସେବା ମଧ୍ୟ ବ୍ୟାହତ ହୋଇଥିଲା। ତେବେ ଜିଓ କମ୍ପାନୀ ଶୀଘ୍ର ନୂତନ ଜେନେରେଟର ସ୍ଥାପନ କରିବା ସହ ଗ୍ରାହକମାନଙ୍କ ମୋବାଇଲ ସେବା ଅବ୍ୟାହତ ରଖିବା ପାଇଁ ଦାବି ହେଉଛି।

### ମନ୍ଦିରରୁ ଅଳଙ୍କାର, ଟଙ୍କା ଚୋରି

**ଜଟଣୀ,୨୫।୭(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅଧୀନ ରେଡଙ୍ଗ କଲୋନୀ ଶିବ ମନ୍ଦିରରୁ ଶନିବାର ରାତିରେ ଠାକୁରଙ୍କ ଅଳଙ୍କାର ଓ ଟଙ୍କା ଚୋରି ହୋଇଥିବା ଜଟଣୀ ଥାନାରେ ଅଭିଯୋଗ ହୋଇଛି। ଶନିବାର ରାତିରେ ସ୍ଥାନୀୟ ରେଡଙ୍ଗ କଲୋନୀ ଶିବ ମନ୍ଦିରର ତାଲା ଭାଙ୍ଗି ବିଭିନ୍ନ ଜିନିଷପତ୍ର ସହିତ ଠାକୁରଙ୍କ ସୁନା ଏବଂ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ରବିବାର ସକାଳୁ ପୂଜକ ତାରକେଶ୍ୱର ଦାଶ ଏବଂ ମନ୍ମଥ ରାଓ ମନ୍ଦିରରୁ ଆସିଥିବାବେଳେ ମନ୍ଦିର କବାଟ ଖୋଲା ଥିବାବେଳେ ହନୁମାନଙ୍କ ସୁନା ଚିତା, ସୁନାର ଭୁଲତା, ମଥାମଣି, ରୁପା ଆଖି, ରୁପା ମୁକୁଟ ସହିତ ମନ୍ଦିରରେ ଥିବା ଦାନ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ହୋଇଥିବା ଜାଣିଥିଲେ। ଏ ନେଇ ସେମାନେ ଥାନାର ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ସୂଚନାଥାଉକି, ଗତ ୨୧ ତାରିଖରେ ଉକ୍ତ ମନ୍ଦିରରୁ ଲୁଟେରାମାନେ ଚୋରି କରିଥିଲେ। ଏହି ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହିତ ବିଭିନ୍ନ ବଜାର ଏବଂ ସାହି ବସ୍ତିରେ ପୋଲିସ ପହରା ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଚିନ୍ତା ବଢ଼ାଇଲାଣି ଡେଙ୍ଗୁ

## ରାଜଧାନୀରୁ ୩୫୯ ରୋଗୀ ଚିହ୍ନଟ, ୪୬୪ ସ୍ଥାନରୁ ମିଳିଛି ଲାର୍ଭା



**ଭୁବନେଶ୍ୱର, ୨୫।୭ (ବ୍ୟୁରୋ)**

କରୋନା କବଳରୁ ମୁକୁଳି ପାରି ନ ଥିବା ରାଜଧାନୀବାସୀଙ୍କୁ ଏବେ ଡେଙ୍ଗୁ ଡର ଘାରିଛି। ସହରରେ ସଂକ୍ରମଣ ବ୍ୟାପୁଥିବାବେଳେ ଘରେ ଘରେ ଡେଙ୍ଗୁ ଜ୍ୱର ଚିନ୍ତା ବଢ଼ାଇଛି। ପରିବାରର ଜଣେ ସଂକ୍ରମିତ ହେବା ପରେ ପଛକୁ ପଛ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବିଶେଷକରି ଶୈଳଶ୍ରୀ ବିହାର, ନୀଳାଦ୍ରିବିହାର, କଳ୍ପନା, ଚିନ୍ତାମଣିଶ୍ୱର, ୟୁନିଟ-୨ ଅଞ୍ଚଳ ଏବେ ଡେଙ୍ଗୁର ହଟ୍‌ସ୍ପଟ ପାଲଟିଥିବାବେଳେ ଅନ୍ୟସବୁ ଅଞ୍ଚଳରେ ମଧ୍ୟ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ୨୩ ତାରିଖ ଶୁକ୍ରବାର ସୁଦ୍ଧା ସହରର ଡେଙ୍ଗୁ ରୋଗୀ ସଂଖ୍ୟା ୨୯୧ ଥିଲା। ରବିବାର ଏହି ସଂଖ୍ୟା ୩୫୯ରେ ପହଞ୍ଚିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଥିଲେ ମଧ୍ୟ ବାସ୍ତବ ସଂଖ୍ୟା ଏହାଠାରୁ ଢେର୍ ଅଧିକ। ଏବେ ବି ବହୁ ଡେଙ୍ଗୁ ରୋଗୀ ଘରେ ଓ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ଏହାର ହିସାବ ବିଏମ୍‌ସି ପାଖରେ ନାହିଁ।

ତେବେ ସହରରେ ଏପରିସ୍ଥିତି ନେଇ ଲୋକେ ବିଏମ୍‌ସିକୁ ଦାୟୀ କରି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆକ୍ରାନ୍ତ ଚିହ୍ନଟ ହେବା ପରେ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ମଶା ତେଲ ସିଞ୍ଚନ, ଗଛ କାଟିବା, ପରିବେଶ ସଫାସୁତୁରା ରଖିବା ଆଦି କାର୍ଯ୍ୟ କରାଯାଉଛି। ସ୍ଥିତି ତଦାରଖ ସହ ସଚେତନତା ଓ ନିରାକରଣ ପାଇଁ ସ୍ୱତନ୍ତ୍ର ଟିମ୍ ନିୟୋଜିତ ହୋଇଛନ୍ତି। ରବିବାର ୧୦୯୩ ମଶା ଉତ୍ପତ୍ତିସ୍ଥଳ ନଷ୍ଟ କରାଯାଇଥିବାବେଳେ ୪୬୪ ଜାଗାରୁ ଲାର୍ଭା ମିଳିଛି। ୪ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ସଚେତନ କରିବା ସହ ବୁକ୍‌ଲେଟ୍ ବଣ୍ଟନ କରାଯାଇଛି। ଆଗକୁ ମଧ୍ୟ ଏପରି କାର୍ଯ୍ୟ ଜାରି ରହିବ ବୋଲି ବିଏମ୍‌ସି କହିଛି। ମାତ୍ର ଡେଙ୍ଗୁ ବ୍ୟାପିବା ପୂର୍ବରୁ ଏହାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସ୍ଥିତି ବିଗିଡି ଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଆଣୁଛନ୍ତି।

### ଆରମ୍ଭରୁ ବିଏମ୍‌ସି ଗୁରୁତ୍ୱ ଦେଇ ନ ଥିଲା



କରୋନା ପରେ ଏବେ ଡେଙ୍ଗୁ ପାଇଁ ଭୟ ଲାଗୁଛି। ଘରେ ଘରେ ଡେଙ୍ଗୁ ରୋଗୀ ବାହାରିଲେଣି। ଆରମ୍ଭରୁ ବିଏମ୍‌ସି ଏହାକୁ ଗୁରୁତର ସହ ନ ନେଇଥିବାରୁ ଏବେ ସଂକ୍ରମଣ ବଢ଼ି ଚାଲିଛି। ପୂର୍ବପରି ଆଉ ଗଳି ଗଳିରେ ମଶା ଧୂଆଁ ଛଡାଯାଉ ନାହିଁ। ଯେଉଁ ଅଞ୍ଚଳରେ ସଂକ୍ରମିତ ବାହାରୁଛନ୍ତି କେବଳ ସେହି ଅଞ୍ଚଳକୁ ଗୁରୁତ୍ୱ ଦିଆଯାଉଛି।

**-ସୌଦାମିନୀ ରାଉତରାୟ, ଭୁବନେଶ୍ୱର ବାସିନ୍ଦା**

### ଅବହେଳା, ଅସଚେତନତାରୁ ଏ ପରିସ୍ଥିତି



ଡେଙ୍ଗୁ ସଂକ୍ରମଣ ପାଇଁ ବିଏମ୍‌ସିର ଅବହେଳା ଯେତିକି ଦାୟୀ ଲୋକଙ୍କ ଅସଚେତନତା ମଧ୍ୟ ସେତିକି ଦାୟୀ। ଆମ ଆଖପାଖ ସଫା ସୁତୁରା ରଖିବା ସହ କୌଣସି ଅଦରକାରୀ ପାତ୍ରରେ ଯେପରି ପାଣି ଜମି ନ ପାରିବ ସେଥିପାଇଁ ବାରମ୍ବାର କୁହାଯାଉଛି। ତଥାପି ଲୋକମାନେ ସବୁକିଛି ବିଏମ୍‌ସି ଉପରେ ଛାଡି ଦେଉଛନ୍ତି। ସେହିପରି ବିଏମ୍‌ସି ମଧ୍ୟ ଏହାକୁ ଗୁରୁତ୍ୱର ସହ ନେଇଥିଲେ ଏବେ ସଂକ୍ରମିତ ବାହାରୁ ନ ଥାନ୍ତେ।

**-ପ୍ରଭାତ ଦାସ, ଭୁବନେଶ୍ୱର ବାସିନ୍ଦା**

# ସର୍ବଭାରତୀୟ ସ୍ତରରେ ଗୌରବ ଆଣିଲା ଓଡ଼ିଶୀ



ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଓଡ଼ିଶୀ ନୃତ୍ୟର ଏକ ଦୃଶ୍ୟ।

**ଭୁବନେଶ୍ୱର, ୨୫।୭ (ବ୍ୟୁରୋ)**

### ନୃତ୍ୟରେ ପାଇକ ବିଦ୍ରୋହର କାହାଣୀ ବଖାଣିଲେ ଶିଳ୍ପୀ

ସର୍ବଭାରତୀୟ ସ୍ତରୀୟ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତାରେ ଓଡ଼ିଶୀ ନୃତ୍ୟ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛି। ପାଇକ ବିଦ୍ରୋହରେ ବକ୍ସି ଜଗବନ୍ଧୁଙ୍କ ବୀରତ୍ୱର ଗାଥାକୁ ଓଡ଼ିଶୀ ଛାନ୍ଦରେ ପରିବେଷଣ କରି ଭୁବନେଶ୍ୱରର ସାଂସ୍କୃତିକ ଅନୁଷ୍ଠାନ 'ନୃତ୍ୟ ନୈବେଦ୍ୟ' ଏହି ସଫଳତା ହାସଲ କରିଛି। ଲୁଚି ଯାଉଥିବା ପ୍ରତିଭାଙ୍କୁ ସୁଯୋଗ ଦେବାକୁ ଦୀର୍ଘଦିନ ହେବ କାର୍ଯ୍ୟ କରୁଥିବା ସେଣ୍ଟର ଫର୍ ଇଣ୍ଡିଆନ କ୍ଲାସିକାଲ ଡ୍ୟାନ୍ସ (ସିଆଇସିଡି) ଚଳିତବର୍ଷ ୭୫ବର୍ଷ ପୂର୍ତ୍ତିପାଳନ କରିଛି। ଏହି ଅବସରରେ ଭାରତର ୮ ଶାସ୍ତ୍ରୀୟ ନୃତ୍ୟକୁ ନେଇ ନୃତ୍ୟ ଭିଡିଓ ଆହ୍ୱାନ କରାଯାଇଥିଲା। 'ଡ୍ୟାନ୍ସ ଅଫ୍ ଇଣ୍ଡିଆ ଆଟ୍ ୭୫' ଶୀର୍ଷକ ଏହି ପ୍ରତିଯୋଗିତାରେ 'ଅନ୍ ସଙ୍ଗ୍ ହିରୋ ଅଫ ଇଣ୍ଡିଆ' ଥିମରେ ନୃତ୍ୟ ନୈବେଦ୍ୟ ପକ୍ଷରୁ ପାଇକ ବିଦ୍ରୋହର କାହାଣୀ ବର୍ଣ୍ଣନା କରୁଥିବା ଭିଡିଓ ପଠାଯାଇଥିଲା। ଏଥିରେ ଅନୁଷ୍ଠାନର ୮ଜଣ ଶିଳ୍ପୀ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଦେଶର ଅନେକ ସ୍ଥାନରୁ ୨୦୦ରୁ ଅଧିକ ଭିଡିଓ ଆସିଥିବାବେଳେ ଓଡ଼ିଶାର ଭିଡିଓ ପ୍ରଥମ ସ୍ଥାନ ଅଧିକାର କରିଛି। ଏମ୍‌ପି ତଥା ସିଆଇସିଡିର ପ୍ରତିଷ୍ଠାତା ପଦ୍ମବିଭୂଷଣ ଡ. ସୋନାଲ ମାନସିଂହ ପୁରସ୍କାର ବାବଦକୁ ୧ ଲକ୍ଷ ୨୫ ହଜାର ଟଙ୍କା ଘୋଷଣା କରିଛନ୍ତି। ଭୁବନେଶ୍ୱର ଉପକଣ୍ଠ ଧଉଳି ପାହାଡ଼ରେ ନୃତ୍ୟର ଭିଡିଓ ଶୁଟ୍ କରାଯାଇଥିଲା। ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ପୁରସ୍କାର ଘୋଷଣା ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଭାତ ସ୍ୱାଇଁ ଏହି ସୂଚନା ଦେଇଛନ୍ତି।

## ପ୍ରଗତି ନାମରେ ପରିବେଶକୁ ଧ୍ୱଂସ କରା ନ ଯାଉ

**ଭୁବନେଶ୍ୱର, ୨୫।୭ (ବ୍ୟୁରୋ)**

ସାମାଜିକ ଅନୁଷ୍ଠାନ ପ୍ରେରଣା ଓ ରୋଟାରୀ କ୍ଲବ୍ ପକ୍ଷରୁ 'ପ୍ରଦୂଷଣମୁକ୍ତ ଶିକ୍ଷାନୁଷ୍ଠାନ ପରିସର, ଉନ୍ନତମାନର ଶିକ୍ଷାଦାନ ଓ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସୁରକ୍ଷା' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରେରଣାର ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ ଏଥିରେ ସଭାପତିତ୍ୱ କରି ଅନୁଷ୍ଠାନ ପକ୍ଷରୁ ୫ହଜାର ଶିକ୍ଷାନୁଷ୍ଠାନ ପରିସରରେ ନିମ୍ବ ଗଛ ରୋପଣ କରାଯାଇଥିବା ସୂଚନା ଦେଇଥିଲେ। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଗତି ନାମରେ ପରିବେଶକୁ ଧ୍ୱଂସ କରା ନ ଯାଉ ବୋଲି କହିଥିଲେ। ରୋଟାରୀ କ୍ଲବ୍‌ର ସଭାପତି ପ୍ରଫେସର ଡ. ଅଚ୍ୟୁତାନନ୍ଦ ପଟ୍ଟନାୟକ, ପରିବେଶବିତ୍ ଡ. ଭଗବାନ ପ୍ରକାଶ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ, ଶିକ୍ଷାବିତ୍ ସଙ୍ଗୀତା ଦାଶ, ଡ. ପ୍ରସନ୍ନ ଜେନା, ବିଶିଷ୍ଟ ଗବେଷକ ଡ. କରୁଣାକର ପ୍ରଧାନ, ପବିତ୍ର ମହଲା, ଓଷ୍ଟାର ରାଜ୍ୟ ସହ ସାଧାରଣ ସମ୍ପାଦକ ରମାକାନ୍ତ ମହାପାତ୍ର, ସୁକାନ୍ତ ବେହେରା, ଶିକ୍ଷାବିତ୍ ରମାକାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳ ନିଷ୍କାସନ ପାଇଁ କାଞ୍ଜିଆ ହ୍ରଦର ଡ୍ରୋନ୍ ସର୍ଭେ

**ବାରଙ୍ଗ,୨୫।୭ (ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ମଝିରେ ଶୋଭା ବଢ଼ାଉଥିବା କାଞ୍ଜିଆ ହ୍ରଦର ଜଳ ନିଷ୍କାସନ ସମସ୍ୟା ଦୀର୍ଘବର୍ଷ ଧରି ଲାଗିରହିଛି। ଏହି ସମସ୍ୟାର ନିରାକରଣ ପାଇଁ ଅତୀତରେ ବହୁ ସମୀକ୍ଷା ବୈଠକ ହୋଇଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର ପାଇଁ ଉଦ୍ୟମ ହୋଇ ନାହିଁ। ତେବେ ବର୍ଷା ହେଲେ କାଞ୍ଜିଆ ହ୍ରଦର ଜଳ ଉଠି ରାସ୍ତା ଘାଟ ସହ ବୋଟଘାଟ, ଶିଶୁ ରେଳଗାଡି, ଜଳହସ୍ତୀ, ହରିଣ ଏନ୍‌କ୍ଲୋଜରରେ ପ୍ରବେଶ କରେ। ଏହାବ୍ୟତୀତ ବଟାନିକାଲ ଗାର୍ଡେନ ରାସ୍ତାଘାଟ ଓ ମୁଖ୍ୟ ଫାଟକରେ ଜଳ ଦୀର୍ଘଦିନ ଧରି ଜମି ରହେ। ତେଣୁ ଏହାର ଜଳ ନିଷ୍କାସନ ପାଇଁ କୌଣସି ସୁଗମ ବ୍ୟବସ୍ଥା ନ ଥିବାରୁ ବର୍ଷା ଆସିଲେ ଏହି ସମସ୍ୟା ଦେଖାଯାଇଥାଏ। ଏ ନେଇ କର୍ତ୍ତୃପକ୍ଷ ଭୁବନେଶ୍ୱର ଡ୍ରେନେଜ ଡିଭିଜନକୁ ଏହାର ଦାୟିତ୍ୱ ଦେଇଥିଲେ। ତେବେ ରବିବାର ପୂର୍ବାହ୍ନରେ ଡ୍ରେନେଜ ବିଭାଗର ଅଧିକାରୀମାନେ ଆସି ଡ୍ରୋନ କ୍ୟାମେରା ଜରିଆରେ କାଞ୍ଜିଆ ହ୍ରଦ ସର୍ଭେ କରିବା ସହ ଜଳ ନିଷ୍କାସନ କେଉଁ କେଉଁ ବାଟଦେଇ ଡ୍ରେନ ନିର୍ମାଣ କରାଯିବ ସେ ସମ୍ପର୍କରେ ନନ୍ଦନକାନନ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଫେରିଛନ୍ତି। ଏହି ଜଳ ନିଷ୍କାସନ ବାବଦରେ ସରକାର ପ୍ରାୟ ୧୬କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ନନ୍ଦନକାନନର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ଆଜିଠୁ ପୁରୀ ଜିଲାକୁ ଗଡ଼ିବ ବସ୍

- ତେଲ ଖର୍ଚ୍ଚ ଉଠିବା ନେଇ ଆଶଙ୍କାରେ ମାଲିକ
- ଘାରିଛି ବୀମା ନବୀକରଣ, ରୋଡ୍ ଟ୍ୟାକ୍ସ ଚିନ୍ତା

**ପୁରୀ ଅଫିସ,୨୫।୭**

ପୁରୀ ଜିଲାକୁ ସୋମବାରଠାରୁ ବସ୍ ଚଳାଚଳ ଆରମ୍ଭ ହେବ। ସବୁ ଜିଲାକୁ ବସ୍ ଚଳାଚଳ ଆରମ୍ଭ ହୋଇ ସାରିଥିଲେ ମଧ୍ୟ ରଥଯାତ୍ରା ଯୋଗୁ ପୁରୀକୁ ବସ୍ ଚଳାଚଳ ଉପରେ କଟକଣା ରହିଥିଲା। ଜିଲାରେ ପ୍ରାୟ ୨୫୦ ବସ୍ ଚଳାଚଳ କରୁଥିବାବେଳେ ଏବେ ୧୦ ପ୍ରତିଶତରୁ କମ୍ ବସ୍ ଚାଲିବାର ସମ୍ଭାବନା ରହିଛି। ଭୁବନେଶ୍ୱର, କୋଣାର୍କ, କଟକ ଓ ଗଞ୍ଜାମକୁ କିଛି ବସ୍ ଚାଲିବାକୁ ଥିବାବେଳେ ଅନ୍ୟ କିଛି ରୁଟ୍‌କୁ ଆଦୌ ବସ୍ ଚାଲିବ ନାହିଁ। ଯେଉଁ ରୁଟ୍‌ରେ ସ୍ୱାଭାବିକ ଭାବେ ୫ଟି ବସ୍ ଚାଲୁଥିଲା ସେହି ରୁଟ୍‌ରେ ଗୋଟିଏ ଗାଡ଼ି ଚାଲିବ ବୋଲି ବସ୍ ମାଲିକ ଆସୋସିଏଶନ୍‌ର ସଦସ୍ୟ ରାଜବଲ୍ଲଭ ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କରୋନା କାଳରେ ବସ୍ ମାଲିକମାନେ ଅକଥନୀୟ କ୍ଷତି ସହିଛନ୍ତି। କୌଣସି ମାଲିକ ନିଜ ବସ୍ ବୀମା ନବୀକରଣ କରିପାରିନାହାନ୍ତି। ବସ୍ ଚଳାଚଳ ବନ୍ଦ ଥିବାରୁ ବୀମା କରାଯାଇନାହିଁ। ସରକାରଙ୍କର ବସ୍ ଚଳାଚଳ ନିଷ୍ପତ୍ତି ଆସିବା ପରେ ଆମେ ଆର୍ଥିକ ସହାୟତା ଅପେକ୍ଷାରେ ଅଛୁ। ଏନେଇ ଆଲୋଚନା ମଧ୍ୟ ସରିଛି। ଅନ୍ୟପକ୍ଷରେ ବସ୍ କର୍ମଚାରୀଙ୍କୁ ଆମେ ଦରମା ଦେଇ ନ ପାରିବାରୁ ସେମାନେ ଛାଡ଼ି ଚାଲିଯାଇଛନ୍ତି। ଏବେ ପୁଣି ଥରେ ସେମାନେ କାମକୁ ଫେରିବା କଷ୍ଟ। ସେହିଭଳି ତେଲଦର ବଢ଼ିଥିବାରୁ ତଦନୁଯାୟୀ ଗାଡ଼ି ଭଡ଼ା ମଧ୍ୟ ବଢ଼ିଯିବ। ଏସବୁ ସତ୍ତ୍ୱେ ଗାଡ଼ି ଚଳାଇବା ଆସୋସିଏଶନ୍ ପାଇଁ କ୍ଷତି ହେବ। ଯାତ୍ରୀଙ୍କ ସଂଖ୍ୟା କମ୍ ରହୁଥିବାରୁ ଭଡ଼ାରେ ତେଲ ଖର୍ଚ୍ଚ ଉଠିବ ନାହିଁ ବୋଲି ସେ ଆଶଙ୍କା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ଜିଲା ବସ୍ ଆସୋସିଏଶନ୍ ସମ୍ପାଦକ ଲୋକନାଥ ପାଣି କହିଛନ୍ତି, ସରକାର ଅଗଷ୍ଟ ଓ ସେପ୍ଟେମ୍ବରର ରୋଡ୍ ଟ୍ୟାକ୍ସ ଛାଡ଼ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସରକାର ବିନା ସୁଧରେ ୧ ଲକ୍ଷ ଟଙ୍କାର ଋଣ ଯୋଗାଇଦେଲେ ଆମେ ବୀମା କରିବାକୁ ସମର୍ଥ ହେବୁ। ଅଗଷ୍ଟ ପହିଲା ସୁଦ୍ଧା ବସ୍ ଟ୍ୟାକ୍ସ ବଢ଼ିପାରେ, ମାତ୍ର ସବୁ ଗାଡ଼ି ଚାଲିବା ପାଇଁ ଯଥେଷ୍ଟ ସମୟ ଲାଗିବ। ଭୁବନେଶ୍ୱରରୁ ପୁରୀକୁ ଏବେ ୨୦ଜଣ ଯାତ୍ରୀ ଥରକେ ଯାଉଛନ୍ତି। ଏଭଳି ସ୍ଥଳେ ଦିନକୁ ଚାରିଥର ବସ୍ ପୁରୀରୁ ଭୁବନେଶ୍ୱର ଦେଇ କଟକ ଯାତ୍ରା କଲେ ୭୦ ଲିଟର ତେଲ ଦରକାର। ଯାହାର ଦର ୭ହଜାର ଟଙ୍କା। ବର୍ତ୍ତମାନ ସ୍ଥିତିରେ ସେତିକି ଯାତ୍ରୀ ହେବା ଅସମ୍ଭବ। ଅନ୍ୟପକ୍ଷରେ ଦୈନିକ ଭୁବନେଶ୍ୱର ଯାଉଥିବା ସରକାରୀ କର୍ମଚାରୀ ସୌମ୍ୟରଞ୍ଜନ ମହାପାତ୍ର କହିଛନ୍ତି, ତେଲ ଦର ଯଥେଷ୍ଟ ବାଧୁଛି। ବସ୍ ଭଡ଼ା ଯେତେ ବଢ଼ିଲେ ମଧ୍ୟ ବ୍ୟକ୍ତିଗତ ଯାନଠାରୁ କମ୍ ରହିବ। ତେଣୁ ନିହାତି ପକ୍ଷେ ବସ୍‌ରେ ଯାତାୟାତ କରିବାକୁ ଚାହିଁବି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




@ ରଜତ



@ ମମତା



@ ସୁଟୁ



@ ସଞ୍ଜୟ



@ ଦୀପ୍ତି



@ ସୁଶାନ୍ତ

## 'ବୁଖାରୀ' ଉପନ୍ୟାସର ଓଡ଼ିଆ ଅନୁବାଦ ଲୋକାର୍ପିତ

**ଭୁବନେଶ୍ୱର, ୨୫।୭ (ବ୍ୟୁରୋ)**

ଶୀତଳ ଯୁଦ୍ଧକ୍ଷେତ୍ର ସିଆଚେନ୍‌ର ଅନୁଭୂତିକୁ ନେଇ ବଙ୍ଗଳା ଭାଷାରେ ଲେଖାଯାଇଥିବା ଉପନ୍ୟାସ 'ବୁଖାରୀ'ର ଓଡ଼ିଆ ଅନୁବାଦ ଲୋକାର୍ପିତ ହୋଇଛି। ଏହାକୁ ବାୟୁସେନା ଅଧିକାରୀ ଶ୍ୟାମଲ ଭଟ୍ଟାଚାର୍ଯ୍ୟ ଲେଖିଥିବାବେଳେ ଡ. ପ୍ରମୋଦ କୁମାର ପରିଡ଼ା ଓଡ଼ିଆ ଅନୁବାଦ ଓ ଟାଇମ୍‌ପାସ୍ ପକ୍ଷରୁ ପ୍ରକାଶ କରାଯାଇଛି। ଜୟକୃଷ୍ଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଭର୍ଚୁଆଲ ଅଧିବେଶନକୁ ଭାଷା ବିଜ୍ଞାନୀ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅନୁବାଦକ ତଥା ସ୍ତମ୍ଭକାର ଡ. ଅସିତ୍ ମହାନ୍ତି ପୁସ୍ତକର ବିସ୍ତୃତ ବିଶ୍ଳେଷଣ କରି କହିଛନ୍ତି, ଏହା ଏକାକିତ୍ୱର ଏକ ପୂର୍ଣ୍ଣରୂପ ଓ ଆମ ବାଣୀଭଣ୍ଡାର ପାଇଁ ସ୍ମରଣୀୟ। ଏହା କେବଳ ଏକ ଶୀର୍ଷକ କି ପୁସ୍ତକ ନୁହେଁ, ଉତ୍ତାପ ପ୍ରଦାନକାରୀ ଏକ ଉତ୍ସ, ଯାହାକି ଜାତୀୟବାଦର ପ୍ରତୀକ। କାର୍ଯ୍ୟକ୍ରମରେ ଡ. ବସନ୍ତ କୁମାର ତ୍ରିପାଠୀ ଓ ଅଧ୍ୟାପକ ବିଶ୍ୱରଞ୍ଜନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସିଆଚେନ୍ ଭୂଖଣ୍ଡ ମୌନ, ମାତ୍ର ମୃତ ନୁହେଁ ବୋଲି ଏହି ଉପନ୍ୟାସରୁ ଅନୁଭବ କରିହୁଏ। କାର୍ଯ୍ୟକ୍ରମକୁ ସଞ୍ଜୟ ମହାନ୍ତି ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ପାଣିରେ ବୁଡ଼ି ଦିନମଜୁରିଆଙ୍କ ମୃତ୍ୟୁ

ଟାଙ୍ଗୀ(କଟକ),୨୫।୭(ଡି.ଏନ.ଏ.)- ପାଣିରେ ବୁଡି ପ୍ରମୋଦ କେରକେଟା ନାମକ ଜଣେ ଦିନମଜୁରିଆଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ର ରାଜଗାଙ୍ଗପୁର ଅଞ୍ଚଳରୁ ଅନ୍ୟ ଦୁଇଜଣ ସହଯୋଗୀଙ୍କ ସହିତ ପ୍ରମୋଦ ଟାଙ୍ଗୀ ଅଞ୍ଚଳରେ ଚାଷ କାମରେ ମଜୁରି ଲାଗିବାକୁ ଆସିଥିଲେ। ଶନିବାର ଗାଧୋଇବାକୁ ବନ୍ଧାଲୋ ସଫେଇ ନାଳକୁ ଯାଇ ନିଖୋଜ ହୋଇଯାଇଥିଲେ। ଏ ନେଇ ପ୍ରମୋଦଙ୍କ ସାନଭାଇ ଈଶ୍ୱର ଡୁମ୍‌ଡୁମ୍ ଶନିବାର ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରବିବାର ସକାଳେ ପ୍ରମୋଦଙ୍କ ମୃତଦେହ ସାତମାଇଲ ପୋଲ ନିକଟରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୭/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

କଣ୍ଟାପଡା, ୨୫।୭(ଡି.ଏନ୍.ଏ.)- ଶନିବାର ଅପରାହ୍ନରୁ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହ କାକଟପୁର ବ୍ରାଞ୍ଚ କେନାଲରୁ ରବିବାର ଜବତ କରାଯାଇଛି। ସେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ବଡଖରମଙ୍ଗା ଗ୍ରାମର ଦେବେନ୍ଦ୍ର ଜେନା(୬୮)। ଶନିବାର ଅପରାହ୍ନରେ ଦେବେନ୍ଦ୍ର କାକଟପୁର ବ୍ରାଞ୍ଚ କେନାଲଲେ ଧୋଇ ହେଉଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ରବିବାର ସକାଳେ ଧାନମଣ୍ଡଳ ନିକଟରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଗୋବିନ୍ଦପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ. ୬/୨୧) ରୁଜୁ କରିଛି।

### ହାଇସ୍କୁଲରୁ କମ୍ପ୍ୟୁଟର ଚୋରି

ଖୁଣ୍ଟୁଣୀ,୨୫।୭(ଡି.ଏନ.ଏ.)- ଗୁରୁଡିଝାଟିଆ ଥାନା ପାର୍ଶ୍ୱରେ ଥିବା କବିଚନ୍ଦ୍ର ଭୁବନେଶ୍ୱର ନୋଡାଲ ହାଇସ୍କୁଲରୁ କମ୍ପ୍ୟୁଟର ଚୋରି ହୋଇଛି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ମମତାମୟୀ ମହାନ୍ତି ଶନିବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭୬/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଗତ ୫ ତାରିଖରେ ହାଇସ୍କୁଲର ଏକ ରୁମ୍‌ରେ କମ୍ପ୍ୟୁଟର ସାମଗ୍ରୀ ରଖାଯାଇ ତାଲା ପକାଯାଇଥିଲା। ୨୩ ତାରିଖରେ ଉକ୍ତ ରୁମ ଖୋଲାଯିବା ପରେ ଦୁଇଟି ମନିଟର, ଗୋଟିଏ ୟୁପିଏସ୍, ଗୋଟିଏ ପ୍ରୋଜେକ୍ଟର ଓ ଗୋଟିଏ ସିପିୟୁ ସମେତ ୪ଟି ସ୍ପିକର ଚୋରି ହୋଇଥିବା ଦେଖିବାକୁ ମିଳିଥିଲା।

### ମାନସିଂହପାଟଣା ପୂଜା କମିଟି କୋଷାଧ୍ୟକ୍ଷଙ୍କ ପରଲୋକ

କଟକ ଅଫିସ,୨୫।୭: କଟକ ମାନସିଂହପାଟଣା ପୂଜା କମିଟି କୋଷାଧକ୍ଷ



ପ୍ରଫୁଲ କୁମାର ସାହୁ(୬୫)ଙ୍କର ରବିବାର ସକାଳ ପ୍ରାୟ ୯ଟାବେଳେ ପରଲୋକ ହୋଇଯାଇଛି। ସେ କିଛି ମାସ ହେବ ପାକସ୍ଥଳୀ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ସେ ବୈଷୟିକ ଶିକ୍ଷା ନିର୍ଦ୍ଦେଶାଳୟର ବରିଷ୍ଠ କିରାଣି ପଦବୀରୁ ଅବସର ଗ୍ରହଣ କରିବା ପରେ ମାନସିଂହପାଟଣା ପୂଜା କମିଟି, ମା' ମଙ୍ଗଳା ମନ୍ଦିର ପରିଚାଳନା କମିଟି, ମସ୍ତରାମ ମଠ ପରିଚାଳନା କମିଟି ଦାୟିତ୍ୱରେ ଥିଲେ। ଜଣେ ଅମାୟିକ, ଭଦ୍ର ଓ ନୀତିବାନ ମଣିଷ ଭାବେ ସେ ପରିଚିତ ଥିଲେ। ପରଲୋକ ଖବର ପ୍ରଚାରିତ ହେବା ପରେ ପୂଜା କମିଟି, ସାହି କମିଟି ସଦସ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ କପିଳେଶ୍ୱର ସାହୁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଲିଲିମା ସାହୁ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରଫୁଲ ଧରିତ୍ରୀର ବରିଷ୍ଠ ସହ-ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁଙ୍କ ବଡ଼ଭାଇ ଅଟନ୍ତି।

# ପୂର୍ବ ଶତ୍ରୁତାରୁ ସୋଲ କାରିଗରଙ୍କୁ ହତ୍ୟା

**ପୁରୀ ଅଫିସ, ୨୫।୭**

ପୁରୀରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ରବିବାର ବାସେଳି ସାହି ଥାନା ଅନ୍ତର୍ଗତ ବଡ଼ପୋଖରୀ ଜାଗା ନିକଟରେ ଜଣେ ସୋଲ କାରିଗରଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବାସେଳିସାହି ଥାନା ଅଧୀନ ବଡ଼ଓଡ଼ିଆ ମଠ ଅଞ୍ଚଳର ଜିତେନ୍ଦ୍ର ପୁରୋହିତ(୪୦)। ଏ ନେଇ ପୋଲିସ ଏକ କେସ୍ (ନଂ. ୧୩୧/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ଜିତେନ୍ଦ୍ର କୌଣସି କାମ ପାଇଁ ରବିବାର ସନ୍ଧ୍ୟାରେ ବଡପୋଖରୀ ଜାଗା ନିକଟକୁ ଯାଇଥିଲେ। ତେବେ ପୂର୍ବରୁ ସେଠାରେ ଜଗି ରହିଥିବା ୪/୫ଜଣ ଦୁର୍ବୃତ୍ତ ତାଙ୍କୁ ଘେରିଯାଇ ଖଣ୍ଡା ଓ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଜିତେନ୍ଦ୍ର ଚିତ୍କାର କରିବା ସହ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଅଞ୍ଚଳବାସୀଙ୍କଠାରୁ ଏହି ଖବର ପାଇ ଏସ୍‌ପି କନୱର ବିଶାଲ ସିଂ, ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ ଏବଂ ବାସେଳିସାହି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜିତେନ୍ଦ୍ରଙ୍କୁ ମେଡିକାଲ ପଠାଇବା ସହ ତଦନ୍ତ କରିଥିଲେ। ତେବେ ସେଠାରେ ଡାକ୍ତର ଜିତେନ୍ଦ୍ରଙ୍କୁ ମୃତ ଘୋଷଣା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସୋମବାର ବ୍ୟବଚ୍ଛେଦ ରିପୋର୍ଟ ମିଳିବ। ଅନ୍ୟପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସିଟି ଡିଏସ୍‌ପି କହିଛନ୍ତି। ପୂର୍ବରୁ ଜିତେନ୍ଦ୍ରଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ସେତେବେଳେ ଥାନାରେ ଅଭିଯୋଗ କରାଯାଇଥିଲା। ସେହି ଘଟଣାର ପ୍ରତିଶୋଧ ନେବାକୁ ଅଭିଯୁକ୍ତମାନେ ଜିତେନ୍ଦ୍ରଙ୍କୁ ଆକ୍ରମଣ କରିଛନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।

## ଯୁବକଙ୍କୁ ବାନ୍ଧି ଆଖି ତାଡ଼ିବାକୁ ଉଦ୍ୟମ

**ଗୋପ, ୨୫।୭(ଡି.ଏନ୍.ଏ.):**

ଗୋପ ଥାନା ଅଧୀନ ଆଇମା ଗ୍ରାମଦାଣ୍ଡରେ ବାଲିଗଦାକୁ କେନ୍ଦ୍ରକରି ରବିବାର ଦୁଇ ପରିବାର ମଧ୍ୟରେ ବଡଧରଣର ଗଣ୍ଡଗୋଳ ଘଟିଛି। ନୀଳକଣ୍ଠ ବେହେରା(୩୧) ଓ ତାଙ୍କ ପରିବାର ସଦସ୍ୟଙ୍କୁ ପ୍ରତିପକ୍ଷ ଗୋଷ୍ଠୀର ଲୋକେ ମରଣାନ୍ତକ ଆକ୍ରମଣ କରିଛନ୍ତି। ନୀଳକଣ୍ଠଙ୍କ ଆଖି ତାଡ଼ିବା ଓ ହତ୍ୟା ଉଦ୍ୟମ କରାଯିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ରକ୍ତାକ୍ତ ଅବସ୍ଥାରେ ନୀଳକଣ୍ଠଙ୍କୁ କେତେଜଣ ଗ୍ରାମବାସୀ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଛନ୍ତି।

ଅଭିଯୋଗ ଅନୁଯାୟୀ, ୪ଦିନ ତଳେ ଗ୍ରାମର ଗନ୍ଧର୍ବ ସ୍ୱାଇଁ କୌଣସି କାମ ନିମନ୍ତେ ଗାଁ ଦାଣ୍ଡରେ ବାଲି ଗଦାଇଥିଲେ। ଏଥିଯୋଗୁ ଲୋକଙ୍କ ଯାତାୟାତରେ ସମସ୍ୟା ହୋଇଥିଲା। ଶନିବାର ମଧ୍ୟାହ୍ନରେ ବାଲିଗଦାକୁ ନେଇ



ନୀଳକଣ୍ଠ ପ୍ରତିବାଦ କରିବାରୁ ତାଙ୍କ ସହ ଗନ୍ଧର୍ବଙ୍କର ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ରବିବାର ପୂର୍ବାହ୍ନ ୯ଟାରେ ଗନ୍ଧର୍ବଙ୍କ ପୁଅ ବୁଲୁ ଆସି ନୀଳକଣ୍ଠଙ୍କୁ ଘରୁ ଡାକି ନେଇଥିଲେ। ଗନ୍ଧର୍ବଙ୍କ ଘର ଦ୍ୱାର ପାଖରେ ନୀଳକଣ୍ଠ ପହଞ୍ଚିବା କ୍ଷଣି ବାପପୁଅ ଓ ଆଉ କେତେଜଣ ତାଙ୍କୁ ଘର ଖୁଣ୍ଟରେ ବାନ୍ଧି ଆଖି ତାଡ଼ି ନେବାକୁ ଉଦ୍ୟମ କରିବା ସହ ହତ୍ୟା ଉଦ୍ୟମ କରିଥିଲେ। ଏହି ଖବର ଶୁଣି ନୀଳକଣ୍ଠଙ୍କ ପରିବାରବର୍ଗ ସେଠାରେ

**ବାଲିଗଦାକୁ ନେଇ ଗଣ୍ଡଗୋଳ**

- ଆକ୍ରମଣରୁ ପରିବାର ସଦସ୍ୟ ବି ବର୍ତ୍ତିଲେନି
- ଅଭିଯୁକ୍ତ ଫେରାର, ପୋଲିସ ତଦନ୍ତ ଆରମ୍ଭ

ପହଞ୍ଚିବାରୁ ସେମାନଙ୍କୁ ମଧ ଗନ୍ଧର୍ବ ଓ ତାଙ୍କ ସମର୍ଥକ ମରଣାନ୍ତକ ଆକ୍ରମଣ କରିଥିଲେ। ଗ୍ରାମର କେତେଜଣ ଯୁବକ ଏହି ଘଟଣା ଦେଖି ନୀଳକଣ୍ଠଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ନୀଳକଣ୍ଠଙ୍କ ବାପା ରବୀନ୍ଦ୍ର ବେହେରା ଗୋପ ଥାନାରେ ଏତଲା ଦେବା ପରେ ପୋଲିସ ଏକ କେସ୍ (ନଂ. ୩୪୪/୨୧) ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ୨ ଡକାୟତ ଗିରଫ: ବନ୍ଧୁକ, ଗୁଳି ଜବତ

**ଟାଙ୍ଗୀ(ଖୋର୍ଦ୍ଧା),୨୫।୭(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ ଭୁଷଣ୍ଡପୁର ମା' ଉଗ୍ରତାରା ପୀଠ ନିକଟସ୍ଥ ରେଳବାଇ ଲେଭଲ କ୍ରସିଂଠାରେ ଶନିବାର ରାତିରେ ଏକ ଡକାୟତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଉକ୍ତ ଅଞ୍ଚଳରେ ପହଞ୍ଚି ୨ ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ଚାନ୍ଦପୁର ଥାନା ଅନ୍ତର୍ଗତ ମଧୁବନ ସାହିର ନିଶିକାନ୍ତ ବେହେରା (ରାଜା) ଓ ବାଲୁଗାଁର ଉଦ୍ଧବ ବେହେରା। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ୨ ଗୁଳି ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ନଂ.୨୪୬/୨୧ ରୁଜୁ କରିଛି। ସୂଚନା ଅନୁଯାୟୀ, ଭୁଷଣ୍ଡପୁର ଅଞ୍ଚଳର କୃଷ୍ଣଚନ୍ଦ୍ର ସାହୁ ଓ ଶଙ୍କର ପ୍ରଧାନ ଏକ କାର୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ୨ଜଣ ଯୁବକ ମୁଖାପିନ୍ଧି ଏକ ବାଇକ୍‌ରେ କାର୍‌କୁ ଅଟକାଇଥିଲେ। ଜଣେ ଡକାୟତ ବାଇକ୍‌ରୁ ଓହ୍ଲାଇ କୃଷ୍ଣଚନ୍ଦ୍ରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୩୪ ହଜାର ଟଙ୍କା ଛଡ଼ାଇ ନେବା ସହ ଉଭୟଙ୍କୁ ଆକ୍ରମଣ କରି ଫେରାର ହେବା ପାଇଁ ଚେଷ୍ଟା କରିଥିଲେ। ଏହି ସମୟରେ ଆହତଦ୍ୱୟ ପାଟି କରିବାରୁ ସ୍ଥାନୀୟ ଲୋକେ ଆସି ୨ଜଣ ଯୁବକଙ୍କୁ କାବୁ କରିଥିଲେ। ଖବରପାଇ ପାଟ୍ରୋଲିଂ କରୁଥିବା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପଚରାଉଚୁରା ବେଳେ ଡକାୟତମାନେ ବହୁ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ପ୍ରକାଶ କରିଛି।





କାର୍ଗିଲ ବିଜୟ ଦିବସ ଉପଲକ୍ଷେ ପୁରୀର ଶିଳ୍ପୀ ନିବେଦିତା ମିଶ୍ର ଏବଂ ସସ୍ମିତା ନାୟକଙ୍କ ଦ୍ୱାରା ପ୍ରସ୍ତୁତ ସ୍ୟାଣ୍ଡ ଆନିମେଶନ।



ପୁରୀର ଶିଳ୍ପୀ ସୂର୍ଯ୍ୟକାନ୍ତ ଦାସଙ୍କ ଡିଜିଟାଲ ଚିତ୍ର।

## ପଦକ୍ଷେପ ନ ନେଲେ ରାସ୍ତାରୋକୋ

**ଖୁଣ୍ଟୁଣୀ,୨୫।୭(ଡି.ଏନ.ଏ.)**

୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଖୁଣ୍ଟୁଣୀ ବଜାରରୁ ଉଚ୍ଛେଦ କରାଯାଇଥିବା ଶତାଧିକ ଦୋକାନୀଙ୍କୁ ପୁନଃଥଇଥାନ ଓ ଖୁଣ୍ଟୁଣୀ ବଜାର ଉଭୟ ପାର୍ଶ୍ୱ ରାସ୍ତାକୁ ତୁରନ୍ତ ନିର୍ମାଣ ଦାବିରେ ରବିବାର ପଞ୍ଚାୟତ ଅଫିସଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖୁଣ୍ଟୁଣୀ ବଜାର ବ୍ୟବସାୟୀ ମହାସଂଘ ସଭାପତି ଶିଶିର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ବ୍ୟବସାୟୀ ଯୋଗଦେଇ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ସେମାନେ ପ୍ରାୟ ୪ ବର୍ଷ ହେବ ଜୀବିକା ହରାଇ ଦୁଃଖରେ କାଳାତିପାତ କରୁଛନ୍ତି। ଏଥିପାଇଁ ସେମାନେ ରାଜପଥ କାମ ନେଇଥିବା ଠିକାଦାରଙ୍କୁ ଦାୟୀ କରିଥିଲେ। ଠିକାଦାର ବଜାର ବାହାର ଉଭୟ ପଟ କାମକୁ କରି ଚାଲିଥିବାବେଳେ ବଜାର କାମକୁ ବିଳମ୍ବ କରୁଛନ୍ତି ବୋଲି ସେମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ମହାସଂଘର କର୍ମକର୍ତ୍ତାମାନେ ସୋମବାର କଟକ ଜିଲାପାଳଙ୍କୁ ଭେଟି ଖୁଣ୍ଟୁଣୀ ବଜାରର ଉଭୟ ପାର୍ଶ୍ୱ ରାସ୍ତାକୁ ତୁରନ୍ତ ନିର୍ମାଣ କରିବା ସହ ଜୀବିକା ହରାଇଥିବା ସମସ୍ତ ଦୋକାନୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ଯଦି ଜିଲା ପ୍ରଶାସନ ଉକ୍ତ ଦାବି ଉପରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ସମସ୍ତ ବ୍ୟବସାୟୀ ବିନା ନୋଟିସ୍‌ରେ ରାଜପଥ ଅବରୋଧ କରିବେ ବୋଲି ମହାସଂଘ ପକ୍ଷରୁ ପ୍ରଫୁଲ୍ଲ ସାହୁ, ଗୋପାଳ ସାମନ୍ତରାୟ, ବ୍ରଜଭୂଷଣ ପାତ୍ର, ସୁଶାନ୍ତ ସାହୁ, ବିଶ୍ୱଜିତ୍ ମହାପାତ୍ର, ସୁବାସ ଦାସ, ପ୍ରଶାନ୍ତ ଦାସ, ସୁଧୀର ଦାସ, ବଟକିଶୋର ବେହେରା ଓ ଜୁଲୁଲି ଦୋରାଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଚେତାବନୀ ଦେଇଛନ୍ତି।

## ଷ୍ଟେଶନର ନବୀକରଣକୁ ଗୁରୁତ୍ୱ

**କଟକ ଅଫିସ, ୨୫।୭**

**ଖୋର୍ଦ୍ଧାରୋଡ୍ ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ କଟକ ରେଳ ଷ୍ଟେଶନ ପରିଦର୍ଶନ**

ଖୋର୍ଦ୍ଧାରୋଡ୍ ଡିଭିଜନାଲ ରେଲୱେ ମ୍ୟାନେଜର ଶଶିକାନ୍ତ ସିଂ ରବିବାର ଅପରାହ୍ନରେ କଟକ ରେଳ ଷ୍ଟେଶନ ପରିଦର୍ଶନ କରିଥିଲେ। ଷ୍ଟେଶନରେ ଥିବା ମୌଳିକ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ସେ କଟକ ଷ୍ଟେଶନ ମାଷ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖବରଦାତାଙ୍କୁ ସୂଚନା ଦେଇ ଶଶିକାନ୍ତ କହିଛନ୍ତି, ଟ୍ରେନ୍ ଯାତ୍ରୀଙ୍କୁ ମୌଳିକ ସୁବିଧା ଯୋଗାଇବା ଓ ଷ୍ଟେଶନର ନବୀକରଣ ଦିଗରେ ଗୁରୁତ୍ୱ ଦିଆଯିବ। ଭୁବନେଶ୍ୱରରେ ବିଡିଏ ସହ ମିଶି ଯେପରି ରେଳ ଷ୍ଟେଶନର ନବୀକରଣ କରାଯାଇଛି ସେହିପରି ଭାବେ କଟକ ଷ୍ଟେଶନର ନବୀକରଣ କରାଯିବ। କଟକ ଷ୍ଟେଶନରେ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା, ଆଲୋକୀକରଣ ସହ ନବୀକରଣ କରିବା ଆମର ମୁଖ୍ୟ ଲକ୍ଷ୍ୟ। ସେହିପରି ଏକ ପ୍ରଶ୍ନର ଉତ୍ତରରେ ସିଂ କହିଥିଲେ, ଚାହିଦା ମୁତାବକ ଆମେ ନୂତନ ଟ୍ରେନ୍ ଯୋଗାଇ ଦେଉଛୁ ଓ ଏହା ଆଗକୁ ମଧ ଜାରି ରହିବ। ଯାତ୍ରୀଙ୍କ ବିଭିନ୍ନ ଅଭିଯୋଗର ସମାଧାନ କରିବାକୁ ନିରନ୍ତର ପ୍ରୟାସ ଜାରି ରଖିଛୁ।



ଖୋର୍ଦ୍ଧାରୋଡ୍ ଡିଭିଜନାଲ ରେଲୱେ ମ୍ୟାନେଜର ଶଶିକାନ୍ତ ସିଂଙ୍କ ସହ ଅନ୍ୟ ଅଧିକାରୀ କଟକ ରେଳଷ୍ଟେଶନରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## କଟକ: ୧୬ ସ୍କୁଲରେ ଏବେ ହେବନି କ୍ଲାସ

**କଟକ ଅଫିସ, ୨୫।୭**

ସୋମବାରଠାରୁ ଆରମ୍ଭ ହେବ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠପଢ଼ା। ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହରେ ବସି ପଢ଼ିବେ। ଏଥିପାଇଁ ରବିବାର ଜିଲାପାଳ, ସିଡିଏମ୍‌ଓ, ସ୍ୱାସ୍ଥ୍ୟ ଅଧିକାରୀ, ବିଇଓ ଏବଂ କେତେଜଣ ପ୍ରଧାନଶିକ୍ଷକଙ୍କୁ ନେଇ ଏକ ବୈଠକ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି, ସ୍କୁଲ ଖୋଲିବା ପାଇଁ ଜାରି ଏସ୍‌ଓପି ସମ୍ପର୍କରେ ଜିଲାର ସମସ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଆସନ୍ତା ୩୦ରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ଜିଲାରେ ୧୬ଟି ସ୍କୁଲରେ ସେଣ୍ଟର ହୋଇଛି। ଏବେ ଏଠାରେ ପାଠପଢା ହେବନି। ପରୀକ୍ଷା ସରିବା ପରେ ଉକ୍ତ ସ୍କୁଲ ଖୋଲିବା ବ୍ୟବସ୍ଥା କରାଯିବ। ଏହାବାଦ୍ ଅନ୍ୟ ସ୍କୁଲଗୁଡିକରେ ପାଠ ପଢିବା ପାଇଁ ଆବଶ୍ୟକ ବ୍ୟବସ୍ଥା ହୋଇଛି। ଗ୍ରାମାଞ୍ଚଳର ସରପଞ୍ଚମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। କଣ୍ଟେନମେଣ୍ଟ ଜୋନ୍‌ରେ ଥିବା ସ୍କୁଲଗୁଡିକ ସରପଞ୍ଚଙ୍କ ସହ କଥା ହୋଇ ବନ୍ଦ ରଖାଯିବ। ସେହିପରି ରାଣୀହାଟ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ହିରାନମାୟୀ ଜେନା କହିଛନ୍ତି, ଚଳିତବର୍ଷ ଆମ ସ୍କୁଲରେ ଦଶମ ଶ୍ରେଣୀରେ ୧୮୦ ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କୁ ୭ଟି ବିଭାଗରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଶ୍ରେଣୀଗୃହରେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ଶିକ୍ଷାଦାନ କରାଯିବ। ଛାତ୍ରୀଛାତ୍ରମାନେ କେଉଁ ଶ୍ରେଣୀ ଗୃହରେ ପଢିବେ ସେମାନଙ୍କୁ ପୂର୍ବରୁ ସୂଚନା ଦିଆଯାଇଛି। ସେହିପରି କଲେଜଛକ ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଶିକ୍ଷକ ମନୋଜ ଦାଶ କହିଛନ୍ତି, ସରକାରଙ୍କ ଏସ୍‌ଓପି ଅନୁଯାୟୀ ସମସ୍ତ ପ୍ରସ୍ତୁତି କରାଯାଇଛି । ଆମ ସ୍କୁଲରେ ପର୍ଯ୍ୟାପ୍ତ ଶ୍ରେଣୀଗୃହ ରହିଛି। ପ୍ରତ୍ୟେକ ଶ୍ରେଣୀଗୃହରେ ୨୦ ଜଣ ଛାତ୍ରୀଛାତ୍ର ବସି ପାଠ ପଢିବେ।

## ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ

**କଟକ ଅଫିସ, ୨୫।୭**

ଚାରଣଗୋଷ୍ଠୀ ପକ୍ଷରୁ ରବିବାର ଭର୍ତ୍ତୁଆଲରେ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଡ. ପ୍ରଭୁଚରଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଇକୋର୍ଟର ଆଇନଜୀବୀ ବାମଦେବ ବରାଳ ଯୋଗଦେଇ ଜଗନ୍ନାଥ ସଂସ୍କୃତିରେ ମାତୃଜାତିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ମଣ୍ଡଳ ସଙ୍ଗଠକ ଲିଙ୍ଗରାଜ ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଇଂ. ଅମ୍ବିକା ପ୍ରସାଦ ମହାନ୍ତି ସଭା ପରିଚାଳନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଜିଲାର ସଙ୍ଗଠକ ଚାରଣ ଅରୁଣ କୁମାର ପୁହାଣ ଯୋଗଦେଇଥିଲେ। ଶୁଭେନ୍ଦୁ ସ୍ୱାଇଁ, ସୁଶାନ୍ତ ଦାସ, ପ୍ରଶାନ୍ତ ପରିଡା, ମୋହନ ସ୍ୱାଇଁ ଏବଂ ହୃଷୀକେଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ନିଗ୍ଧା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଡକାୟତି ଯୋଜନା, ୫ ଗିରଫ

**ବାଣପୁର,୨୫।୭(ଡି.ଏନ୍.ଏ.)**

ବାଣପୁର ଥାନା ଅଧୀନ ଶାଳିଆ ଡ୍ୟାମ୍ ନିକଟରେ ଶନିବାର ରାତିରେ ଏକ ଡକାୟତି ପାଇଁ ଯୋଜନା ହେଉଥିଲା। ବିଶେଷ ସୂତ୍ରରୁ ପୋଲିସ ଖବରପାଇ ସେଠାରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳର ୩ଜଣ ହୋଇଥିବା ବେଳେ ଅନ୍ୟ ୨ଜଣ ବାଲୁଗାଁ ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ଖଣ୍ଡା, ଚାପଡ, ୩ ବାଇକ୍ ଓ ୫ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ରବିବାର ବାଣପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ଜରିଆରେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ସୂଚନା ଦେଇଛନ୍ତି। ତଦନ୍ତ ଚାଲିଥିବାରୁ ପୋଲିସ ସବିଶେଷ ତଥ୍ୟ ପ୍ରଦାନ କରିନାହିଁ।

ସୂଚନା ଅନୁଯାୟୀ, ଶାଳିଆ ଡ୍ୟାମ ନିକଟରେ ୭ରୁ ୮ଜଣ ଯୁବକ ସନ୍ଦେହଜନକ ଅବସ୍ଥାରେ ବସିଥିବା ନେଇ ଶନିବାର



ଗିରଫ ଅଭିଯୁକ୍ତ, ଜବତ ମାରଣାସ୍ତ୍ର।

ମଧ୍ୟରାତ୍ରିରେ ବାଣପୁର ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଖବରପାଇ ବାଣପୁର ଥାନାର ସହ ଆରକ୍ଷୀ ନିରୀକ୍ଷକ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ଯୁବକମାନେ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ୫ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ୨ଟି ବାଇକ୍‌ରେ ୨ଜଣ ଫେରାର ହୋଇଯାଇଥିଲେ। ସେମାନଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ କରି ଥାନାକୁ ଆଣିଥିଲା। ପଚରାଉଚରା ସମୟରେ ପୁରୀ ଓ ଖୋର୍ଦ୍ଧା ଅଞ୍ଚଳର ଦୁର୍ବୃତ୍ତଙ୍କ ସହାୟତାରେ ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ଧରଣର ଲୁଟ୍ ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ସେମାନଙ୍କଠାରୁ ମିଳିଥିବା ସୂଚନା ଆଧାରରେ ପୋଲିସ ୨ଟି ସ୍ଥାନରେ ଚଢ଼ାଉ କରି ଅନ୍ୟ ଗୋଟିଏ ବାଇକ୍ ଜବତ କରିଛି। ଏପରିକି ଶାଳିଆ ଡ୍ୟାମ୍ ରାସ୍ତାରେ ହୋଇଥିବା ୨ଟି ଲୁଟ୍ ଘଟଣା ସମେତ ଖଲିକୋଟ ଥାନା ଅଞ୍ଚଳର ୪ଟି ଲୁଟ୍ ଘଟଣାରେ ଯୁବକମାନେ ସମ୍ପୃକ୍ତ ଥିବା ମାନିଥିଲେ। ଫେରାର ଲୁଟେରାଙ୍କ ପରିଚୟ ମିଳିଯାଇଥିବାରୁ ଅତିଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି। ସମ୍ମିଳନୀରେ ବାଣପୁର ଥାନାଧିକାରୀ ରଶ୍ମିରଞ୍ଜନ ସାହୁ, ରାଜକିଶୋର ବେହେରା, ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସୁବିଧା ୭୩% ବଢ଼ିଛି**

**ନୂଆଦିଲ୍ଲୀ:** ୨୦୦୫ରୁ ୨୦୨୦ ମଧ୍ୟରେ ଦେଶରେ ସ୍ୱାସ୍ଥ୍ୟସେବା ସୁବିଧା ୧୦ ପ୍ରତିଶତ ବଢ଼ିଥିବାବେଳେ ଆଦିବାସୀ ଅଞ୍ଚଳରେ ୭୩ ପ୍ରତିଶତ ବୃଦ୍ଧି ପାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ୨୦୦୫ରେ ଆଦିବାସୀ ଅଞ୍ଚଳରେ ଉପସ୍ୱାସ୍ଥ୍ୟକେନ୍ଦ୍ର (ଏସ୍‌ଏଚ୍‌ସି) ସଂଖ୍ୟା ୧୬,୭୪୮ ଥିଲାବେଳେ ୨୦୨୦ରେ ତାହା ୨୯,୭୪୫ରେ ପହଞ୍ଚିଛି, ଅର୍ଥାତ୍ ୭୮ ପ୍ରତିଶତ ବୃଦ୍ଧି ହୋଇଛି। ଏହି ସମୟ ମଧ୍ୟରେ ସାରା ଦେଶରେ ଏସ୍‌ଏଚ୍‌ସି ସଂଖ୍ୟା ୧,୪୨,୬୫୫ରୁ ବଢ଼ି ୧,୫୫,୪୦୪ ହୋଇଛି। ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ସଂଖ୍ୟା ଆଦିବାସୀ ଅଞ୍ଚଳରେ ୧୫ ବର୍ଷ ମଧ୍ୟରେ ୫୦ ପ୍ରତିଶତ ବଢ଼ିଛି। ୨୦୦୫ରେ ଉକ୍ତ ଅଞ୍ଚଳରେ ୨,୮୦୯ ପିଏଚ୍‌ସି ଥିବାବେଳେ ୨୦୨୦ରେ ୪,୨୦୩ ହୋଇଛି। ସାରା ଦେଶରେ ଏହା ୨୩,୧୦୯ରୁ ବଢ଼ି ୨୪,୯୧୮ରେ ପହଞ୍ଚିଛି। ଆଦିବାସୀ ଅଞ୍ଚଳରେ ସିଏଚ୍‌ସି ସଂଖ୍ୟା ୬୪୩ରୁ ବଢ଼ି ୧,୦୩୫ ହୋଇଛି।

## ସଂକ୍ଷେପରେ

### ବିପିୟୁଟି ଛାତ୍ରୀଛାତ୍ରଙ୍କ ପାଇଁ ବୀମା

**ଭୁବନେଶ୍ୱର, ୨୫।୭(ବ୍ୟୁରୋ):** ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ୨୦୨୧-୨୨ ଶିକ୍ଷାବର୍ଷରେ ଏହାର ଛାତ୍ରୀଛାତ୍ରଙ୍କ ପାଇଁ ବୀମା ଦେବାକୁ ଘୋଷଣା କରିଛି। ବିପିୟୁଟି ଅଧୀନରେ ଥିବା ୧୬୦ଟି ପଞ୍ଜୀକୃତ ବୈଷୟିକ ମହାବିଦ୍ୟାଳୟର ଏମ୍‌ସିଏ, ଏମ୍‌ବିଏ,ଆର୍କିଟେକ୍ଚର ଇତ୍ୟାଦି ଛାତ୍ରୀଛାତ୍ରଙ୍କୁ ଏହି ବୀମାଭୁକ୍ତ କରାଯିବ। ଦୁର୍ଘଟଣା, ଡାକ୍ତରଖାନାରେ ଭର୍ତ୍ତି ହେଲେ, ପାଠ୍ୟୋପକରଣ, ଲାପ୍‌ଟପ ଇତ୍ୟାଦି ହଜିଗଲେ ଏହି ବୀମା ରାଶି ପ୍ରଦାନ କରାଯିବ। ପ୍ରାୟ ୩୩,୫୫୦ ଜଣ ଛାତ୍ରୀଛାତ୍ର ଏହାର ଲାଭ ପାଇବେ ବୋଲି ବିପିୟୁଟି ପକ୍ଷରୁ କୁହାଯାଇଛି। ଯଦି କୌଣସି ପ୍ରକାର ଦୁର୍ଘଟଣାର ଶିକାର ହୋଇ ବିପିୟୁଟି ଅଧୀନରେ ପଞ୍ଜୀକୃତ ହୋଇଥିବା ଛାତ୍ରୀଛାତ୍ର ମୃତ୍ୟୁବରଣ କରନ୍ତି ତେବେ ସେମାନଙ୍କ ମାତାପିତାଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଯଦି ଦୁର୍ଘଟଣାରେ କୌଣସି ଅଙ୍ଗ ହରାଇବେ ତେବେ ତାଙ୍କୁ ୧ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ କରାଯିବ। ସେହିପରି ଯଦି କୌଣସି ଛାତ୍ର ଗୁରୁତର ଭାବେ ଆଘାତପ୍ରାପ୍ତ ହେବେ ତାଙ୍କୁ ୧ ଲକ୍ଷ ଟଙ୍କାର ବୀମାରାଶି ମିଳିବ। ଯଦି କୌଣସି ଛାତ୍ରୀଛାତ୍ର ଦୁର୍ଘଟଣାର ଶିକାର ହୋଇ ଗୋଟିଏ ଆଖିର ଦୃଷ୍ଟିଶକ୍ତି ହରାଇବେ କିମ୍ବା ଗୋଡ଼ ହରାଇବେ ସେ କ୍ଷେତ୍ରରେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ରୋଗଗ୍ରସ୍ତ ହୋଇ କିମ୍ବା ଦୁର୍ଘଟଣା ଯୋଗୁ ଚିକିତ୍ସିତ ହେଉଥିବା ଛାତ୍ରୀଛାତ୍ରଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ।

### ଇସାକ୍‌ଙ୍କୁ ଟେଲିଫୋନ୍‌ରେ ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୫।୭(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ୭୯ତମ ସଂସ୍କରଣରେ ପ୍ରଶଂସିତ ସମ୍ବଲପୁର ଜିଲାର ଇସାକ୍ ମୁଣ୍ଡାଙ୍କ ସହ ଟେଲିଫୋନରେ କଥା ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି। ଜନଜାତି ସମ୍ପ୍ରଦାୟର ଇସାକ୍ ଯୁବ ଶକ୍ତିଙ୍କ ପାଇଁ କିଛି ନୂଆ କରିବାର ସଂକଳ୍ପର ପ୍ରତୀକ ହୋଇଛନ୍ତି ବୋଲି ଧର୍ମେନ୍ଦ୍ର ଟୁଇଟ୍ ରେ କହିଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଆହୁରି ଉଲ୍ଲେଖ କରିଛନ୍ତି, ଇସାକ୍‌ଙ୍କ ଇଣ୍ଟରନେଟ୍ ମାଧ୍ୟମରେ ପରିବର୍ତ୍ତିତ ଜୀବନଶୈଳୀର ଉଦାହରଣ ଆମ ପାଇଁ ଏକ ନୂଆ ଅନୁଭବ। ଦିନ ମଜୁରିଆରୁ ଇଣ୍ଟରନେଟ୍ ସେନ୍‌ସେସନ ପାଲଟିଥିବା ଇସାକ୍ ଓଡ଼ିଆଙ୍କ ସାମାଜିକ ଜୀବନର ଦୈନିକ ଖାଦ୍ୟ 'ପଖାଳ' ଖାଇବାର ଭିଡିଓ ପ୍ରସ୍ତୁତ କରି ଆଜି ଜଣେ ସଫଳ ୟୁଟ୍ୟୁବର ହେବା ସହ ଲକ୍ଷାଧିକ ଟଙ୍କା ଉପାର୍ଜନ କରିପାରୁଛନ୍ତି। ତାଙ୍କର ଏହି ପ୍ରୟାସ ସବୁଠାରୁ ଅନନ୍ୟ। ଇସାକ୍ ନିଜର ୟୁଟ୍ୟୁବ୍ ଚ୍ୟାନେଲରେ ସ୍ଥାନୀୟ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରିବାର ପଦ୍ଧତି, ସାମାଜିକ ଜୀବନଶୈଳୀର ଭିଡିଓ ପ୍ରସ୍ତୁତ କରିବା ତଥା ସଂସ୍କୃତି ଏବଂ ବ୍ୟଞ୍ଜନର ପ୍ରଚାରପ୍ରସାର କରି ଆମକୁ ପ୍ରେରଣା ଦେବାସହ ଯୁବଶକ୍ତିଙ୍କ ପାଇଁ କିଛି ନୂଆ କରିବାର ସଂକଳ୍ପର ପ୍ରତୀକ ହୋଇଛନ୍ତି ବୋଲି ସେ କହିଛନ୍ତି।

# ୫ ଘଣ୍ଟାର ତଦନ୍ତ, ହଷ୍ଟେଲ ରୁମ୍ ସିଲ୍

**ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ଘଟଣା**
- ବଲାଙ୍ଗୀରରେ ପାରଳାଖେମୁଣ୍ଡି ୫ଜଣିଆ ପୋଲିସ ଟିମ୍
- ପ୍ରାଣୀଧନ ନିରୀକ୍ଷକ ତାଲିମ କେନ୍ଦ୍ରରେ ୩ ଜଣଙ୍କୁ ପଚରାଉଚରା
- ବ୍ୟାଚଲର ପାର୍ଟି ନୁହେଁ, ଖାଇବା ଖର୍ଚ୍ଚ ବହନ କରିଥିଲେ ବିଦ୍ୟାଭାରତୀ

**ବଲାଙ୍ଗୀର ଅଫିସ,୨୫।୭**


ବଲାଙ୍ଗୀର ପ୍ରାଣୀଧନ ନିରୀକ୍ଷକ ତାଲିମ କେନ୍ଦ୍ର ମୁଖ୍ୟ ହେମନ୍ତ ପ୍ରଧାନଙ୍କ ସହ ୫ ଜଣିଆ ତଦନ୍ତକାରୀ ଟିମ୍ ଆଲୋଚନା କରୁଛନ୍ତି।

ଗଜପତି ଜିଲା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ଆସିଥିବା ୫ ଜଣିଆ ପୋଲିସ ଟିମ୍ ରବିବାର ବଲାଙ୍ଗୀର ପହଞ୍ଚି ତଦନ୍ତ କରିଛି। ପାରଳାଖେମୁଣ୍ଡି ଥାନା ଆଇଆଇସି ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ମୃତ ସୌମ୍ୟରଞ୍ଜନଙ୍କ ସ୍ତ୍ରୀ ବିଦ୍ୟାଭାରତୀ ତାଲିମ ଗ୍ରହଣ କରୁଥିବା ଲର୍କପାଲିସ୍ଥିତ ପ୍ରାଣୀଧନ ନିରୀକ୍ଷକ ତାଲିମ କେନ୍ଦ୍ରରେ ପହଞ୍ଚି ଦୀର୍ଘ ୫ଘଣ୍ଟା ଧରି ତଦନ୍ତ କରିଥିଲେ। ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ମୁଖ୍ୟ ତଥା ଡେପୁଟି ଡାଇରେକ୍ଟର ହେମନ୍ତ କୁମାର ପ୍ରଧାନ, କିରାଣି ମୁକେଶ କୁମାର ରଥ ଓ ଚତୁର୍ଥଶ୍ରେଣୀ କର୍ମଚାରୀ ପୁରନ୍ଦର ନେଗୀଙ୍କୁ ପୋଲିସ ଟିମ୍ ସାଢ଼େ ୪ ଘଣ୍ଟା ଧରି ପଚରାଉଚରା କରିଥିଲା। ଏହାପରେ ଏହି କେନ୍ଦ୍ର କ୍ୟାମ୍ପସ ଭିତରେ ଥିବା ଲେଡିଜ୍ ହଷ୍ଟେଲକୁ ଯାଇ ବିଦ୍ୟାଭାରତୀ ରହୁଥିବା ରୁମ୍ ନମ୍ବର ୧କୁ ପୋଲିସ ସିଲ୍ କରିଥିଲା। ତାଲିମ କେନ୍ଦ୍ରର ଶ୍ରେଣୀ ପ୍ରକୋଷ୍ଠ, ଲାଇବ୍ରେରୀ, ମେସ୍ ଓ କ୍ୟାମ୍ପସ ବୁଲି ଦେଖିଥିଲେ। ବଲାଙ୍ଗୀରରେ ବ୍ୟାଚଲର ପାର୍ଟି ପ୍ରସଙ୍ଗରେ ମଧ୍ୟ ତନାଘନା କରିଥିଲେ। ଏହା ସହିତ ଏପ୍ରିଲ ୩ ତାରିଖ ବିଦ୍ୟାଭାରତୀ କାହାସହ ବଲାଙ୍ଗୀର ଆସିଥିଲେ ଓ ୧୩ ତାରିଖରେ ଘରକୁ ଫେରିଲେ ସେ ନେଇ ପଚରାଉଚରା କରିଥିଲା ତଦନ୍ତକାରୀ ଟିମ୍। ଗଣମାଧ୍ୟମକୁ ପ୍ରତିକ୍ରିୟାରେ ପାରଳାଖେମୁଣ୍ଡି ଆଇଆଇସି ସ୍ୱାଇଁ ବିଦ୍ୟାଭାରତୀ ତାଲିମ ଗ୍ରହଣ କରୁଥିବା କେନ୍ଦ୍ରରୁ କିଛି ଡକ୍ୟୁମେଣ୍ଟ ନେଇଥିବା ସୂଚନା ଦେଇଥିଲେ। କୋଭିଡ୍ କାରଣରୁ ହଷ୍ଟେଲ ବନ୍ଦ ରହିଥିବାରୁ ରୁମ୍ ନମ୍ବର ୧ରେ ବିଦ୍ୟାଭାରତୀ ରହୁଥିବା ତାଙ୍କ ଦୁଇଜଣ ସହପାଠିନୀଙ୍କ ଫୋନ୍ ନମ୍ବର ସଂଗ୍ରହ କରାଯାଇଛି। ଆବଶ୍ୟକସ୍ଥଳେ ସେମାନଙ୍କୁ ମଧ୍ୟ ପଚରାଉଚରା କରାଯାଇପାରେ। ତେବେ ବ୍ୟାଚଲର ପାର୍ଟି ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଏପ୍ରିଲ ୧୧ ତାରିଖରେ ବିଦ୍ୟାଭାରତୀ ତାଙ୍କ ସାଙ୍ଗମାନଙ୍କ ଖାଇବା ଖର୍ଚ୍ଚ ବହନ କରିଥିଲେ। ମେସରେ ଭୋଜି ହୋଇଥିଲା, ଏହା ବ୍ୟାଚଲର ପାର୍ଟି ନ ଥିଲା ବୋଲି ତଦନ୍ତରୁ ଜଣାପଡିଥିବା ସେ କହିଛନ୍ତି।

# ଅକ୍ଷୟଙ୍କ ନାଁକୁ ନେଇ ଉଠିଲା ପ୍ରଶ୍ନ

**ଖଇରା,୨୫।୭(ଡି.ଏନ.ଏ.)**

ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ଚର୍ଚ୍ଚା ଥମିବାର ନାଁ ଧରୁନି। ପୂର୍ବରୁ 'ମୁଁ ଘୃଣା କରେ' ଭଳି ଶବ୍ଦରୁ ଆରମ୍ଭ ହୋଇଥିବା ପତ୍ନୀ ବିଦ୍ୟାଭାରତୀଙ୍କ ହାତ ଲେଖା ନୋଟ୍‌ବୁକ ଓ 'ମୁଁ ତୁମ ପାଦ ତଳେ ରହିବାକୁ ଚାହେଁ' ଲେଖାଥିବା ସୌମ୍ୟଙ୍କ ଚିଠିକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ପୁଣି ଥରେ ବିଦ୍ୟାଭାରତୀଙ୍କ ହାତଲେଖା ଥିବା ଏକ ନୋଟବୁକ ସୌମ୍ୟଙ୍କ ବଡଭାଇ ରଞ୍ଜନ ମହାପାତ୍ର ଉଦ୍ଧାର କରି ଗଣମାଧ୍ୟମକୁ ଦେଖାଇଛନ୍ତି। 'ଯେଉଁଥିରେ ତୋ ଠୁ ଗୋଟେ ବେଟର ଖୋଜିବି। ଏତେ ନେଗଲିଜିବଲ ଫିଲ କରେଇଲା। ବହୁତ କଥା ଅଛି। ପରେ କହିବି ଏବଂ ମୋତେ ଅକ୍ଷୟ କହିଥିଲା। ଦେଖିବା ପାଇଁ ସିଏ'

**ବିଦ୍ୟାଙ୍କ ହାତଲେଖା ଦେଖାଇଲେ ସୌମ୍ୟଙ୍କ ବଡ଼ଭାଇ**

ଏହିଭଳି କିଛି ଲେଖାଯାଇ ଶେଷ ଧାଡିଗୁଡିକ କାଟି ଦିଆଯାଇଛି। ଯାହାକୁ ନେଇ ସୌମ୍ୟଙ୍କ ଭାଇ ରଞ୍ଜନ ଭାଇବୋହୂଙ୍କ ଚରିତ୍ରକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସୌମ୍ୟ ଅନ୍ୟ ଝିଅକୁ ଭଲ ପାଉଥିବା ନେଇ ବିଦ୍ୟାଭାରତୀ ଅଭିଯୋଗ କରୁଥିବା ବେଳେ ମିଳିଥିବା ଏଭଳି ଲେଖାରେ ତାଙ୍କର ଅନ୍ୟମାନଙ୍କ ସହ ସମ୍ପର୍କ ଥିବା ପ୍ରମାଣ ଏହା ନୁହେଁ କି ବୋଲି କହିଛନ୍ତି। ଏଥିସହ ଅକ୍ଷୟ କିଏ ବୋଲି ଜବାବ ମାଗିଛନ୍ତି। ଏହି ଲେଖା ସମ୍ପର୍କରେ ସେ ତାଙ୍କ ଓକିଲକୁ ଜଣାଇ ସାରିଛନ୍ତି। ଓକିଲଙ୍କ ମାଧ୍ୟମରେ ଏହି ନୋଟବୁକ୍ ତଦନ୍ତକାରୀ ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ପୋଖରୀରେ ବୁଡ଼ି ୨ ସାଙ୍ଗଙ୍କ ଜୀବନ ଗଲା

**ରୂପସା, ୨୫।୭(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଛାନୁଆ ପଞ୍ଚାୟତ ଅଧୀନ ପାହି ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀକୁ ଗାଧୋଇବାକୁ ଯାଇ ଦୁଇଜଣ ସାଙ୍ଗ ପାଣିରେ ବୁଡିଯାଇ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ କାର୍ତ୍ତିକ ସାମନ୍ତଙ୍କ ୯ ବର୍ଷର ଝିଅ ବିଉଟି ଓ ଶମ୍ଭୁନାଥ ଜେନାଙ୍କ ୮ ବର୍ଷର ଝିଅ ରଶ୍ମିରେଖା। ମଧ୍ୟାହ୍ନରେ ବିଉଟି ଓ ରଶ୍ମିରେଖା ଘରପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତ। ସେମାନଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ପୋଖରୀରୁ ଉଦ୍ଧାର କରି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ପଦ୍ମ ପୁରସ୍କାର ପାଇଁ ୩ କାରିଗରଙ୍କ ନାମ ସୁପାରିସ

**ଯାଜପୁର ଅଫିସ,୨୫।୭**

ହସ୍ତଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟର ୩ ଜଣ କାରିଗରଙ୍କ ନାମ ପଦ୍ମ ପୁରସ୍କାର ନିମନ୍ତେ ସୁପାରିସ କରାଯାଇଛି। ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସନାତନ ନାୟକ (ପତ୍ରସଂଖ୍ୟା ୩୦୮୬/୨୦।୭।୨୦୨୧) ଏହିମର୍ମରେ ରାଜ୍ୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଅନୁ ସଚିବଙ୍କୁ ପତ୍ର ଲେଖିଛନ୍ତି। ଉକ୍ତ ୩ କାରିଗର ହେଲେ ଯାଜପୁର ଜିଲା ଛତିଆ ଗ୍ରାମର ପଥର ଖୋଦିତ କାରିଗର ମହେଶ୍ୱର ଓଝା, କଟକ ଜିଲା ଲଳିତଗିରି ଗ୍ରାମର ପଥର ଓ କାଠ ଖୋଦିତ କାରିଗର କଳ୍ପତରୁ ମହାରଣା ଏବଂ ଗଞ୍ଜାମ ଜିଲାର କାଠ ଖୋଦିତ କାରିଗର ଅରୁଣ କୁମାର ସାହୁ। ପଥର କାରିଗର କଳ୍ପତରୁ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଦୀର୍ଘ ବର୍ଷ ହେଲା ପ୍ରଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ସେ ପଥର ଓ କାଠ ଖୋଦିତ କାର୍ଯ୍ୟରେ ପ୍ରାୟ ୧୦୦ କାରିଗର ସୃଷ୍ଟି କରି ପାରିଛନ୍ତି। ୨୦୧୨ ମାର୍ଚ୍ଚରୁ ସରକାରୀ ଚାକିରିରୁ ସେ ଅବସର ଗ୍ରହଣ କରିସାରିଛନ୍ତି ବୋଲି ସୁପାରିସ ପତ୍ରରେ ଦର୍ଶାଯାଇଛି।


ଭୁବନେଶ୍ୱର ଓୟୁଏଟି ପରିସର ଏକ ମାଣ୍ଡିଆ କିଆରିରେ ମହିଳାମାନେ ଘାସ ବାଛୁଛନ୍ତି।

# ଆସୁଛି ଆଉ ଏକ ଲଘୁଚାପ

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

**୨ ଦିନ ବର୍ଷିବ**

ଉତ୍ତର ବଙ୍ଗୋପସାଗର ଏବଂ ବାଂଲାଦେଶ ଉପକୂଳରେ ଆସନ୍ତା ୨୮ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିଯୋଗୁ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼, ଅନୁଗୋଳ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୩୦ ତାରିଖ ଯାଏ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ମଧ୍ୟପ୍ରଦେଶ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଟ୍ରଫ୍‌ଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, କନ୍ଧମାଳ, ନୟାଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୨୭ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ। ୨୮ ତାରିଖରେ କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ସମ୍ବଲପୁର ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ୨୯ ତାରିଖରେ କେନ୍ଦୁଝର, ଢେଙ୍କାନାଳ, କେନ୍ଦ୍ରାପଡ଼ା, କଟକ, ଅନୁଗୋଳ, ସମ୍ବଲପୁର, ବରଗଡ଼ ଜିଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିପରି ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ଦେବଗଡ଼ ଏବଂ ସୋନପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

### ଜିଲା ପରିଷଦ ସଦସ୍ୟଙ୍କୁ ଆକ୍ରମଣ

**ଭଣ୍ଡାରିପୋଖରୀ, ୨୫।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ୨୨ ନଂ. ଜୋନ ଜିଲା ପରିଷଦ ସଦସ୍ୟ ତଥା ଜିଲା ଛାତ୍ର ବିଜେଡି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳଙ୍କୁ ସ୍ଥାନୀୟ ତାରିଣୀ ମନ୍ଦିର ନିକଟରେ ରବିବାର ଅପରାହ୍ନରେ ଆକ୍ରମଣ କରାଯାଇଛି। ଏଥିରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ତେବେ ଧାମନଗର ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ଭଣ୍ଡାରିପୋଖରୀ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି।

# ମନୁଷ୍ୟର ପ୍ରଥମ ଗୁରୁ ଧରିତ୍ରୀ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**

ବୌଦ୍ଧିକ ସମ୍ପଦ ଭାରତର ସବୁଠୁ ବଡ଼ ପୁଞ୍ଜି । ବର୍ତ୍ତମାନ ଭାରତ ଯେତେବେଳେ ଏକ ନୂଆ ଯୁଗରେ ପ୍ରବେଶ କରୁଛି ନୂଆ ଶିକ୍ଷା ନୀତି(ଏନ୍‌ଇପି-୨୦୨୦) ବିଜ୍ଞାନ, ଟେକ୍ନୋଲୋଜି, ରଚନାତ୍ମକ ଚିନ୍ତାଧାରା, ବିଚାର ଏବଂ ନବସୃଜନକୁ ପ୍ରୋତ୍ସାହନ କରି ଭାରତକୁ ବୈଶ୍ୱିକ ଜ୍ଞାନର କେନ୍ଦ୍ର ଏବଂ ଜ୍ଞାନ ଅର୍ଥନୀତି ରୂପରେ ଅବସ୍ଥାପିତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭାରତୀୟ ଶିକ୍ଷଣ ମଣ୍ଡଳ ଦ୍ୱାରା ଆୟୋଜିତ ବ୍ୟାସ ପୂଜା ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଭାରତର ଆତ୍ମା ଯେପରି ଦେଶର ଶିକ୍ଷାରେ ବିରାଜମାନ ସେହିପରି ଭାରତରେ ଗୁରୁ ପରମ୍ପରା ମଧ୍ୟ ବହୁତ ପୁରୁଣା ଏବଂ ଦେଶର ଜୀବନଧାରା, ସଭ୍ୟତା ଏବଂ ସଂସ୍କୃତିରେ ଗୁରୁଙ୍କ ମୂଲ୍ୟ ମହତ୍ତ୍ୱପୂର୍ଣ୍ଣ। ଯଦି ଆମେ ମାନବ ସଭ୍ୟତାର ପ୍ରାରମ୍ଭକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଅନୁମେୟ କରିବା ତେବେ ମନୁଷ୍ୟର ପ୍ରଥମ ଗୁରୁ ଥିଲା ପ୍ରକୃତି ମାତା ବା ଧରିତ୍ରୀ। ପ୍ରଥମେ ମନୁଷ୍ୟ ସାମୁଦ୍ରିକ ଝଡ଼, ବର୍ଷାର ଅନେକ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିବା ସହ ଏହି ପ୍ରାକୃତିକ ବିପର୍ଯ୍ୟୟରୁ ନିଜକୁ ମୁକୁଳାଇବା ଅର୍ଥାତ୍ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନେବା ପାଇଁ ସମ୍ଭବତଃ ଚିନ୍ତା କରିଥିବ କିମ୍ବା ଆଗକୁ ବଢ଼ିବା ପାଇଁ ଯୋଜନା କରିଥିବା ବୈଜ୍ଞାନିକ ଦୃଷ୍ଟିରୁ ଏହାକୁ ଦେଖିଲେ ଏହି ଧରାପୃଷ୍ଠ ହିଁ ମନୁଷ୍ୟକୁ ଶିଖାଇବାରେ ପ୍ରଥମ ଗୁରୁ। ଏହା ପରେ ଭାଷା, ସାହିତ୍ୟ, ଶବ୍ଦ, ସଂସ୍କୃତି ଏବଂ ସଭ୍ୟତାଗୁଡ଼ିକର ବ୍ୟାପକ ଘଟିଥିବା ଧର୍ମେନ୍ଦ୍ର କହିଛନ୍ତି। ନବସୃଜନ ଏବଂ ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାକୁ ଆଗକୁ ବଢ଼ାଇବା ପାଇଁ ସେ ପରାମର୍ଶ ଦେଇଥିଲେ।

# ହତ୍ୟା ପରେ କରାଯାଇଥିଲା ଗଣବଳାତ୍କାର

**ଅନୁଗୋଳ ଅଫିସ, ୨୫।୭**

**ନାଳ ନିକଟରୁ ଯୁବତୀଙ୍କ ବସ୍ତ୍ର, ଢାଳ ଜବତ**
- ୨ ନାବାଳକ ଅପରାଧ ଘଟାଇଥିବା ପୋଲିସର ସୂଚନା
- ଆଜି ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନିଆଯିବ


ଗାଁ ଶ୍ମଶାନରେ ଯୁବତୀଙ୍କ ମୃତଦେହ ସତ୍କାର କରାଯାଉଛି।

ଅନୁଗୋଳ ଜିଲା ବଅଁରପାଳ ଥାନା ମହୀଧରପୁର ଫାଣ୍ଡି ଅଞ୍ଚଳରୁ ଶନିବାର ଜଣେ କଲେଜ ଛାତ୍ରୀଙ୍କ ଉଲଗ୍ନ ମୃତଦେହ ଗୋଡ଼ବନ୍ଧା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସମ୍ପୃକ୍ତା ଛାତ୍ରୀଙ୍କୁ ୨ ନାବାଳକ ଅଣନିଃଶ୍ୱାସୀ କରି ହତ୍ୟା କରିବା ପରେ ଗଣବଳାତ୍କାର କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ସୋମବାର ଉଭୟଙ୍କୁ ଘଟଣାସ୍ଥଳକୁ ନେଇ ଅଧିକ ତଦନ୍ତ କରାଯିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି।

ସମ୍ପୃକ୍ତ ଅଧିକାରୀ ଦେଇଥିବା ସୂଚନା ଅନୁଯାୟୀ, ଯୁବତୀ ଜଣକ ପୂର୍ବାହ୍ନରେ ନାଳ ନିକଟକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ସେହି ଗ୍ରାମର ଦୁଇ ନାବାଳକ ତାଙ୍କୁ ଏକୁଟିଆ ପାଇ ପ୍ରଥମେ ଅସଦାଚରଣ କରିଥିଲେ। ଯୁବତୀ ଜଣକ ଏହାକୁ ବିରୋଧ କରିବା ସହ ଚିତ୍କାର କରିବାରୁ ଅଭିଯୁକ୍ତମାନେ ତାଙ୍କ ପାଟି ଓ ନାକକୁ ଚାପି ଧରିଥିଲେ। ଯୁବତୀ ନିସ୍ତେଜ ହୋଇଯିବା ପରେ ଦୁହେଁ ତାଙ୍କୁ ନିକଟସ୍ଥ ବୁଦା ମୂଳକୁ ଆଣି ବଳାତ୍କାର କରିଥିଲେ। ପରେ ପ୍ରମାଣ ନଷ୍ଟ କରିବାକୁ ଅଭିଯୁକ୍ତମାନେ ଯୁବତୀଙ୍କ ବସ୍ତ୍ର, ଗାଧୋଇବା ପାଇଁ ସାଙ୍ଗରେ ଆଣିଥିବା ଢାଳ ଓ ଚପଲକୁ ଅନ୍ୟତ୍ର ଫିଙ୍ଗି ଦେଇଥିଲେ। ତାଙ୍କ ଗୋଡ଼ ବାନ୍ଧି ବୁଦାମୂଳରେ ଲୁଚାଇ ଦେଇଥିଲେ ବୋଲି ପଚରାଉଚରା ସମୟରେ ଦୁଇ ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ନେଇ ପୋଲିସ ପକ୍ଷରୁ ତଦନ୍ତ କରାଯାଇଛି। ଅତିରିକ୍ତ ଏସ୍‌ପି ପ୍ରସନ୍ନ ବିଶ୍ୱାଳ, ବଅଁରପାଳ ଥାନା ଅଧିକାରୀ ନରେଶ ସାହୁ, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ମହୀଧରପୁର ଫାଣ୍ଡି ଅଧିକାରୀ ରବିନାରାୟଣ ସାହୁ ଘଟଣାର ତଦନ୍ତ କରିଥିଲେ। ଶନିବାର ରାତିରେ ଏସ୍‌ପି ଜଗମୋହନ ମୀନା ଘଟଣାର ଅନୁଧ୍ୟାନ ନିମନ୍ତେ ମହୀଧରପୁର ଫାଣ୍ଡିରେ ଉପସ୍ଥିତ ଥିଲେ। ଅଟକ ଥିବା ୪ ଜଣଙ୍କ ମଧ୍ୟରୁ ପଚରାଉଚରା ବେଳେ ୨ ଜଣ ଅପରାଧ ଘଟାଇଥିବା ପୋଲିସକୁ କହିଥିଲେ। ସେମାନଙ୍କ ସୂଚନା ଆଧାରରେ ରବିବାର ପୋଲିସ ଘଟଣାସ୍ଥଳରୁ ଯୁବତୀଙ୍କ ବସ୍ତ୍ର ଓ ଢାଳ ଜବତ କରିଛି। ଅଭିଯୁକ୍ତଙ୍କ ସିମେନ୍ ନମୁନା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପରୀକ୍ଷା ପାଇଁ ପଠାଯାଇଛି। ୨ ଅଭିଯୁକ୍ତ ନାବାଳକଙ୍କୁ ରବିବାର ବିଳମ୍ବିତ ରାତିରେ ଗିରଫ କରାଯାଇଥିବା ଅନୁଗୋଳ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଗାଁ ଶ୍ମଶାନରେ ଶୋକାକୁଳ ପରିବେଶରେ ଯୁବତୀଙ୍କ ମୃତଦେହ ସତ୍କାର କରାଯାଇଛି। ଅଭିଯୁକ୍ତମାନଙ୍କୁ କଠୋରରୁ ଅତି କଠୋର ଦଣ୍ଡ ଦେବାକୁ ପରିବାର ସହ ଗ୍ରାମବାସୀ ଦାବି କରିଛନ୍ତି।

# 'ପଞ୍ଚାୟତ ପୂର୍ବରୁ ପୌର ନିର୍ବାଚନ କର'

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

- ପାର୍ଲାମେଣ୍ଟରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଭାଜପାର ଚେତାବନୀ
- ସାମ୍ବିଧାନିକ ଅନୁଷ୍ଠାନକୁ ଭାଜପାର ଅସମ୍ମାନ ଦୁର୍ଭାଗ୍ୟଜନକ: ବିଜେଡି

ଦୀର୍ଘ ୩ ବର୍ଷ ଧରି ରାଜ୍ୟରେ ଏନ୍‌ଏସି ଓ ପୌରାଞ୍ଚଳଗୁଡ଼ିକରେ ଜନପ୍ରତିନିଧି ନାହାନ୍ତି। ଏବେ ସମସ୍ତ କାର୍ଯ୍ୟ ସରକାରୀ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହାଦ୍ୱାରା ସହରାଞ୍ଚଳରେ ବସବାସ କରୁଥିବା ନାଗରିକମାନେ ଅନେକ ସରକାରୀ ସୁବିଧାରୁ ବଞ୍ଚିତ ରହୁଛନ୍ତି। ରାଜ୍ୟ ସରକାର ଏବଂ ରାଜ୍ୟ ନିର୍ବାଚନ କମିଶନ ରାଜ୍ୟରେ ତୁରନ୍ତ ପୌର ଏବଂ ପଞ୍ଚାୟତ ନିର୍ବାଚନ କରିବାକୁ ଭାଜପା ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ରାଜ୍ୟରେ ୨୦୧୮ ସେପ୍ଟେମ୍ବରରୁ ପୌର ନିର୍ବାଚନ ହୋଇନାହିଁ। ପଞ୍ଚାୟତ ନିର୍ବାଚନ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ସରକାରଙ୍କୁ ଚିଠି ଲେଖିଲେଣି। କିନ୍ତୁ ପୌର ନିର୍ବାଚନ କଥା ଉଠାଉ ନାହାନ୍ତି। ପଞ୍ଚାୟତ ପୂର୍ବରୁ ରାଜ୍ୟ ନିର୍ବାଚନ କମିଶନ ପୌର ନିର୍ବାଚନ କରିବା ପାଇଁ ଯଦି ହାଇକୋର୍ଟଙ୍କ ଦ୍ୱାରସ୍ଥ ନ ହୁଅନ୍ତି ତେବେ ଭାଜପା ୭ ଦିନ ଭିତରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ପାର୍ଲାମେଣ୍ଟରେ ମହାଭିଯୋଗ ପ୍ରସ୍ତାବ ଆଣିବ ବୋଲି ସେ ଚେତାବନୀ ଦେଇଛନ୍ତି। ପୀତାମ୍ବର ଆହୁରି କହିଛନ୍ତି, ଅର୍ବାନ ଲୋକାଲ ବଡିର ନିର୍ବାଚନ ନ କରାଇବା ପାଇଁ ଜଣେ ଓଏଏସ୍‌ଙ୍କୁ ନିର୍ବାଚନ ଅଧିକାରୀ ଭାବେ ରାଜ୍ୟ ସରକାର ସେତେବେଳେ ନିଯୁକ୍ତ କରିଥିଲେ। ସେ ମଧ୍ୟ ତାଙ୍କ କାର୍ଯ୍ୟରେ ସଫଳ ହେଲେ। ଏହା ମଧ୍ୟରେ ୩ ବର୍ଷ ପାଖାପାଖି ବିତିଲା ପରେ ମଧ୍ୟ ରାଜ୍ୟ ସରକାର ପୌରନିର୍ବାଚନ କରିପାରିଲେ ନାହିଁ। ପୌରସଂସ୍ଥାର କାର୍ଯ୍ୟଭାର ସରକାରୀ ଅଧିକାରୀମାନେ ବର୍ତ୍ତମାନ ସମ୍ଭାଳୁଛନ୍ତି। ଲୋକଙ୍କ ସମସ୍ୟା ଶୁଣିବା ପାଇଁ ଜନ ପ୍ରତିନିଧିମାନେ ନିର୍ବାଚନ ଲଢ଼ିଥାନ୍ତି। ଜନପ୍ରତିନିଧି ନ ଥିବା ଯୋଗୁ ଅନେକ ସରକାରୀ ଯୋଜନା ସାଧାରଣ ଜନତାଙ୍କ ପାଖରେ ପହଞ୍ଚି ପାରୁନାହିଁ। ରାଜ୍ୟ ନିର୍ବାଚନ କମିଶନ ନିଜର ସାମ୍ବିଧାନିକ ଦାୟିତ୍ୱ ଭୁଲି ରାଜ୍ୟ ସରକାରଙ୍କ ଅଧୀନରେ ପରିଚାଳିତ ହେଉଛନ୍ତି। କମିଶନଙ୍କୁ ରାଜ୍ୟ ସରକାର ଅନୁକମ୍ପା ଦେଖାଇ ପଦବୀ ଦେଇଥିବାରୁ ସେ ଗୋଡ଼ାଣିଆ ହୋଇ ରହିଛନ୍ତି ବୋଲି ପୀତାମ୍ବର କହିଛନ୍ତି।

ଭାଜପା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ରାଜ୍ୟ ନିର୍ବାଚନ କମିଶନ ଭଳି ଏକ ସାମ୍ବିଧାନିକ ପଦ ମର୍ଯ୍ୟାଦା ଥିବା ଅନୁଷ୍ଠାନକୁ ଭାଜପା ଅସମ୍ମାନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଭାଜପାର ଏଭଳି ମନ୍ତବ୍ୟ ଯୋଗୁ ଆଉଥରେ ରାଜ୍ୟବାସୀଙ୍କ ସମ୍ମୁଖରେ ଲୋକହସା ହୋଇଛି। କ୍ରମାଗତ ଭାବେ ନିଜର ଅହଙ୍କାର ଯୋଗୁ ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନରେ ଭାଜପା ରାଜ୍ୟବାସୀଙ୍କ ଦ୍ୱାରା ପରାସ୍ତ ପରେ ମଧ୍ୟ କିଛି ଶିଖିପାରିଲା ନାହିଁ। ୨୦୧୯ରୁ ଯେତେସବୁ ଉପନିର୍ବାଚନ ହୋଇଛି ସେଥିରେ ରାଜ୍ୟବାସୀ ବିଜେଡିକୁ ଜୟଯୁକ୍ତ କରିଛନ୍ତି। ଏପରିକି ୨୦୧୯ରେ ଭାଜପା ଜିଣିଥିବା ନିର୍ବାଚନମଣ୍ଡଳୀରେ ମଧ୍ୟ ତାକୁ ପରାଜୟର ରାସ୍ତା ଦେଖାଇଛନ୍ତି। ଆମେ ଆଶା କରୁଛୁ ଭାଜପା ସର୍ବୋଚ୍ଚ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ, ଜାତୀୟ ନିର୍ବାଚନ କମିଶନ ଓ ରାଜ୍ୟ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ସମ୍ମାନ ଦେବା ଶିଖୁ। ଯଦି ସେମାନଙ୍କ କୌଣସି ଅଭିଯୋଗ ଅଛି ତେବେ ସେମାନେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ନିଜର ମତ ରଖିପାରିବେ। ବିଜେଡି ସବୁବେଳେ ନିର୍ବାଚନ ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ ନେଇ ମାରପିଟ୍, ୨ ଗିରଫ

ବାରଙ୍ଗ,୨୫ା୭(ଡି.ଏନ୍.ଏ.):ଚନ୍ଦକା ଥାନା ଅନ୍ତର୍ଗତ ପଥରଗାଡ଼ିଆ ଗ୍ରାମରେ ୨ ପରିବାର ମଧରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ବିଜୟ୍ ବେହେରା ଓ ତାଙ୍କ ପଡ଼ୋଶୀ ବେଣୁଧର ବେହେରା। ଏ ନେଇ ପୋଲିସ ୨ଟି ମାମଲା(ନଂ.୧୭୧, ୧୭୨/୨୧) ରୁଜୁ କରିଛି। ଶନିବାର ରାତିରେ ପଥରଗାଡିଆ ଗ୍ରାମର ବିଜୟ୍ ମଦ୍ୟପାନ କରି ପଡ଼ୋଶୀ ବେଣୁଧରଙ୍କୁ ପୂର୍ବ ଶତ୍ରୁତାକୁ ନେଇ ଗାଳିଗୁଲଜ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବେଣୁଧର ଏକ ଠେଙ୍ଗାରେ ବିଜୟ୍‌ଙ୍କୁ ପିଟିଦେବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ବାପାଙ୍କ ମୁଣ୍ଡ ଫାଟିଯିବା ଦେଖି ବିଜୟ୍‌ଙ୍କ ଝିଅ ଆସି ବେଣୁଧରଙ୍କୁ ଠେଲି ଦେବାରୁ ତାଙ୍କ ହାତ ଭାଙ୍ଗିଯାଇଥିଲା। ଏହାପରେ ବିଜୟ୍ ଓ ବେଣୁଧରଙ୍କ ଝିଅ ଓ ସ୍ତ୍ରୀଙ୍କ ମଧରେ ମାଡ଼ଗୋଳ ଲାଗିଥିଲା। ପରେ ଏହାକୁ ନେଇ ଉଭୟ ପକ୍ଷରୁ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ମାମଲା ରୁଜୁ କରି ବିଜୟ୍ ଓ ବେଣୁଧରଙ୍କୁ ଗିରଫ କରିଛି।

### ବରିଷ୍ଠ ନାଗରିକଙ୍କୁ କରୋନା ସରଞ୍ଜାମ ବଣ୍ଟନ

ପୁରୁଣା ଭୁବନେଶ୍ୱର,୨୫ା୭(ଡି.ଏନ୍.ଏ.): ଏକାମ୍ର ନିର୍ବାଚନମଣ୍ଡଳୀର ଶତାବ୍ଦୀ ନଗର, ସୌଭାଗ୍ୟ ନଗର, ବ୍ୟାଙ୍କ କଲୋନୀର ବରିଷ୍ଠ ନାଗରିକମାନଙ୍କୁ ରବିବାର ମାସ୍କ, ସାନିଟାଇଜର, ହ୍ୟାଣ୍ଡୱାଶ ଆଦି କରୋନା ସରଞ୍ଜାମ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟ ଆରମ୍ଭ କରିବା ସହ କରୋନା ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ବିନୟନୀ ଜେନା, ସୁଜିତ ସ୍ୱାଇଁ, ତେଜସ୍ୱିନୀ ମିଶନ ଶକ୍ତି ମହିଳା ମହାସଂଘ ସମ୍ପାଦିକା ସଂଯୁକ୍ତା ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚବଟୀ ପରିକଳ୍ପନାରେ ଚାରାରୋପଣ

ପୁରୁଣା ଭୁବନେଶ୍ୱର,୨୫ା୭(ଡି.ଏନ୍.ଏ.): ପୁରାଣ ପ୍ରସିଦ୍ଧ ପଞ୍ଚବଟୀ ବନର ପରିକଳ୍ପନା କରିବାକୁ ଯାଇ ଅରଣ୍ୟମୀ ସଂଗଠନ ପକ୍ଷରୁ ଚାରାରୋପଣ କରାଯାଇଛି। ବର, ଅଶ୍ୱତ୍ଥ, ଅଁଳା, ଅଶୋକ ଏବ ବେଲ ଏହି ୫ଟି ବୃକ୍ଷ ପଞ୍ଚବଟୀର ଶୋଭାବର୍ଦ୍ଧନ କରୁଥିଲା। ତେଣୁ ସଂଗଠନ ପକ୍ଷରୁ ୩୧୮ ସମଜାତୀୟ ଚାରାକୁ ପାତ୍ରପଡ଼ାସ୍ଥିତ ସ୍ମୃତି ବନରେ ବୃତ୍ତାକାରରେ ଲଗାଯାଇ ପୂଜାପାଠ କରାଯାଇଥିଲା। ଏଥିରେ ସିଟି ଡିଏଫଓ ଅଶୋକ ମିଶ୍ର ମୁଖ୍ୟଅତିଥି ଥିଲେ। ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ଏହି ପଞ୍ଚବଟୀ ବନର ଏକ ସୁନ୍ଦର ପ୍ରୟାସ ସମାଜ ପାଇଁ ନିଶ୍ଚିତ ଆବଶ୍ୟକତା ରହିଥିବା ସଂଗଠନ ସଭାନେତ୍ରୀ ସୁଜାତା ରାଥୋ କହିଛନ୍ତି। ସଂଗଠନ ସଦସ୍ୟ ସହ ବନ ବିଭାଗର ମହିଳା ବନ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ସଂଗଠନର ସମ୍ପାଦିକା ଶୈଳ ନାୟକ, ରୀତା ପଟ୍ଟନାୟକ, କନକୀ ମୁରୁଗେସନ, ସାହିଲ ଉପାଧାୟ ପ୍ରମୁଖ ଚାରାରୋପଣ କରିଥିଲେ।

### ଜେଡିସିଆଇ, ରୋଟାରୀ କ୍ଲବ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର,୨୫ା୭(ବ୍ୟୁରୋ):ଜର୍ଣ୍ଣାଲିଷ୍ଟ ଡେଭେଲପମେଣ୍ଟ କାଉନ୍‌ସିଲ ଅଫ୍ ଇଣ୍ଡିଆ (ଜେଡିସିଆଇ) ଓ ରୋଟାରୀ କ୍ଲବ ରୟାଲ ତରଫରୁ ବାଣୀବିହାର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଡିସିଆଇର ଜାତୀୟ ଅଧକ୍ଷ ବରିଷ୍ଠ ଖବରଦାତା ବିଶ୍ୱ ଓଡ଼ିଶା ସମାଜର ଅଧକ୍ଷ କିଶୋର ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦେଶ ସ୍ୱାଧୀନ ହେବା ସମୟରୁ ଗଣମାଧମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଉଛି। ମାତ୍ର ପ୍ରକୃତ ପକ୍ଷେ ବର୍ତ୍ତମାନ ପର୍ଯ୍ୟନ୍ତ ସାମ୍ବାଦିକଙ୍କୁ ସେଭଳି କୌଣସି ସାମ୍ବିଧାନିକ ମାନ୍ୟତା ମିଳି ନ ଥିବା ନେଇ ଅତିଥିମାନେ ପ୍ରକାଶ କରିବା ସହ ଗଭୀର କ୍ଷୋଭ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଜେଡିସିଆଇ ଉପସଭାପତି ରଜନୀକାନ୍ତ ସାମନ୍ତରାୟ, ଓଡିଶା ଶାଖା ସଭାପତି ଗୋପାଳକୃଷ୍ଣ ମହାପାତ୍ର, ଉପଦେଷ୍ଟା ବିଭୁତି ଭୂଷଣ କର, ସେକ୍ରେଟେରୀ ଜେନେରାଲ ସନତ ମିଶ୍ର ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ରୋଟାରୀ କ୍ଲବ୍ ଅଫ ଭୁବନେଶ୍ୱର ରୟାଲର ସଭାପତି ଅଜୟ୍ କୁମାର ପଟ୍ଟନାୟକ ଜେଡିସିଆଇର ଲକ୍ଷ୍ୟ ଓ ଯୋଜନାଗୁଡିକୁ ଫଳପ୍ରସୂ କରିବା ଦିଗରେ ତାଙ୍କର କ୍ଲବ ପୂର୍ଣ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଖୁବ୍‌ଶୀଘ୍ର ଖବରଦାତାଙ୍କ ପାଇଁ ଏକ ଚକ୍ଷୁ ଶିବିର ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଥିଲେ।

# ଅଙ୍ଗନୱାଡ଼ି ଖେଳଣା କିଣାରେ ଦୁର୍ନୀତି ଗନ୍ଧ

### ନିମ୍ନମାନର କିଣିବାକୁ ବାଧ କରାଯାଉଥିବା ଅଭିଯୋଗ



ନିଶ୍ଚିନ୍ତକୋଇଲି, ୨୫ା୭ (ସ୍ୱ.ପ୍ର.)

ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା କୁନି କୁନି ପିଲାଙ୍କ ଖେଳିବା ନିମନ୍ତେ ରାଜ୍ୟ ସରକାର ଖେଳଣା କିଣିବାକୁ ବ୍ୟୟବରାଦ କରିଛନ୍ତି। ଏଥିପାଇଁ ପ୍ରତି ଅଙ୍ଗନୱାଡି କେନ୍ଦ୍ରକୁ ୨୫୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯାଉଛି। ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକରେ ଏହି ଖେଳଣା କିଣାରେ ଦୁର୍ନୀତିର ଗନ୍ଧ ବାରି ହୋଇଯାଉଛି। ଜଣେ ନିର୍ଦ୍ଦିଷ୍ଟ ଠିକାଦାରଙ୍କଠାରୁ ନିମ୍ନମାନର ଖେଳଣା କିଣିବାକୁ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ବାଧ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ୨୫୯ ଅଙ୍ଗନୱାଡି କେନ୍ଦ୍ର ରହିଛି। କେନ୍ଦ୍ରଗୁଡିକରେ ଅଧ୍ୟୟନ କରୁଥିବା ପିଲାଙ୍କୁ ଖେଳଣା ଯୋଗାଇ ଦେବା ନିମନ୍ତେ ଦିଆଯାଇଥିବା ଅର୍ଥ ଅଙ୍ଗନୱାଡ଼ି କର୍ମୀଙ୍କ ଯୁଗ୍ମ ଜମାଖାତାକୁ ପଠାଇ ଦିଆଯାଉଛି।ମାତ୍ର ଅଙ୍ଗନୱାଡି କର୍ମୀ ଓ ଏହାର କମିଟିକୁ ଖେଳଣା କିଣିବା ନିମନ୍ତେ କୌଣସି ସୁଯୋଗ ଦିଆଯାଉ ନାହିଁ ବୋଲି ବହୁ ଅଙ୍ଗନୱାଡି କର୍ମୀ ସେମାନଙ୍କ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ସେମାନଙ୍କ କହିବାନୁଯାୟୀ, କେନ୍ଦ୍ରାପଡା ଜିଲାର ଜଣେ ଯୋଗାଣ ଠିକାଦାରଙ୍କଠାରୁ ପିଲାଙ୍କ ଖେଳଣା କିଣିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏନେଇ ଲିଖିତ ଭାବେ କୌଣସି ଚିଠି ଅବା ଟେଣ୍ଡର କରାଯାଇ ନାହିଁ। ସମ୍ପୃକ୍ତ ଯୋଗାଣ ଠିକାଦାର ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ କର୍ମୀମାନଙ୍କୁ ଖେଳଣା ରଖିବା ନିମନ୍ତେ ବାଧ କରୁଛନ୍ତି। ନ ରଖିଲେ ଭୟଭୀତ କରିବାକୁ ପଛଘୁଞ୍ଚା ମଧ ଦେଉନାହାନ୍ତି। ଟଙ୍କା ଦେବା ପରେ କର୍ମୀମାନଙ୍କୁ କୌଣସି ରସିଦ ଅବା ଖେଳ ସାମଗ୍ରୀର ତାଲିକା ଦିଆଯାଉ ନାହିଁ। ଅପରପକ୍ଷେ ଖେଳଣାଗୁଡ଼ିକ ନିମ୍ନମାନର ବୋଲି ଅଙ୍ଗନୱାଡି କର୍ମୀମାନେ କହିଛନ୍ତି। ଏସବୁ ଖେଳଣା ସାମଗ୍ରୀର ଆନୁମାନିକ ମୂଲ୍ୟ ମାତ୍ର ୭୦୦ରୁ ୮୦୦ ଟଙ୍କା ହୋଇଥିଲା ବେଳେ ଅଙ୍ଗନୱାଡି କର୍ମୀଙ୍କଠାରୁ ୨୫୦୦ଟଙ୍କା ଲେଖାଏ ଅର୍ଥ ଆଦାୟ କରାଯାଉଛି ବୋଲି ସେମାନେ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଲୀଳାବତୀ ସେଠୀ କହିଛନ୍ତି, ଖେଳଣା କିଣିବା ଦାୟିତ୍ୱ ଅଙ୍ଗନୱାଡି କର୍ମୀମାନଙ୍କୁ ଦିଆଯାଇଛି। ଏଥିପାଇଁ ସେମାନଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ କଟକ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ବେହେରା କୁହନ୍ତି, ଏହାର ତଦନ୍ତ କରାଯିବ । ଅନିୟମିତତା ହୋଇଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସ୍ମାର୍ଟ ପୋଖରୀ ପାଚେରି ଭୁଶୁଡ଼ିଲା



ଚକାପଦା ଗ୍ରାମର ପୋଖରୀ ପାଚେରି ଭାଙ୍ଗିଯାଇଛି।

ବାଙ୍କୀ,୨୫ା୭(ସ୍ୱ.ପ୍ର.)

ବାଙ୍କୀ ଏନ୍ଏସି ଅନ୍ତର୍ଗତ ଚକାପଦା ଗ୍ରାମରେ ଥିବା ଏକମାତ୍ର ପୋଖରୀକୁ ଏନ୍ଏସି କର୍ତ୍ତୃପକ୍ଷ ସ୍ମାର୍ଟ ପୋଖରୀର ମାନ୍ୟତା ପ୍ରଦାନ କରିଛନ୍ତି। ଏହାର ସୌନ୍ଦର୍ଯ୍ୟକରଣ ଓ ଉନ୍ନତୀକରଣ ପାଇଁ ୧୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପୋଖରୀର ସୁରକ୍ଷା ପାଇଁ ଏହାର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରାଯାଇଥିଲା। ମାତ୍ର ନିର୍ମାଣ କାର୍ଯ୍ୟ ଶେଷ ହେବାର ୭ ଦିନ ଭିତରେ ଉକ୍ତ ପାଚେରି ଭୁଶୁଡି ଯାଇଛି। ଏନେଇ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର କାମ ଯୋଗୁ ଏପରି ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ପୋଖରୀରେ ଗ୍ରାମବାସୀ ସ୍ନାନ ଓ ଶୌଚ ଆଦି କାର୍ଯ୍ୟ କରିଥାନ୍ତି। ଏଠାରେ ମାଛଚାଷ କରାଯାଇ ନିଲାମ ମଧ ହୋଇଥାଏ। ଏଥିରୁ ଯାହା ଲାଭ ମିଳେ ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟରେ ଲାଗିଥାଏ ବୋଲି ଗ୍ରାମବାସୀ କହିଛନ୍ତି। ଏହି ପାଚେରି ଭାଙ୍ଗିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଯୁବ ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ ଦାବି କରିଛନ୍ତି।

# ୩ ୱାର୍ଡରେ ଅଙ୍ଗନୱାଡି କେନ୍ଦ୍ର ନାହିଁ

### ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ବାଙ୍କୀ,୨୫ା୭(ସ୍ୱ.ପ୍ର.)

ବାଙ୍କୀ ଏନ୍ଏସି ଅନ୍ତର୍ଗତ ୭, ୮ ଓ ୯ ନଂ. ୱାର୍ଡରେ ଅଙ୍ଗନୱାଡି କେନ୍ଦ୍ର ନାହିଁ। ଏସବୁ ଅଞ୍ଚଳରେ ସ୍ଥାନ ନିରୂପଣ ପାଇଁ ବାଙ୍କୀ ତହସିଲଦାର ସତ୍ୟରଞ୍ଜନ ପଣ୍ଡାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର ଦିଆଯାଇଛି। ସାମାଜିକ କର୍ମୀ ଶୁଭେନ୍ଦୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ରବି ନାରାୟଣ ପଣ୍ଡା, ବିରଞ୍ଚି ନାରାୟଣ ମିଶ୍ର, ନିମେଇ ସାମଲ, ଇନ୍ଦ୍ରମଣି ସାହୁ ଓ ରତ୍ନାକର ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ୩ ୱାର୍ଡର କୁନି କୁନି ପିଲାଙ୍କ ପାଠପଢ଼ାରେ ଅସୁବିଧା ହେଉଛି। ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ଅଙ୍ଗନୱାଡି ଓ ଆଶା କର୍ମୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାଙ୍କୀ ତହସିଲ ପକ୍ଷରୁ କଚେରି ନିକଟରେ ଥିବା ଐଶନେଶ୍ୱର ମହାଦେବ ମନ୍ଦିର ନିକଟରେ ଥିବା ବ୍ରିଟିଶ ଅମଳର ସାକ୍ଷୀ ଘରକୁ ଅଙ୍ଗନୱାଡିକେନ୍ଦ୍ର କରିବା ପାଇଁ ସ୍ଥାନ ନିରୂପଣ କରାଯାଇଥିଲା। ମାତ୍ର ଉକ୍ତ ସ୍ଥାନ ମହାଦେବଙ୍କ ମନ୍ଦିର କାର୍ଯ୍ୟରେ ନିୟୋଜିତ କରାଯାଉଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ଅବଗତ କରାଯାଇଛି। ତେବେ ଗ୍ରାମରେ ଥିବା ଅନ୍ୟ ଏକ ସରକାରୀ ଜମିରେ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ଦାବି କରାଯାଇଛି। ଉକ୍ତ ସରକାରୀ ସ୍ଥାନଟି ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଜବର ଦଖଲରେ ରହିଛି। ସେଠାରୁ ଜବରଦଖଲ ହଟାଇ ଅଙ୍ଗନୱାଡି କେନ୍ଦ୍ର କରିବାକୁ ଦାବି କରାଯାଇଛି। ଦାବିପତ୍ରର ଗୋଟିଏ ଲେଖାଏ ନକଲ ୫-ଟି ସଚିବ, କଟକ ଜିଲାପାଳ ଓ ରାଜସ୍ୱ ସଚିବଙ୍କୁ ଦିଆଯାଇଛି।

# ପଡ଼ିରହି ନଷ୍ଟ ହେଉଛି ରଥଚକ



ପୁରୀ ଅଫିସ, ୨୫ା୭

ବିଗତ ବର୍ଷଗୁଡ଼ିକର ରଥଚକ ପଡ଼ିରହି ନଷ୍ଟ ହେଉଛି। ଫଳରେ ଭକ୍ତଙ୍କ ମଧରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରତିବର୍ଷ ଘୋଷଯାତ୍ରା ସମ୍ପନ୍ନ ପରେ ତିନିରଥଗୁଡ଼ିକୁ ପର୍ଯ୍ୟାୟ କ୍ରମେ ଭଙ୍ଗାଯାଇଥାଏ। ତେବେ ପ୍ରଶାସନ ଭକ୍ତଙ୍କୁ ରଥଚକ ବିକ୍ରି କରିବା ଉଦ୍ଦେଶ୍ୟରେ ଅଧିକାଂଶ ଚକକୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖିଥାଏ। ମାତ୍ର ଏବେ ଦେଖିବାକୁ ମିଳିଛି ଯେ, ରଥଚକ୍ର ଖରା, ବର୍ଷା ଖାଇ ପଡ଼ିରହି ନଷ୍ଟ ହେବାରେ ଲାଗିଛି। ଏ ନେଇ ଶ୍ରୀଜଗନ୍ନାଥ ସେନା ଉଦ୍‌ବେଗ ପ୍ରକାଶ କରିବା ସହ ଶ୍ରୀମନ୍ଦିର ପ୍ରଶାସନର ଏପରି କାର୍ଯ୍ୟକୁ ନିନ୍ଦା କରିଛି। ଶ୍ରୀବିଗ୍ରହମାନଙ୍କ ରଥଚକଗୁଡ଼ିକୁ ଏପରି ଭାବରେ ପକାଇ ନଷ୍ଟ କରାଯିବା ମହାପ୍ରଭୁଙ୍କ ପ୍ରତି ଅପମାନ ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ତିନି ରଥ ଭଙ୍ଗା ହେବା ପରେ କାଠ ଗୁଡିକୁ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯିବା କଥା। ମାତ୍ର ପ୍ରଶାସନ ତାହା କରୁନାହିଁ। ମାତ୍ର କୋଠଭୋଗ ପ୍ରସ୍ତୁତି ପାଇଁ ପ୍ରଶାସନ ବର୍ଷକୁ ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ କରି ଝାଉଁ କାଠ କିଣୁଛି। ଯାହାଦ୍ୱାରା ଅଯଥା ଟଙ୍କା ହରିଲୁଟ ହେଉଛି ବୋଲି ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଗତବର୍ଷ ତିନି ରଥଗୁଡ଼ିକୁ ସଂରକ୍ଷଣ ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇ ୧୫ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଗୋଟିଏ ବର୍ଷ ପରେ ବି ଏ ନେଇ କୌଣସି ସୂଚନା ନାହିଁ। ଏସବୁର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଶ୍ରୀଜଗନ୍ନାଥ ସେନା ଦାବି କରିଛି।

### ଅଟୋ ସହ ଦେଶୀ ମଦ ଜବତ, ୩ ଗିରଫ

ଭୁବନେଶ୍ୱର,୨୫ା୭(ବ୍ୟୁରୋ)

ଅଟୋରେ ଦେଶୀ ମଦ ଚାଲାଣବେଳେ ଭରତପୁର ଥାନା ପୋଲିସ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଭରତପୁର ବସ୍ତିର ଅଭିମନ୍ୟୁ ହାଂସଦା (୨୫), ଶିବ ବେଶ୍ରା(୨୮) ଓ ବିଦ୍ୟାଧର ହେମ୍ବ୍ରମ (୩୪)। ମଦ ଚୋରା ଚାଲାଣରେ ବ୍ୟବହୃତ ଅଟୋ ସହ ୬୦ ଲିଟର ଦେଶୀ ମଦ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବସ୍ତିଅଞ୍ଚଳରେ ଦୀର୍ଘଦିନ ହେବ ଚୋରା ମଦ କାରବାର କରିଆସୁଥିଲେ। ତେବେ ରବିବାର ସକାଳୁ ଏକ ଅଟୋରେ ନୟାପଲ୍ଲୀ ଥାନା ସାଲିଆ ସାହିରୁ ଦେଶୀ ମଦ ନେଇ ଉକ୍ତ ବସ୍ତି ଭିତରକୁ ଯାଉଥିବାବେଳେ ପୋଲିସ ଚଢାଉ କରି ଧରିଥିଲା।

### ତଫସିଲଭୁକ୍ତ ଜାତି, ଜନଜାତି ପିଲାଙ୍କୁ ପଢାଇବେ 'ଜ୍ଞାନବନ୍ଧୁ'

କଟକ ସଦର,୨୫ା୭ (ଡି.ଏନ୍.ଏ.)

କରୋନା ପାଇଁ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ସରକାରୀ ବିଦ୍ୟାଳୟରେ ପଢୁଥିବା ତଫସିଲଭୁକ୍ତ ଜାତି ଓ ଜନଜାତି ବର୍ଗର ପିଲାଙ୍କ ପାଇଁ ସ୍ୱେଚ୍ଛାସେବୀଙ୍କ ଜରିଆରେ ପାଠପଢା ବ୍ୟବସ୍ଥା କରାଯାଇଛି। ଆସନ୍ତା ଅଗଷ୍ଟ ୧୫ରୁ କଟକ ଜିଲାରେ ଏହି ବର୍ଗର ପିଲାଙ୍କ ପାଇଁ ଜ୍ଞାନବନ୍ଧୁ ଭାବେ ସ୍ୱେଚ୍ଛାସେବୀମାନଙ୍କୁ ନିଯୁକ୍ତି ଦିଆଯିବ। ସେମାନେ ନିକଟସ୍ଥ ବିଦ୍ୟାଳୟରେ ଛୋଟ ଗ୍ରୁପ୍ କରି ପିଲାଙ୍କୁ ପଢାଇବେ। ରାଜ୍ୟ ତଫସିଲଭୁକ୍ତ ଜାତି ଓ ଜନଜାତି ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶେଷକରି କଟକ ଜିଲାର ୧୪ଟି ବ୍ଲକରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ବରିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ କମିଟି ଗଠନ କରାଯାଇଛି। ଉକ୍ତ କମିଟି ପ୍ରତିବିଦ୍ୟାଳୟରୁ ଏହି ବର୍ଗର ପିଲାଙ୍କ ସଂଖ୍ୟା ସଂଗ୍ରହ କରି ଜ୍ଞାନବନ୍ଧୁମାନଙ୍କୁ ଦେବ। ପରେ ଶିକ୍ଷାଦାନ ଆରମ୍ଭ କରାଯାଇ ପାଠପଢାରେ ଦୁର୍ବଳ ଥିବା ପିଲାଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ।

### ନନ୍-ଆଇଏସ୍ଆଇ ମାର୍କା ହେଲ୍‌ମେଟ୍ ବନ୍ଦ




ଆଇଏସ୍ଆଇ ମାର୍କା ହେଲ୍‌ମେଟ୍ ବ୍ୟବହାର ପାଇଁ ଲୋକଙ୍କୁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭୁବନେଶ୍ୱର ବାଣୀବିହାର ଛକରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରାଫିକ୍ ଅତିରିକ୍ତ ଏସ୍‌ପି କିଶୋର କୁମାର ପାଣିଗ୍ରାହୀ ଓ ଅନ୍ୟମାନେ (ଉପର)। କାର୍ଯ୍ୟକ୍ରମସ୍ଥଳରେ ଏକ ଓଲି ସଚେତନତା ସୃଷ୍ଟି କରୁଥିବାବେଳେ ବାହାରିଥିବା ବାଇକ୍ ଶୋଭାଯାତ୍ରା (ତଳ)।




### ବାଲିବନ୍ତ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ଅଞ୍ଚଳବାସୀ

ବ୍ରହ୍ମଗିରି,୨୫ା୭(ଡି.ଏନ୍.ଏ.)

ବ୍ରହ୍ମଗିରି ଅଞ୍ଚଳର ବିସ୍ତୀର୍ଣ୍ଣ ବାଲିବନ୍ତରୁ ନିର୍ବିଘ୍ନରେ ବାଲି ଚୋରା ଚାଲାଣ ଚାଲିଛି। ପ୍ରଶାସନ ଚୁପ୍ ବସିଥିବାବେଳେ ବାଲିଚାଲାଣ ରୋକିବା ପାଇଁ ଅଞ୍ଚଳବାସୀ ଅଣ୍ଟା ଭିଡ଼ିଛନ୍ତି। ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ପର୍ଯ୍ୟନ୍ତ ବାଲିବନ୍ତ ପରିବ୍ୟାପ୍ତ। ଲୋକକଥାକୁ ନେଇ ବାଲିବନ୍ତଗୁଡ଼ିକର ନାମକରଣ ହୋଇଥିବାବେଳେ ସ୍ଥାନୀୟ ଲୋକଙ୍କ ଧର୍ମୀୟ ଭାବନା ଜଡ଼ିତ। ବାଲିବନ୍ତ ଉକ୍ତ ଦୁଇ ବ୍ଲକ ଅଧୀନ ଉପକୂଳୀୟ ଗ୍ରାମଗୁଡ଼ିକର ସୁରକ୍ଷା ପ୍ରାଚୀର ଭାବେ ରହି ବାତ୍ୟା, ସାମୁଦ୍ରିକ ଝଡ଼ରୁ ସୁରକ୍ଷା ଦେଉଛି। ବାଲିବନ୍ତ ଉପରେ ବାଲି ଚୋରା ଚାଲାଣକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ପ୍ରତିଦିନ ଏଠାରୁ ବିଭିନ୍ନ ସ୍ଥାନକୁ ଶହ ଶହ ଟ୍ରକରେ ବାଲି ବୋଝେଇ ହୋଇ ଚୋରା ଚାଲାଣ କରାଯାଉଛି। ତେଣୁ ବାଲି ଚୋରା ଚାଲାଣକୁ ରୋକିବା ପାଇଁ ବ୍ରହ୍ମଗିରି ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ରାଜନେତାମାନେ ଏକାଠି ହୋଇଛନ୍ତି। ସେମାନେ ଉପକୂଳୀୟ ବାଲିବନ୍ତ ସୁରକ୍ଷା ପରିଷଦ ଗଠନ କରିଥିବାବେଳେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଫଟୋରେ ଖବର



ଶଟ୍‌ଡାଉନ୍‌ରେ ରବିବାର ଗାଡିମୋଟର ଚଳାଚଳ ବନ୍ଦ ଥିବାରୁ ଭୁବନେଶ୍ୱର ରେଳ ଷ୍ଟେଶନରୁ ଲୋକେ ଚାଲିଚାଲି ଗନ୍ତବ୍ୟସ୍ଥଳକୁ ବାହାରିଛନ୍ତି।



ବିଏମ୍‌ସି ମୋବାଇଲ୍ ଟିମ୍ ପକ୍ଷରୁ ଆର୍‌ଟିପିସିଆର୍ ଟେଷ୍ଟ ପାଇଁ ବରମୁଣ୍ଡା ଅଞ୍ଚଳରେ ଜଣେ ଯୁବକଙ୍କଠାରୁ ନମୁନା ସଂଗ୍ରହ କରାଯାଉଛି।

# ଉପକାରୀ ଅଣ୍ଡା

ସ୍ୱାସ୍ଥ୍ୟ ପାଇଁ ଅଣ୍ଡା ବେଶ୍ ଉପକାରୀ। ଏଥିରେ ନ୍ୟୁଟ୍ରିଏଣ୍ଟ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଭିଟାମିନ୍ 'ଡି' ଏବଂ ଭିଟାମିନ୍ 'ବି-୨' ଅଭାବ ପୂରଣ କରିଥାଏ। ପ୍ରୋଟିନ୍‌ର ଅନ୍ୟତମ ଉତ୍ସ ହେଲା ଅଣ୍ଡା। ଦୈନିକ ଅଣ୍ଡା ଖାଇଲେ ଆମ ଶରୀରରେ ଥିବା ଭଲ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖେ। ଓଜନ ଠିକ୍ ରଖିବାକୁ ଆପଣ ଖାଦ୍ୟ ତାଲିକାରେ ଅଣ୍ଡା ସାମିଲ କରିପାରନ୍ତି। ଏହାକୁ ଖାଇଲେ ଆମ ଶରୀରରେ ଶକ୍ତି ସଞ୍ଚାର ହୋଇଥାଏ। ନିୟମିତ ଖାଦ୍ୟ ତାଲିକାରେ ଅଣ୍ଡା ସାମିଲ କଲେ ତାହା ହୃତ୍‌ପିଣ୍ଡ, ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଅଣ୍ଡାରେ ଆଣ୍ଟିଅକ୍ସିଡାଣ୍ଟ ଭରିରହିଛି, ଯାହା ଆମ ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରିଥାଏ। ବୟସ୍କ ବ୍ୟକ୍ତି ଏହାକୁ ନିଜ ଖାଦ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରିପାରନ୍ତି।





# ରୋଗ ପ୍ରତିରୋଧକ ଶକ୍ତି ଓ ପିଜୁଳି

ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସବୁବେଳେ ପ୍ରଖର ରହିବା ଦରକାର। କାରଣ ଏହା ଆମକୁ କେତେକ ରୋଗ କବଳରୁ ଅନେକାଂଶରେ ରକ୍ଷା କରିଥାଏ। ତେବେ ଏଥିପାଇଁ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ପଡ଼େ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ପିଜୁଳି ଖାଆନ୍ତି, ତା'ହେଲେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ସକ୍ରିୟ ରହିଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡ଼ିଛି। କାରଣ ପିଜୁଳି ହେଉଛି ଭିଟାମିନ୍ 'ସି'ର ଏକ ଉତ୍ସ। ତେଣୁ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିଥାଏ ବୋଲି ୟୁନିଭର୍ସିଟି ଅଫ୍ ସିଡ୍‌ନୀର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି। ଏହାବ୍ୟତୀତ ପିଜୁଳି ଖାଇବା ଦ୍ୱାରା ମେଦବହୁଳତା ପରି ସମସ୍ୟାରୁ ଜଣେ ନିଜକୁ ଦୂରେଇ ରଖିପାରିବେ। ତା' ସହ କ୍ୟାନ୍‌ସରକୁ ପ୍ରତିରୋଧ କରିବାର ଶକ୍ତି ପିଜୁଳି ନିକଟରେ ରହିଛି ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହାକୁ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା କେତେକାଂଶରେ ଦୂର ହୋଇଥାଏ।

# ଡାଇବେଟିସ୍ ହୋଇପାରେ ଆଲ୍‌ଜିମର୍ସର କାରଣ

ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ତେବେ ଏହି ରୋଗରେ ଆକ୍ରାନ୍ତ ହେବା ପରେ ଆମକୁ ଖାଦ୍ୟପେୟ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ତା' ସହ ନିୟମିତ ସମୟ ଅନ୍ତରାଳରେ ରକ୍ତରେ ସୁଗାର ପରିମାଣ କେତେ ଅଛି, ତାହା ଚେକ୍ କରିବାକୁ ପଡ଼େ। ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହିଲେ ତାହାର ପ୍ରଭାବ ଶରୀରର ପ୍ରମୁଖ ଅଙ୍ଗ ଉପରେ ପଡ଼ିଥାଏ। ଏହାଦ୍ୱାରା ବିଶେଷ ଭାବରେ ହାର୍ଟ, କିଡ୍‌ନୀ ଏବଂ ଦୃଷ୍ଟିଶକ୍ତି ପ୍ରଭାବିତ ହେବାର ଆଶଙ୍କା ଥାଏ। ତେବେ ଏହି ତାଲିକାରେ ଏବେ ଆଉ ଏକ ସମସ୍ୟା ଯୋଡ଼ି ହୋଇଛି। ଡାଇବେଟିସ୍ ଅସନ୍ତୁଳିତ ରହିଲେ ଆଲ୍‌ଜିମର୍ସ ପରି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଏ ସମ୍ପର୍କରେ ଗବେଷଣା କରିବା ସମୟରେ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏ କଥା ଜାଣିପାରିଛନ୍ତି।




# ରାତ୍ରଭୋଜନ: କିଛି କଥା

ରାତ୍ରଭୋଜନ ଖାଦ୍ୟ ତାଲିକାରେ ସବୁବେଳେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। ଏହି ଖାଦ୍ୟ ସୁପାଚ୍ୟଯୋଗ୍ୟ ହୋଇଥିବା ଦରକାର। ରାତିରେ ଗରିଷ୍ଠଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ରାତ୍ରଭୋଜନ ବିଷୟରେ ଗୋଟିଏ କଥାକୁ ଗୁରୁତ୍ୱ ଦିଅନ୍ତୁ। ଶୋଇବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କଲେ ଭଲ। ରାତିରେ ଖାଇବା ସମୟର ଅଧ ଘଣ୍ଟାଏ ପୂର୍ବରୁ ଅଳ୍ପ ଉଷୁମ ପାଣି ପିଅନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଯାଇଥାଏ। ରାତ୍ରଭୋଜନ କରିବା ପରେ ଆବଶ୍ୟକତାଠାରୁ ଅଧିକ ପାଣି ପିଅନ୍ତୁ ନାହିଁ। ଅଧିକ ପାଣି ପିଇଲେ ତାହା ଖାଦ୍ୟ ହଜମ କରାଇବାରେ ବାଧା ସୃଷ୍ଟି କରିଥାଏ। କେତେକ ବ୍ୟକ୍ତି ରାତ୍ରଭୋଜନ ଶେଷ କରିବା ପରେ ପରେ ଶୋଇବାକୁ ଯାଇଥାଆନ୍ତି। ଏପରି



ଅଭ୍ୟାସର ପରିବର୍ତ୍ତନ କରନ୍ତୁ। ରାତିରେ ଖାଇବା ପରେ କିଛି ସମୟ ଚାଲବୁଲ କରନ୍ତୁ। ରାତ୍ରଭୋଜନର ଅଧଘଣ୍ଟାଏ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।

# ବୁଦ୍ଧିମତ୍ତା ବଢ଼ାଇବା ପାଇଁ...



କୌଣସି କାର୍ଯ୍ୟକୁ ସହଜରେ ସମ୍ପାଦନ କରିବା ପାଇଁ ଆମକୁ ବୁଦ୍ଧି ଖଟାଇବାକୁ ପଡ଼ିଥାଏ। ତେଣୁ ବୁଦ୍ଧିମତ୍ତା ସବୁବେଳେ ପ୍ରଖର ରହିବା ନିହାତି ଦରକାର। ତେବେ ଏଥିପାଇଁ ଏକ ସହଜ ଉପାୟ ଆପଣେଇ ପାରନ୍ତି। କେବଳ ସେତିକି ନୁହେଁ, ଏହି ଉପାୟଟି ମଧ୍ୟ ହାତପାହାନ୍ତାରେ ରହିଛି। ତାହା କ'ଣ ଜାଣନ୍ତି? ଭଲ ଅଭ୍ୟାସ। ଯଦି ଆପଣଙ୍କର ବ୍ୟବହାର ଉତ୍ତମ, ତେବେ ଏହାର ସୁପ୍ରଭାବ ବୁଦ୍ଧିମତ୍ତା ଉପରେ ପଡ଼ିଥାଏ ବୋଲି ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। 'ବୁଦ୍ଧିମତ୍ତା ଓ ଭଲ ଅଭ୍ୟାସ' ଶୀର୍ଷକ ବିଷୟ ଉପରେ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଏକଥା ଜଣାପଡ଼ିଛି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ବ୍ୟବହାର ଉତ୍ତର ଥିଲା ସେହି ଅନୁସାରେ ସେମାନଙ୍କର ବୁଦ୍ଧିମତ୍ତା ପ୍ରଖର ରହୁଥିବାର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସୂର୍ଯ୍ୟ ରାଇଜର ଝଡ଼




ନିକୁଞ୍ଜ ବିହାରୀ ସାହୁ

ଆମର ତାରା ସୂର୍ଯ୍ୟ ପୃଥିବୀରେ ସକଳ ଶକ୍ତିର ଆଧାର । ମାତ୍ର ସୂର୍ଯ୍ୟ ବେଳେବେଳେ ଅଶାନ୍ତ ହୋଇ ଅତି ସକ୍ରିୟ ହୋଇଉଠେ। ସୂର୍ଯ୍ୟପୃଷ୍ଠରେ ଶକ୍ତିଶାଳୀ ଝଡ଼ମାନ ସୃଷ୍ଟି ହୁଏ । ତା'ର ପ୍ରଭାବ ପୃଥିବୀ ସମେତ ସାରା ସୌରଜଗତ ଉପରେ ପଡ଼ିଥାଏ । ଏହିପରି ଏକ ଶକ୍ତିଶାଳୀ ଝଡ଼ ନିକଟରେ ଅନ୍ତରୀକ୍ଷରେ ଅଦୃଶ୍ୟ ଭାବେ ଘଟିଯାଇଛି । ମାତ୍ର ସୂର୍ଯ୍ୟର ଏହି ଝଡ଼ ଆମର ବାତ୍ୟା ଭଳି ପବନର ଏକ ଝଡ଼ ନୁହେଁ ; ଏହା ପ୍ରକୃତରେ ସୂର୍ଯ୍ୟର ବାୟୁମଣ୍ଡଳରେ ଏହା ପୃଷ୍ଠରୁ ନିର୍ଗତ ବିପୁଳ ଚାର୍ଜିତ କଣିକାସବୁର ଉତ୍ସର୍ଜନ ଯୋଗୁ ସୃଷ୍ଟି ହେଉଥିବା ଶକ୍ତିଶାଳୀ ଚୁମ୍ବକୀୟ ଝଡ଼। ଏହି ଝଡ଼ସବୁ ଆମର ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଉ ନ ଥିଲେ ସୁଦ୍ଧା ପୃଥିବୀର ଉପଗ୍ରହ ସଙ୍କେତ ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଜି.ପି.ଏସ୍. (GPS) ବ୍ୟବସ୍ଥା, ବିଜୁଳି ଶକ୍ତିକେନ୍ଦ୍ର, ମୋବାଇଲ ଫୋନ୍, ରେଡିଓ ଓ ଟେଲିଭିଜନ୍ ବ୍ୟବସ୍ଥା ଇତ୍ୟାଦିକୁ ଘୋର ବାଧାପ୍ରାପ୍ତ କରିଥା'ନ୍ତି। ଏହାର ପ୍ରଭାବରେ ଉଚ୍ଚ ଅକ୍ଷାଂଶ ସ୍ଥାନଗୁଡ଼ିକରେ ବାସ କରୁଥିବା ଲୋକମାନେ ଆକାଶରେ ରଙ୍ଗ ବେରଙ୍ଗର ଆଲୁଅମାନ ଦେଖିଥା'ନ୍ତି, ଯାହାକୁ ମେରୁ ଆଲୁଅ (Aurora) କୁହାଯାଏ । ସୂର୍ଯ୍ୟରୁ ଉତ୍ସର୍ଜିତ ଚାର୍ଜିତ କଣିକାସବୁ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ସଙ୍ଗେ ପ୍ରତିକ୍ରିୟା କରିବା ହେତୁ ମେରୁ ରାଇଜର ଆକାଶରେ ଏଭଳି ଦର୍ଶନୀୟ ଦୃଶ୍ୟ ଦେଖିବାକୁ ମିଳେ । ସୌରଝଡ଼ ପ୍ରକୃତରେ ୪ ପ୍ରକାରର:



## ସୌର ଶିଖା

ସୂର୍ଯ୍ୟପୃଷ୍ଠରେ ବେଳେବେଳେ କଳା କଳା ଦାଗ ମାନ ଦେଖାଯାଏ, ଯାହାକୁ ସୌର କଳଙ୍କ କହନ୍ତି । ସୌର କଳଙ୍କଗୁଡ଼ିକରେ ତୀବ୍ର ଚୁମ୍ବକୀୟ କ୍ଷେତ୍ର କେନ୍ଦ୍ରୀଭୂତ ଥାଏ। ଏହି ସ୍ଥାନଗୁଡ଼ିକରେ କେନ୍ଦ୍ରୀଭୂତ ଥିବା ଚୁମ୍ବକୀୟ କ୍ଷେତ୍ରର ବଳରେଖାଗୁଡ଼ିକରେ ବିଶୃଙ୍ଖଳା ସୃଷ୍ଟି ହେଲେ ସୂର୍ଯ୍ୟପୃଷ୍ଠରେ ପ୍ରଚଣ୍ଡ ବିସ୍ଫୋରଣ ଘଟି ପ୍ଲାଜମାର ବିଶାଳକାୟ ପିଣ୍ଡମାନ ଅନ୍ତରୀକ୍ଷକୁ ବହୁ ଦୂର ପର୍ଯ୍ୟନ୍ତ ଶିଖା ଆକାରରେ ନିର୍ଗତ ହୁଏ। ଏହି ଶିଖାମାନଙ୍କୁ 'ସୌର ଶିଖା' କୁହାଯାଏ। ଏହି ସମୟରେ ମଧ୍ୟ ସୂର୍ଯ୍ୟର ତାପମାତ୍ରା ଓ ଉଜ୍ଜ୍ୱଳତା ବହୁ ଗୁଣ ବୃଦ୍ଧି ପାଏ।

## କିରୀଟ ମଣ୍ଡଳୀୟ ପିଣ୍ଡ ଉତ୍ସର୍ଜନ

ବେଳେବେଳେ ସୂର୍ଯ୍ୟପୃଷ୍ଠରେ ଚୁମ୍ବକୀୟ କ୍ଷେତ୍ରର ଘୋର ବିଶୃଙ୍ଖଳା ଦେଖାଦେଲେ ବିଶାଳକାୟ ପିଣ୍ଡମାନ ସୂର୍ଯ୍ୟର କିରୀଟ ମଣ୍ଡଳ ମଧ୍ୟରେ କିମ୍ବା ଅନ୍ତରୀକ୍ଷକୁ ଛିଟିକି ପଡ଼ନ୍ତି । ଏହି ନିର୍ଗତ ପିଣ୍ଡରେ ଚୁମ୍ବକୀୟ ପ୍ଲାଜ୍‌ମା ଏବଂ ଚାର୍ଜିତ କଣିକା ଯଥା ଇଲେକ୍ଟ୍ରନ ଓ ପ୍ରୋଟୋନ ମାନ ରହିଥା'ନ୍ତି। ସୌର ଶିଖା ତୁଳନାରେ କିରୀଟ ମଣ୍ଡଳୀୟ ପିଣ୍ଡର ଉତ୍ସର୍ଜନର ବ୍ୟାପ୍ତି ଓ ବେଗ କମ୍।

## ଭୂ-ଚୁମ୍ବକୀୟ ଝଡ଼

ସୂର୍ଯ୍ୟରେ ସୃଷ୍ଟି ହେଉଥିବା କିରୀଟ ମଣ୍ଡଳୀୟ ପିଣ୍ଡ ଉତ୍ସର୍ଜନର ପ୍ରଭାବ ବେଳେବେଳେ ପୃଥିବୀକୁ ସଂପ୍ରସାରିତ ହୁଏ ଏବଂ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ବହୁ ସଂଖ୍ୟକ ଚାର୍ଜିତ କଣିକାମାନ ପ୍ରବେଶ କରିବା ହେତୁ ପୃଥିବୀର ଆୟନ ମଣ୍ଡଳ (Ionosphere) ଓ ଚୁମ୍ବକ ମଣ୍ଡଳ (Magnetosphere)ରେ ଉଚ୍ଚ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୋଇ ପୃଥିବୀର ଚୁମ୍ବକୀୟ କ୍ଷେତ୍ରରେ ଘୋର ବିଶୃଙ୍ଖଳା ପରିଲକ୍ଷିତ ହୁଏ । ପୃଥିବୀରେ ଏଭଳି ଚୁମ୍ବକୀୟ ଝଡ଼ର ତୀବ୍ରତା ସୌର କଳଙ୍କ ଚକ୍ରର ଅବସ୍ଥା ଅନୁସାରେ ବଦଳିଥାଏ। ବିଗତ ଦିନରେ ୧୮୫୯ ମସିହାରେ ଘଟିଥିବା ଏକ ଶକ୍ତିଶାଳୀ ଭୂ-ଚୁମ୍ବକୀୟ ଝଡ଼ରେ ଯୁକ୍ତରାଷ୍ଟ୍ର ଆମେରିକାର ଟେଲିଗ୍ରାଫ୍ ବ୍ୟବସ୍ଥା ଘୋର କ୍ଷତିଗ୍ରସ୍ତ ହୋଇଥିଲାବେଳେ ୧୯୮୯ ମସିହାରେ ସଂଘଟିତ ଅନ୍ୟ ଏକ ଭୂ-ଚୁମ୍ବକୀୟ ଝଡ଼ରେ କାନାଡ଼ାର କୁଇବେକ୍ ସହରର ଅନେକ ବିଜୁଳିକେନ୍ଦ୍ର ଶର୍ଟ- ସର୍କିଟ ହୋଇ ବିଜୁଳି ଯୋଗାଣ ଗୁରୁତର ବାଧାପ୍ରାପ୍ତ ହୋଇଥିଲା । ଏହା ସହିତ ଦକ୍ଷିଣକୁ ବହୁ ଦୂର ପର୍ଯ୍ୟନ୍ତ ମେରୁ ଆଲୁଅ ( Aurora) ଗୁଡ଼ିକ ଦେଖା ଦେଇଥିଲେ।

## ସୌର ପ୍ରୋଟୋନ୍ ଘଟଣା

ସୂର୍ଯ୍ୟପୃଷ୍ଠରୁ କିରୀଟ ମଣ୍ଡଳୀୟ ପିଣ୍ଡ ଉତ୍ସର୍ଜନ ସମୟରେ ବହୁ ସଂଖ୍ୟାରେ ପ୍ରୋଟୋନ୍ କଣିକା ଉତ୍ସର୍ଜିତ ହୋଇଥା'ନ୍ତି, ଯାହା ସୌରଜଗତର ସମସ୍ତ ଦିଗରେ ଗତି କରିଥା'ନ୍ତି । ସେଥିରୁ କିଛି ପ୍ରୋଟୋନ୍ କଣିକା ପୃଥିବୀ ଦିଗରେ ଗତି କରି ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଭେଦ କରି ଆୟନ ମଣ୍ଡଳର କଣିକାଗୁଡିକୁ ଆୟନିକତ କରିଥା'ନ୍ତି। ଏହି ଉଚ୍ଚ ଶକ୍ତିସମ୍ପନ୍ନ ପ୍ରୋଟୋନ୍ କଣିକାସବୁ କକ୍ଷରେ ଅବସ୍ଥାପିତ ଅନ୍ତରୀକ୍ଷଯାନ ଏବଂ ମହାକାଶଚାରୀଙ୍କ ପାଇଁ ବିକିରଣ (Radiation) ଜନିତ ଗୁରୁତର ସମସ୍ୟା ସୃଷ୍ଟି କରିଥା'ନ୍ତି।

ସୂର୍ଯ୍ୟପୃଷ୍ଠରେ ଘଟୁଥିବା ପ୍ରତିଟି ଘଟଣା ପୃଥିବୀ ଉପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଭାବ ପକାଏ। ସୂର୍ଯ୍ୟପୃଷ୍ଠର ଏଭଳି ଘଟଣାକୁ ଏଡ଼ାଇ ଦେଇ ହେବ ନାହିଁ । ମାତ୍ର ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ସୁଦୂର ସୂର୍ଯ୍ୟ ରାଇଜରେ ଘଟୁଥିବା ଏଭଳି ଘଟଣା ଉପରେ କଡ଼ା ନଜର ରଖି ସେ ସମ୍ପର୍କରେ ଆଗୁଆ ସୂଚନା ଜାରି କଲେ ପୃଥିବୀରେ ଘଟୁଥିବା କ୍ଷୟକ୍ଷତିର ମାତ୍ରାକୁ ପ୍ରତିହତ କରିହେବ।

*-ଏଜୁକେଶନ୍ ଅଫିସର*
*ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର*
*ଭୋପାଳ, ମଧ୍ୟପ୍ରଦେଶ*
*ମୋ: ୮୦୧୮୭୦୮୮୪୮*

"ସୂର୍ଯ୍ୟର ଏହି ଝଡ଼ ଆମର ବାତ୍ୟା ଭଳି ପବନର ଏକ ଝଡ଼ ନୁହେଁ ; ଏହା ପ୍ରକୃତରେ ସୂର୍ଯ୍ୟର ବାୟୁମଣ୍ଡଳରେ ଏହା ପୃଷ୍ଠରୁ ନିର୍ଗତ ବିପୁଳ ଚାର୍ଜିତ କଣିକାସବୁର ଉତ୍ସର୍ଜନ ଯୋଗୁ ସୃଷ୍ଟି ହେଉଥିବା ଶକ୍ତିଶାଳୀ ଚୁମ୍ବକୀୟ ଝଡ଼ । ଏହି ଝଡ଼ସବୁ ଆମର ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଉନଥିଲେ ସୁଦ୍ଧା ପୃଥିବୀର ଉପଗ୍ରହ ସଙ୍କେତ ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଜି.ପି.ଏସ୍. (GPS) ବ୍ୟବସ୍ଥା, ବିଜୁଳି ଶକ୍ତିକେନ୍ଦ୍ର, ମୋବାଇଲ ଫୋନ୍, ରେଡିଓ ଓ ଟେଲିଭିଜନ୍ ବ୍ୟବସ୍ଥା ଇତ୍ୟାଦିକୁ ଘୋର ବାଧାପ୍ରାପ୍ତ କରିଥାଆନ୍ତି ।"



# ସ୍ୱାସ୍ଥ୍ୟ ସୂଚନା



➔ବର୍ତ୍ତମାନ ବର୍ଷାଦିନ। ତେଣୁ ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏଣୁ ଏହି ଋତୁରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ୍ ହୁଅନ୍ତୁ।

➔ଖାଦ୍ୟ ଖାଇସାରିବା ପରେ ଫଳମୂଳ ଖାଆନ୍ତୁ ନାହିଁ।

➔ସକାଳ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳକୁ ନେଇ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ।

➔ଯଦି ଆପଣ ଅସୁସ୍ଥ ଅନୁଭବ କରୁଛନ୍ତି, ତେବେ ବ୍ୟାୟାମ କରିବାରୁ ବିରତ ରୁହନ୍ତୁ। କାରଣ ଅସୁସ୍ଥତାରେ ବ୍ୟାୟାମ କଲେ ତାହାର ପ୍ରତିକୂଳ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

➔କେତେକ ରୋଗର ଘରୋଇ ଉପଚାର ରହିଛି। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➔ଯଦି ଆପଣଙ୍କ ବୟସ ୫୦ ଟପି ଗଲାଣି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➔ନିୟମିତ ବ୍ୟାୟାମ କରୁଥିଲେ ମଧ୍ୟ ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏହାଦ୍ୱାରା ମନରେ ଶାନ୍ତି ଆସିଥାଏ।

➔ନିଜକୁ ସୁସ୍ଥ ରଖିବାକୁ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➔ଘରେ ଯଦି ଫାଷ୍ଟ-ଏଡ୍ ବକ୍ସ ରଖୁଛନ୍ତି, ତେବେ ଏଥିରେ ଆବଶ୍ୟକ ସାମଗ୍ରୀ ଠିକ୍ ଅଛି କି ନାହିଁ ଦେଖିନିଅନ୍ତୁ।

# ନିଶାସେବନ ପରିତ୍ୟାଗ କରିବାର ସହଜ ଉପାୟ

ନିଶାଦ୍ରବ୍ୟ ସେବନ ଏକ ନୀରବ ଘାତକ ପରି କାମ କରେ। କାରଣ ଜଣେ ବ୍ୟକ୍ତି ଏହାଦ୍ୱାରା କବଳିତ ହେବା ପରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। କେତେକଙ୍କର ଏହା ଅଭ୍ୟାସରେ ପରିଣତ ହୋଇଗଲେ ସେମାନଙ୍କର କଥାବାର୍ତ୍ତା ଶୈଳୀ ଏବଂ ଆଚାର ବ୍ୟବହାରରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ। ଅନେକ କୁସଙ୍ଗରେ ପଡ଼ି ନିଶାଦ୍ରବ୍ୟ ସେବନ କରିଥାଆନ୍ତି। ହେଲେ ଏଥିରୁ ମୁକୁଳିବା ପାଇଁ ଅନେକ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥାଆନ୍ତି। ପ୍ରଥମ କଥା ହେଲା, ନିଶାଦ୍ରବ୍ୟ ସେବନ ଅଭ୍ୟାସ ପରିତ୍ୟାଗ କରିବା ପାଇଁ ନିଜର ମାନସିକତାରେ ପରିବର୍ତ୍ତନ ଆଣିବା ନିହାତି ଜରୁରୀ। ତା'ସହ ଏପରି ସାଙ୍ଗମାନଙ୍କ ସହ ସମ୍ପର୍କ ରଖନ୍ତୁ, ଯେଉଁମାନେ ଏଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖିଥିବେ। ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଥିବା ଏପରି ଏକ ସର୍ଭେ କରାଯାଇଥିଲା। ଏହି ସମୟରେ ନିଶାଦ୍ରବ୍ୟ ସେବନକୁ ଅଭ୍ୟାସରେ ପରିଣତ କରିଥିବା କେତେକ ପିଲାଙ୍କୁ ଭଲ ପିଲାଙ୍କ ସହ ପ୍ରତିଦିନ ଅତିକମ୍‌ରେ ଦୁଇ ଘଣ୍ଟା କଟାଇବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଏହାଦ୍ୱାରା କେତେକ ପିଲା ନିଶାଦ୍ରବ୍ୟ କବଳରୁ ନିଜକୁ କେତେକାଂଶରେ ମୁକୁଳାଇ ପାରିଥିବାର ଜଣାପଡ଼ିଥିଲା।



## ସଂକ୍ଷେପରେ

### ୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ: ୨ ଗିରଫ



**ବୌଦ୍ଧ,୨୫।୭(ସ୍ୱ.ପ୍ର.):** ବୌଦ୍ଧ ଜିଲା ଗଞ୍ଜେଇ ଚାଷ ଓ କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଏହି ଜିଲାର ଗଞ୍ଜେଇ ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ରହିଛି। ଫଳରେ ପ୍ରତିଦିନ ଗଞ୍ଜେଇ ଚାଲାଣ ବେଳେ ଧରାପଡୁଥିବା ଦେଖିବାକୁ ମିଳିଛି। ଗତ ଶୁକ୍ରବାର ମନମୁଣ୍ଡା ପୋଲିସ ଏକ ରସୁଣ ବୋଝେଇ ମିନିଟ୍ରକରୁ ୨ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଚାଲାଣ ବେଳେ ଧରିଥିଲା। ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୁଣି ଶନିବାର ବୌଦ୍ଧ ଥାନା ପୋଲିସ ୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଚାଲାଣ ବେଳେ ଏହାକୁ ଜବତ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏହି ଘଟଣାରେ ମନମୁଣ୍ଡା ଥାନା ବଡ଼ଜୁନାନୀ ଗାଁର ରାଜୀବ ମଲିକ (୩୨) ଓ ପଙ୍କୁଆଳପଡାର ପରମେଶ୍ୱର କର୍ଣ୍ଣ (୩୦)ଙ୍କୁ ଗିରଫ କରାଯିବା ସହ ଭ୍ୟାନକୁ ଜବତ କରାଯାଇଛି। ଏନେଇ ବୌଦ୍ଧ ଥାନାରେ ନଂ.୧୮୨/୨୧ରେ ମାମଲା ରୁଜୁ ହୋଇଛି। ଦୁଇ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

### ଭାଜପାରୁ ମମତା ବହିଷ୍କୃତ

**ସ୍ୱାମୀ ହତ୍ୟା ମାମଲା**

**ଯାଜପୁର ଅଫିସ,୨୫।୭:** ଯାଜପୁର ଜିଲା ଦଶରଥପୁର ବ୍ଲକର ଇସ୍ମାଇଲପୁର ଭାଜପା ନେତା ସୁବାସ କୁଅଁରଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ତାଙ୍କ ସ୍ତ୍ରୀ ମମତା କୁଅଁରଙ୍କୁ ଭାଜପାରୁ ବହିଷ୍କାର କରାଯାଇଛି। ଏହି ମର୍ମରେ ଭାଜପା ଯାଜପୁର ଜିଲାର ସାଧାରଣ ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ସୂଚନାଥାଉ କି ମମତା ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଶରଥପୁର ବ୍ଲକ ୬ ନଂ. ଜୋନ୍ ନିମନ୍ତେ ଭାଜପାର ଜିଲା ପରିଷଦ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ।

### ସୁରଟରେ ଓଡ଼ିଆ ଯୁବକଙ୍କୁ ହତ୍ୟା

**ଭଞ୍ଜନଗର,୨୫।୭(ଡି.ଏନ୍.ଏ):** ସୁରଟରେ ଜଣେ ଓଡ଼ିଆ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ଜଣକ ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ରତଙ୍ଗ ଗ୍ରାମର। ଶନିବାର ତାଙ୍କୁ ହତ୍ୟା କରାଯାଇଥିଲେ ମଧ ସୁରଟ ପୋଲିସ ପ୍ରଥମେ ମୃତଦେହ ଚିହ୍ନଟ କରି ପାରି ନ ଥିଲା। ରବିବାର ଅପରାହ୍ନରେ ପୋଲିସଠାରୁ ସୂଚନା ପାଇ ମୃତକଙ୍କ ମାମୁ ଥାନାକୁ ଯାଇଥିଲେ। ସେଠାରେ ପୋଲିସ କେତେକ ଫଟୋ ଦେଖାଇବାରୁ ତାହା ଭଣଜାଙ୍କ ମୃତଦେହ ବୋଲି ମାମୁ ଚିହ୍ନଟ କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏହି ଘଟଣାରେ ସୁରଟ ପୋଲିସ କେତେଜଣ ଯୁବକଙ୍କୁ ଅଟକ ରଖିଛି। ସୋମବାର ମାମୁ ଥାନାରେ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଯୁବକ ଜଣଙ୍କ ଲକ୍‌ଡାଉନ୍‌ରେ ସୁରଟରୁ ଗାଁକୁ ଫେରି ଆସିଥିଲେ। ସ୍ଥିତି ସ୍ୱାଭାବିକ ହେବାପରେ ୧୦ଦିନ ପୂର୍ବେ ପୁଣି ସୁରଟ ଯାଇଥିଲେ। ଶନିବାର ସେ ଯେଉଁଠି କାମ କରୁଥିଲେ କୌଣସି ଏକ କଥାକୁ ନେଇ ସେଠାକାର କେତେଜଣ ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ତାଙ୍କୁ ହତ୍ୟା କରି ଡ୍ରେନରେ ଫିଙ୍ଗି ଦିଆଯାଇଥିଲା।

# ଗୁରୁପ୍ରିୟାକୁ ତିନି ବର୍ଷ

- ବିଚ୍ଛିନ୍ନାଞ୍ଚଳର ନାଁ ସ୍ୱାଭିମାନ ଅଞ୍ଚଳ ଦେଇଥିଲେ ମୁଖ୍ୟମନ୍ତ୍ରୀ
- ମାଓବାଦୀଙ୍କୁ ସମର୍ଥନ ଦେଉନାହାନ୍ତି ଗ୍ରାମବାସୀ
- ବଦଳିଛି ସ୍ଥିତି, ଅଛି ଅନେକ ସମସ୍ୟା
- ପ୍ରତିଷ୍ଠା ହୋଇଛି ୫ ବିଏସ୍‌ଏଫ୍ କ୍ୟାମ୍ପ, ୩ ଥାନା

**ମାଲକାନଗିରି/ଚିତ୍ରକୋଣ୍ଡା, ୨୫।୭(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଜଳବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ଏବଂ ଚାଷ ପାଇଁ ଜଳସେଚନ ଲାଗି ସେତେବେଳେ ଚିତ୍ରକୋଣ୍ଡା ମାଟିବନ୍ଧ ଡ୍ୟାମ୍ ନିର୍ମାଣ ହୋଇଥିଲା। ଆନ୍ଧ୍ର ପ୍ରଦେଶର ଶେଷ ସୀମାରେ ଥିବା ଏହି ଜିଲାରେ ଡ୍ୟାମ୍ ଭିତରେ ରହୁଥିବା ୧୫୧ଟି ଗ୍ରାମର ଗ୍ରାମବାସୀଙ୍କ ମଧ୍ୟରୁ ସରକାର ଅଳ୍ପ କେତେକ ବିସ୍ଥାପିତଙ୍କୁ ସେତେବେଳେ ଥଇଥାନ କରିଥିଲେ। ପ୍ରାୟ ୮୦ ପ୍ରତିଶତ ଲୋକ ଅବିଭକ୍ତ କୋରାପୁଟ ଜିଲାରେ ଜଙ୍ଗଲ ସଫା କରି ବିଭିନ୍ନ ସ୍ଥାନରେ ବସତି ସ୍ଥାପନ କରିଥିଲେ। ଯେଉଁ ୧୫୧ଟି ଗ୍ରାମ ଥିଲା ସେଥିରେ ଥିଲା ୯ଟି ପଞ୍ଚାୟତ। ଏହି ପଞ୍ଚାୟତର ଗ୍ରାମବାସୀ ଦୀର୍ଘ ବର୍ଷ ହେଲା ଜଳପଥରେ ଯାତାୟାତ କରିବା ସହ ଜଙ୍ଗଲ ସଫା କରି ଚାଷ କରି ଜୀବିକା ନିର୍ବାହ କରି ଆସୁଥିଲେ। ମାତ୍ର ୨୦୧୮ ଜୁଲାଇ ୨୬ରେ ଗୁରୁପ୍ରିୟା ସେତୁ ନିର୍ମାଣ ଲୋକଙ୍କ ଜୀବନଜୀବିକାରେ ପରିବର୍ତ୍ତନ ଆଣିଥିଲା। ଏହାକୁ ଉଦ୍‌ଘାଟନ କରି ଉକ୍ତ ଅଞ୍ଚଳ ପାଇଁ ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦୦ କୋଟି ଟଙ୍କାର



ଗୁରୁପ୍ରିୟା ସେତୁ

ପ୍ୟାକେଜ ଘୋଷଣା କରିଥିଲେ। ଏହି ଅର୍ଥ ରାସ୍ତାଘାଟ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ଓ ମତ୍ସ୍ୟଚାଷ ପାଇଁ ଖର୍ଚ୍ଚ ହୋଇଥିଲା।

ତିନି ବର୍ଷ ମଧ୍ୟରେ ଚିତ୍ରକୋଣ୍ଡା ଡ୍ୟାମ୍‌ରେ ମତ୍ସ୍ୟଜୀବୀଙ୍କୁ ସୋସାଇଟି ମାଧ୍ୟମରେ ମାଛ ଯାଆଁଳ, ଡଙ୍ଗା, ଜାଲ ଆଦି ଯୋଗାଇ ଦିଆଯାଇଛି। କୃଷି ପାଇଁ ବିଭିନ୍ନ ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଗୋପାଳନ, ଛେଳି ପାଳନ, କୁକୁଡ଼ା ଉତ୍ପାଦନ, ପନିପରିବା ଚାଷ, ଉନ୍ନତ ବିହନ, କୃଷି ଯନ୍ତ୍ରପାତି ଉପଲବ୍ଧ କରାଯାଇଥିଲା। ଅନେକ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା। ଚିତ୍ରକୋଣ୍ଡାଠାରୁ ଜାନବାଇ, ବଡପଡା, ପାପରମେଟ୍ଲା, ଜୋଡାମ୍ବ, ଧୂଳିପୁଟ୍, ରାଲେଗେଡା, ଗାଜଲମାମୁଡି, ଜନ୍ତାପାଇ, ପପୁଲୁର୍, କୁରୁମାନୁର୍, ନାକାମାମୁଡି ଅଞ୍ଚଳକୁ ପକ୍କାରାସ୍ତା ନିର୍ମାଣ ହେବା ସହ ବିଦ୍ୟୁତ୍ ସଂଯୋଗ ହୋଇଛି। ଦୀର୍ଘ ବର୍ଷ ପରେ ଉକ୍ତ ଅଞ୍ଚଳବାସୀ ବିଦ୍ୟୁତ୍ ଆଲୋକ ଦେଖିଥିଲେ। ତେବେ ସ୍ୱାଭିମାନ ଅଞ୍ଚଳରେ ଏବେ ବି ଅନେକ ଗ୍ରାମ ରହିଛି, ଯେଉଁ ଗ୍ରାମଗୁଡ଼ିକର ଲୋକେ ଏବେ ବି ଜଳପଥ ଦେଇ ଚିତ୍ରକୋଣ୍ଡାକୁ ଯାତାୟାତ କରୁଛନ୍ତି। ଗର୍ଭବତୀ ଓ ଶିଶୁମାନଙ୍କ ପାଇଁ ଜିଲା ପ୍ରଶାସନ ଏକ ବୋଟ୍ ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ ମଧ୍ୟ ୯ଟି ପଞ୍ଚାୟତର ଅନେକ ଗ୍ରାମକୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଅଧିକାଂଶ ସମୟରେ ରୋଗୀ ଖଟିଆରେ ବୁହା ହୋଇ ଆସୁଛନ୍ତି। ଅନ୍ୟପକ୍ଷରେ ବିଚ୍ଛିନ୍ନାଞ୍ଚଳରେ ରାସ୍ତା ଘାଟ ନିର୍ମାଣ ପାଇଁ ଆବଶ୍ୟକ କଞ୍ଚାମାଲ ବାଲି, ଚିପ୍ସ ଆଦି ମିଳୁ ନ ଥିବାରୁ କାମ ଆଗେଇ ପାରୁନାହିଁ। ଏବେ ମଧ୍ୟ ଆନ୍ଧ୍ର ପ୍ରଦେଶ ସୀମାନ୍ତକୁ ଲାଗିଥିବା ଗ୍ରାମଗୁଡ଼ିକରେ ମାଓବାଦୀ ସମସ୍ୟା ଲାଗି ରହିଛି। ତେବେ ରାସ୍ତାଘାଟ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସୁବିଧା ପାଇଥିବା ଗ୍ରାମର ଗ୍ରାମବାସୀ ଆଉ ମାଓବାଦୀଙ୍କୁ ସମର୍ଥନ କରୁନାହାନ୍ତି। ଅଞ୍ଚଳବାସୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଉକ୍ତ ଅଞ୍ଚଳରେ ୫ଟି ବିଏସ୍‌ଏଫ୍ କ୍ୟାମ୍ପ, ୩ଟି ଥାନା ପ୍ରତିଷ୍ଠା ହୋଇଛି। ତେବେ ଚାଷୀଙ୍କ ଅମଳ ଶସ୍ୟ ଓ ପନିପରିବା ସାଇତି ରଖିବା ଲାଗି ଶୀତଳଭଣ୍ଡାର ଆବଶ୍ୟକତା ପୂରଣ ହୋଇ ନ ଥିବାରୁ ନିଜ ଉତ୍ପାଦିତ ସାମଗ୍ରୀକୁ ଚାଷୀ ଶସ୍ତାରେ ବିକ୍ରି କରିବାକୁ ବାଧ ହେଉଛି।

# ଲୁଣାଘେରି ବନ୍ଧ ଭାଙ୍ଗି ୩୦ ଫୁଟର ଘାଇ



ପାଣିଖିଆ ଗାଁ ସଂଲଗ୍ନ ଲୁଣା ଘେରିବନ୍ଧ ଭାଙ୍ଗି ଚାଷ ଜମିରେ ପାଣି ମାଡ଼ିଯାଇଛି।

**ମହାକାଳପଡ଼ା,୨୫।୭ (ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଉପକୂଳ ଅଞ୍ଚଳ ନାଞ୍ଜୁରା ପଞ୍ଚାୟତର ସ୍ଥାନୀୟ ସାନ୍ତାଳୀପଡ଼ା ପଣିଖିଆ ଗାଁରେ ଶନିବାର ଲୁଣା ଘେରି ବନ୍ଧ ଭାଙ୍ଗିଯାଇଛି। ଫଳରେ ପ୍ରାୟ ୩୦ ଫୁଟର ଘାଇ ସୃଷ୍ଟି ହୋଇଛି। ଗାଁରେ ସମୁଦ୍ର ଜଳ ପ୍ରବେଶ କରିଛି। ଏନେଇ ଗାଁ ଲୋକେ ଭୟଭୀତ ହୋଇଯାଇଛନ୍ତି। ବଙ୍ଗୋପସାଗରରୁ ୩ କିଲୋମିଟର ଦୂରରେ ଏହି ଗାଁ ଅବସ୍ଥିତ। ଗାଁରେ ପଚାଶ ପରିବାରରେ ସାଢ଼େ ଚାରିଶହ ଲୋକ ବସବାସ କରନ୍ତି। ସମୁଦ୍ର ଜଳ ପ୍ରବେଶ ଯୋଗୁ ଗାଁର ଚାଷ ଜମି ପାଣିରେ ବୁଡ଼ିଯାଇଛି। ଫଳରେ ତଳି ନଷ୍ଟ ହେବାର ଆଶଙ୍କା ରହିଛି। ଏନେଇ ସାନ୍ତାଳୀ ପଡ଼ାର ସୂର୍ଯ୍ୟ ହେମ୍ବ୍ରମ, ଗଜେନ୍ଦ୍ର ମାରାଣ୍ଡି, ରାମେଶ୍ୱର ମାରାଣ୍ଡି, ପୂର୍ଣ୍ଣ ଟୁଡ୍ଡୁ, ନବ ମାରାଣ୍ଡି, ଚରଣ ଟୁଡୁ,ଶଙ୍କର ମାରାଣ୍ଡି , ପ୍ରଧାନ ହେମ୍ବ୍ରମ ପ୍ରମୁଖ ଚାଷୀ ଘାଇ ମରାମତି କରିବାକୁ ଦାବି କରିଛନ୍ତି।

# ରେଳମନ୍ତ୍ରୀଙ୍କ ନକଲି ପିଏ ସାଜି ଯୁବକ ଗିରଫ

**ଜଣେ ଇଞ୍ଜିନିୟରଙ୍କ ବଦଳି ରୋକିବାକୁ ମେସେଜ୍ କରିଥିଲେ**

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

ନିଜକୁ ରେଳମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ (ପିଏ) କହି ଜଣେ ଇଞ୍ଜିନିୟରଙ୍କ ବଦଳି ରୋକିବାକୁ ପୂର୍ବତଟ ରେଳ ବିଭାଗର ମହାପ୍ରବନ୍ଧକଙ୍କ ନିକଟକୁ ହ୍ୱାଟ୍ସଆପ୍‌ରେ ମେସେଜ୍ କରିଥିଲେ ଜଣେ ଯୁବକ। ଏନେଇ ଅଭିଯୋଗ ପାଇବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରି ସମ୍ପୃକ୍ତ ନକଲି ପିଏଙ୍କୁ ଗିରଫ କରିଛି। ସେ ହେଲେ ଉତ୍ତରପ୍ରଦେଶର ଗାଜିଆବାଦ ଜିଲା ଇନ୍ଦ୍ରପୁରମ୍ ଥାନାର ସମର୍ଥ ବିଶ୍ୱକର୍ମା(୨୩)। ତେବେ ତାଙ୍କୁ ଏଭଳି ମେସେଜ୍ କରିବାକୁ କହିଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।



ଗିରଫ ଅଭିଯୁକ୍ତ

ସୂଚନା ଅନୁଯାୟୀ, ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ଉକ୍ତ ମେସେଜ୍‌ରେ ଲେଖାଯାଇଥିଲା 'ମୁଁ ରେଳମନ୍ତ୍ରୀଙ୍କ ପିଏ କହୁଛି। ମୋ ଅଫିସ୍‌ର ସିନିୟର୍ ଡିଭିଜନାଲ ଇଞ୍ଜିନିୟର ପ୍ରଦୀପ ପାଣିଗ୍ରାହୀ ଭଲ ଲୋକ। ତାଙ୍କର ୪ଥର ବଦଳି ହେଲାଣି। ୫ମ ଥର ପୁଣି ବଦଳି କରାଯାଇଛି। ତେଣୁ ତାଙ୍କ ବଦଳିକୁ ରୋକି ଦିଅନ୍ତୁ।' ଏଭଳି ଏକ ମେସେଜ ପାଇ ମହାପ୍ରବନ୍ଧକ ବିଦ୍ୟାଭୂଷଣ ରେଳମନ୍ତ୍ରୀଙ୍କ ଅଫିସ ସହ ଯୋଗାଯୋଗ କରିବାରୁ ସେଭଳି କିଛି ମେସେଜ୍ କରାଯାଇ ନ ଥିବା କୁହାଯାଇଥିଲା। ଏନେଇ ସେ ଜୁଲାଇ ୧୯ରେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ-୩୨୯/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଜମି ଦେବା ଆଳରେ ୯.୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୫।୭(ବ୍ୟୁରୋ):** ଜମି ଦେବା ଆଳରେ ଜଣେ ବ୍ୟକ୍ତିଙ୍କଠାରୁ ୯ ଲକ୍ଷ ୭୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଜେନା ସାହିର ସୁଜିତ କୁମାର ଜେନା(୪୫)। ଖୋର୍ଦ୍ଧା ଜିଲା ବାଣପୁର ଥାନାର ଅଜୟ କୁମାର ନାୟକ ବଡ଼ଗଡ଼ ଥାନାଞ୍ଚଳରେ ଏକ ଜମି କିଣିବା ପାଇଁ ସୁଜିତଙ୍କୁ ଉକ୍ତ ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ସୁଜିତ ଜମି ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଜାନୁୟାରୀ ୧୯ରେ ଅଜୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୨୬/୨୦ ରୁଜୁ କରି ତଦନ୍ତ ଚଳାଇଥିଲା।

# ଦେଶର ଶ୍ରେଷ୍ଠ ୧୦୦ ଷ୍ଟାର୍ଟଅପ୍ ମଧ୍ୟରୁ ଓଡ଼ିଶାର ୨ଜଣ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**

ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଷ୍ଟାର୍ଟଅପ୍ କନେକ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବହୁ ସଂଖ୍ୟକ ଅଭିନବ ଷ୍ଟାର୍ଟଅପ୍‌କୁ ଏହି ଅବସରରେ ସୁପାରିସ କରାଯାଇଛି। ଷ୍ଟାର୍ଟଅପ୍‌ଗୁଡ଼ିକର କାର୍ଯ୍ୟଧାରା ସମୀକ୍ଷା ସହିତ ସେଗୁଡ଼ିକର ଯଥାର୍ଥତା ଏବଂ ବଜାର ଚାହିଦା ଉପରେ ତର୍ଜମା କରାଯାଇଛି। ଟାସ୍କଫୋର୍ସ ଦ୍ୱାରା ଆର୍ଥିକ ସହାୟତା, ବ୍ୟାଙ୍କ ଲିଙ୍କ୍ ଆଦି ପାଇଁ ସୁପାରିସ କରାଯାଇଥାଏ। ସେହିକ୍ରମରେ ୧୭ଟି ଷ୍ଟାର୍ଟଅପ୍‌ର ସମୀକ୍ଷା କରାଯାଇଥିଲା। ଗତବର୍ଷ ଜାତୀୟସ୍ତରରେ ଓଡ଼ିଶା ଷ୍ଟାର୍ଟଅପ୍ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଏଥର ଏହାକୁ ୧ ନମ୍ବର କରିବାକୁ ପ୍ରୟାସ କରାଯାଉଛି। ଷ୍ଟାର୍ଟଅପ୍‌ଗୁଡ଼ିକୁ କମ୍ପାନୀରେ ପରିଣତ କରିବା ଦିଗରେ ବିଭାଗ ଯତ୍ନବାନ ରହିଛି। ସମସ୍ତ ଷ୍ଟାର୍ଟଅପ୍‌ଗୁଡ଼ିକୁ ଉନ୍ନୀତ କରିବା ବ୍ୟାଙ୍କ ଲିଙ୍କ୍ ଏବଂ ର୍‍ୟାଙ୍କିଙ୍ଗ କରିବା ଆଦି କାର୍ଯ୍ୟ କରାଯାଉଛି। ଦେଶର ଶ୍ରେଷ୍ଠ ୧୦୦ ଜଣ ମଧ୍ୟରେ ଓଡ଼ିଶାର ୨ ଜଣ ଷ୍ଟାର୍ଟଅପ୍ ରହିଥିବା ଗୌରବର ବିଷୟ ବୋଲି ସତ୍ୟବ୍ରତ କହିଛନ୍ତି। ଓଡ଼ିଆ ଯୁବକ ଆନନ୍ଦ କୁମାର ମିଶ୍ରଙ୍କ ଦ୍ୱାରା ବିକଶିତ ଅନ୍‌ଲାଇନ୍ ଡେଲିଭରି ଟେକ୍‌ନୋଲୋଜି ମାଧ୍ୟମରେ ସେ ଦେଶର ବହୁ ସହରରେ ତାଙ୍କର ଉପସ୍ଥିତି ଜାହିର କରିପାରିଛନ୍ତି। ଓଡ଼ିଶାର ୨ ଉଦ୍ୟୋଗୀ ବିଶ୍ୱଭୂଷଣ ପ୍ରଧାନ ଓ କାମାକ୍ଷା ପ୍ରସାଦ ନାୟକ ଏକ ଟ୍ରାଭେଲ୍ ଏଜେନ୍ସି ଭାବେ ଆରମ୍ଭ କରିଥିବା ଷ୍ଟାର୍ଟଅପ୍ ଭ୍ରମଣକାରୀଙ୍କୁ ଶସ୍ତା ରହଣି ଏବଂ ଭରସାଯୋଗ୍ୟ ଅନ୍‌ଲାଇନ୍ ସେବା ଯୋଗାଇ ପାରିଛନ୍ତି, ଯାହା ଷ୍ଟାର୍ଟଅପ୍ ଇଣ୍ଡିଆ ଦ୍ୱାରା ସ୍ୱୀକୃତି ପାଇଛି।



ବାଲେଶ୍ୱର ସହର ତାମୁଲିଆ ଓଭରବ୍ରିଜ୍ ଉପରେ ରବିବାର ଏକ ଡମ୍ପରରେ ଲାଗିଯାଇଥିବା ନିଆଁକୁ ଅଗ୍ନିଶମ କର୍ମଚାରୀମାନେ ଲିଭାଉଛନ୍ତି।

# ଷ୍ଟେଶନ ସମ୍ପ୍ରସାରଣ ହେବ: ଡିଆର୍‌ଏମ୍

**୨ଟି ଅତିରିକ୍ତ ପ୍ଲାଟଫର୍ମ ହେବ**

**ସମ୍ବଲପୁର,୨୫।୭(ବ୍ୟୁରୋ)**

ସମ୍ବଲପୁର ରେଳଷ୍ଟେଶନ ସମ୍ପ୍ରସାରଣ ହେବା ସହ ଏହାର ସୌନ୍ଦର୍ଯ୍ୟକରଣ ହେବ। ସ୍ୱଳ୍ପ ଓ ଦୀର୍ଘ ମିଆଦୀ ଦୁଇଟି ପର୍ଯ୍ୟାୟରେ ଯୋଜନା କରି କାମ ହେବ ବୋଲି ରବିବାର ଷ୍ଟେଶନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ ଯେ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମହାପ୍ରବନ୍ଧକ ବିଦ୍ୟାଭୂଷଣଙ୍କ ନିର୍ଦ୍ଦେଶକ୍ରମେ ଷ୍ଟେଶନଗୁଡିକ ଆଧୁନିକୀକରଣ କରିବା ସହ ପାସେଞ୍ଜରମାନଙ୍କ ସୁବିଧା ପାଇଁ କାମ କରିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଆଧାର କରି ସମ୍ବଲପୁର ଷ୍ଟେସନକୁ ଆତ୍ୟାଧୁନିକୀକରଣ କରାଯିବ। ପ୍ରଥମେ ଲିଫ୍ଟ, ଅଲୋକୀକରଣ ସହ ପାସେଞ୍ଜରମାନଙ୍କ ସୁବିଧା ପାଇଁ କାମ କରାଯିବ। ଏହାସହ ଆଗକୁ ୨ ଗୋଟି ଅତିରିକ୍ତ ପ୍ଲାଟଫର୍ମ ନିର୍ମାଣ କରାଯିବ। କୋଭିଡ କଟକଣା ସତ୍ତ୍ୱେ ସମ୍ବଲପୁର ମଣ୍ଡଳ ଲୋଡିଙ୍ଗ ଓ ମାଲ ପରିବହନ କରିବାରେ ସଫଳ ସ୍ଥାନରେ ରହିଛି। ୧୧.୪୨ ମିଲିୟନ ଟନ ଲୋଡିଙ୍ଗ କରିପାରିଛି। ସେହିପରି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରାଯାଉଛି। ଜମି ଅଧିଗ୍ରହଣରେ ବିଳମ୍ବ ହେବାରୁ ପ୍ରକଳ୍ପ କାମ ଧିମେଇ ଯାଇଛି। କ୍ଷେତରାଜପୁର ଓ ଦୁର୍ଗାପାଲିରେ ନିର୍ମାଣାଧୀନ ଫ୍ଲାଏ ଓଭର ଜମି ସମସ୍ୟା ଯୋଗୁ ବିଳମ୍ବ ହୋଇଛି। ଏଣୁ ରାଜ୍ୟ ସରକାରଙ୍କ ସହ ଯୋଜନା କରି ନୂଆ ପ୍ରକଳ୍ପଗୁଡିକ ହାତକୁ ନିଆଯିବ। ଏହି ପରିପ୍ରେକ୍ଷୀରେ ନିର୍ମାଣାଧୀନ କାମରେ ସହଯୋଗ କରିବାକୁ ଅନୁରୋଧ କରାଯିବ ବୋଲି କହିଥିଲେ।



## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଖଜୁ ଭଲକରି ମାଜ,**
**ମୁଦି ଭଲକରି ମାଜ**
**ରଜା ତ ଜାଣିଲେ, ପଡ଼ିଶା ଜାଣିଲେ**
**ଆଉ କାହିଁ ପାଇଁ ଲାଜ।**

କଥା ଥରେ ପ୍ରଘଟ ହୋଇଗଲେ ଆଉ ଯେତେ ଲୁଚେଇଲେ ବି କଥା ଆଉ ଲୁଚି ପାରି ନଥାଏ। ସେତେବେଳେ ତାକୁ ଲୁଚାଇ ରଖିବା ନେଇ ପ୍ରୟାସ କରିବସିଲେ ଭଗାରି ହସା ହେବା ସାର ହୋଇଥାଏ। ଏପରିସ୍ଥଳେ କଥାକୁ ଆଉ ଲୁଚାଇ ନ ରଖି ନିଜ ବାଟରେ ଯାହା କରିବା କଥା ତାହା କରିବା ହିଁ ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଖାଲେଇ ଗଲା,**
**ମାଲେଇ ବି ଗଲା।**

ବେଳେବେଳେ ବ୍ୟକ୍ତିଙ୍କ ସକଳ ଚେଷ୍ଟା, ଉଦ୍ୟମ ସବୁ ନିରାଶାରେ ପରିଣତ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସବୁ ଆଶା ଲୋପ ପାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ପୋଲିସଙ୍କ ଆକ୍ରମଣକୁ ବିରୋଧ

**ମାଲକାନଗିରି,୨୫।୭(ଡି.ଏନ.ଏ.)**

ଗଣମାଧ୍ୟମ ଉପରେ ବିଭିନ୍ନ ସମୟରେ ଆକ୍ରମଣ ଘଟଣା ଦେଖିବାକୁ ମିଳୁଛି। ଏହାକୁ ଖବରଦାତାମାନେ ବିରୋଧ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ଦାବିପତ୍ର ଦେଉଛନ୍ତି। ନିକଟରେ କେନ୍ଦ୍ରାପଡ଼ା ଜିଲାରେ ଖବରଦାତାଙ୍କ ଉପରେ ଘଟିଥିବା ଆକ୍ରମଣ ଘଟଣାର ପ୍ରତିବାଦ କରି ମାଲକାନଗିରିରେ ରବିବାର ଖବରଦାତାମାନେ ପ୍ରଶାସନକୁ ଦାବିପତ୍ର ଦେଇଛନ୍ତି। ଚତୁର୍ଥସ୍ତମ୍ଭ ଗଣତନ୍ତ୍ରର ରକ୍ଷା କବଚ ହୋଇଥିବା ବେଳେ କେତେକ ପୋଲିସ ଅଧିକାରୀ ଏହାକୁ ସମ୍ମାନ ଦେବା ବଦଳରେ ଅସମ୍ମାନ କରୁଛନ୍ତି। କେନ୍ଦ୍ରାପଡ଼ାରେ ଖବରଦାତାଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଛି। ଆକ୍ରମଣ କରିଥିବା ମହିଳା କନଷ୍ଟେବଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପୁରୀ ଜିଲାର ଜଣେ ଥାନା ଅଧିକାରୀ ଖବରଦାତାଙ୍କୁ ଗୁଳିକରି ମାରିଦେବାକୁ ଧମକ ଦେବା, ଫୁଲବାଣୀରେ ଜଣେ ମହିଳା ଆରଆଇ ଖବରଦାତାଙ୍କୁ ଦୁର୍ବ୍ୟବହାର କରି ତାଙ୍କ ମୋବାଇଲ୍ ଛଡାଇ ନେବା ଘଟଣା ଖବରଦାତାମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲାର ଖବରଦାତାମାନେ ଦାବି କରିଛନ୍ତି।

# ଭୋକରେ କଲବଲ ଭଉଣୀଭାଇ

- ଜେଲରେ ମା', ଆରପାରିରେ ବାପା
- ଦାନା ଚିନ୍ତାରେ ବିତୁଛି ଦିନ
- ପ୍ରଶାସନର ସହାୟତା ଲୋଡ଼ିଲେ

**ଭୁବନ, ୨୫।୭(ଡି.ଏନ୍.ଏ.)**

ସମସ୍ୟା ଆସେ ସାଙ୍ଗସାଥୀକୁ ନେଇ। ଦାରୁଣ ସମୟ ପ୍ରତି ମୁହୂର୍ତ୍ତରେ ନିଏ ପରୀକ୍ଷା। ଯନ୍ତ୍ରଣା ଏତେ ବଢ଼ିଯାଏ ଯେ, ଏଥିରୁ ମୁକୁଳିବାକୁ ବାଟ ମିଳେନି। ସବୁଆଡୁ ନିରାଶ ହୋଇ ଥକି ପଡ଼ିଥିବା ମଣିଷ ପାଖରେ ଭାଗ୍ୟକୁ ନିନ୍ଦିବା ଛଡ଼ା ଙ୍କୁ' ନ ଥାଏ। ଠିକ୍ ଏମିତି କିଛି ଘଟିଛି ୧୬ ବର୍ଷୀୟା ମୂଷେଇ ଏବଂ ୧୨ ବର୍ଷୀୟ ପିଣ୍ଟୁଙ୍କ ଜୀବନରେ। ସମୟ ଚକ୍ରରେ ପଡ଼ି ୭ ମାସ ହେଲା ମା' ଜେଲରେ। ସମୟର ପ୍ରତିକୂଳ ସ୍ରୋତରେ ପରିବାରର ଶେଷ ଆଶ୍ରା ପାଲଟିଥିବା ବାପା ମାସେ ହେଲା ଆରପାରିରେ। ଏଭଳି ଦାରୁଣ ଦୁଃଖକୁ ବଳି ପଡ଼ିଛି ଭଉଣୀଭାଇଙ୍କ ଭୋକ। ଶୋଚନୀୟ ଆର୍ଥିକ ସ୍ଥିତି ପାଇଁ ଦାନା ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଥିବାବେଳେ ଉଭୟେ ପାଖ ପଡ଼ୋଶୀଙ୍କ ହାତଟେକାକୁ ଆଶ୍ରା କରି ବିତାଉଛନ୍ତି ଜୀବନ। ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରୁ ଜୀବନ ଯନ୍ତ୍ରଣାର ଏଭଳି ଦାରୁଣ ଚିତ୍ର ପଦାକୁ ଆସିଛି।

ଭୁବନ ଏନ୍‌ଏସି ୩ନଂ. ୱାର୍ଡ ଗୋଡ଼ିପାଟଣାରେ ବାଉଁଶକୁ ଆଶ୍ରା କରି ଛିଡ଼ା ହୋଇଛି ଝାଟିମାଟିର ଝୁମ୍ପୁଡ଼ି। ଏହି ଭଙ୍ଗାଦଦରା ପଲିଥିନ ଘେରାଯାଇଥିବା ଘରେ ରୁହନ୍ତି ମୂଷେଇ ଏବଂ ତାଙ୍କ ଭାଇ ପିଣ୍ଟୁ। ଭାଇ ଭଉଣୀଙ୍କ କାହାଣୀ କୌଣସି ସିନେମାଠାରୁ କମ୍ ନୁହେଁ। ଏକ ନାବାଳିକା ଅପହରଣ ମାମଲାରେ ଛନ୍ଦି ହୋଇ ମା' ମିନି ମଲିକ ୭ମାସ ହେଲା ଜେଲରେ। ବାପା ନୀର ମଲିକଙ୍କୁ ମାଡ଼ି ବସିଲା ରୋଗ। ଟଙ୍କା ନ ଥିବାରୁ ଚିକିତ୍ସା ହୋଇପାରିଲାନି। ବିଛଣାରେ ପଡ଼ି ପଡ଼ି ଗତ ଜୁନ୍ ୧୪ରେ ତାଙ୍କର ମୃତ୍ୟୁ ହୋଇଗଲା। ଏହାପରେ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡ଼ିଛନ୍ତି ଦୁଇ



ଭଉଣୀ ମୂଷେଇ ସହ ପିଣ୍ଟୁ।

ସନ୍ତାନ ମୂଷେଇ ଏବଂ ପିଣ୍ଟୁ। ଦୁହେଁ ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି। ପାଖ ପଡ଼ୋଶୀ କେତେବେଳେ କେମିତି ଖାଇବାକୁ ଦିମୁଠା ଦେଉଥିବାବେଳେ ଅନେକ ସମୟରେ ଭୋକ ଉପାସରେ କେବଳ ପାଣି ପିଇ ଦିନ କାଟୁଥିବା ଲୁହଭରା ଆଖିରେ କହିଛନ୍ତି ମୂଷେଇ। ୨୦୧୮ରେ ମୂଷେଇ ମାଟ୍ରିକ ପାସ କରିଛନ୍ତି। ଅଧିକ ପଢ଼ିବା ଲାଗି ଇଚ୍ଛା ଥିଲେ ବି ପରିବାରର ଆର୍ଥିକ ସ୍ଥିତି ଆଗରେ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ମା' ଜେଲ ଯିବା ଏବଂ ବାପାଙ୍କ ମୃତ୍ୟୁ ପରେ ପିଣ୍ଟୁ ମଧ୍ୟ ପାଠପଢ଼ାରେ ଡୋରି ବାନ୍ଧିଲେ। ଏବେ ସକାଳ ହେଲେ ଦାନା ଚିନ୍ତାରେ ଉଭୟଙ୍କ ଦିନ ବିତୁଛି। ରାଶନ କାର୍ଡରେ ଚାଉଳ ଆଣିବାକୁ ସମ୍ବଳ ନାହିଁ। ଚାଳଘର ଛପର ହୋଇ ନ ଥିବାରୁ ଭାଙ୍ଗିଗଲାଣି। କାନ୍ଥରୁ ମାଟିଅତଡ଼ା ଖସୁଛି। ଜିଇବାକୁ ସଂଘର୍ଷ କରୁଥିବା ଦୁଇ ପିଲାଙ୍କ ବିଷୟରେ ଗାଁ ଲୋକେ ପ୍ରଶାସନକୁ ଅବଗତ କରାଇଥିଲେ। ହେଲେ ଜନମଙ୍ଗଳ ଯୋଜନାର ତାଲିକା ଧରି ପ୍ରଶଂସା ସାଉଁଟୁଥିବା ପ୍ରଶାସନ କାନରେ ଏମାନଙ୍କ ଯନ୍ତ୍ରଣାର ସ୍ୱର ପଡ଼ିନାହିଁ।

ଏ ସଂକ୍ରାନ୍ତରେ ତହସିଲଦାର ପ୍ରଭାସ କୁମାର ବେଉରିଆ କୁହନ୍ତି, ଏଭଳି ଘଟଣା ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ୨୨.୨ ଲକ୍ଷ କୋଟିର ଟିକସ ଆଦାୟ ଲକ୍ଷ୍ୟ

**ନୂଆଦିଲ୍ଲୀ, ୨୫।୭:** କେନ୍ଦ୍ର ସରକାର ଚଳିତ ଆର୍ଥିକବର୍ଷରେ ଅଧିକ ଟିକସ ଆଦାୟ କରିପାରନ୍ତି। ଏହି ଅବଧିରେ ୨୨.୨ ଲକ୍ଷ କୋଟି ଟଙ୍କାର ଟିକସ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ୨୦୨୧-୨୨ ପ୍ରଥମ ତ୍ରୈମାସରେ ସରକାର ୫.୪ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ କରିବାକୁ ସକ୍ଷମ ହୋଇଛନ୍ତି। ରେଟିଂ ଏଜେନ୍ସି ଇକ୍ରା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଟିକସ ଆଦାୟ ବଢ଼ିପାରେ। ଦେଶ ମଧ୍ୟରେ ପରୋକ୍ଷ ଟିକସ ଆଦାୟ ବୃଦ୍ଧି ହୋଇପାରେ। ଚଳିତ ଆର୍ଥିକ ବର୍ଷରେ ୯.୫% ଅଧିକ ଟିକସ ଆଦାୟ କରିବା ନେଇ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଆର୍ଥିକ ବର୍ଷ ୨୦୨୦-୨୧ରେ କେନ୍ଦ୍ର ସରକାର ୨୦.୨ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ କରିଥିଲେ। କରୋନାର ଦ୍ୱିତୀୟ ଲହର ସତ୍ତ୍ୱେ ମଧ୍ୟ ଟିକସ ଆଦାୟ ଉନ୍ନତ ରହିଥିବା ଜଣାପଡ଼ିଛି।

### ୨୦୪୭ ବେଳକୁ ଭାରତ ହେବ ଧନୀ ରାଷ୍ଟ୍ର

**ଭୁବନେଶ୍ୱର,୨୫।୭:** ଭାରତରେ ଗତ ୩ ଦଶକ ମଧ୍ୟରେ ହୋଇଥିବା ଆର୍ଥିକ ସୁଧାରର ଲାଭ ଦେଶର ସବୁ ନାଗରିକଙ୍କୁ ସମାନ ଭାବେ ମିଳିନାହିଁ ବୋଲି ଆଶଙ୍କା କରିଛନ୍ତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ। ଦେଶର ସମସ୍ତ ନାଗରିକଙ୍କର ବିକାଶ ପାଇଁ ସମାଜର ସବୁଠୁ ନିମ୍ନସ୍ତର ବିକାଶ ଜରୁରୀ ରହିଛି। ଦେଶର ବିକାଶକୁ ବଢ଼ାଇବା ପାଇଁ ବର୍ତ୍ତମାନଠାରୁ ଭାରତୀୟ ମଡେଲ'ର ଆବଶ୍ୟକତା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସରକାର ଓ ନୀତିନିୟାମକମାନେ ଉପଯୁକ୍ତ ଭାବେ ଯୋଜନା ପ୍ରସ୍ତୁତ କରି ସମସ୍ତଙ୍କ ବିକାଶ ବିଷୟରେ ଚିନ୍ତା କରାଗଲେ ଭାରତ ୨୦୪୭ ବେଳକୁ ବହୁ ଆଗକୁ ଯାଇପାରିବ। ଫଳରେ ଚାଇନା ଓ ଆମେରିକା ଭଳି ରାଷ୍ଟ୍ର ସହ ସମକକ୍ଷ ହେବା ସହିତ ବିଶ୍ୱର ୩ୟ ଧନୀ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ମୁକେଶ ଆଶାବ୍ୟକ୍ତ କରିଛନ୍ତି।

# ଇ-ଯାନ କିଣିବାକୁ ୯୦% ଆଗ୍ରହୀ

- ଇଓ୍ୱାଇ ସର୍ଭେ ରିପୋର୍ଟ ପ୍ରକାଶ
- ସବ୍‌ସିଡି ଯୋଗୁ ଆକୃଷ୍ଟ ହେଉଛନ୍ତି

ନୂଆଦିଲ୍ଲୀ, ୨୫।୭

ପେଟ୍ରୋଲ ଏବଂ ଡିଜେଲର ଲଗାତର ଦର ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇଛି। ଏ କ୍ଷେତ୍ରରେ ଇ-ଯାନ ଏକ ପ୍ରମୁଖ ବିକଳ୍ପ ଭାବେ ଉଭା ହୋଇଛି। କେନ୍ଦ୍ର ସରକାର ଫେମ୍-୨ ଯୋଜନା ଦ୍ୱାରା ସବ୍‌ସିଡି ଯୋଗାଇ ଦେଉଛନ୍ତି। ସେହିଭଳି ରାଜ୍ୟଗୁଡ଼ିକ ସ୍ତରରେ ମଧ୍ୟ ସରକାର ସବ୍‌ସିଡି ପ୍ରଦାନ ଦ୍ୱାରା ଇ-ଯାନ ଦର ସୁଲଭ ହେଉଥିବା ଦେଖାଯାଇଛି। କନ୍‌ସଲ୍‌ଟିଂ ଫାର୍ମ ଇଓ୍ୱାଇ ପକ୍ଷରୁ ଏକ ରିପୋର୍ଟ ମୁତାବକ, ୯୦% ଲୋକ ଇ-ଯାନ କ୍ରୟ କରିବାକୁ ଚାହୁଁଛନ୍ତି। ସଂସ୍ଥା ପକ୍ଷରୁ ହୋଇଥିବା ସର୍ଭେରେ ୧୩ ଦେଶର ୯ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାମିଲ କରାଯାଇଥିଲା। ଏଥିରେ ଭାରତର ୧ ହଜାର ଲୋକ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ୯୯୦ ବା ୯୯% ଲୋକ ଇଲେକ୍ଟ୍ରିକ ଭେଇକିଲ କିଣିବାକୁ ଆଗ୍ରହୀ ବୋଲି ମତ ରଖିଛନ୍ତି।



ବିଶ୍ୱ ସ୍ତରରେ ଇ-ଯାନ ବିକ୍ରି ଆଗାମୀ ବର୍ଷଗୁଡ଼ିକରେ ଦ୍ରୁତ ଭାବେ ବୃଦ୍ଧି ପାଇବ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ୪୦% ଲୋକ ଇ-ଯାନ ଲାଗି ୨୦% ପର୍ଯ୍ୟନ୍ତ ପ୍ରିମିୟମ ପ୍ରଦାନ ନିମନ୍ତେ ପ୍ରସ୍ତୁତ ଥିବା ଏଥିରୁ ସାମ୍ନାକୁ ଆସିଛି। ଭାରତରେ ପ୍ରତି ୧୦ ଜଣରେ ୩ ଜଣ ଇଲେକ୍ଟ୍ରିକ କାର କିଣିବାକୁ ପ୍ରସ୍ତୁତ ହେଉଥିବା କୁହାଯାଇଛି। ସର୍ଭେ ମୁତାବକ, ଭାରତରେ ଅଧିକାଂଶ ଲୋକ ଚାହାନ୍ତି ଯେ, ଯାନ ଗୋଟିଏ ଥର ଚାର୍ଜରେ ଅଧିକ ବାଟ ଗଡୁ। ୧୦୦ରୁ ୨୦୦ ମାଇଲ ବା ୧୬୦ କିମିରୁ ୩୨୦ କିମି ସିଙ୍ଗଲ ଚାର୍ଜରେ ଯାନ ଅତିକ୍ରମ କରିବାର ଆବଶ୍ୟକତା ରହିଛି ବୋଲି ଭାରତୀୟମାନେ ମତ ପ୍ରକାଶ କରିଛନ୍ତି।

ଯାନବାହନଗୁଡ଼ିକ ପରିବେଶ ପ୍ରଦୂଷଣର ଏକ ପ୍ରମୁଖ କାରଣ। ଏହାକୁ ଲୋକମାନେ ବିଚାର କରି ଇ-ଯାନ କ୍ରୟ କରିବାକୁ ଚାହୁଁଥିବା ରିପୋର୍ଟରୁ ଜଣାପଡ଼ିଛି। ପେଟ୍ରୋଲ ଏବଂ ଡିଜେଲ ଚାଳିତ ଗାଡ଼ି କ୍ରୟ ପରିବର୍ତ୍ତେ ନିଜର ଉତ୍ତରଦାୟିତ୍ୱକୁ ବୁଝି ଇ-ଯାନ କ୍ରୟ କରିବା ଆବଶ୍ୟକ ବୋଲି ୬୭% ଲୋକ ମତ ରଖିଛନ୍ତି। ଇ-ଯାନ ବ୍ୟବହାର ବଢ଼ିଲେ ପରିବେଶ ପ୍ରଦୂଷଣ ଉପରେ ନିୟନ୍ତ୍ରଣ ଜାରି କରାଯାଇପାରିବ ବୋଲି ଲୋକମାନେ ଆଶା ପ୍ରକଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତରେ ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଗୁଡ଼ିକ ଇ-ଯାନକୁ ବର୍ତ୍ତମାନ ପ୍ରୋତ୍ସାହନ କରୁଛନ୍ତି। ଏହାର ବହୁଳ ବ୍ୟବହାର ନେଇ କେବେ ବ୍ୟବସ୍ଥା ଆସୁଛି ତାହା ଦେଖିବାକୁ ବାକି ରହିଲା।

# ଭାରତ ମସଲାର ନୂଆ ୟୁନିଟ୍ ଭିତ୍ତିପ୍ରସ୍ତର

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ

ଭୁବନେଶ୍ୱର,୨୫।୭

ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଭାରତ ମସଲା ପକ୍ଷରୁ ସ୍ଥାନୀୟ ବାରଙ୍ଗସ୍ଥିତ ରାମଦାସପୁରଠାରେ ଆଉ ଏକ ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୧୫ ଏକର ଜମି ଉପରେ ନିର୍ମିତ ଏହି ନୂତନ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ୟୁନିଟରେ ଅତ୍ୟାଧୁନିକ ଇଟାଲିୟାନ ମେଶିନର କ୍ରାୟୋଜେନିକ ପଦ୍ଧତିରେ ପ୍ଲାଣ୍ଟ ସ୍ଥାପନ ସହ ଧାର୍ଯ୍ୟ ସମୟରେ ଆବଶ୍ୟକ ଉତ୍ପାଦନ କରାଯିବ। ସେହିଭଳି ରାଜ୍ୟର ସମସ୍ତ କୃଷିଜାତ ଦ୍ରବ୍ୟକୁ ପ୍ରୋତ୍ସାହନ ଦେବା ପାଇଁ କମ୍ପାନୀକୁ ସରକାର ଆଉ ୫ ଏକର ଜମି ସେହି ଅଞ୍ଚଳରେ ଦେଇଛନ୍ତି। ଏହି ପ୍ଲାଣ୍ଟ ଜରିଆରେ ରାଜ୍ୟର ସମସ୍ତ କୃଷିଜାତ ଦ୍ରବ୍ୟର ବ୍ୟବହାରରେ ଉନ୍ନତ ମାନର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯିବ। ଏହି ୟୁନିଟ ଜରିଆରେ ବିଭିନ୍ନ ପ୍ରକାରର ମସଲା ପ୍ୟାକେଟ ଓ ସସ୍ ଏବଂ ଭିନ୍ନ ଭିନ୍ନ ସ୍ୱାଦର ଆଚାର ପ୍ରସ୍ତୁତ କରାଯାଇ ବଜାରକୁ ଛଡ଼ାଯିବା ସହ ବିଦେଶକୁ ମଧ୍ୟ ରପ୍ତାନି କରାଯିବାର ଯୋଜନା ରହିଛି ବୋଲି ଏହାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା କହିଛନ୍ତି। ସେହିଭଳି କମ୍ପାନୀ ପକ୍ଷରୁ ଅନେକଗୁଡ଼ିଏ କୋଲ୍ଡ ଷ୍ଟୋରେଜ କରାଯାଇ ସ୍ଥାନୀୟ ଅଞ୍ଚଳ ସମେତ ଆମଦାନୀ କରାଯାଉଥିବା ସମସ୍ତ ସାମଗ୍ରୀଙ୍କୁ ମହଜୁଦ ରଖାଯିବ ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଏହି ଅବସରରେ ଡିଆଇସିର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରତାପ କୁମାର ସେଠୀ, ଇଡ୍‌କୋ ବରିଷ୍ଠ ଅଧିକାରୀ ଇଂ. ଜ୍ୟୋତିପ୍ରକାଶ ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କମ୍ପାନୀ କର୍ମଚାରୀ ଉପସ୍ଥିତ ରହିଥିଲେ।

# ମୋବାଇଲ ବ୍ୟବହାରରେ ଭାରତ ତୃତୀୟ

## ଲୋକେ ଦୈନିକ ମୋବାଇଲରେ ୪ ଘଣ୍ଟା ବିତାଉଛନ୍ତି

ନୂଆଦିଲ୍ଲୀ, ୨୫।୭

ବର୍ତ୍ତମାନ ମୋବାଇଲ ଫୋନ ଲୋକଙ୍କ ଜୀବନରେ ଏକ ଅଭିନ୍ନ ଅଙ୍ଗ ପାଲଟିଛି। ଏମିତି ମଧ୍ୟ କିଛି କାମ ରହିଛି, ଯାହା ବିନା ମୋବାଇଲରେ ହେବା ଅସମ୍ଭବ। ମୋବାଇଲ ବ୍ୟବହାର କଥା ବିଚାରକୁ ନେଲେ ଭାରତ ତୃତୀୟ ସ୍ଥାନରେ ରହିଛି। ରିପୋର୍ଟ ମୁତାବକ ଭାରତରେ ଲୋକେ ଦୈନିକ ହାରାହାରି ୪ ଘଣ୍ଟା ୯ ମିନିଟ୍ ସମୟ ମୋବାଇଲ ବ୍ୟବହାର କରୁଥିବା ଜଣାପଡ଼ିଛି।

ଡିଜେଡ୍ ନେଟ ୱେବ୍‌ସାଇଟରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ବ୍ରାଜିଲର ଲୋକମାନେ ସବୁଠାରୁ ଅଧିକ ସମୟ ମୋବାଇଲ ବ୍ୟବହାର କରୁଛନ୍ତି। ଏଠାକାର ଲୋକମାନେ ଦୈନିକ ହାରାହାରି ପ୍ରାୟ ୫ ଘଣ୍ଟା ୪ ମିନିଟ୍ ସମୟ ମୋବାଇଲରେ ବିତାଉଛନ୍ତି। ସେହିଭଳି ଦ୍ୱିତୀୟ ସ୍ଥାନରେ ଇଣ୍ଡୋନେସିଆ ରହିଛି। ଏହି ଦେଶରେ ଲୋକମାନେ ଦୈନିକ ହାରାହାରି ୫ ଘଣ୍ଟା ୩ ମିନିଟ୍ ମୋବାଇଲ ବ୍ୟବହାର କରୁଛନ୍ତି।



ପାର୍ଟ ମୁତାବକ, ୭ ଅନ୍ୟ ଦେଶ ମଧ୍ୟରେ ଦକ୍ଷିଣକୋରିଆ ଚତୁର୍ଥ ସ୍ଥାନରେ ରହିଛି। ଏହି ଦେଶରେ ଲୋକମାନେ ଦୈନିକ ହାରାହାରି ୪ ଘଣ୍ଟା ୮ ମିନିଟ୍, ୫ମରେ ଥିବା ମେକ୍ସିକୋରେ ୪ ଘଣ୍ଟା ୭ ମିନିଟ୍, ତୁର୍କୀ (୬ଷ୍ଠ ସ୍ଥାନ) ୪ ଘଣ୍ଟା ୫ ମିନିଟ୍, ଜାପାନ (୭ମ) ୪ ଘଣ୍ଟା ୪ ମିନିଟ୍, କାନାଡା(୮ମ) ୪ ଘଣ୍ଟା ୧ ମିନିଟ୍, ୟୁଏସ୍(୯ମ) ୩ ଘଣ୍ଟା ୯ ମିନିଟ୍ ଏବଂ ବ୍ରିଟେନରେ ଲୋକମାନେ ୩ ଘଣ୍ଟା ୮ ମିନିଟ୍ ମୋବାଇଲ ବ୍ୟବହାର କରୁଥିବା ଜଣାପଡ଼ିଛି।

## ପ୍ରେସିଡେଣ୍ଟସ ଇଷ୍ଟେଟରେ ଏସ୍‌ବିଆଇ ଶାଖା

ନୂଆଦିଲ୍ଲୀ, ୨୫।୭

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ତରଫରୁ ନୂଆଦିଲ୍ଲୀର ପ୍ରେସିଡେଣ୍ଟସ ଇଷ୍ଟେଟ୍‌ସରେ ଏକ ନୂଆ ଶାଖା ଖୋଲାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ତାଙ୍କ ସ୍ତ୍ରୀ ତଥା ଦେଶର ପ୍ରଥମ ମହିଳା ସବିତା କୋବିନ୍ଦ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭାଗବତ କିଷନ ରାଓ କରାଡ ଉପସ୍ଥିତ ଥିଲେ। ଏହି ଶାଖାରେ ପ୍ରେସିଡେଣ୍ଟସ ଇଷ୍ଟେଟ୍‌ର ସମସ୍ତ ବାସିନ୍ଦାଙ୍କୁ ସବୁ ପ୍ରକାର ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରାଯିବ।

## ୱାଇଲ୍ଡ ଲୋଟସ୍ ଫ୍ୟାଶନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଶୁଭାରମ୍ଭ

- ୧୮୦୦ କର୍ମଚାରୀଙ୍କୁ ନିଯୁକ୍ତି ଦେବ
- ଅନ୍ତଃରାଷ୍ଟ୍ରୀୟ ବ୍ରାଣ୍ଡ୍‌ଙ୍କୁ ଯୋଗାଇବ ରେଡିମେଡ୍ ଗାର୍ମେଣ୍ଟ

ଭୁବନେଶ୍ୱର, ୨୫।୭

ଏମ୍‌ଜିଏମ୍ ଗ୍ରୁପ୍‌ର ଏକ ଅଂଶ ୱାଇଲ୍ଡ ଲୋଟସ୍ ଫ୍ୟାଶନ୍ ପ୍ରାଇଭେଟ୍ ଲିମିଟେଡ୍ ଛତାବର ଶିଳ୍ପାଞ୍ଚଳ, ଖୋର୍ଦ୍ଧାଠାରେ ଏକ ରେଡିମେଡ୍ ପୋଷାକ ପ୍ରସ୍ତୁତି ସଂସ୍ଥା ପ୍ରତିଷ୍ଠା କରିଛି। ଶତପ୍ରତିଶତ ରପ୍ତାନି ଅନୁକୂଳ ଏହି ସଂସ୍ଥାନକୁ ୨୩ ଜୁଲାଇରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଥିଲେ। ୩ ଏକର ବ୍ୟାପ୍ତ କ୍ଷେତ୍ରରେ ୭୦ କୋଟି ଟଙ୍କା ନିବେଶରେ ସ୍ଥାପିତ ଏହି ସଂସ୍ଥାନ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ୧୬୦୦ ମହିଳାଙ୍କ ସମେତ ମୋଟ୍ ୧୮୦୦ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରିବ। କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ କମ୍ପାନୀ ପକ୍ଷରୁ ନିଯୁକ୍ତି ପୂର୍ବ ଏବଂ ପର ତାଲିମ ସୁବିଧା ପ୍ରଦାନ କରିବ। ଶତ ପ୍ରତିଶତ ରପ୍ତାନି ଅନୁକୂଳ ଏହି ସଂସ୍ଥାନରେ ୯୫୦ଟି ସିଲେଇ ମେଶିନ୍ ଲାଗିବାର କ୍ଷମତା ରହିଛି। ପ୍ରାରମ୍ଭିକ ଭାବେ ୱାଇଲ୍ଡ ଲୋଟସ ଫ୍ୟାଶନ୍ସ ରିଲାଏନ୍ସ ଟ୍ରେଣ୍ଡ୍‌ସ୍, ଶପର୍ସ ଷ୍ଟପ୍ ଇତ୍ୟାଦି ଭଳି କ୍ରେତାମାନଙ୍କୁ ରେଡିମେଡ୍ ପୋଷାକ ଯୋଗାଇବ। ଏକବର୍ଷ ମଧ୍ୟରେ ଏହା ଅନ୍ତଃରାଷ୍ଟ୍ରୀୟ ବ୍ରାଣ୍ଡ୍ ଏବଂ କ୍ରେତାମାନଙ୍କୁ ରପ୍ତାନି କରିବା ଆରମ୍ଭ କରିବ ବୋଲି ଏମ୍‌ଜିଏମ୍ ଗ୍ରୁପ୍ ଅଧ୍ୟକ୍ଷ ପଙ୍କଜ ମହାନ୍ତି ପ୍ରକାଶ କରିଛନ୍ତି।

## ଫୁରସତ୍

# ମରୁଭୂମିକୁ ଫେରୁଛି ସବୁଜିମା

ମରୁଭୂମି ବଦଳୁଛି କୃଷିଯୋଗ୍ୟ ଜମିରେ। ଫେରୁଛି ସବୁଜିମା। ଶସ୍ୟଶ୍ୟାମଳ ହେଉଛି ପରିବେଶ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହ ଖାଦ୍ୟ ସଙ୍କଟର ମୁକାବିଲା କରିବା ଲାଗି ଚାଇନାରେ ପରୀକ୍ଷାମୂଳକ ଭାବେ ମରୁସ୍ଥଳରେ ହେଉଥିବା ଚାଷ ବିଶ୍ୱ ପାଇଁ ନୂଆ ଆଶା ସଞ୍ଚାର କରିଛି।

**ବେଜିଂ:** ମରୁଭୂମିର ଚାଷ ଅନୁପଯୋଗୀ ଜମିରେ ଫସଲ ଫଳାଉଛି ଚାଇନା। ଫଳରେ ପୃଥିବୀର ୪୧.୩ ପ୍ରତିଶତ କୃଷି କାର୍ଯ୍ୟ ହେଉ ନ ଥିବା ଜମିରେ ଫସଲ ଉତ୍ପାଦନ କରାଯାଇପାରିବ ବୋଲି ଆଶା ସଞ୍ଚାର ହୋଇଛି। ଚାଇନାରେ ମୋଟ ଭୂ-ଭାଗ ମଧ୍ୟରୁ ମାତ୍ର ୧୨ ପ୍ରତିଶତରେ କୃଷି କାର୍ଯ୍ୟ ହୋଇଥାଏ। ତେଣୁ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ଟାଙ୍ଗରା ପଥୁରିଆ ଜମିକୁ କୃଷି ଉପଯୋଗୀ କରାଯାଉଛି। ତେବେ ଏହାଦ୍ୱାରା ଖାଦ୍ୟ ସଙ୍କଟ ଦୂର ହେବ ସତ, ହେଲେ ପରିବେଶ ସନ୍ତୁଳନ ଉପରେ ଏହାର କୁପ୍ରଭାବ ପଡ଼ିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଚାଇନା ଏବଂ ଭାରତର କୃଷିଯୋଗ୍ୟ ଭୂମି ସାରା ପୃଥିବୀବାସୀଙ୍କ ଲାଗି ଗୁରୁତ୍ୱ ରଖେ। ହେଲେ କୃଷି ପ୍ରତି ବିମୁଖ କାରଣରୁ ଭାରତ ଭଳି ବିକାଶଶୀଳ ଦେଶରେ ଚାଷଜମି ପଡ଼ିଆ ପଡୁଛି। ଦୀର୍ଘବର୍ଷ ଧରି ଚାଷବାସ ହେଉ ନ ଥିବା ଜମି ଫସଲ ଉତ୍ପାଦନ କ୍ଷମତା ହରାଉଛି। ହେଲେ ଚାଇନାର କୃଷି ବୈଜ୍ଞାନିକମାନେ ଏହି ସମସ୍ୟାର ସମାଧାନ ବାହାର କରିଛନ୍ତି। ୨୦୧୬ରେ ଚୋଙ୍ଗ୍‌ପିଙ୍ଗ୍ ଜିଆଓଟାଙ୍ଗ୍ ୟୁନିଭରସିଟିର ବିଶେଷଜ୍ଞ ଦଳ ଏଭଳି ଏକ ଟେକ୍‌ନିକ ବିକଶିତ କରିଥିବା ଦାବି କରିଥିଲେ। ଏହି କୌଶଳରେ ଏକପ୍ରକାର ସ୍ୱତନ୍ତ୍ର ଧରଣର ପେଷ୍ଟର ବ୍ୟବହାର କରିଥିଲେ, ଯାହା ବୃକ୍ଷର ସେଲ୍ୟୁଲୋଜରୁ ପ୍ରସ୍ତୁତ କରାଯାଇଥିଲା। ଏହି ସେଲ୍ୟୁଲୋଜରେ ମରୁଭୂମିର ଗଛଲତା ବିକଶିତ ହେବା ଭଳି ଖଣିଜ, ସୂକ୍ଷ୍ମଜୀବ, ପବନ, ପାଣି ଭଳି ପୋଷକତତ୍ତ୍ୱ ଧରି ରଖିବାର କ୍ଷମତା ଅଧିକ।



### ଚାଇନାର ସେଲ୍ୟୁଲୋଜ୍ ଟେକ୍ନୋଲୋଜି

ଚାଇନା ସୀମାନ୍ତ ମଙ୍ଗୋଲିଆର ବିସ୍ତୀର୍ଣ୍ଣ ମରୁପ୍ରାନ୍ତରେ ପରୀକ୍ଷାମୂଳକ ଭାବେ ଏହାର ଉପଯୋଗ କରାଯାଇଥିଲା। ଫଳରେ ଖୁବ୍ କମ୍ ଦିନ ମଧ୍ୟରେ ୧.୬ ହେକ୍ଟର ଜମି କୃଷି ଉପଯୋଗୀ କରାଯାଇପାରିଛି। ଏବେ ଉକ୍ତ ଜମିରେ ଟମାଟୋ, ତରଭୁଜ, ଧାନ, ମକା ଭଳି ବହୁ ଫସଲ ଉତ୍ପାଦନ ହୋଇପାରୁଛି। ସେହିପରି ସମାନ ଟେକ୍‌ନିକ୍ ଉପଯୋଗ କରି ନୂତନ ଜଙ୍ଗଲ ସୃଷ୍ଟି କରାଯାଉଛି। ପାଖାପାଖି ୩ ଲକ୍ଷ ୩୬ ହଜାର ୨୦୦ ହେକ୍ଟର ଜମିରେ ସେଲ୍ୟୁଲୋଜ ପ୍ରଣାଳୀ ମାଧ୍ୟମରେ ବନୀକରଣ କରାଯାଇ ନୂତନ ଜଙ୍ଗଲ କ୍ଷେତ୍ର ସୃଷ୍ଟି କରାଯାଇପାରିଥିବା ଚାଇନା ଦାବି କରିଛି। ତେବେ ଏଭଳି ଟେକ୍‌ନିକ୍‌କୁ ନେଇ ପରିବେଶବିତ୍‌ମାନେ ଭିନ୍ନ ମତ ଦେଇଛନ୍ତି। ସେମାନେ କହିଛନ୍ତି, ବିଶାଳ ମରୁଭୂମି ପରିସଂସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ମରୁଭୂମିରେ ତାପ ବିକିରଣ ଦ୍ୱାରା ପୃଥିବୀର ତାପମାତ୍ରା ନିୟନ୍ତ୍ରିତ ହୋଇଥାଏ। ଏହା ପୋଟାସିୟମ, ଜିପ୍‌ସମ୍, ନାଇଟ୍ରେଟ୍‌ର ପ୍ରାକୃତିକ ଭଣ୍ଡାର। ମରୁଭୂମିର ବିସ୍ତୀର୍ଣ୍ଣ ଭୂଭାଗକୁ ଜଙ୍ଗଲ କିମ୍ବା କୃଷି ଉପଯୋଗୀ ଜମିରେ ରୂପାନ୍ତରିତ କରିଦେବା ଫଳରେ ଏହାର ପ୍ରତିକୂଳ ପ୍ରଭାବ ଜୈବ ବିବିଧତା ଉପରେ ପଡ଼ିବ। ପରିସଂସ୍ଥାର ସନ୍ତୁଳନ ବିଗିଡ଼ିଯିବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

# ଚୁଟ୍‌କି ମାରି ରେକର୍ଡ




**ଡେରାଡୁନ୍:** ଚୁଟ୍‌କି ମାରିବା ମଧ୍ୟ ଏକ କଳା। ସାଧାରଣ ମନେ ହେଉଥିଲେ ବି ଏବେ ଏହି ଚୁଟ୍‌କି ପାଇଁ ରେକର୍ଡ କରିପାରିଛନ୍ତି ଜଣେ ଯୋଗ ଶିକ୍ଷକ ବିଜୟ ପ୍ରକାଶ। ମାତ୍ର ୩୦ ସେକେଣ୍ଡରେ ସେ ୧୦୦ ଥର ଚୁଟ୍‌କି ମାରି ଏବେ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି।

ଉତ୍ତରାଖଣ୍ଡ ପିଥୋରାଗଡ଼ ଜିଲାର ବିଜୟ ପ୍ରକାଶ ଜୋଶୀ ବେଶ୍ ସୁନ୍ଦର ଭାବରେ ଶୀଘ୍ର ଶୀଘ୍ର ଚୁଟ୍‌କି ମାରିପାରନ୍ତି। ସବୁ ସମୟରେ ସେ ଚୁଟ୍‌କି ମାରି ବିଭିନ୍ନ କଥା କହିଥା'ନ୍ତି। ବିଜୟଙ୍କର ଏଭଳି ଚୁଟ୍‌କି ମାରିବା କଳା କେବଳ ସ୍ଥାନୀୟ ଲୋକଙ୍କୁ ନୁହେଁ, ଆଖପାଖ ଅଞ୍ଚଳରେ ବି ତାଙ୍କୁ ଜଣେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱଭାବେ ପରିଚୟ ଦେଇଥିଲା। ଏହା ପରେ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ର ଅଧିକାରୀମାନେ ଖବର ପାଇ ତାଙ୍କ ପାଖକୁ ଆସିଥିଲେ। ଅଧିକାରୀମାନଙ୍କ ସାମ୍ନାରେ ବିଜୟ ମାତ୍ର ୩୦ ସେକେଣ୍ଡରେ ୧୦୦ ଥର ଚୁଟ୍‌କି ମାରି ରେକର୍ଡ କରିଛନ୍ତି। ମାତ୍ର ଏକ ମିନିଟ୍‌ରେ ସେ ୨୨ ଥର ସୂର୍ଯ୍ୟ ନମସ୍କାର କରିପାରିବେ ବୋଲି କହିଛନ୍ତି। ଏଥିପାଇଁ ଜୋରଦାର ଅଭ୍ୟାସ ଚଳାଇଛନ୍ତି ଆଉ ଖୁବ୍‌ଶୀଘ୍ର ସେ ଏଥିରେ ମଧ୍ୟ ରେକର୍ଡ କରିବେ ବୋଲି କହିଛନ୍ତି।


## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମାମିନୀପ୍ରଭା ମିଶ୍ର

ରଥସାହି, ପୁରୁଷୋତ୍ତମପୁର, ଗଞ୍ଜାମ

ଆବିର୍ଭାବ: ୦୨।୦୫।୧୯୬୩

ତିରୋଧାନ: ୧୫।୦୭।୨୦୨୧

ଏମିତି ହଠାତ୍ ଅକାଳରେ ଆମକୁ ଛାଡ଼ି ଚାଲିଯିବ ସ୍ୱପ୍ନରେ ବି ଭାବିନଥିଲୁ। ଚାହୁଁ ଚାହୁଁ ଆଜକୁ ଦୀର୍ଘ ବାର ଦିନ ବିତିଗଲା। ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ କରୁଥିବୁ। ତୁମେ ଯେଉଁଠି ଥାଅନା ଶାନ୍ତିରେ ଥାଅ। ସର୍ବଦା ଆମକୁ ଶୁଭ ଦୃଷ୍ଟିରେ ଦେଖୁଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ, ସ୍ୱପ୍ନେଶ୍ୱର, ଚନ୍ଦ୍ରଶେଖର, ବାଲୁଙ୍କେଶ୍ୱର ଓ ମା' ତାରା ତାରିଣୀଙ୍କ ଠାରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ: ଦୃତିକୃଷ୍ଣ, ପୁଅ: ସନ୍ତୋଷ, ସୀମାଞ୍ଚଳ, ପୁତୁରା, ହରିକୃଷ୍ଣ, ପପୁନ, ଜଗା, ନାତି: କାହ୍ନା, ଆୟୁଷ, ଗୁଡୁଲ, ବୋହୂ: ସବିତା ପୁତୁରାବୋହୂ: ଅର୍ଚ୍ଚନା, ସଞ୍ଜୁକ୍ତା, ଝିଆରୀ: ପପିନି, ସାରଦା, ସୁକୁମା, ସଞ୍ଜୁ, ବେବି, ଜ୍ୱାଇଁ: ଲକ୍ଷ୍ମୀଚରଣ, ପୂର୍ଣ୍ଣଚନ୍ଦ୍ର, ନାତି, ନାତୁଣୀ, ନାତୁଣୀଜ୍ୱାଇଁମାନେ ଏବଂ ଶୋକସନ୍ତପ୍ତ ପରିବାର ଓ ବନ୍ଧୁ ବର୍ଗ।

ଧ-୨୧୧୭


# ଆଥିୟାଙ୍କୁ କ୍ଷମା ମାଗିଲେ ସଲ୍‌ମାନ



**ମୁମ୍ବାଇ:** ଦବଙ୍ଗ ଖାନ ସଲମାନ ଏବେ ତାଙ୍କ ଫାର୍ମହାଉସରେ ସମୟ ବିତାଉଛନ୍ତି। ସଲମାନଙ୍କର ସୋସିଆଲ ମିଡିଆରେ ବହୁତ ଫଲୋଅର୍ସ ଅଛନ୍ତି। କେବଳ ଇନ୍‌ଷ୍ଟାଗ୍ରାମରେ ସଲମାନଙ୍କୁ ୪୨ ମିଲିୟନ ଲୋକ ଫଲୋ କରନ୍ତି, ଯିଏକି ତାଙ୍କ ପ୍ରତି ପୋଷ୍ଟକୁ ଅପେକ୍ଷା କରିଥାନ୍ତି। ସଲମାନଙ୍କୁ ସିନା କୋଟି କୋଟି ଲୋକ ଫଲୋ କରନ୍ତି, କିନ୍ତୁ ସଲମାନ ମାତ୍ର ୨୭ ଜଣଙ୍କୁ ଫଲୋ କରନ୍ତି। ସେମାନଙ୍କ ମଧ୍ୟରେ ବଲିଉଡ୍‌ର ୭ ଅଭିନେତ୍ରୀ ଅଛନ୍ତି। ଏମାନେ ହେଲେ କ୍ୟାଟ୍ରିନା କୈଫ, ସଙ୍ଗୀତା ବିଜ୍ଲାନି, ଡେଜି ଶାହା, ୱାଲୁସା ଡିସୁଜା, ଜ୍ୟାକ୍‌ଲିନ୍ ଫର୍ନାଡିସ, ୟୁଲିଆ ବନ୍ତୁର ଏବଂ ଇସାବେଲ କୈଫ। ଏମାନଙ୍କୁ ବାଦ୍ ଦେଇ ସଲମାନ ତାଙ୍କ ପରିବାର ସଦସ୍ୟଙ୍କୁ ଫଲୋ କରନ୍ତି। ଯେଉଁଥିରେ ତାଙ୍କ ଭାଇ ଅରବାଜ୍ ଖାନ, ସୋହେଲ ଖାନ, ଭଉଣୀ ଅର୍ପିତା ଖାନ ଶର୍ମା, ଅଲବିରା ଅଗ୍ନିହୋତ୍ରୀ ଏବଂ ଭିଣୋଇ ଅତୁଲ ଅଗ୍ନିହୋତ୍ରୀ ଅଛନ୍ତି। ନିକଟରେ ଭାଇ ଅରବାଜ୍‌ଙ୍କ ଟକ୍ ଶୋ' ପିଞ୍ଚ-୨ରେ ଆଥିୟା ସେଟ୍ଟୀ, କ୍ୟାଟ୍ରିନା,ସଙ୍ଗୀତା ବିଜ୍ଲାନିଙ୍କ ମଧ୍ୟରେ କାହାକୁ ସଲମାନ୍ ଫଲୋ କରନ୍ତିନି ବୋଲି ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ସଲମାନ୍ ସଙ୍ଗୀତାଙ୍କ ନାଁ ନେଇଥିଲେ। ହେଲେ ସଲମାନ୍ ଆଥିୟାଙ୍କୁ ଫଲୋ କରୁନାହାନ୍ତି ବୋଲି ଅରବାଜ କହିବାପରେ ସଲମାନ୍ ଆଥିୟାଙ୍କୁ କ୍ଷମା ମାଗିଥିଲେ। ଏଥର ସେ ଆଥିୟାଙ୍କୁ ଫଲୋ କରିବେ ବୋଲି ସଲମାନ୍ କହିଥିଲେ।

# ୧୧୦ କୋଟିଙ୍କୁ ମିଳିବ ଦୃଷ୍ଟିଶକ୍ତି

**ଜେନେଭା:** ପୃଥିବୀର ୧୧୦ କୋଟି ଲୋକଙ୍କୁ ଦୃଷ୍ଟିଶକ୍ତି ମିଳିବ। ଏ ନେଇ ଜାତିସଂଘ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ଜାତିସଂଘର ସାଧାରଣ ସଭାରେ ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ୧୦୦ରୁ ଅଧିକ ସଦସ୍ୟ ରାଷ୍ଟ୍ର ସମର୍ଥନ କରିଛନ୍ତି। ଜାତସଂଘର ୧୯୩ ସଦସ୍ୟ ରାଷ୍ଟ୍ରରେ ଥିବା ଦୃଷ୍ଟି ବାଧିତ ଲୋକଙ୍କୁ ୨୦୩୦ ସୁଦ୍ଧା ସହାୟତା ଯୋଗାଇ ଦିଆଯିବ। ବାଂଲାଦେଶ, ଆଣ୍ଟିଗୁଆ ଏବଂ ଆୟର୍ଲାଣ୍ଡରୁ ପକ୍ଷରୁ ସାଧାରଣ ସଭାରେ ଏହି ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ପ୍ରସ୍ତାବ ଅନୁଯାୟୀ, ସମସ୍ତ ଦେଶର ସରକାର, ଆନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନ ଏବଂ ଆର୍ଥିକ ସହାୟତାକାରୀଙ୍କ ଦ୍ୱାରା ଦୃଷ୍ଟି ବାଧିତଙ୍କ ଚିକିତ୍ସା ଲାଗି ସାହାଯ୍ୟ ଯୋଗାଇ ଦିଆଯିବ। ଆଖି ସମସ୍ୟାରୁ ଠିକ୍ ହେବାର ସମ୍ଭାବନା ଥିବା ୧୧୦ କୋଟି ଲୋକଙ୍କ ମଧ୍ୟରୁ ୯୦ ପ୍ରତିଶତ ଜନସଂଖ୍ୟା ସ୍ୱଳ୍ପ କିମ୍ବା ମଧ୍ୟମ ବର୍ଗର ଅର୍ଥନୀତି ଥିବା ଦେଶରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ୫୫ ପ୍ରତିଶତ ମହିଳା ଅଛନ୍ତି। ଦୃଷ୍ଟି ସମସ୍ୟା ଯୋଗୁ ପୃଥିବୀର ମୋଟ ଉତ୍ପାଦନ କ୍ଷମତା ଉପରେ ପ୍ରାୟ ୪୧୧ ଶହ କୋଟି ଡଲାରର କ୍ଷତି ହେଉଛି। ଏହା ଦୂର ହେଲେ ସମଗ୍ର ପୃଥିବୀର ଅର୍ଥନୀତି ୧୦ ପ୍ରତିଶତ ବୃଦ୍ଧି ପାଇବ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NURSING
ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

GALAXY TOWER COMPANY
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
8004034927

DHANLAXMI FINANCE
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BANSAL TOWER COMPANY
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ।
FAKE COMPANY ଠାରୁ ସାବଧାନ ରୁହନ୍ତୁ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ।
Contact- 7376459854 / 9518817448



ଜାପାନର ଫୁଜିସାୱାଠାରେ ରବିବାର ଅନୁଷ୍ଠିତ ଅଲିମ୍ପିକ୍ସର ମହିଳା ଆରଏସ୍:ଏକ୍ସ କ୍ଲାସ ରେସ୍ ୧ରେ ଭାଗ ନେଇଥିବା ଆଥଲେଟ୍‌ମାନେ।

# ପ୍ରି-କ୍ୱାର୍ଟରରେ ମେରୀ କମ୍

**ଟୋକିଓ, ୨୫।୭(ପି.ଟି.)**

ଛଅ ଥର ବିଶ୍ୱ ଚାମ୍ପିୟନ ଏମ୍.ସି. ମେରୀ କମ୍ ଟୋକିଓ ଅଲିମ୍ପିକ୍ସ ମହିଳା ୫୧ କେଜି ବିଭାଗ ବକ୍ସିଂରେ ପ୍ରଭାବୀ ପ୍ରଦର୍ଶନ ସହ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ଲଢ଼େଇରେ ସେ ଡୋମିନିକାନ ରିପବ୍ଲିକର ମିଗୁଇଲିନା ହେର୍ନାଣ୍ଡେଜ୍ ଗାର୍ସିଆଙ୍କୁ ପରାସ୍ତ କରିଛନ୍ତି। ତେବେ ପୁରୁଷ ୬୩ କେଜି ବିଭାଗରେ ମନୀଷ କୌଶିକଙ୍କ ଅଭିଯାନ ପ୍ରଥମ ରାଉଣ୍ଡରୁ ଶେଷ ହୋଇଛି।

୨୦୧୨ ଅଲିମ୍ପିକ୍ ବ୍ରୋଞ୍ଜ ମେଡାଲିଷ୍ଟ ତଥା ଏକାଧିକ ଥର ଏସିଆନ ଚାମ୍ପିୟନ ୩୮ ବର୍ଷୀୟ ମେରୀ କମ୍ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସହଜରେ ୪-୧ରେ ବିଜୟ ସହ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମେରୀ କମ୍‌ଙ୍କଠାରୁ ୧୫ ବର୍ଷ ସାନ ଗାର୍ସିଆ ପାନ୍ ଆମେରିକାନ୍ ଗେମ୍ସ ବ୍ରୋଞ୍ଜ ମେଡାଲିଷ୍ଟ ହୋଇଥିଲେ ହେଁ ଏଠାରେ ସଫଳ ମୁକାବିଲାରେ ବିଫଳ ହୋଇଥିଲେ। ମେରୀ କମ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ତାଙ୍କ କୌଶଳ ଆଗରେ ଗାର୍ସିଆ ସମ୍ପୂର୍ଣ୍ଣ ହାର ମାନିଥିଲେ। "କରୋନା ମହାମାରୀ ପାଇଁ ଗତ କିଛି ବର୍ଷ ଆମ ପାଇଁ ବହୁତ ଯନ୍ତ୍ରଣାଦାୟକ ଥିଲା। ଶଟ୍ ଡାଉନ୍ ପାଇଁ ଅନ୍ୟ ସମସ୍ତଙ୍କ ପରି ଆମେ ମଧ୍ୟ ଘରେ ବନ୍ଦ ହୋଇ ରହିଥିଲୁ। ମାତ୍ର ବକ୍ସରଙ୍କ ପାଇଁ ସବୁବେଳେ ଟ୍ରେନିଂ ପାର୍ଟନର ଆବଶ୍ୟକ ହୋଇଥାଏ" ବୋଲି ମିକ୍ସଡ ଜୋନ୍‌ରେ ମେରୀ କମ୍ ନିଜ ପ୍ରତିକ୍ରିୟାରେ କହିଛନ୍ତି। ୪ ସନ୍ତାନର ଜନନୀ ମେରୀ କମ୍ ପ୍ରି-କ୍ୱାର୍ଟର ଫାଇନାଲରେ ତୃତୀୟ ସିଡ୍ କଲମ୍ବିଆର ଇନ୍‌ଗ୍ରିଟ୍ ଭାଲେନ୍ସିଆଙ୍କୁ ଭେଟିବେ। ଭାଲେନ୍ସିଆ ୨୦୧୬ ରିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପୂର୍ବରୁ



ମିଗୁଇଲିନା ହେର୍ନାଣ୍ଡେଜ୍ ଗାର୍ସିଆ ଓ ଏମସି ମେରୀ କମ୍‌ଙ୍କ ମଧ୍ୟରେ ଲଢ଼େଇ।

ମେରୀ କମ୍ ଓ ଭାଲେନ୍ସିଆଙ୍କ ମଧ୍ୟରେ ୨ ଥର ଲଢ଼େଇ ହୋଇଛି। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ କ୍ୱାର୍ଟର ଫାଇନାଲ ସମେତ ୨ ଥର ଯାକ ମେରୀ କମ୍ ବିଜୟୀ ହୋଇଛନ୍ତି। ଅଲିମ୍ପିକ୍ସରେ ବ୍ରୋଞ୍ଜ(୨୦୧୨), ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୬ ଥର ବିଶ୍ୱ ଚାମ୍ପିୟନ ଆଦି ଅନେକ ପଦକ ମୋ ନିକଟରେ ରହିଛି। ତେବେ ସବୁବେଳେ ଭଲ ପ୍ରଦର୍ଶନ କରି ବିଜୟୀ ହେବା ସହଜ

**ଅଲିମ୍ପିକ୍ସ ମହିଳା ବକ୍ସିଂ**

ନୁହେଁ। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ମୋର ଲକ୍ଷ୍ୟ। ମୁଁ ଶ୍ରେଷ୍ଠ ପ୍ରଦର୍ଶନ କରି ଏହା ହାସଲ କରିବାକୁ ଚେଷ୍ଟା କରିବି। ଏହା ସମ୍ଭବ ନ ହେଲେ ମଧ୍ୟ ମୁଁ ପୂର୍ବରୁ ପାଇଥିବା ପଦକକୁ ନେଇ ଖୁସି ଅନୁଭବ କରିବି।

ଅନ୍ୟପକ୍ଷରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ତଥା ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ମନୀଷ ବ୍ରିଟେନର ଲ୍ୟୁକ୍ ମ୍ୟାକକର୍ମାକଙ୍କଠାରୁ ସହଜରେ ୧-୪ରେ ପରାଜିତ ହୋଇଥିଲେ। ମନୀଷ ଆରମ୍ଭରୁ ଭଲ ଟକ୍କର ଦେଇଥିଲେ। ମାତ୍ର ଅନ୍ତିମ ୩ ମିନିଟରେ କାଉଣ୍ଟର ଆଟାକ୍ କରି ବ୍ରିଟେନ ବକ୍ସର ଫାଇଦାରେ ରହିଥିଲେ। ଲ୍ୟୁକ୍ ହେଉଛନ୍ତି ପୂର୍ବତନ ୟୁରୋପିଆନ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପ୍ୟାଟ୍ ମ୍ୟାକକର୍ମାକଙ୍କ ଯାଆଁଳା ଭାଇ। ପ୍ୟାଟ୍ ୬୯ କେଜି ୱେଲ୍ଟରୱେଟ କାଟେଗୋରିରେ ଜଣେ ରୌପ୍ୟ ପଦକ ବିଜେତା ମଧ୍ୟ। ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ପ୍ୟାଟ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରଥମ ରାଉଣ୍ଡରେ ବାଇ ପାଇ ସେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଅନ୍ୟତମ ଅଲିମ୍ପିକ୍ ପଦାର୍ପଣକାରୀ ଆଶିଷ କୁମାର (୭୫ କେଜି) ସୋମବାର ଅଭିଯାନ ଆରମ୍ଭ କରିବେ। ତାଙ୍କର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେବେ ଚାଇନାର ଇର୍ବେକ୍ ଟୋଉହେଟା। ଚଳିତ ଅଲିମ୍ପିକ୍ସ ପାଇଁ ମୋଟ ୯ ଭାରତୀୟ ବକ୍ସର ଯୋଗ୍ୟତା ଅର୍ଜନ କରିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ବିକାଶ କ୍ରିଷ୍ଣନ (୬୯ କେଜି) ଓ ମନୀଷ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

# ମନିକାଙ୍କ ଲଢୁଆ ପ୍ରଦର୍ଶନ

**ଟୋକିଓ, ୨୫।୭(ପି.ଟି.)**

ଚଳିତ ଅଲିମ୍ପିକ୍ସରେ ଭାରତର ମହିଳା ଟେବୁଲ ଟେନିସ ତାରକା ମନିକା ବାତ୍ରା ଲଢୁଆ ପ୍ରଦର୍ଶନ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ବିଶ୍ୱର ୩୨ ନମ୍ବର ଖେଳାଳି ମାର୍ଗାରେଟା ପେସୋସ୍କାଙ୍କୁ ପରାସ୍ତ କରିଛନ୍ତି। ତେବେ ଜି. ସାଥିଆଁ ନିଜ ଅଲିମ୍ପିକ୍ ଡେବ୍ୟୁରେ ଚାପ ପରିସ୍ଥିତିକୁ ମୁକାବିଲା କରି ନ ପାରି ପୁରୁଷ ସିଙ୍ଗଲ୍ସରୁ ବିଦାୟ ନେଇଛନ୍ତି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ୨୬ତମ ସିଡ୍ ସାଥିଆଁ ଦ୍ୱିତୀୟ ରାଉଣ୍ଡରେ ବିଶ୍ୱ ୯୪ ନମ୍ବର ଖେଳାଳି

**ଟେବୁଲ ଟେନିସ**

ହଂକଂର ସିଓ ହାଙ୍ଗ ଲାମଙ୍କୁ ହରାଇ ଦେବେ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ୩୮ ର୍‍ୟାଙ୍କପ୍ରାପ୍ତ ସାଥିଆଁ ଏକଦା ୩-୧ରେ ଆଗୁଆ ରହି ନିଜର ସ୍ଥିତିକୁ ଦୃଢ଼ କରିଥିଲେ। ମାତ୍ର ପରେ କ୍ରମାଗତ ୪ ମ୍ୟାଚ ହାରି ନିଜଠାରୁ ଲୋ ର୍‍ୟାଙ୍କପ୍ରାପ୍ତ ଖେଳାଳିଙ୍କଠାରୁ ହାର ମାନିଥିଲେ। ତେବେ ୯୪ ର୍‍ୟାଙ୍କପ୍ରାପ୍ତ ମନିକାଙ୍କ କ୍ଷେତ୍ରରେ ଏହାର ବିପରିତ ଫଳାଫଳ ଦେଖିବାକୁ ମିଳିଥିଲା। ପ୍ରଥମ ୨ ଗେମ୍‌ରେ ପରାଜିତ ହେବା ସତ୍ତ୍ୱେ ସେ ମନୋବଳ ନ ହରାଇ ତାଙ୍କଠାରୁ ବହୁ ଉଚ୍ଚ ର୍‍ୟାଙ୍କପ୍ରାପ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବାରେ ସକ୍ଷମ ହୋଇଥିଲେ। ୫୭ ମିନିଟ ଧରି ଚାଲିଥିବା ମ୍ୟାଚରେ ମନିକା ୪-୧୧, ୪-୧୧, ୧୧-୭, ୧୨-୧୦, ୮-୧୧, ୧୧-୫, ୧୧-୭ ପଏଣ୍ଟରେ ବିଜୟୀ ହୋଇଥିଲେ। ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିବାକୁ ହେଲେ ମନିକାଙ୍କୁ ସୋମବାର ତୃତୀୟ ରାଉଣ୍ଡରେ ଅଷ୍ଟ୍ରିଆର ସୋଫିଆ ପୋଲକାନୋଭାଙ୍କୁ ହରାଇବାକୁ ପଡ଼ିବ। ମନିକା ଯଦି ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିପାରନ୍ତି ତେବେ ନିଜର ଦ୍ୱିତୀୟ ଅଲିମ୍ପିକ୍ସକୁ ସେ ଅଧିକ ସ୍ମରଣୀୟ କରିପାରିବେ।

ପ୍ରଥମ ରାଉଣ୍ଡ ପରି ଦ୍ୱିତୀୟ ରାଉଣ୍ଡରେ ମଧ୍ୟ ମନିକା ନିଜ କର୍ନରରେ ଜାତୀୟ କୋଚ୍‌ଙ୍କ ସହାୟତା ନେଇ ନ ଥିଲେ। ତେବେ ତାଙ୍କ ବ୍ୟକ୍ତିଗତ କୋଚ୍ ସନ୍ମୟ ପାରାଞ୍ଜାପେଙ୍କୁ ଗ୍ୟାଲେରୀରେ ଦେଖିବାକୁ ମିଳିଥିଲା। ପୂରା ଗେମ୍‌ରେ ସେ ଯେପରି ଲଢ଼େଇ କରିଥିଲେ ସେଥିରୁ ତାଙ୍କ ଆତ୍ମବିଶ୍ୱାସ ସ୍ପଷ୍ଟ ବାରି ହୋଇ ପଡ଼ିଥିଲା। ତେଣୁ କୋର୍ଟ ସାଇଡ୍‌ରୁ ସମର୍ଥନ ଆବଶ୍ୟକ ପଡ଼ି ନ ଥିଲା।



ରବିବାର ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଖେଳୁଛନ୍ତି ଭାରତର ମନିକା ବାତ୍ରା।

## ଜିମ୍ନାଷ୍ଟ ପ୍ରଣତି ବିଫଳ

**ଟୋକିଓ, ୨୫।୭ (ପି.ଟି.):** ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତର ଏକମାତ୍ର ଜିମ୍ନାଷ୍ଟ ପ୍ରଣତି ନାୟକ ରବିବାର ଅନୁଷ୍ଠିତ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ଅଲ୍ ରାଉଣ୍ଡ ଫାଇନାଲ୍ସରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ୨୬ ବର୍ଷୀୟ ପଶ୍ଚିମବଙ୍ଗର ପ୍ରଣତି ୪ଟି ଯାକ କାଟେଗୋରି ଫ୍ଲୋର ଏକ୍ସରସାଇଜ୍, ଭଲ୍ଟ, ଅନ୍‌ଇଭେନ୍ ବାର୍ସ ଏବଂ ବାଲାନ୍ସ ବିମ୍‌ରେ ମୋଟ ୪୨.୫୬୫ ପଏଣ୍ଟ ସ୍କୋର କରିଥିଲେ। ସବ୍‌ଡିଭିଜନ ୨ ଶେଷ ବେଳକୁ ସେ ଓଭରଅଲ୍ ୨୯ତମ ର୍‍ୟାଙ୍କ୍‌ରେ ରହିଥିଲେ। ମୋଟ ୫ଟି ସବ୍‌ଡିଭିଜନ୍‌ରୁ ଶୀର୍ଷ ୨୪ ଜିମ୍ନାଷ୍ଟ ଅଲରାଉଣ୍ଡ ଫାଇନାଲପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ସ୍ୱର୍ଣ୍ଣ ଜିତିଲେ କୋଭିଡ୍ ସ୍ୱାସ୍ଥ୍ୟକର୍ମୀ

**ଟୋକିଓ, ୨୫।୭ (ପି.ଟି.):** ଇରାନର ଜଣେ କୋଭିଡ୍ ସ୍ୱାସ୍ଥ୍ୟକର୍ମୀ ଜାଭେଦ୍ ଫରୋଚି ଅଲିମ୍ପିକ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଚାମ୍ପିୟନ ହୋଇଛନ୍ତି। ଟୋକିଓ ଗେମ୍ସରେ ଅଂଶଗ୍ରହଣ କରିବା ଲାଗି ଆସିବା ପୂର୍ବରୁ ସେ ଏକ ହସ୍ପିଟାଲର କୋଭିଡ୍ ୱାର୍ଡରେ ଜଣେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟକରୁଥିଲେ। ୪୧ ବର୍ଷୀୟ ଫରୋଚି ଶନିବାର ୨୪୪.୮ ପଏଣ୍ଟ ସହ ଅଲିମ୍ପିକ ରେକର୍ଡ କରି ସ୍ୱର୍ଣ୍ଣ ଜିତିଛନ୍ତି। ଏହି ଇଭେଣ୍ଟର କ୍ୱାଲିଫିକେଶନରେ ଭାରତର ସୌରଭ ଚୌଧାରୀ ଶୀର୍ଷରେ ରହିବା ପରେ ୭ମ ସ୍ଥାନରେ ରହିଥିଲେ। ସେ କହିଛନ୍ତି ଅଲିମ୍ପିକ ଇତିହାସରେ ପିସ୍ତଲ ଓ ରାଇଫଲରେ ଚାମ୍ପିୟନ ହେବାରେ ଇରାନର ପ୍ରଥମ ଶୁଟର। ଏପରିକି ତାଙ୍କ ଦେଶରୁ ପୂର୍ବରୁ ଜଣେ କେହିହେଲେ ଏକ ବ୍ରୋଞ୍ଜ ଜିତିବାରେ ସକ୍ଷମ ହୋଇପାରି ନ ଥିଲେ।




ଗତବର୍ଷ ସେ କରୋନା ସଂକ୍ରମିତ ହୋଇଥିଲେ। ସୁସ୍ଥ ହେବାପରେ ସେ ପୁଣି ହସ୍ପିଟାଲ କାର୍ଯ୍ୟରେ ଯୋଗ ଦେଇଥିଲେ ଏବଂ ଅଲିମ୍ପିକ୍ସ ପାଇଁ ପୁଣି ଟ୍ରେନିଂ ଆରମ୍ଭ କରିଥିଲେ। ପରେ ସେ ଦ୍ୱିତୀୟ ଥର କରୋନା ସଂକ୍ରମିତ ହୋଇଥିଲେ। ଏଥିଯୋଗୁ ସେ ଏକମାସରୁ ଊର୍ଦ୍ଧ୍ୱ ସମୟ ଟ୍ରେନିଂ ଛାଡ଼ି ଦେଇଥିଲେ। ପରେ ସେ ପୁଣି ଅଲିମ୍ପିକ୍ସ ପାଇଁ ଟ୍ରେନିଂ ଆରମ୍ଭ କରିଦେଇଥିଲେ।

## ସାନିଆ-ଅଙ୍କିତା ଯୋଡ଼ି ପରାସ୍ତ

**ଟୋକିଓ, ୨୫।୭ (ପି.ଟି.):** ସାନିଆ ମିର୍ଜା ଓ ଅଙ୍କିତା ରାଇନା ଟୋକିଓ ଅଲିମ୍ପିକ୍ସ ମହିଳା ଡବଲ୍ସ ପ୍ରଥମ ରାଉଣ୍ଡରେ ହାରିଯାଇଛନ୍ତି। ୟୁକ୍ରେନର ଯମଜ ଭଗିନୀ ନାଡିଆ ଓ ଲୁଦମିଲା କିଚେନକଙ୍କ ବିପକ୍ଷ ମ୍ୟାଚରେ ଅଧିକାଂଶ ସମୟ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ ମଧ୍ୟ ୦-୬, ୭-୬ (୦), ୧୦-୮ରେ ପରାଜୟ ବରଣ କରିଥିଲେ।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୬ | ୧ | ୪ | ୧୧ |
| ଜାପାନ | ୫ | ୧ | ୦ | ୬ |
| ଆମେରିକା | ୪ | ୨ | ୪ | ୧୦ |
| ଦକ୍ଷିଣ କୋରିଆ | ୨ | ୦ | ୩ | ୫ |
| ଆରଓସି | ୧ | ୪ | ୨ | ୭ |
| ଇଟାଲୀ | ୧ | ୧ | ୩ | ୫ |
| ଅଷ୍ଟ୍ରେଲିଆ | ୧ | ୧ | ୧ | ୩ |
| ଫ୍ରାନ୍ସ | ୧ | ୧ | ୧ | ୩ |
| ହଙ୍ଗେରି | ୧ | ୧ | ୦ | ୨ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ଅଷ୍ଟ୍ରିଆ | ୧ | ୦ | ୦ | ୧ |
| ଇକ୍ୱେଡର | ୧ | ୦ | ୦ | ୧ |
| ଇରାନ | ୧ | ୦ | ୦ | ୧ |
| କୋସୋଭୋ | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| ଉଜ୍‌ବେକିସ୍ତାନ | ୧ | ୦ | ୦ | ୧ |
| କାନାଡ଼ା | ୦ | ୨ | ୦ | ୨ |
| ନେଦରଲାଣ୍ଡ୍ସ | ୦ | ୨ | ୦ | ୨ |
| ବ୍ରାଜିଲ | ୦ | ୧ | ୧ | ୨ |
| ଗ୍ରେଟ ବ୍ରିଟେନ | ୦ | ୧ | ୧ | ୨ |
| ଇଣ୍ଡୋନେସିଆ | ୦ | ୧ | ୧ | ୨ |
| ସର୍ବିଆ | ୦ | ୧ | ୧ | ୨ |
| ଚାଇନିଜ୍ ତାଇପେ | ୦ | ୧ | ୧ | ୨ |
| ବେଲଜିୟମ | ୦ | ୧ | ୦ | ୧ |
| ବୁଲଗେରିଆ | ୦ | ୧ | ୦ | ୧ |
| କଲମ୍ବିଆ | ୦ | ୧ | ୦ | ୧ |
| ସ୍ପେନ | ୦ | ୧ | ୦ | ୧ |
| ଜର୍ଜିଆ | ୦ | ୧ | ୦ | ୧ |
| **ଭାରତ** | **୦** | **୧** | **୦** | **୧** |
| ରୋମାନିଆ | ୦ | ୧ | ୦ | ୧ |
| ଜର୍ମାନୀ | ୦ | ୦ | ୨ | ୨ |
| କାଜାଖସ୍ତାନ | ୦ | ୦ | ୨ | ୨ |
| ତୁର୍କୀ | ୦ | ୦ | ୨ | ୨ |
| ୟୁକ୍ରେନ | ୦ | ୦ | ୨ | ୨ |
| ଇସ୍ତୋନିଆ | ୦ | ୦ | ୧ | ୧ |
| ଇସ୍ରାଏଲ | ୦ | ୦ | ୧ | ୧ |
| ମେକ୍ସିକୋ | ୦ | ୦ | ୧ | ୧ |
| ମଙ୍ଗୋଲିଆ | ୦ | ୦ | ୧ | ୧ |
| ସ୍ଲୋଭେନିଆ | ୦ | ୦ | ୧ | ୧ |
| ସୁଇଜରଲାଣ୍ଡ | ୦ | ୦ | ୧ | ୧ |

## ସୋମବାର ଭାରତର କାର୍ଯ୍ୟସୂଚୀ
### (ଭାରତୀୟ ସମୟ ଅନୁସାରେ)

ସୋମବାର ଟୋକିଓ ଅଲିମ୍ପିକ୍ସ ଚତୁର୍ଥ ଦିନରେ ପହଞ୍ଚିବ। ଏକାଧିକ କ୍ରୀଡ଼ା ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

**ଆର୍ଚେରୀ:**
ପୁରୁଷ ଟିମ୍ ୧/୮ ଏଲିମିନେଶନ- ଭାରତ (ପ୍ରବୀଣ ଯାଦବ, ଅତନୁ ଦାସ ଓ ତରୁନଦୀପ ରାୟ) ବନାମ କାଜଖସ୍ତାନ । ସମୟ- ସକାଳ ୬.୩୦।

**ବ୍ୟାଡମିଣ୍ଟନ:**
ପୁରୁଷ ଡବଲ୍ସ ଗ୍ରୁପ୍ ଏ' ମ୍ୟାଚ୍‌ରେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ/ ଚିରାଗ ସେଟ୍ଟୀ ବନାମ ମାର୍କସ ଜିଡେଓନ ଫେର୍ନାଲ୍ଡି/ କେଭିନ ସଞ୍ଜୟ ସୁକାମୁଲଜୋ (ଇଣ୍ଡୋନେସିଆ)। ସମୟ- ସକାଳ ୯.୧୦।

**ବକ୍ସିଂ:**
ପୁରୁଷ ୭୫ କେ.ଜି. ରାଉଣ୍ଡ ଅଫ୍ ୩୨ରେ ଆଶିଷ କୁମାର ବନାମ ଏରବିଏକେ ତୁଓହେଟା। ସମୟ- ଅପରାହ୍ନ ୩.୦୬।

**ଫେନ୍ସିଂ:**
ମହିଳା ସାବ୍ରେ ବ୍ୟକ୍ତିଗତ ଟେବୁଲ ଅଫ୍ ୬୪ ମ୍ୟାଚରେ ସି. ଭାବାନୀ ଦେବୀ ବନାମ ନାଡିଆ ବେନ ଅଜିଜି (ଟ୍ୟୁନିସିଆ), ସମୟ- ସକାଳ ୫.୩୦।

**ହକି:**
ମହିଳା ପୁଲ ଏ ମ୍ୟାଚ୍‌ରେ ଭାରତ ବନାମ ଜର୍ମାନୀ। ସମୟ- ସନ୍ଧ୍ୟା ୫.୪୫।

**ସେଲିଂ:**
- ପୁରୁଷ ଲେଜର ରେସରେ ବିଷ୍ଣୁ ସରଭାନନ। ସମୟ- ସକାଳ ୮.୩୫।
- ମହିଳା ଲେଜର ରେଡିଆଲ ରେସ୍‌ରେ ନେଥ୍ରା କୁମାନନ। ସମୟ-ପୂର୍ବାହ୍ନ ୧୧.୦୫।

**ଶୁଟିଂ:**
ପୁରୁଷ ସ୍କିଟ୍ ଦ୍ୱିତୀୟ ଦିନରେ ମାଇରାଜ ଅହମ୍ମଦ ଓ ଅଙ୍ଗଦ ବୀର ସିଂ ବାଜୱା। ସମୟ- ସକାଳ ୬.୩୦।
ପୁରୁଷ ସ୍କିଟ୍ ଫାଇନାଲ: ଅପରାହ୍ନ ୧୨.୨୦।

**ସୁଇମିଂ:**
ପୁରୁଷ ୨୦୦ ମିଟର ବଟରଫ୍ଲାଏ ହିଟ୍ସରେ ସାଜନ ପ୍ରକାଶ। ସମୟ- ଅପରାହ୍ନ ୩.୪୫।

**ଟେବୁଲ ଟେନିସ:**
- ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଅଚନ୍ତା ଶରଥ କମଲ ବନାମ ଟିଆଗୋ ଅପୋଲୋନିଆ (ପର୍ତ୍ତୁଗାଲ)। ସମୟ- ସକାଳ ୬.୩୦।
- ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ମନିକା ବାତ୍ରା ବନାମ ସେଫିଆ ପୋଲକାନୋଭା (ଅଷ୍ଟ୍ରିଆ)। ସମୟ- ଅପରାହ୍ନ ୧୨.୦୦।

**ଟେନିସ:**
ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ସୁମୀତ ନାଗାଲ ବନାମ ଡାନିଲ ମେଡଭେଡେଭ (ଆରଓସି)। ସମୟ- ସକାଳ ୭.୩୦।

# ସିନ୍ଧୁଙ୍କ ବିଜୟ ଅଭିଯାନ

**ଟୋକିଓ,୨୫।୭(ପି.ଟି)**

ଟୋକିଓ ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଭାରତୀୟ ମହିଳା ତାରକା ଖେଳାଳି ତଥା ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଗତ ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ସିନ୍ଧୁ ପ୍ରଥମ ରାଉଣ୍ଡରେ ଇସ୍ରାଏଲର କେସିନା ପୋଲିକରପୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଟୁର୍ନାମେଣ୍ଟରେ ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ସିନ୍ଧୁ ୨୧-୭, ୨୧-୧୦ରେ ବିଶ୍ୱର ୫୮ ନମ୍ବର ଖେଳାଳି ପୋଲିକରପୋଭାଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଅଗ୍ରଗତି କରିଛନ୍ତି।

ଏହି ମ୍ୟାଚ୍‌କୁ ଆଦୌ ହାଲୁକା ଭାବେ ନେଇ ନ ଥିଲି। ମ୍ୟାଚ୍‌ର ପ୍ରତ୍ୟେକ ମୁହୂର୍ତ୍ତ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ସିନ୍ଧୁ ମ୍ୟାଚ୍ ପରେ କହିଛନ୍ତି। ତେବେ ବିଜୟୀ ହେବା ପାଇଁ ସିନ୍ଧୁଙ୍କୁ ସେତେଟା କଷ୍ଟ କରିବାକୁ ପଡି ନ ଥିଲା। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୭ ନମ୍ବର ସ୍ଥାନରେ ରହିଥିବା ସିନ୍ଧୁ ଏବେ ଦ୍ୱିତୀୟ ରାଉଣ୍ଡରେ ୩୪ ନମ୍ବର ଖେଳାଳି ହଂକଂର ଚେଅଙ୍ଗ ଏନ୍‌ଗାନଙ୍କୁ ଗ୍ରୁପ୍ ପର୍ଯ୍ୟାୟରେ ଭେଟିବେ। ଆରମ୍ଭରୁ ସିନ୍ଧୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ଓ ପ୍ରତିପକ୍ଷ ଖେଳାଳିଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ।

ଶନିବାର ଭାରତୀୟ ଡବଲ୍ସ ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ବିଶ୍ୱର ୨ ନମ୍ବର ଯୋଡି ଚାଇନିଜ ତାଇପେର ୟାଙ୍ଗ ଲି ଓ ଚି- ଲିନ୍ ୱାଙ୍ଗଙ୍କୁ ଗ୍ରୁପ୍ ଏ' ମ୍ୟାଚ୍‌ରେ ହରାଇ ବିପର୍ଯ୍ୟୟ ଘଟାଇବା ସହ ଅଗ୍ରଗତି କରିଛନ୍ତି। ତେବେ ବି. ସାଇ ପ୍ରଣୀଥ ବିଶ୍ୱର ୪୭ ନମ୍ବର ଖେଳାଳି ଇସ୍ରାଏଲର ମିଶା ଜିଲବେରମ୍ୟାନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।



ଟୋକିଓଠାରେ ରବିବାର ମହିଳା ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ମ୍ୟାଚ ଅବସରରେ ଭାରତର ପି.ଭି. ସିନ୍ଧୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ୨୬ ଜୁଲାଇ, ୨୦୨୧ Bhubaneswar, Monday, July 26/2021

# ଭାରତ ୩୮ ରନରେ ବିଜୟୀ


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭୁବନେଶ୍ୱର କୁମାର।

**କଲମ୍ବୋ,୨୫।୭**

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ୩୮ ରନରେ ବିଜୟୀ ହୋଇଛି। ସ୍ଥାନୀୟ ଆର. ପ୍ରେମଦାସା ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂକରି ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ସୂର୍ଯ୍ୟକୁମାର ଯାଦବଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ୧୬୪ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୧୮.୩ ଓଭରରେ ୧୨୬ ରନକରି ଅଲ୍‌ଆଉଟ ହୋଇଥିଲା। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି।

## ପ୍ରଥମ ଟି୨୦

୧୬୫ ରନ ଟାର୍ଗେଟର ପିଛା କରି ଶ୍ରୀଲଙ୍କା ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ଚରିଥ ଅସଲଙ୍କା ସର୍ବାଧିକ ୪୪ (୨୬ ବଲ, ୩ ଚୌକା, ୩ ଛକା), ଓପନର ଅଭିଷ୍କା ଫର୍ନାଣ୍ଡୋ ୨୬, ଅଧିନାୟକ ଦସୁନ ଶନକା ୧୬, ମିନୋଦା ଭାନୁକା ୧୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ସର୍ବାଧିକ ୪, ଦୀପକ ଚହର ୨, କ୍ରୁନାଲ ପାଣ୍ଡ୍ୟା, ହାର୍ଦ୍ଦିକ ପାଣ୍ଡ୍ୟା, ବରୁଣ ଚକ୍ରବର୍ତ୍ତୀ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଆରମ୍ଭରୁ ଝଟକା ଖାଇଥିଲା। ଟି୨୦ ଡେବ୍ୟୁ କରିଥିବା ଓପନର ପୃଥ୍ୱୀ ଶ' ପ୍ରଥମ ବଲ୍‌ରେ ହିଁ ଆଉଟ ହୋଇଥିଲେ। ସେ ଦୁଷ୍ମନ୍ତ ଚାମିରାଙ୍କ ବଲ୍‌ରେ ଉଇକେଟକିପର ମିନୋଦ ଭାନୁକାଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଅଧିନାୟକ ଶିଖର ଧାୱନ ଓ ସଞ୍ଜୁ ସାମ୍‌ସନ ୩୬ ବଲରୁ ୫୧ ରନକରି ସ୍ଥିତି ସମ୍ଭାଳିଥିଲେ। ସାମ୍‌ସନ କିନ୍ତୁ ୨୦ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୧ ଛକା ସହ ୨୭ ରନକରି ୱାନିଣ୍ଡୁ ହସରଙ୍ଗାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ତୃତୀୟ ଉଇକେଟରେ ଧାୱନ ଓ ସୂର୍ଯ୍ୟକୁମାର ଯାଦବ ୪୮ ବଲରୁ ୬୨ ରନ ସଂଗ୍ରହ କରିଥିଲେ। ଧାୱନ ୪୬ ରନ (୩୬ ବଲ, ୪ ଚୌକା, ୧ ଛକା) କରି ଚାମିକା କରୁଣାରତ୍ନେଙ୍କ ବଲ୍‌ରେ ଡିପ୍ ବ୍ୟାକ୍‌ୱାର୍ଡ ସ୍କୋୟାର ଲେଗ୍‌ରେ ଆଶେନ ବନ୍ଦାରାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ୩୪ ବଲରୁ ୫ ଚୌକା ଓ ୨ ଛକା ସହ ୫୦ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ସୂର୍ଯ୍ୟକୁମାର ହସରଙ୍ଗାଙ୍କ ଦ୍ୱାରା ଆଉଟ ହୋଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ପୁଣି ଥରେ ଫେଲ୍ ମାରିଥିଲେ। ସେ ମାତ୍ର ୧୦ ରନକରି ଆଉଟ ହୋଇଥିଲେ। ଇଶାନ କିଷନ ୨୦ (୧୪ ବଲ, ୧ ଚୌକା, ୧ ଛକା) ଓ କ୍ରୁନାଲ ପାଣ୍ଡ୍ୟା ୩ ରନକରି ଅପରାଜିତ ରହିଥିଲେ। ଶ୍ରୀଲଙ୍କା ତରଫରୁ ବୋଲିଂରେ ଚାମିରା ଓ ହସରଙ୍ଗା ଦୁଇଟି ଲେଖାଏ, କରୁଣାରତ୍ନେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ଅର୍ଦ୍ଧଶତକ ହାସଲ ଅବସରରେ ସୂର୍ଯ୍ୟକୁମାର ଯାଦବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୬୪/୫ (ସୂର୍ଯ୍ୟକୁମାର-୫୦, ଧାୱନ-୪୬, ସାମ୍‌ସନ-୨୭, ଇଶାନ-୨୦*; ଚାମିରା- ୨/୨୪, ହସରଙ୍ଗା- ୨/୨୮, କରୁଣାରତ୍ନେ-୧/୩୪)। ଶ୍ରୀଲଙ୍କା ୧୮.୩ ଓଭରରେ ୧୨୬ ଅଲଆଉଟ (ଅସଲଙ୍କା- ୪୪, ଫର୍ନାଣ୍ଡୋ- ୨୬, ଶନକା- ୧୬, ଭୁବନେଶ୍ୱର- ୪/ ୨୨, ଦୀପକ ଚହର- ୨/ ୨୪, କ୍ରୁନାଲ- ୧/୧୬, ବରୁଣ- ୧/ ୨୮, ଚହଲ- ୧/୧୯, ହାର୍ଦ୍ଦିକ- ୧/୧୭)।

# ପ୍ରିୟା ମଲିକ ଜିତିଲେ ସ୍ୱର୍ଣ୍ଣ ପଦକ

**ବୁଦାପେଷ୍ଟ, ୨୫।୭**

ଭାରତର ପ୍ରିୟା ମଲିକ ଏଠାରେ ଚାଲିଥିବା ୱାର୍ଲ୍ଡ କ୍ୟାଡେଟ୍ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ରବିବାର ୭୩ କେଜି ଶ୍ରେଣୀ ଫାଇନାଲରେ ସେ ବେଲାରୁଷର କେସେନିୟା ପାତାପୋଭିଚ୍‌ଙ୍କୁ ୫-୦ରେ ହରାଇ ଦେଇଛନ୍ତି। ଏହି

## ୱାର୍ଲ୍ଡ କ୍ୟାଡେଟ୍ ରେସ୍‌ଲିଂ ଚାମ୍ପିୟନଶିପ୍

ଇଭେଣ୍ଟରେ ଭାରତୀୟ ବାଳକମାନେ ଚାମ୍ପିୟନ ହୋଇଛନ୍ତି। ସୂଚନାଯୋଗ୍ୟ, ଟୋକିଓ ଅଲିମ୍ପିକ୍ସ ମହିଳା ୪୯କେଜି ଶ୍ରେଣୀରେ ମୀରାବାଈ ଚାନୁ ରୌପ୍ୟ ପଦକ ଜିତିବାର ପରଦିନ ପ୍ରିୟା ସ୍ୱର୍ଣ୍ଣ ଜିତିବା ଖବର ଆସିଥିଲା। ସୋସିଆଲ ମିଡିଆରେ ଏହି ଖବର ଆସିବା ପରେ ଅନେକ ଭାବିଥିଲେ ଏହି ରେସ୍‌ଲର ଜଣକ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଛନ୍ତି। ଫଳରେ ପ୍ରିୟାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଥିଲା। ଜଣେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବଲିଉଡ ଅଭିନେତା, ରାଜନୈତିକ ନେତା ସୋସିଆଲ ମିଡିଆରେ ଶୁଭେଚ୍ଛାବାର୍ତ୍ତାମାନ ଛାଡ଼ିଥିଲେ।


ସ୍ୱର୍ଣ୍ଣପଦକ ବିଜୟୀ ପ୍ରିୟା ମଲିକଙ୍କୁ କୋଚ୍ ଖୁସିରେ ଟେକି ଧରିଛନ୍ତି।

# ସେପ୍ଟେମ୍ବର ୧୯ରେ ମୁମ୍ବାଇ-ଚେନ୍ନାଇ

**ନୂଆଦିଲ୍ଲୀ,୨୫।୭ (ପି.ଟି.)**

କୋଭିଡ୍ ଯୋଗୁ ଅଧାରୁ ସ୍ଥଗିତ ରହିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୁଣି ଆରମ୍ଭ ହେବାକୁ ଯାଉଛି। ବ୍ୟୟବହୁଳ ଟି୨୦ ଟୁର୍ନାମେଣ୍ଟର ଅବଶିଷ୍ଟାଂଶ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ହେବ। କାର୍ଯ୍ୟସୂଚୀ ଅନୁସାରେ ପ୍ରଥମ ମ୍ୟାଚ ସେପ୍ଟେମ୍ବର ୧୯ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମଧ୍ୟରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ରବିବାର ଏବିଷୟ ଘୋଷଣା କରାଯାଇଛି। ବାୟୋ-ବବଲରେ ଏକାଧିକ କୋଭିଡ ସଂକ୍ରମିତ ଦେଖାଦେବାରୁ ଟୁର୍ନାମେଣ୍ଟକୁ ମେ' ମାସରେ ଅଧାରୁ ସସ୍‌ପେଣ୍ଡ କରାଯାଇଥିଲା। ୟୁଏଇରେ ୨୭ ଦିନ ମଧ୍ୟରେ ତନ୍ମଧ୍ୟରେ ୭ ଡବଲ ହେଡର (୫ଟି ଭାରତରେ ଖେଳାଯାଇ ସାରିଛି) ରହିଛି। ମୋଟ ୩୧ଟି ମ୍ୟାଚ ଖେଳାଯିବ। ଚେନ୍ନାଇ ସୁପର କିଙ୍ଗ୍ସ ବନାମ ମୁମ୍ବାଇ

## ଇଣ୍ଡିଆନ ପ୍ରିମିୟର ଲିଗ୍

ଇଣ୍ଡିଆନ୍ସ ମ୍ୟାଚ ପରେ ଖେଳ ଆବୁଧାବିକୁ ସ୍ଥାନାନ୍ତର ହେବ। ସେଠାରେ କୋଲକାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ମ୍ୟାଚ ଖେଳାଯିବ। ଶାରଜାରେ ପ୍ରଥମ ମ୍ୟାଚ ସେପ୍ଟେମ୍ବର ୨୪ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ସିଏସ୍‌କେ ମଧ୍ୟରେ ହେବ। କାର୍ଯ୍ୟସୂଚୀ ଅନୁସାରେ ୧୩ ମ୍ୟାଚ ଦୁବାଇ, ୧୦ ଶାରଜାରେ ଏବଂ ଆବୁଧାବିରେ ୮ ମ୍ୟାଚ ଖେଳାଯିବ। ଖେଳାଯିବାକୁଥିବା ୭ ଡବଲ ହେଡର ମ୍ୟାଚ ମଧ୍ୟରୁ ପ୍ରଥମଟି ଭାରତୀୟ ସମୟ ଅପରାହ୍ନ ୩ଟା ୩୦ମିନିଟରୁ ଖେଳାଯିବ। ସନ୍ଧ୍ୟାରେ ଖେଳାଯିବାକୁଥିବା ମ୍ୟାଚଗୁଡ଼ିକ ୭ଟା ୩୦ରୁ ଆରମ୍ଭ ହେବ। ଫାଇନାଲ ଲିଗ୍ ମ୍ୟାଚ ଅକ୍ଟୋବର ୮ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ହେବ। ପ୍ରଥମ କ୍ୱାଲିଫାୟର ଦୁବାଇରେ ଅକ୍ଟୋବର ୧୦ରେ, ଏଲିମିନେଟର ଓ କ୍ୱାଲିଫାୟର ୨ ଶାରଜାରେ ଯଥାକ୍ରମେ ଅକ୍ଟୋବର ୧୧ ଓ ୧୩ରେ ଖେଳାଯିବ। ଦୁବାଇରେ ଫାଇନାଲ ମ୍ୟାଚ ଅକ୍ଟୋବର ୧୫ରେ ହେବ।

# ବିନା ଟେଷ୍ଟ ରିପୋର୍ଟରେ ଅଲିମ୍ପିକ୍ସ ଦଳ ଦେଶକୁ ଫେରିବ

**ଟୋକିଓ,୨୫।୭ (ପି.ଟି.)**

ଟୋକିଓ ଅଲିମ୍ପିକ୍ସ ଶେଷ ହେବା ପରେ ଦଳର ପ୍ରତ୍ୟାବର୍ତ୍ତନ ନେଇ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛି। ଆରଟି-ପିସିଆର ଟେଷ୍ଟ ରିପୋର୍ଟ ବିନା ଭାରତୀୟ ଅଲିମ୍ପିକ ଦଳ ଦେଶକୁ ପ୍ରତ୍ୟାବର୍ତ୍ତନ କରିବା ସଂକ୍ରାନ୍ତରେ ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରା କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ସରକାର ମଧ୍ୟ ଆଇଓଏର ଏହି ଅନୁରୋଧକୁ ରକ୍ଷା କରିଛନ୍ତି। ଫଳରେ ଅଲିମ୍ପିକ୍ସ ଶେଷ ହେବା ପରେ ବିନା କୌଣସି ଟେଷ୍ଟରେ ଭାରତୀୟ ଆଥଲେଟ, ସପୋର୍ଟ ଷ୍ଟାଫ୍, ଗଣମାଧ୍ୟମ କର୍ମଚାରୀ ଓ ଅନ୍ୟ ଅଧିକାରୀମାନେ ଦେଶକୁ ଏଣ୍ଟ୍ରି କରିପାରିବେ। ତେବେ ଭାରତ ଆସିବା ପୂର୍ବରୁ ଯେଉଁମାନଙ୍କର ଲାଳ ଆଧାରିତ ପରୀକ୍ଷଣ ନେଗେଟିଭ ଥିବ ସେମାନଙ୍କୁ ବିମାନରେ ଆସିବାକୁ ସୁଯୋଗ ପାଇବେ। ତେବେ ବାକି ଅନ୍ୟମାନେ ଏଠାରେ ପହଞ୍ଚିବାପରେ ପୁନଃ ପରୀକ୍ଷାର ସମ୍ମୁଖୀନ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଲକ୍ଷଣ ନ ଥିବା ବ୍ୟକ୍ତିମାନଙ୍କୁ ଫ୍ଲାଇଟ୍‌ରେ ଫେରିବାର ଅନୁମତି ପାଇବେ।

ଅଲିମ୍ପିକ୍ସ କ୍ରୀଡ଼ାଗ୍ରାମରେ ଭାରତୀୟ ଖେଳାଳିମାନେ କଠିନ ପରୀକ୍ଷଣ ବ୍ୟବସ୍ଥାରେ ରହୁଥିବାରୁ ପୁଣି ଥରେ ଆରଟି-ପିସିଆର ଟେଷ୍ଟ ନେଗେଟିଭ ରିପୋର୍ଟର ଆବଶ୍ୟକତା ନାହିଁ। ଅଲିମ୍ପିକ୍ ଖେଳାଳିଙ୍କର ସମ୍ପୂର୍ଣ୍ଣ ରୂପେ ଟିକାକରଣ ହୋଇଛି। ପୁଣି ଟୋକିଓରେ ଏମାନଙ୍କର ନିୟମିତ ଭାବେ ପରୀକ୍ଷା ମଧ୍ୟ ହେଉଛି ବୋଲି ବାତ୍ରା କହିଥିଲେ।। ଏ ନେଇ ସେ କେନ୍ଦ୍ର କ୍ରୀଡ଼ା ସଚିବ ରବି ମିତ୍ତଲଙ୍କୁ ଚିଠି ଲେଖି ଅବଗତ କରାଇଥିଲେ।

ଜାପାନରୁ ଆସିଥିବା ଲୋକ ଭାରତରେ

## ଆଇଓଏର ଅନୁରୋଧ ରକ୍ଷା କଲେ ସରକାର

ପ୍ରବେଶ କରିବା ପୂର୍ବରୁ ଆରଟି -ପିସିଆର ଟେଷ୍ଟ ନେଗେଟିଭ ରିପୋର୍ଟ ଦେବେ ବୋଲି ଭାରତ ସରକାରଙ୍କ ତରଫରୁ ନିୟମ ଜାରି କରାଯାଇଥିଲା। ତେଣୁ ଅଲିମ୍ପିକ୍ସ ପରେ ଖେଳାଳି, ସପୋର୍ଟ ଷ୍ଟାଫ୍ ଓ ନ୍ୟାଶନାଲ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍) ଅଫିସିଆଲଙ୍କୁ ଏହି ନିୟମରୁ ଛାଡ ଦେବାକୁ ସେ ସରକାରଙ୍କୁ ଅନୁରୋଧ କରିଥିଲେ। ଟୋକିଓ ଅଲିମ୍ପିକ୍ସ ପ୍ରୋଟୋକଲ ଅନୁଯାୟୀ ଆଥ୍‌ଲେଟମାନେ ପ୍ରତିଦିନ ଟେଷ୍ଟର ସମ୍ମୁଖୀନ ହେବେ। ନିଜ ଇଭେଣ୍ଟ ଶେଷ ହେବାର ୪୮ ଘଣ୍ଟା ମଧ୍ୟରେ ଆଥ୍‌ଲେଟମାନଙ୍କୁ ଟୋକିଓ ଛାଡିବାକୁ ହେବ ବୋଲି କୁହାଯାଇଛି।

# ଓସିଏ ପକ୍ଷରୁ ବିଭିନ୍ନ ବର୍ଗ ପାଇଁ କୋଚ୍ ନିଯୁକ୍ତ

**ଭୁବନେଶ୍ୱର, ୨୫।୭ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସିନିୟର ଏବଂ ବିଭିନ୍ନ ବୟସ ବର୍ଗର କ୍ରିକେଟ ପାଇଁ କୋଚ୍ ନିଯୁକ୍ତ କରାଯାଇଛି। ୱାସିମ ଜାଫର ମୁଖ୍ୟ କୋଚ୍ ହୋଇଥିବାବେଳେ ରଣଜୀ ଟ୍ରଫି ପାଇଁ ସଞ୍ଜୟ ଶତପଥୀ ବୋଲିଂ ଏବଂ ଗୌତମ ଗୋପାଳ ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ସେହିପରି ୨୩ ବର୍ଷରୁ କମ୍ ପାଇଁ ନଟରାଜ ବେହେରା ବ୍ୟାଟିଂ ଏବଂ ରାକେଶ ମହାନ୍ତି ବୋଲିଂ କୋଚ୍ ହୋଇଛନ୍ତି। ୧୪, ୧୬ ଓ ୧୯ ବର୍ଷରୁ କମ୍ ଦଳର ମୁଖ୍ୟ କୋଚ୍ ହୋଇଛନ୍ତି ରଶ୍ମିରଞ୍ଜନ ପରିଡ଼ା। ୧୯ ବର୍ଷରୁ କମ୍ ପାଇଁ ରଶ୍ମିରଞ୍ଜନ ଦାସ ବ୍ୟାଟିଂ ଏବଂ ଶୋଭନ ଦେବ ବୋଲିଂ କୋଚ୍ ଏବଂ ୧୬ ବର୍ଷରୁ କମ୍ ପାଇଁ କେ.ଭି. ପ୍ରସାଦ ବ୍ୟାଟିଂ ଏବଂ ଦୀପକ ବେହେରା ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ସୁରେଶ କୁମାର ସିନିୟର ମହିଳା ଦଳର କୋଚ୍ ଏବଂ ବିକାଶ ପତି ବ୍ୟାଟିଂ କୋଚ୍, ୨୩ ବର୍ଷରୁ କମ୍ ମହିଳା ଦଳର କୋଚ୍ ଇତିଶ୍ରୀ ପଟ୍ଟନାୟକ, ୧୯ ବର୍ଷରୁ କମ୍ ଦଳର କୋଚ୍ କାଦମ୍ବିନୀ ମହାକୁଡ଼ ଓ ସହକାରୀ କୋଚ୍ ଗଙ୍ଗୋତ୍ରି ବେହେରା ନିଯୁକ୍ତ ହୋଇଛନ୍ତି।

# ମୀରବାଈଙ୍କୁ ଆଜୀବନ ମାଗଣାରେ ପିଜା

**ନୂଆଦିଲ୍ଲୀ,୨୫।୭(ପି.ଟି.)**

ଅଲିମ୍ପିକ ରୌପ୍ୟ ବିଜୟିନୀ ସାଇଖୋମ୍ ମୀରାବାଈ ଚାନୁ ଆଜୀବନ ମାଗଣାରେ ପିଜା ପାଇପାରିବେ। ଜଣାଶୁଣା ପିଜା କମ୍ପାନୀ 'ଡୋମିନୋସ୍ ପିଜା' ପକ୍ଷରୁ ଏହା ଘୋଷଣା କରାଯାଇଛି। ରୌପ୍ୟ ପଦକ ହାସଲ କରିବା ପରେ ବର୍ତ୍ତମାନ ସେ କ'ଣ ଖାଇବାକୁ ପସନ୍ଦ କରିବେ ବୋଲି ଯେତେବେଳେ ପଚରାଗଲା ଚାନୁ ପିଜା ଖାଇବାକୁ ପସନ୍ଦ କରିବେ ବୋଲି କହିଥିଲେ। ସେ ଅନେକ ଦିନ ହେଲା ପିଜା ଖାଇ ଆସୁଛନ୍ତି। ବିଶେଷ କରି ଏଭଳି ଏକ ସ୍ମରଣୀୟ ମୁହୂର୍ତ୍ତରେ ସେ ଅଧିକ ପିଜା ଖାଇବାକୁ ଚାହାନ୍ତି। ପଦକ ବିଜୟ ଉତ୍ସବ ପାଳନ ପାଇଁ କମ୍ପାନୀ ତରଫରୁ ଶନିବାର ଚାନୁଙ୍କ ପରିବାରକୁ ପିଜା ଯୋଗାଇ ଦିଆଯାଇଥିଲା।



# ଭାରତର ଲଜ୍ଜାଜନକ ପରାଜୟ

**ଟୋକିଓ,୨୫।୭(ପି.ଟି.)**

ଅଲିମ୍ପିକ୍ସ ହକିରେ ଭାରତୀୟ ପୁରୁଷ ଦଳ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ହରାଇବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ମାଟି କାମୁଡିଛି। ରବିବାର ଅନୁଷ୍ଠିତ ପୁଲ୍ ଏ' ମ୍ୟାଚ୍‌ରେ ଭାରତ ୧-୭ ଗୋଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଛି। ପୂରା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପ୍ରଭାବ ବିସ୍ତାର କରି ଖେଳିଥିଲା।

ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ଡାନିଏଲ ବିଲେ ଦଶମ ମିନିଟ୍‌ରେ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ଆଣ୍ଡ୍ରୁ ଫ୍ଲିନ୍ ଓଗିଲଭିଏ ୨୩ତମ, ଜେରେମି ହେୱାର୍ଡ ୨୧ତମ, ଜୋସୁଆ ବେଲ୍‌ଜ ୨୬ତମ, ବ୍ଲାକ ଗୋଭର୍ସ ୪୦ ଓ ୪୨ତମ ଓ ଟିମ୍ ବ୍ରାଣ୍ଡ ୫୧ତମ ମିନିଟ୍‌ରେ ଗୋଲ ଦେଇ ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୫-୩ ଗୋଲରେ ଆୟୋଜକ ଜାପାନକୁ ହରାଇ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା।

ଭାରତ ତରଫରୁ ଏକମାତ୍ର ଗୋଲ ସ୍କୋର କରିଥିଲେ ଦିଲପ୍ରୀତ ସିଂ। ସେ ୩୪ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଶନିବାର ଭାରତ ୩-୨ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇଥିଲା। ମଙ୍ଗଳବାର ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ସ୍ପେନକୁ ଭେଟିବ। ଏହି ବୃହତ୍ ପରାଜୟ ଭାରତର ଦୁର୍ବଳତାକୁ ପଦାରେ ପକାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ଅପହରଣ ମାମଲାରେ ଜଣେ ଗିରଫ**

**ପୁରୀ ଅଫିସ:** ଜଣେ ନାବାଳିକାକୁ ଅପହରଣ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଏହି ଥାନା ଅଧୀନ ଗୋରାକବର ଲେନ୍‌ର ପିଣ୍ଟୁ ନାୟକ। ଏ ନେଇ ପୋଲିସ ମାମଲା (ନଂ.୧୫୧/୨୧)ମାମଲା ରୁଜୁ କରିଛି। ବ୍ଲକ ଛକ ନିକଟର ଜଣେ ନାବାଳିକାଙ୍କୁ କେହି ଅପହରଣ କରି ନେଇଥିବା ନେଇ ଗତ ୨୨ ତାରିଖରେ ତାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। କିଛିଦିନ ପରେ ଅଭିଯୁକ୍ତ ପିଣ୍ଟୁ ଝିଅକୁ ଅପହରଣ କରି ନେଇଥିବା ମହିଳା ଜାଣିବାକୁ ପାଇଲେ। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୫।୦୭।୨୦୨୧

୫୬୯୦ ଟଙ୍କା।

**ସଂକ୍ଷେପରେ**

## କୃଷି ସମସ୍ୟା ନେଇ ଚାଷୀ ମେଳି

**ସାକ୍ଷୀଗୋପାଳ,୨୫।୭(ଡି.ଏନ୍.ଏ.):** କୃଷି ଓ କୃଷକଙ୍କ ସମସ୍ୟା ଦୂର ନିମନ୍ତେ ରବିବାର ସତ୍ୟବାଦୀ ନଡ଼ିଆଫାର୍ମ ନିକଟ ଚଣ୍ଡୀ ମନ୍ଦିର ପରିସରରେ ଚାଷୀମେଳି ହୋଇଥିଲା। ନୀଳାଚଳ କୃଷକ ମହାସଂଘର ଆହ୍ୱାନକ୍ରମେ ପୁରୀ ଜିଲା ବିଭିନ୍ନ ବ୍ଲକର ଚାଷୀ ପ୍ରତିନିଧିମାନେ ଯୋଗଦେଇଥିଲେ। ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଗାମୀ ୨୮ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ନୀଳାଚଳ କୃଷକ ମହାସଂଘର ସତ୍ୟବାଦୀ ବ୍ଲକ ସଭାପତି ଫଗୁଚରଣ ପରିଡା ସଭାପତିତ୍ୱ କରିଥିଲେ। ମହାସଂଘର ସଭାପତି ଗୋପୀନାଥ ମିଶ୍ର, ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ମହାପାତ୍ର, ବୁଧନାଥ ମଲିକ, ରାମଚନ୍ଦ୍ର ସ୍ୱାଇଁ, ବାସନ୍ତୀ ବିଶ୍ୱାଳ, ସବିତା ବରାଳ, ରାଜ କିଶୋର ସାହୁ, ସୁଶୀଲ ସାହୁ, ନଗେନ ବରାଳ, ପ୍ରତାପ ରାଉତରାୟ ଓ ହୃଷୀକେଶ ମହାପାତ୍ରଙ୍କ ସମେତ ଶତାଧିକ କୃଷକ ନେତା ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ୍ ପକ୍ଷରୁ ଚାରାରୋପଣ

**ବାଲୁଗାଁ,୨୫।୭(ଡି.ଏନ୍.ଏ.):** ବାଲୁଗାଁ-ବାଣପୁର ରୋଟାରୀ କ୍ଲବ୍ ପକ୍ଷରୁ ରବିବାର ବିଭିନ୍ନ ସ୍କୁଲ ଓ ହସ୍ପିଟାଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ଅଲାଇଡ଼ିହସ୍ଥିତ ପଦ୍ମଚରଣ ଉଚ୍ଚ ବିଦ୍ୟାଳୟ, ବାଣପୁରସ୍ଥିତ ଓଡ଼ଗାଁ କ୍ଷେତ୍ରମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୨ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଭାପତି ଗୋପାଳ ଚନ୍ଦ୍ର ନାୟକ, ସମ୍ପାଦକ ସଚ୍ଚିଦାନନ୍ଦ ସେଠୀ, ପୂର୍ବତନ ସଭାପତି ବିଜୟ କୁମାର ନନ୍ଦ, ପଦ୍ମନାଭ ମାଝି, ଧୀରେନ୍ଦ୍ରନାଥ ପାତ୍ର ଓ ରବି ନାରାୟଣ ନାୟକଙ୍କ ସମେତ କ୍ଲବ୍‌ର ପ୍ରାୟ ୨୦ଜଣରୁ ଉର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ। ଏପରିକି କ୍ଲବ୍ ପକ୍ଷରୁ ବାଣପୁରସ୍ଥିତ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ବିଭିନ୍ନ ରାଶନ ସାମଗ୍ରୀ ସମେତ ପ୍ଲାଷ୍ଟିକ୍ ଚେୟାର ବଣ୍ଟନ କରାଯାଇଥିଲା। କ୍ଲବ୍ ପକ୍ଷରୁ ପ୍ରତି ମାସରେ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଆବଶ୍ୟକ ସାମଗ୍ରୀ ସମେତ ଚାଉଳ ଓ ରାଶନ ଆଦି ବଣ୍ଟନ କରାଯାଉଥିବା ସଭାପତି ନାୟକ ସୂଚନା ଦେଇଛନ୍ତି।

## ବିଜେଡି ପକ୍ଷରୁ ମିଶ୍ରଣ ପର୍ବ

**ପୁରୀ ଅଫିସ, ୨୫।୭:** ପୁରୀ ନରେନ୍ଦ୍ରକୋଣସ୍ଥିତ ବିଜେଡି କାର୍ଯ୍ୟାଳୟରେ ରବିବାର ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅଧୀନ ଗଉଡ଼ିକେରା ପଞ୍ଚାୟତର ସୁଧୂର ସ୍ୱାଇଁ, ସରୋଜ ସ୍ୱାଇଁ, ନୀଳକଣ୍ଠ ସ୍ୱାଇଁ, ଗୁଣନିଧି ବାରିକ, ପଞ୍ଚାନନ ସ୍ୱାଇଁ, ନୀଳକଣ୍ଠ ନାୟକ, ବିଷ୍ଣୁଚରଣ ମହାପାତ୍ର, କରୁଣାକର ପରିଡ଼ା, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ବହୁ ଭାଜପା କର୍ମୀ ଓ ସମର୍ଥକ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିଥିଲେ।

## ଗ୍ୟାସ ଟାଙ୍କି ଚୋରି ଅଭିଯୋଗରେ ୩ ଗିରଫ

**ପୁରୀ ଅଫିସ,୨୫।୭:** ଏକ ଗ୍ୟାସ ଟାଙ୍କି ଚୋରି କରିବା ଅଭିଯୋଗରେ ଟାଉନଥାନା ପୋଲିସ ରବିବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାସେଲିସାହି ଥାନ୍ ଅନ୍ତର୍ଗତ ଲୋକନାଥ ରୋଡର ସ୍ମିତ ରଞ୍ଜନ, ଜଗନ୍ନାଥ ବସ୍ତିର ହୃଷିକେଶ ସାହୁ ଏବଂ ମାର୍କେଣ୍ଡଶ୍ୱର ସାହି ଅଞ୍ଚଳର ରଘୁନାଥ ନନ୍ଦ। ପୋଲିସ ସେମାନଙ୍କଠାରୁ ଚୋରି ହୋଇଥିବା ଗ୍ୟାସ ଟାଙ୍କି ଏବଂ ଚୋରିରେ ବ୍ୟବହୃତ ହୋଇଥିବା ଏକ ବାଇକ୍‌କୁ ଜବତ କରିଛି। ଏ ନେଇ ପୋଲିସ ମାମଲା(ନଂ.୧୮୯/୨୧) ରୁଜୁ କରିଛି। ଖବର ଅନୁଯାୟୀ ଅଭିଯୁକ୍ତମାନେ ନରେନ୍ଦ୍ରକୋଣ ନିକଟରେ ଥିବା ଏକ ଗ୍ୟାସ ଟାଙ୍କି ପରିବହନ ଗାଡ଼ିରୁ ଗ୍ୟାସ ଟାଙ୍କି ଚୋରି କରିଥିଲେ।

# ଆଜିଠୁ ଶ୍ରେଣୀକକ୍ଷରେ ପାଠପଢ଼ା

**ପୁରୀ ଅଫିସ,୨୫।୭**

ରାଜ୍ୟରେ ସୋମବାରଠାରୁ ଦଶମଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ଖୋଲିବ। କରୋନା ସଂକ୍ରମଣ ଯୋଗୁ ଦୀର୍ଘଦିନ ଧରି ସ୍କୁଲ ବନ୍ଦ ରହିଥିଲା। ସଂକ୍ରମଣ ଆଂଶିକ ଭାବେ କମିବା ପରେ ବିଦ୍ୟାଳୟ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ସହ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ପୁରୀ ଜିଲାରେ ବିଦ୍ୟାଳୟ ଖୋଲିବା ନେଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଶ୍ରେଣୀକକ୍ଷରେ ସାମାଜିକ ଦୂରତା ରକ୍ଷା, ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ, ଶ୍ରେଣୀକକ୍ଷ ସାନିଟାଇଜେଶନ୍ ଭଳି ପଦକ୍ଷେପ ନିଆଯାଇଛି। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ଗତ ୫ଦିନ ଧରି ବିଭିନ୍ନ ବ୍ଲକ୍‌ର ବିଦ୍ୟାଳୟ ବୁଲି ସ୍ଥିତି ସମୀକ୍ଷା କରିବା ସହ କୋଭିଡ୍ ଗାଇଡ୍‌ଲାଇନ୍ ଆଧାରରେ ପାଠପଢ଼ା ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟସ୍ତରୀୟ ଟିମ୍‌ର ନୋଡାଲ୍ ଅଫିସରମାନେ ପୁରୀ ଜିଲାର ବିଭିନ୍ନ ସ୍କୁଲ ପରିଦର୍ଶନ କରି ଶିକ୍ଷକ ଓ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଗ୍ରାମାଞ୍ଚଳର ବିଦ୍ୟାଳୟରେ ଛାତ୍ରୀଛାତ୍ର କିପରି ମାସ୍କ ପାଇପାରିବେ ସେ ନେଇ ପ୍ରଚେଷ୍ଟା ହେଉଛି। ରବିବାର ପୁରୀ ଜିଲା ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ ଭୋଳାନାଥ ବିଦ୍ୟାପୀଠ ପ୍ରଭୃତି ବିଦ୍ୟାଳୟରେ ଶ୍ରେଣୀଗୃହ ସାନିଟାଇଜେଶନ କାର୍ଯ୍ୟ ସରିଛି। ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଭିନ୍ନ ବିଦ୍ୟାଳୟରେ ସାନିଟାଇଜେଶନ୍ ଓ ମାସ୍କ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଅନ୍ୟପକ୍ଷରେ ଅଭିଭାବକମାନେ ନିଜ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ପ୍ରସ୍ତୁତ ଥିଲେ ମଧ୍ୟ କିଭଳି କୋଭିଡ୍ କଟକଣା ଆଧାରରେ କ୍ଲାସ୍ ହେବ ଓ ପିଲାମାନେ ସୁସ୍ଥ ରହିବେ ସେନେଇ ଚିନ୍ତା ପ୍ରକଟ କରିଛନ୍ତି। ଅଭିଭାବକ ଶାନ୍ତନୁ ମିଶ୍ର କହିଛନ୍ତି, କୋଭିଡ୍ ସମୟରେ ପାଠପଢ଼ା ପ୍ରଭାବିତ ହୋଇଥିବାରୁ ପିଲାଙ୍କୁ ସ୍କୁଲ ପଠାଇବାକୁ ଆମେ ପ୍ରସ୍ତୁତ। ମାତ୍ର ବିଦ୍ୟାଳୟରେ କୋଭିଡ୍ କଟକଣା ପାଳନ ହେଉଛି କି ନାହିଁ ତାହା ପ୍ରଶାସନ ନିଶ୍ଚିତ କରିବା ଜରୁରୀ। ଅନ୍ୟପକ୍ଷରେ ପୁରୀ ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର କହିଛନ୍ତି, ଶିକ୍ଷାଦାନ ସହ କୋଭିଡ୍ କଟକଣା ଉପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେବେ। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେହିପରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି ଓ ପିଲାମାନେ ବିନା ଦ୍ୱିଧାରେ ବିଦ୍ୟାଳୟକୁ ଆସନ୍ତୁ ବୋଲି ଜିଲା ଶିକ୍ଷା ଅଧିକାରୀ ସାହୁ କହିଛନ୍ତି।

**କୋଭିଡ୍ ଗାଇଡ୍‌ଲାଇନ୍ ପାଳନକୁ ଗୁରୁତ୍ୱ**



ରବିବାର ଏକ ବିଦ୍ୟାଳୟର ଶ୍ରେଣୀକକ୍ଷକୁ ସାନିଟାଇଜ୍ କରାଯାଉଛି।



ଜିଲା ଶିକ୍ଷାଧିକାରୀ ପୁରୀ ଜିଲା ସ୍କୁଲ ପରିଦର୍ଶନ କରୁଛନ୍ତି।

## ବାଲିବନ୍ତ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ଅଞ୍ଚଳବାସୀ

**ବ୍ରହ୍ମଗିରି,୨୫।୭(ଡି.ଏନ୍.ଏ.)**

ବ୍ରହ୍ମଗିରି ଅଞ୍ଚଳର ବିସ୍ତୀର୍ଣ୍ଣ ବାଲିବନ୍ତରୁ ନିର୍ବିଘ୍ନରେ ବାଲି ଚୋରା ଚାଲାଣ ଚାଲିଛି। ପ୍ରଶାସନ ଚୁପ୍ ବସିଥିବାବେଳେ ବାଲିଚାଲାଣ ରୋକିବା ପାଇଁ ଅଞ୍ଚଳବାସୀ ଅଣ୍ଟା ଭିଡ଼ିଛନ୍ତି। ପ୍ରକାଶ ଯେ, ପୁରୀ ଜିଲା ଉପକୂଳ ଅଞ୍ଚଳର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ପର୍ଯ୍ୟନ୍ତ ବାଲିବନ୍ତ ପରିବ୍ୟାପ୍ତ। ଲୋକକଥା ଓ କିମ୍ବଦନ୍ତୀକୁ ନେଇ ବାଲିବନ୍ତଗୁଡ଼ିକର ନାମକରଣ ହୋଇଥିବାବେଳେ ସ୍ଥାନୀୟ ଲୋକଙ୍କ ଧର୍ମୀୟ ଭାବନା ଜଡ଼ିତ। ବାଲିବନ୍ତ ଉକ୍ତ ଦୁଇ ବ୍ଲକ ଅଧୀନ ଉପକୂଳୀୟ ଗ୍ରାମଗୁଡ଼ିକର ସୁରକ୍ଷା ପ୍ରାଚୀର ଭାବେ ରହି ବାତ୍ୟା, ସାମୁଦ୍ରିକ ଝଡ଼ରୁ ସୁରକ୍ଷା ଦେଉଛି। ବାଲିବନ୍ତ ଉପରେ ବାଲି ଚୋରା ଚାଲାଣକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ପ୍ରତିଦିନ ଏଠାରୁ ବିଭିନ୍ନ ସ୍ଥାନକୁ ଶହ ଶହ ଟ୍ରକରେ ବାଲି ବୋଝେଇ ହୋଇ ଚୋରା ଚାଲାଣ କରାଯାଉଛି। ପ୍ରଶାସନର ଉଦାସୀନତା ଯୋଗୁ ବିଶାଳକାୟ ବାଲିବନ୍ତ ଅବକ୍ଷୟ ହେବାକୁ ବସିଲାଣି। ବାଲିବନ୍ତ ଅବକ୍ଷୟ ଦ୍ୱାରା ଆଗାମୀ ଦିନରେ ଏହି ଅଞ୍ଚଳ ପାଇଁ ବିପଦ ସୃଷ୍ଟି ହେବ। ତେଣୁ ବାଲି ଚୋରା ଚାଲାଣକୁ ରୋକିବା ପାଇଁ ବ୍ରହ୍ମଗିରି ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ରାଜନେତାମାନେ ଏକାଠି ହୋଇଛନ୍ତି। ସେମାନେ ଉପକୂଳୀୟ ବାଲିବନ୍ତ ସୁରକ୍ଷା ପରିଷଦ ଗଠନ କରିଥିବାବେଳେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଅସହାୟ ବୃଦ୍ଧା ଉଦ୍ଧାର

**ଜଟଣୀ,୨୫।୭(ଡି.ଏନ୍.ଏ.)**



ଜଟଣୀ ସହର ମୁଖ୍ୟରାସ୍ତା ସୀତାରାମ ଛକ ଅଞ୍ଚଳରେ ୨/୩ ଦିନ ଧରି ଜଣେ ବୃଦ୍ଧା ଅସହାୟ ଅବସ୍ଥାରେ ରାସ୍ତାର ଏଣେତେଣେ ଘୂରି ବୁଲୁଥିଲେ। ସ୍ଥାନୀୟ ଲୋକେ ଦେଖି ପଚାରି ବୁଝିବାରୁ ଖଲିକୋଟ ଅଞ୍ଚଳର ଇନ୍ଦ୍ରାବତୀ ଭୂୟାଁ(୭୪) ବୋଲି ପରିଚୟ ଦେଇଥିଲେ। ପୁଅ ଗତ ୬ମାସ ପୂର୍ବେ ମରିଯାଇଛନ୍ତି। ପୁଅ ଚାଲିଯିବା ପରେ ବୋହୂ ନିର୍ଯାତନା ଦେଇ ଆସୁଥିଲେ। ଆଉ କେହି ନ ଥିବାରୁ ନିର୍ଯାତନା ସହି ଜୀବନ କାଟୁଥିଲେ। ବର୍ତ୍ତମାନ ଘରୁ ବାହାର କରିଦେବାରୁ ଏଣେତେଣେ ବୁଲୁଛନ୍ତି ବୋଲି କାନ୍ଦି କାନ୍ଦି ବୃଦ୍ଧା କହିଛନ୍ତି। ଖବରପାଇ ରବିବାର ଜଟଣୀ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଆମିକିଓର ଚାରିଟେବଲ ଟ୍ରଷ୍ଟର ସଦସ୍ୟ ସୁନୀଲ ପରିଡା ଉକ୍ତ ବୃଦ୍ଧାଙ୍କୁ ଭେଟି ଖାଇବାକୁ ଦେଇଥିଲେ। ଏଥିସହ ସ୍ଥାନୀୟ ପ୍ରଶାସନକୁ ସୂଚନା ଦେବା ସହ ବୃଦ୍ଧାଙ୍କୁ ସ୍ଥାନୀୟ କୋଭିଡ୍ ପରୀକ୍ଷଣ କେନ୍ଦ୍ରରେ କୋଭିଡ୍ ପରୀକ୍ଷା କରାଇ ଜଟଣୀର ଏକ ବୃଦ୍ଧାଶ୍ରମରେ ରଖାଯାଇଥିବା କହିଛନ୍ତି।

## ଆମ୍ବିଲିଗାଁ ଗୋଛାୟତ ସାହିକୁ ଭଲ ରାସ୍ତା ନାହିଁ

**କୋଣାର୍କ,୨୫।୭(ଡି.ଏନ୍.ଏ.)**

କୋଣାର୍କ ଥାନା ଅଧୀନ ଆମ୍ବିଲିଗାଁ ଗ୍ରାମର ଗୋଛାୟତ ସାହିକୁ ପକ୍କାରାସ୍ତାଟିଏ ନ ଥିବା ଅଭିଯୋଗ ହୋଇଛି। ଏହି ସାହିକୁ ଦୀର୍ଘଦିନ ହେବ ମାଟି କାଦୁଅଭରା ରାସ୍ତା ରହିଛି। ଫଳରେ ଯାତାୟାତ ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଟିଏ ପାଇଁ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଧ୍ୟାନ ଦେଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖାଲଖମା ମାଟିରାସ୍ତା ଦେଇ ରୋଗୀମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବା, ପିଲାମାନଙ୍କ ଯିବାଆସିବାରେ ବ୍ୟାହତ ଘଟିବା ପରି ସମସ୍ୟା ଉପୁଜିଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ବଡ଼ବଡ଼ ଗାତ ସୃଷ୍ଟି ହେବା ସହ କୃତ୍ରିମ ବନ୍ୟା ହୋଇଯାଉଛି ବୋଲି ସାହିବାସିନ୍ଦା ପ୍ରକାଶ କରିଛନ୍ତି। ଏହି ରାସ୍ତାକୁ ସବୁଦିନିଆ ଯାତାୟାତ ପାଇଁ ସୁଗମ କରିବାକୁ ହେଲେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାଟି ପକାଯାଇ କଂକ୍ରିଟ ରାସ୍ତା ନିର୍ମାଣ କରାଗଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଆମ୍ବିଲିଗାଁ ଗୋଛାୟତ ସାହି ଜନସାଧାରଣ ଦାବି କରିଛନ୍ତି। ତେଣୁ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ଗମନାଗମନ ବ୍ୟବସ୍ଥା ସୁଧାର ପାଇଁ ଆମ୍ବିଲିଗାଁ ଗୋଛାୟତ ସାହି ବାସିନ୍ଦାଙ୍କ ପକ୍ଷରୁ ଦାବି କରାଯାଇଛି।



ରାସ୍ତା କର୍ଦ୍ଦମାକ୍ତ ହୋଇପଡ଼ିଛି।

## ସାକ୍ଷୀଗୋପାଳ ମନ୍ଦିର ଖଟଣି ରୋଷଘରୁ ଚୋରି

**ସାକ୍ଷୀଗୋପାଳ, ୨୫।୭(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିର ବେଢ଼ା ପରିସରସ୍ଥ ସୋମନାଥ ମହାପାତ୍ରଙ୍କ ଖଟଣି ରୋଷଘରୁ ଚୋରି ହୋଇଛି। ଏନେଇ ସୋମନାଥଙ୍କ ଭାଇ ରମାକାନ୍ତ ମହାପାତ୍ର ରବିବାର ମନ୍ଦିର ସୁପରଭାଇଜରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଭକ୍ତଙ୍କ ବରାଦି ଭୋଗ ପ୍ରସ୍ତୁତ ପାଇଁ ମନ୍ଦିରବେଢ଼ା ଅନ୍ତର୍ଗତ ଦକ୍ଷିଣ-ପଶ୍ଚିମ କୋଣରେ ଖଟଣି ରୋଷଶାଳା ରହିଛି। ତନ୍ମଧ୍ୟରୁ ଗୋଟିଏ ରୋଷଘର କବାଟ କୁନ୍ଦା ତାଡ଼ି ଦୁର୍ବୃତ୍ତମାନେ ସୋମନାଥ ରଖିଥିବା ୧ଟି ପିତ୍ତଳ ଥାଳି, ୬ଟି ଆଲୁମିନିୟମ ଥାଳି, ଗୋଟିଏ ଅମାଲୁ ତଇ ଓ କଡ଼େଇ ନେଇଯାଇଛନ୍ତି। ମନ୍ଦିର ଭିତରେ ଲଗାଯାଇଥିବା ସିସିଟିଭି କ୍ୟାମେରା ଅଚଳ ହୋଇପଡ଼ିଥିବା ବେଳେ ରାତ୍ରି ଜଗୁଆଳି ବ୍ୟବସ୍ଥା ରହିଛି। ତେବେ କେହି ସ୍ଥାନୀୟ ଯୁବକ ବେଢ଼ା ପାଚେରି ଡେଇଁ ଚୋରି କରିଥିବା ସନ୍ଦେହ ପ୍ରକାଶ ପାଇଛି। ଏହି ଘଟଣାରୁ ମନ୍ଦିର ଭଣ୍ଡାରରେ ରହିଥିବା ଠାକୁରଙ୍କ ସୁନା, ରୁପା ଅଳଙ୍କାରର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁପରଭାଇଜର ବିଶ୍ୱନାଥ ମହାପାତ୍ର କହିଛନ୍ତି। ତୁରନ୍ତ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରାଯିବା ସହ ଏ ଦିଗରେ କଡ଼ା ପଦକ୍ଷେପ ନେବାକୁ ସେବାୟତ ସଂଘ ସଭାପତି ରାମଚନ୍ଦ୍ର ମହାପାତ୍ର ଦାବି କରିଛନ୍ତି।

## ପଡ଼ିରହି ନଷ୍ଟ ହେଉଛି ରଥଚକ

**ପୁରୀ ଅଫିସ, ୨୫।୭**

ବିଗତ ବର୍ଷଗୁଡ଼ିକର ରଥଚକ ପଡ଼ିରହି ନଷ୍ଟ ହେଉଛି। ଫଳରେ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରତିବର୍ଷ ଘୋଷଯାତ୍ରା ସମ୍ପନ୍ନ ପରେ ତିନିରଥଗୁଡ଼ିକୁ ପର୍ଯ୍ୟାୟ କ୍ରମେ ଭଙ୍ଗାଯାଇଥାଏ। ତେବେ ପ୍ରଶାସନ ଭକ୍ତଙ୍କୁ ରଥଚକ ବିକ୍ରି କରିବା ଉଦ୍ଦେଶ୍ୟରେ ଅଧିକାଂଶ ଚକକୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖିଥାଏ। ମାତ୍ର ଏବେ ଦେଖିବାକୁ ମିଳିଛି ଯେ, ରଥଚକ୍ର ଖରା, ବର୍ଷା ଖାଇ ପଡ଼ିରହି ନଷ୍ଟ ହେବାରେ ଲାଗିଛି। ଏ ନେଇ ଶ୍ରୀଜଗନ୍ନାଥ ସେନା ଉଦ୍‌ବେଗ ପ୍ରକାଶ କରିବା ସହ ଶ୍ରୀମନ୍ଦିର ପ୍ରଶାସନର ଏପରି କାର୍ଯ୍ୟକୁ ନିନ୍ଦା କରିଛି। ଶ୍ରୀବିଗ୍ରହମାନଙ୍କ ରଥଚକଗୁଡ଼ିକୁ ଏପରି ଭାବରେ ପକାଇ ନଷ୍ଟ କରାଯିବା ମହାପ୍ରଭୁଙ୍କ ପ୍ରତି ଅପମାନ ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ତିନି ରଥ ଭଙ୍ଗା ହେବା ପରେ କାଠ ଗୁଡ଼ିକୁ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯିବା କଥା। ମାତ୍ର ପ୍ରଶାସନ ତାହା କରୁନାହିଁ। ମାତ୍ର କୋଠଭୋଗ ପ୍ରସ୍ତୁତି ପାଇଁ ପ୍ରଶାସନ ବର୍ଷକୁ ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ କରି ଝାଉଁ କାଠ କିଣୁଛି। ଯାହାଦ୍ୱାରା ଅଯଥା ଟଙ୍କା ହରିଲୁଟ ହେଉଛି ବୋଲି ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଗତବର୍ଷ ତିନି ରଥଗୁଡ଼ିକୁ ସଂରକ୍ଷଣ ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇ ୧୫ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଗୋଟିଏ ବର୍ଷ ପରେ ବି ଏ ନେଇ କୌଣସି ସୂଚନା ନାହିଁ। ଏସବୁର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଶ୍ରୀଜଗନ୍ନାଥ ସେନା ଦାବି କରିଛି।



## ଶାନ୍ତି, ମୈତ୍ରୀ ପ୍ରତିଷ୍ଠା କରିଥିଲେ ବୁଦ୍ଧ

**ପୁରୀ ଅଫିସ, ୨୫।୭**

ବୋଧିଚକ୍ର ଅନୁଷ୍ଠାନ ପକ୍ଷରୁ ଆଭାସି ମାଧ୍ୟମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମୂହ ଧ୍ୟାନ, ବୁଦ୍ଧ ବନ୍ଦନା ଓ ତ୍ରିଶରଣ ଆବୃତ୍ତି କରାଯାଇଥିଲା। ସମ୍ପାଦକ ରମାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରି କହିଥିଲେ ଯେତେବେଳେ ସନାତନ ଧର୍ମ କୁସଂସ୍କାର, ଅର୍ଥହୀନ, ଯାଗଯଜ୍ଞ ଓ ପଶୁଘାତ କବଳିତ ହୋଇ ଲୁପ୍ତ ହେବାକୁ ବସିଥିଲା, ସେତେବେଳେ ବୁଦ୍ଧଦେବ ଧର୍ମଚକ୍ର ପ୍ରବର୍ତ୍ତନ କରି ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ ମାଧ୍ୟମରେ ସମାଜରେ ମୈତ୍ରୀପୂର୍ଣ୍ଣ ଜୀବନଚର୍ଯ୍ୟା ଓ ଶାନ୍ତି ପ୍ରତିଷ୍ଠା କରିପାରିଥିଲେ। ଅନ୍ୟତମ ଅତିଥି ଅଧ୍ୟାପକ ଦେବରାଜ ପ୍ରଧାନ ଶୀଳପୂର୍ଣ୍ଣ ନୈତିକ ଜୀବନଯାପନ ପାଇଁ ବୌଦ୍ଧ ଦର୍ଶନର ପ୍ରାସଙ୍ଗିକତା ବୁଝାଇଥିଲେ। ଅଧ୍ୟାପିକା ବାସନ୍ତୀ ମିଶ୍ର କହିଥିଲେ, ବୌଦ୍ଧଧର୍ମ ଜାତିଭେଦକୁ ମାନେ ନାହିଁ ଓ ସମାଜରେ ନାରୀଙ୍କୁ ଯଥାର୍ଥ ମର୍ଯ୍ୟାଦା ପ୍ରଦାନ କରିଥାଏ। ଡ. ସୁରେନ୍ଦ୍ରନାଥ ପତି କହିଥିଲେ ଗୌତମ ବୁଦ୍ଧ ପ୍ରଥମେ ଧର୍ମ ପ୍ରଚାର କରୁଥିବାବେଳେ ମାତ୍ର ୫ଜଣ ଭିକ୍ଷୁ ତାଙ୍କୁ ଅବତାର ପୁରୁଷ ଭାବରେ ସ୍ୱୀକାର କରିଥିଲେ। ତେବେ ବୁଦ୍ଧଙ୍କ ଜୀବିତାବସ୍ଥାରେ ସାରା ଭାରତ ବର୍ଷ ତାଙ୍କର ବାଣୀ ଓ ଆଦର୍ଶ ଦ୍ୱାରା ପ୍ରଭାବିତ ହୋଇପାରିଥିଲା। ଆଲୋଚନାରେ ଉପାସକ ଉମେଶ ଚନ୍ଦ୍ର ସାହୁ, ବାସୁଦେବ ସାହୁ, ବିଶ୍ୱନାଥ ମିଶ୍ର, ବିବାକର ଦଳାଇ, ଅଶୋକ କୁମାର ଆଢ୍ୟ, ଦୟାନିଧି ପଣ୍ଡା, ଡ. ବଳରାମ ଦାଶ, ହେକ୍ଟର ମିଶ୍ର ଏବଂ ଦୀପ୍ତି ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରାସ୍ତାକାମ ଯାଞ୍ଚ କଲା ମାନନିର୍ଦ୍ଧାରକ ଟିମ୍



**କାକଟପୁର,୨୫।୭(ଡି.ଏନ୍.ଏ.)**

ନିମାପଡ଼ା ପୂର୍ତ୍ତବିଭାଗ ଅଧୀନରେ ନିମାପଡ଼ା ଗୋଲେଇ ଛକଠାରୁ ଅସ୍ତରଙ୍ଗ ବଜାର ପର୍ଯ୍ୟନ୍ତ ପ୍ରାୟ ୪୨କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏପରିକି ସୋମନାଥପୁର ଛକଠାରୁ ପାଣିଛତ୍ର ମଧ୍ୟରେ ନିର୍ମାଣାଧୀନ ରାସ୍ତାରୁ ପିଚୁ ଉଠିଥିବାର ଫଟୋ ଉତ୍ତୋଳନ କରି ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଟୁଇଟ୍ ଯୋଗେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଫଳରେ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ମାନନିର୍ଦ୍ଧାରକ ଟିମ୍‌ଙ୍କ ସହ ନିର୍ବାହୀ ଯନ୍ତ୍ରୀ ସାରଦା ପ୍ରସନ୍ନ ଦାଶ ଓ କନିଷ୍ଠ ଯନ୍ତ୍ରୀ ଜଗମୋହନ ଜେନା ଉପସ୍ଥିତ ରହି ଶନିବାର ଠିକାଦାରଙ୍କ ଦ୍ୱାରା ସେହି ସ୍ଥାନର ମରାମତି କରିଥିଲେ। ଏହାପରେ ଟିମ୍ ଅସ୍ତରଙ୍ଗ ପର୍ଯ୍ୟନ୍ତ ଯାଇ ରାସ୍ତାର ବିଭିନ୍ନ ସ୍ଥାନ ଯାଞ୍ଚ କରି ଏଷ୍ଟିମେଟ ଅନୁସାରେ କାର୍ଯ୍ୟ ହୋଇଥିବାର ତଦାରଖ କରିଥିଲେ। ଅନ୍ୟପକ୍ଷେ ରବିବାର ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଭାଜପାର ଏକ ଟିମ୍ ମରାମତି ହୋଇଥିବା ସ୍ଥାନ ଓ କାକଟପୁର-କୋଣାର୍କ ରାସ୍ତାର ଶ୍ରୀରାମପୁରଠାରୁ ପିଚୁ ରାସ୍ତାର ନିମ୍ନମାନର କାର୍ଯ୍ୟକୁ ତଦାରଖ କରିଥିଲେ। ଦୁଇଟି ରାସ୍ତାର ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଉକ୍ତ ଟିମ୍ ପ୍ରକାଶ କରିବା ସହ ରାଜ୍ୟ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହ ଏହି ଦୁର୍ନୀତିର ତଦନ୍ତ କରିବାକୁ ଦାବି କରିଛନ୍ତି।

# ଟିକାକରଣ ନୈରାଶ୍ୟଜନକ

**ଗ୍ରାମାଞ୍ଚଳରେ ପୁଣି ସଂକ୍ରମଣ ବଢ଼ିଲା**

- ଟିକା ନେଇ ନ ପାରି ଫେରୁଛନ୍ତି ଲୋକେ
- ପ୍ରଶାସନ ଠିକ୍ ରିପୋର୍ଟ ଦେବାକୁ ପଛାଉଛି

**ଖୋର୍ଦ୍ଧା ଅଫିସ,୨୫।୭**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସପ୍ତାହକ ବ୍ୟବଧାନ ପରେ ସୁସ୍ଥହାର କମିଥିଲେ ମଧ୍ୟ ଦୈନିକ ସଂକ୍ରମଣ ବୃଦ୍ଧି ପାଇଛି। ସେହିପରି ମୃତ୍ୟୁହାର ବୃଦ୍ଧି ପାଇଥିବା ପ୍ରଶାସନର ରିପୋର୍ଟରୁ ଜଣାପଡ଼ିଛି। ରବିବାର ୯୬ଜଣ ଆକ୍ରାନ୍ତ ହୋଇଥିବାବେଳେ ୨୯ଜଣ ସୁସ୍ଥ ହୋଇଛନ୍ତି। ୭ଜଣଙ୍କ ଜୀବନ ଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ଭୁବନେଶ୍ୱର ବ୍ଲକରୁ ୧୪, ବାଲିଅନ୍ତାରୁ ୧୪, ବାଲିପାଟଣାରୁ ୨୫, ଜଟଣୀରୁ ୭, ଖୋର୍ଦ୍ଧାରୁ ୮, ବେଗୁନିଆରୁ ୫, ବୋଲଗଡ଼ରୁ ୩, ଟାଙ୍ଗୀରୁ ୧୨, ଚିଲିକାରୁ ୩ ଓ ବାଣପୁରରୁ ୫ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ, ୨୮୧୩୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୭୫୨୦ ସୁସ୍ଥ ହୋଇ ଫେରିଛନ୍ତି। ୨୨୬ଜଣଙ୍କ କୋଭିଡ୍‌ରେ ମୃତ୍ୟୁ ଘଟିଛି। ୩୯୨ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଅପରପକ୍ଷେ ଦୈନିକ ସଂକ୍ରମଣ ବଢୁଥିବା ବେଳେ ସେହି ତୁଳନାରେ ଟିକାକରଣ ସ୍ଥିତି ନୈରାଶ୍ୟଜନକ ରହିଛି। ଶନିବାର ଗ୍ରାମାଞ୍ଚଳର ୧୧ କେନ୍ଦ୍ରରେ ୧୭୯୯ ଜଣଙ୍କୁ ଟିକା ଦିଆଯାଇଥିବାବେଳେ ରବିବାର ୮ଟି କେନ୍ଦ୍ରରେ ୧୨୦୭ ଜଣଙ୍କୁ ଟିକା ଦିଆଯାଇଛି। କୋଭିଡ୍ ନିୟନ୍ତ୍ରଣ ଲାଗି ଟେଷ୍ଟିଂ ଓ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉ ଥିବା ବେଳେ ଗ୍ରାମାଞ୍ଚଳରେ ଏହାର ସ୍ଥିତି ଦୟନୀୟ ରହିଛି। ଟିକାକରଣ ଲାଗି ଲୋକଙ୍କ ମଧ୍ୟରେ ଉତ୍ସାହ ରହିଥିଲେ ମଧ୍ୟ ଜିଲାରେ ଟିକା ଅଭାବ ଯୋଗୁ ଅଧିକାଂଶ ଟିକାକରଣ କେନ୍ଦ୍ର ବନ୍ଦ ରହିଛି। ଟିକାକରଣ ଲାଗି ଲୋକେ ସକାଳୁ ଲମ୍ବାଧାଡ଼ିରେ ଘଣ୍ଟା ଘଣ୍ଟା ଠିଆ ହୋଇ ଟୋକନ ନେଉଛନ୍ତି। ପରେ ଟିକା ନେବାକୁ ପୁଣି ଥରେ ଧାଡ଼ି ଲଗାଉଛନ୍ତି। ନିଜର ପାଳି ଆସିଲେ ଟିକା ସରିଯାଇଥିବା ଓ ପରଦିନ ଆସିବାକୁ କୁହାଯାଉଛି। ପି.ଏନ୍. କଲେଜରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ହିତାଧିକାରୀ କ୍ଷିତେଶ ମୋହନ ଦାଶ କହିଛନ୍ତି, ଏଠାରେ ଦୈନିକ ୪୫ ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରାୟ ୩୦୦ ବ୍ୟକ୍ତିଙ୍କୁ ଟିକା ଦିଆଯିବାର ବ୍ୟବସ୍ଥା ହୋଇଛି। ଲୋକେ ଟିକା ନେବାକୁ ବିଭିନ୍ନ ସ୍ଥାନରୁ ଏପରି କି ଗାଡ଼ି ଭଡ଼ା କରି ଆସୁଛନ୍ତି। ଲମ୍ବାଧାଡ଼ିରେ ଠିଆ ହୋଇ ଟୋକନ ପାଇବାର କିଛି ସମୟ ପରେ ଟିକା ସରିଯାଉଥିବା କୁହାଯାଉଛି। ସେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତେବେ ଏନେଇ ସ୍ୱର ଉତ୍ତୋଳନ କରିବାରୁ ପରେ ତାଙ୍କୁ ଟିକା ଦିଆଯାଇଥିଲା।

ଜୁନ ୨୧ରେ ଟିକାକରଣ ମହାଭିଯାନ ଆରମ୍ଭ ହେଲା। ଲୋକେ ଆଶା କରିଥିଲେ, ଏଥର ଟିକା ନେବାକୁ ଆଉ କୌଣସି ସମସ୍ୟା ହେବ ନାହିଁ। ତେବେ ମାସର ଶେଷ ସପ୍ତାହ ଆଡ଼କୁ ଟିକାକରଣରେ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଫଳରେ କେତେକ କେନ୍ଦ୍ରକୁ ବନ୍ଦ କରିଦିଆଗଲା। ଜୁଲାଇ ସରିବାକୁ ବସିଲାଣି। ଏବେ ସୁଦ୍ଧା ସେହି ସମସ୍ୟା ଦୂର ହୋଇନାହିଁ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଉନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଟିକାକରଣ ସ୍ଥିତି ନୈରାଶ୍ୟଜନକ। ଏବେ ବି ବହୁ ବରିଷ୍ଠ ନାଗରିକ ଟିକା ନେଇନାହାନ୍ତି। ଶନିବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୩୫୩୪୧୨ ଜଣଙ୍କୁ ଟିକା ଦିଆଯାଇଛି। ସେଥିରୁ ୪୫ବର୍ଷରୁ ଉର୍ଦ୍ଧ୍ୱ ୮୩୫୫୯୦ ଜଣ ପ୍ରଥମ ଓ ୪୦୧୩୪ ଜଣ ୨ୟ ଡୋଜ୍ ନେଇଛନ୍ତି। ସେହିପରି ୬୦ବର୍ଷରୁ ଉର୍ଦ୍ଧ୍ୱ ୭୪୨୭୩ ଜଣଙ୍କୁ ପ୍ରଥମ ଓ ୪୪୪୩୫ଜଣଙ୍କୁ ୨ୟ ଡୋଜ ଦିଆଯାଇଛି। ୭୬୯୫୦ ଜଣ ଆଗଧାଡ଼ିର ଯୋଦ୍ଧା (ଯୁବବର୍ଗ) ଓ ୩୬ଜଣ ସ୍ୱାସ୍ଥ୍ୟକର୍ମୀ ଟିକା ନେଇଛନ୍ତି। ୧୮ରୁ ୪୪ ଯୁବବର୍ଗ (ସାଧାରଣ) ଅଦ୍ୟାବଧି ୭୬୯୫୦ ପ୍ରଥମ ଓ ୨୪୩ ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଯୁବବର୍ଗ ଓ ବରିଷ୍ଠ ନାଗରିକଙ୍କ ଟିକାକରଣ ସ୍ଥିତି ନୈରାଶ୍ୟଜନକ। ଦୈନିକ ୪୫ ଓ ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ଦିଆଯାଉଥିବାବେଳେ ଟିକା ଅଭାବରୁ ଯୁବବର୍ଗଙ୍କ ଟିକାକରଣ ବନ୍ଦ ରହିଛି। ତେବେ ଏନେଇ ଜିଲା ପ୍ରଶାସନର ଦାୟିତ୍ୱରତ ଅଧିକାରୀଙ୍କୁ ପଚାରିଲେ ଉତ୍ତର ମିଳୁଛି, ଟିକା ଆସିଲେ ସମସ୍ତଙ୍କୁ ଦିଆଯିବ।